# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୨/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, March 22/2023 | Page 16 | ₹ 7.00

୪୯ଶ ଭାଗ ୧୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 116 | ମୂଲ୍ୟ ₹୭/-




## ରାମ୍‌ପାଲଙ୍କ ନାମରେ ହକି ଷ୍ଟାଡିୟମ

ଭାରତୀୟ ମହିଳା ହକି ଦଳର ଷ୍ଟାର ଖେଳାଳି ରାଣୀ ରାମ୍‌ପାଲଙ୍କ ନାମରେ ଏକ ହକି ଷ୍ଟାଡିୟମକୁ ନାମିତ କରାଯାଇଛି।

୧୫

୧୦

## ଜନ୍ମଦିନରେ ପୁଷ୍ପା-୨ ଟିଜର

ଏପ୍ରିଲ ୮ରେ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ଜନ୍ମଦିନ ଅବସରରେ ପୁଷ୍ପା-୨ 'ପୁଷ୍ପା ଦି ରୁଲ୍'ର ଟିଜର ରିଲିଜ୍ ହେବାକୁ ଯାଉଛି।



# ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତି ବୈଧ

**ରାଜ୍ୟ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ (ସ୍ୟାଟ୍) ଗଠନ ଉଦ୍ଦେଶ୍ୟ ସଫଳ ନ ହେବାରୁ ତାହାକୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାର ୨୦୧୫ରେ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ସମ୍ମତି ଜଣାଇ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୨ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ବିରୋଧରେ କଟକ ଓ ଭୁବନେଶ୍ୱର ସ୍ୟାଟ୍ ବାର୍ ଅସୋସିଏଶନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ୨୦୨୧ ଜୁନ୍ ୭ରେ ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତିକୁ କାଏମ ରଖିଥିଲେ। ଏହି ରାୟ ବିରୋଧରେ ସ୍ୟାଟ୍ ବାର ଆସୋସିଏଶନ ସୁପ୍ରିମ୍‌କୋର୍ଟ ଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ସ୍ୟାଟ୍ ଉଚ୍ଛେଦ ନିଷ୍ପତ୍ତିକୁ ବୈଧ ଦର୍ଶାଇଛନ୍ତି।**



- ଓଡ଼ିଶା ହାଇକୋର୍ଟଙ୍କ ନିଷ୍ପତ୍ତି, କେନ୍ଦ୍ରର ବିଜ୍ଞପ୍ତି ଯଥାର୍ଥ: ସୁପ୍ରିମକୋର୍ଟ
- ଓଏଟିର ଉଚ୍ଛେଦ ନ୍ୟାୟ ପାଇବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁନାହିଁ

ନୂଆଦିଲ୍ଲୀ, ୨୧।୩

ସ୍ୟାଟ୍ ଉଚ୍ଛେଦ ନେଇ କେନ୍ଦ୍ର ସରକାର ୨୦୧୯ ଅଗଷ୍ଟ ୨ରେ ଜାରି କରିଥିବା ବିଜ୍ଞପ୍ତିକୁ ମଙ୍ଗଳବାର ସୁପ୍ରିମକୋର୍ଟ ସାମ୍ବିଧାନିକ ଭାବେ ବୈଧ ଦର୍ଶାଇ ବଳବତ୍ତର ରଖିଛନ୍ତି। ସ୍ୟାଟ୍ ଉଚ୍ଛେଦ ଲାଗି ଓଡ଼ିଶା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୟାଟ୍ ବାର୍ ଆସୋସିଏଶନ୍ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ହିମା କୋହଲି ସାମିଲ ଥିବା ଖଣ୍ଡପୀଠ ବାର୍ ଆସୋସିଏଶନ୍‌ର ଆବେଦନକୁ ଖାରଜ କରିଦେଇଛନ୍ତି।

ସିଜେଆଇ ଚନ୍ଦ୍ରଚୂଡ଼ ପୂର୍ବାହ୍ନରେ ସ୍ୟାଟ୍ ଉଚ୍ଛେଦ ରାୟର ମୁଖ୍ୟାଂଶ ପଢ଼ି ଶୁଣାଇଛନ୍ତି। ଉକ୍ତ ରାୟରେ ଉଲ୍ଲେଖ କରାଯାଇଛି ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୩ଏ କେନ୍ଦ୍ର ସରକାରଙ୍କୁ ରାଜ୍ୟ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ଉଚ୍ଛେଦ କରିବାରୁ ବାରଣ କରିନାହିଁ। କାରଣ ଏହା କେବଳ ସାମର୍ଥ୍ୟ ପ୍ରଦାନକାରୀ କ୍ଷମତା, ଯାହା ବଳରେ କେନ୍ଦ୍ର ସରକାର ରାଜ୍ୟ ☞ପୃଷ୍ଠା-୪

# ଭାରତରେ ମାନବାଧିକାର ଉଲ୍ଲଂଘନର ଅସଂଖ୍ୟ ଦୃଷ୍ଟାନ୍ତ

## ଆମେରିକା ପରରାଷ୍ଟ୍ର ବିଭାଗ ରିପୋର୍ଟରେ ପ୍ରଘଟ

### ୟୁଏପିଏ ଭଳି ବିଦ୍ୱେଷପୂର୍ଣ୍ଣ ଆଇନ ବଳରେ ସଂଖ୍ୟାଲଘୁ, ଖବରଦାତାଙ୍କୁ ଟାର୍ଗେଟ କରାଯାଉଛି

ୱାଶିଂଟନ, ୨୧।୩

ଭାରତରେ ମାନବାଧିକାର ସ୍ଥିତି ଅତ୍ୟନ୍ତ ଖରାପ ହୋଇଯାଇଛି। ଦେଶରେ ଧର୍ମୀୟ ସଂଖ୍ୟାଲଘୁ, ବିରୋଧୀ ଓ ଖବରଦାତାମାନଙ୍କୁ ଟାର୍ଗେଟ କରାଯାଉଛି ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ ସୋମବାର ଜାରି କରାଯାଇଥିବା ବାର୍ଷିକ ରିପୋର୍ଟରେ ଦର୍ଶାଯାଇଛି। ବିଭାଗୀୟ ମୁଖ୍ୟ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ୨୦୨୨ କଣ୍ଟ୍ରି ରିପୋର୍ଟ୍ସ ଅନ୍ ହ୍ୟୁମାନ୍ ରାଇଟ୍ସ ପ୍ରାକ୍ଟିସେସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ହିନ୍ଦୁ ଜାତୀୟତାବାଦୀ ସରକାର ଅମଳରେ ହେଉଥିବା ବହୁ ମାନବାଧିକାର ହନନକୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ରିପୋର୍ଟକୁ ଇଣ୍ଡିଆନ୍ ଆମେରିକାନ୍ ମୁସଲିମ୍ କାଉନ୍‌ସିଲ (ଏଆଇଏମ୍‌ସି) ସ୍ୱାଗତ କରିଛି।

ଭାରତରେ ପ୍ରବଳ ମାତ୍ରାରେ ମାନବାଧିକାର ଉଲ୍ଲଂଘନ ହେଉଥିବା ଏବଂ ସେସବୁକୁ ୱାଶିଂଟନ ଅନୁଧ୍ୟାନ କରୁଥିବା ବିଷୟ ଆମେରିକା ☞ପୃଷ୍ଠା-୪



ପଶ୍ଚିମା ବାୟୁ ପ୍ରଭାବରେ ଭୁବନେଶ୍ୱରରେ ମଙ୍ଗଳବାର ହୋଇଥିବା କାଳବୈଶାଖୀ ଜନିତ ବର୍ଷା। **(ଫଟୋ: ମୌସମ)**

# ସରକାରୀ ସୁବିଧା ପାଇଁ ଗର୍ଭବତୀ ନାଟକ

## ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ମା' କୋଳରୁ ଶିଶୁ ଗାଏବ ଘଟଣା

ମାଲକାନଗିରି, ୨୧।୩(ଡି.ଏନ୍.ଏ.)

ସରକାରୀ ସୁବିଧା ପାଇବା ପାଇଁ ଗର୍ଭବତୀ ହେବା ନାଟକ କରାଯାଇଛି। ଏଭଳି ଘଟଣା ମାଲାକନଗିରି ଜିଲା ମାଥିଲି ଅଞ୍ଚଳରେ ଘଟିଛି। ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ମହିଳାଙ୍କ କୋଳରୁ ଶିଶୁ ଗାଏବ ଘଟଣାର ତଦନ୍ତରୁ ଏହି ନାଟକ ଧରାପଡ଼ିଛି। ମହିଳାଙ୍କ ଅଭିଯୋଗ ମଧ୍ୟ ମିଥ୍ୟା ପ୍ରମାଣିତ ହୋଇଛି।

ମାଥିଲି ବ୍ଲକ୍ ବୀରେନପାଲି ଗ୍ରାମର କୌଶଲ୍ୟା ଭୂୟାଁ ଗର୍ଭବତୀ ଥିବା କହି ସ୍ଥାନୀୟ ଏଏନ୍‌ଏମ୍‌ଙ୍କ ନିକଟରେ ନାମ ପଞ୍ଜୀକରଣ କରାଇବା ସହ ଗର୍ଭବତୀ କାର୍ଡ କରି ସମସ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ସୁଖ କାହିଁ


## KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India

25 Years Silver Jubilee 1997-2022
SOIL TO SILVER

20th Among Indian Universities Ranked by NIRF, Govt of India | nirf
Rank 1 | MoE | ARIIA | Among Self-Financing Institutes of India
Tier 1 Accreditation Washington Accord | NBA
A++ NAAC
ABET ABET (US) Accreditation
IET The Institution of Engineering and Technology

Continuous learning

# KIITEE 2023

APPLY ONLINE NOW
Through KIIT Websites
www.kiitee.ac.in / www.kiit.ac.in

Date of Online Exam (1st Phase)
14th to 20th April 2023

No Application / Examination Fee,
Computer Based Online Test

## ACADEMIC PROGRAMMES AVAILABLE

**B.Tech (4 Years) in following branches of Engineering :**
- Civil
- Electrical
- Mechanical
- Electronics & Telecommunication
- Electronics & Computer Science
- Electronics & Electrical
- Electronics & Instrumentation
- Aerospace
- Mechatronics
- Mechanical (Automobile)
- Chemical Technology
- Computer Science
- Information Technology
- Computer Science & System
- Computer Science & Communication

**Bachelor Programmes :**
- B.Tech. ( Lateral Entry) (3 years)
- B.Tech & M.Tech - Biotechnology (5 Years)
- B. Arch. (5 years)
- Bachelor of Design (Fashion / Textile) (4 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Film & Television Production (3 years)
- Bachelor of Communication & Journalism (3 years)
- BBA (3 years)
- BCA (3 years)
- B.Sc. Computer Science (3 years)
- B.Sc. Nursing (4 years)
- BA (Hons) in English/ Economics/Sociology/Psychology/ Anthropology (3 years)
- B.Com (Hons) (3 years)

**Masters Programmes :**
- M.Sc Biotechnology (2 years)
- M.Sc. Applied Microbiology (2 years)
- M.Sc. Computer Science (2 years)
- M.Sc. Nursing (2 years)
- M.Sc. (Phy./ Chem./ Math & Data Science (2 years)
- M.Sc (by Research - S & T Translation) (2 years)
- M.Com (2 years)
- M.Tech. (2 years)
- MCA (2 years)
- LLM (2 years)
- M. Arch (2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA/M.Sc. in Psychology (2 years)
- MA / M.Sc. in Public Policy (2 years)
- MA in Leadership (2 years)
- MA in Anthropology (2 years)
- MA in Spiritualism (2 years)
- M.A. Yoga Therapy (2 years)
- Master of Hospital Administration (2 years)
- Master of Public Health (2 years)
- MBA (2 years)
- MBA in Business Analytics (2 years)
- MBA in Supply Chain Management (2 years)
- MBA-Rural Management (2 years)
- MBA Agribusiness Management (2 Years)
- Ph.D



THE World University Rankings 2023
301-400 Computer Science | 401-500 Engineering | 601-800 University Ranking

CAMPUS PLACEMENT 2022 HIGHLIGHTS
750 + companies | 6000 + job offers | 95% students already placed | ₹52Lakhs highest CTC offered | 2000+ paid internship opportunities

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8080 735 735, Fax : 0674 - 2741465, Email :admission@kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.
Google play

**୧୦ ନିୟୁତ ପାକିସ୍ତାନୀଙ୍କ ପାଖରେ ନାହିଁ ପିଇବାଯୋଗ୍ୟ ପାଣି**

ଗତବର୍ଷ ପାକିସ୍ତାନରେ ହୋଇଥିବା ପ୍ରଳୟଙ୍କାରୀ ବନ୍ୟା ପରଠାରୁ ପ୍ରଭାବିତ ଅଞ୍ଚଳର ପାଖାପାଖି ୧୦ ନିୟୁତ ଲୋକଙ୍କ ପାଖରେ ପିଇବା ଯୋଗ୍ୟ ପାଣି ନ ଥିବା ମଙ୍ଗଳବାର ଜାତିସଂଘ ଶିଶୁ ଏଜେନ୍ସି(ୟୁନିସେଫ୍) ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷ ଦେଶରେ ମୁଣ୍ଡ ଟେକିଥିବା ଆର୍ଥିକ ସମସ୍ୟା ଯୋଗୁ ଲୋକଙ୍କ ଅସୁବିଧା ବଢ଼ିଯାଇଛି। ପାକିସ୍ତାନରେ ବନ୍ୟା ଯୋଗୁ ମୋଟ ୧,୭୩୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୬୪୭ ଶିଶୁ ଓ ୩୫୩ ମହିଳା ଥିଲେ।

## ସଂକ୍ଷେପରେ

### ଅମୃତ୍‌ପାଲଙ୍କ ବିରୋଧରେ ଏନ୍‌ଏସ୍‌ଏ

**ଚଣ୍ଡିଗଡ଼, ୨୧।୩:** ଖଲିସ୍ତାନୀ ନେତା ଅମୃତ୍‌ପାଲ ସିଂ ପୋଲିସକୁ ଚକ୍‌ମା ଦେଇ ଖସିପଳାଇବା ଘଟଣାରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଗୋଇନ୍ଦା ବିଫଳତାକୁ ଦାୟୀ କରିବା ସହ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ୮୦,୦୦୦ ପୋଲିସ ଥିଲେ। ସମସ୍ତଙ୍କୁ ଗିରଫ କରାଗଲା ଅଥଚ ୱାରିସ୍ ପଞ୍ଜାବ ଦେ' ନେତା ଅମୃତ୍‌ପାଲ ଖସିଗଲେ। ଯଦି ସବୁକିଛି ଯୋଜନାବଦ୍ଧ ଭାବେ ହୋଇଥିଲା ତେବେ ସେ ଖସିଯିବାକୁ ସକ୍ଷମ ହେଲେ କିପରି ବୋଲି ଜଷ୍ଟିସ୍ ଏନ୍.ଏସ୍. ଶେଖାୱତ ପଞ୍ଜାବ ଆଡଭୋକେଟ ଜେନେରାଲ ବିନୋଦ ଘାଇଙ୍କୁ ପ୍ରଶ୍ନ କରିଛନ୍ତି। ଖଲିସ୍ତାନୀ ନେତାଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଲାଗୁ ହୋଇଥିବା ମଙ୍ଗଳବାର ପଞ୍ଜାବ ସରକାର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଅମୃତ୍‌ପାଲଙ୍କୁ ଧରିବା ଲାଗି ଶନିବାର ପଞ୍ଜାବ ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ ଚଢ଼ାଉ କରାଯାଇଥିଲା। ଜଲନ୍ଧର ଜିଲାରେ ତାଙ୍କ ଗାଡ଼ି ସମୂହକୁ ପୋଲିସ ପିଛା କରିବା ସତ୍ତ୍ୱେ ସେ ଖସି ପଳାଇଯିବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷରେ ଅମୃତ୍‌ପାଲ ପୋଲିସ ହାଜତରେ ରଖିଥିବା ତାଙ୍କ ଆଇନ ଉପଦେଷ୍ଟା ଅଭିଯୋଗ କରିବା ସହ ତାଙ୍କୁ କୋର୍ଟରେ ହାଜର କରାଇବାକୁ ନିର୍ଦ୍ଦେଶ ଦେବା ଲାଗି ହାଇକୋର୍ଟରେ ହାବିଅସ୍ କର୍ପସ ପିଟିଶନ ଦାଏର କରିଥିଲେ। ଖଲିସ୍ତାନୀ ନେତା ଏବେ ବି ଫେରାର ଥିବା ପଞ୍ଜାବ ପୋଲିସ କହିଛି।

### ତୃତୀୟ ଥର ପାଇଁ ଇଡିରେ ହାଜର ହେଲେ କବିତା

**ନୂଆଦିଲ୍ଲୀ, ୨୧।୩:** ଦିଲ୍ଲୀ ଅବକାରୀ ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ମଙ୍ଗଳବାର ତୃତୀୟ ଥର ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହେଡ୍ କ୍ୱାର୍ଟର୍ସରେ ହାଜର ହୋଇଛନ୍ତି। ଇଡି କାର୍ଯ୍ୟାଳୟକୁ ଯିବା ବାଟରେ ଭିଡ଼ ଜମାଇଥିବା ତାଙ୍କ ସମର୍ଥକ ଏବଂ ଖବରଦାତାମାନଙ୍କୁ କବିତା ଫୋନ୍ ଏବଂ କିଛି ଜରୁରୀ କାଗଜ ଥିବା ଏକ ପଲିଥିନ୍ ବ୍ୟାଗ୍ ଦେଖାଇଥିଲେ, ଯାହାକୁ ସେ ଇଡି ନିକଟରେ ଉପସ୍ଥାପନ କରିବେ। ମନିଲଣ୍ଡରିଂ ମାମଲାରେ ସାମିଲ ଥିବା କବିତା ପ୍ରମାଣ ନଷ୍ଟ କରିବା ଲାଗି ପୂର୍ବରୁ ୧୦ଟି ଫୋନ୍ ଭାଙ୍ଗିଥିବା ଇଡି କହିଛି। ପ୍ରଥମ ଥର ପାଇଁ ମାର୍ଚ୍ଚ ୧୧ରେ କବିତା ଇଡି କାର୍ଯ୍ୟାଳୟରେ ହାଜର ହୋଇଥିବାବେଳେ ସୋମବାର ଦ୍ୱିତୀୟ ଥର ପାଇଁ ତାଙ୍କୁ ପାଖାପାଖି ୧୦ ଘଣ୍ଟା ଜେରା କରାଯାଇଛି।

### ଗଡ୍‌କରୀଙ୍କୁ ଧମକପୂର୍ଣ୍ଣ ଫୋନ୍ କଲ୍

**ନାଗପୁର, ୨୧।୩:** କେନ୍ଦ୍ର ସଡ଼କ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କୁ ମଙ୍ଗଳବାର ଧମକପୂର୍ଣ୍ଣ ଫୋନ୍ କଲ୍ ଆସିଛି। ଥାନାରେ ଅଭିଯୋଗ ପରେ ନାଗପୁରସ୍ଥିତ ମନ୍ତ୍ରୀଙ୍କ ବାସଭବନ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।



ମଙ୍ଗଳବାର ମଧ୍ୟାହ୍ନରେ ଗଡ୍‌କରୀଙ୍କ ପିଆର୍‌ଓ (ପବ୍ଲିକ୍ ରିଲେଶନ୍ ଅଫିସର)ଙ୍କୁ ୩ ଥର ଅଜଣା ନମ୍ବରରୁ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ନିଜକୁ ଜୟେଶ ପୂଜାରି ଓରଫ୍ ଜୟେଶ କାନ୍ଥା ପରିଚୟ ଦେଇ ୧୦ କୋଟି ଟଙ୍କା ଦେବା ପାଇଁ ଦାବି କରିଥିଲେ। ଯଦି ତାଙ୍କୁ ଟଙ୍କା ନ ଦିଆଯାଏ ତେବେ ସେ ଗଡ୍‌କରୀଙ୍କର କ୍ଷତି କରିବେ ବୋଲି ଫୋନ୍ ଯୋଗେ କହିଥିବା ଜୋନ୍ -୨ ଡିସିପି ରାହୁଲ ମଡେନ କହିଛନ୍ତି। ଅଭିଯୋଗ ପରେ ସିଟି ପୋଲିସ ତଦନ୍ତ ଚଳାଇଛି।



ଅହମଦାବାଦର ଆକ୍ୱାଟିକ୍ ଗ୍ୟାଲେରି ଅଫ୍ ସାଇନ୍ସସିଟିରେ ଜଣେ ବ୍ୟକ୍ତି ଲିମନ ସାର୍କ ଓ ଅନ୍ୟ ମାଛଙ୍କୁ ଖାଦ୍ୟ ଦେଉଛନ୍ତି।

**କମ୍ ଯନ୍ତ୍ରଣାଦାୟକ ମୃତ୍ୟୁଦଣ୍ଡ**

# ପଦ୍ଧତି ଅନୁଧ୍ୟାନ ଲାଗି କେନ୍ଦ୍ରକୁ ପରାମର୍ଶ

**ନୂଆଦିଲ୍ଲୀ, ୨୧।୩**



ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବା ଲାଗି ଗଳାରେ ଫାଶୀ ଦେବା ଭିନ୍ନ କମ୍ ଯନ୍ତ୍ରଣାଯୁକ୍ତ ବିକଳ୍ପ ପଦ୍ଧତି ଅନୁଧ୍ୟାନ ନିମନ୍ତେ ବିଶେଷଜ୍ଞ କମିଟି ଗଠନ ପାଇଁ ସୁପ୍ରିମକୋର୍ଟ ରାଜି ଥିବା ମଙ୍ଗଳବାର କହିଛନ୍ତି। କେନ୍ଦ୍ର ସରକାର ଆଲୋଚନା ମାଧ୍ୟମରେ କମ୍ ଯନ୍ତ୍ରଣାଯୁକ୍ତ ପଦ୍ଧତି ଅନୁଧ୍ୟାନ ଲାଗି ଆବଶ୍ୟକ ତଥ୍ୟ ସଂଗ୍ରହ କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ବିଜ୍ଞାନ ଓ ପ୍ରଯୁକ୍ତି ଦୃଷ୍ଟିକୋଣରୁ ଏହାକୁ ବିଚାର କରିବା ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ପି.ଏସ୍. ନରସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବର୍ତ୍ତମାନର ବିଜ୍ଞାନ ଓ ପ୍ରଯୁକ୍ତି ଜ୍ଞାନ ଆଧାରରେ ମାନବୀୟ ମର୍ଯ୍ୟାଦା ଏବଂ ସାମାଜିକ ଦୃଷ୍ଟିରୁ ଗ୍ରହଣୀୟ କୌଣସି ପଦ୍ଧତି ଅଛି କି ବୋଲି ସିଜେଆଇ ଜାଣିବାକୁ ଚାହିଁଥିଲେ। ପୂର୍ବରୁ ଭାରତରେ କିମ୍ବା ବିଦେଶରେ ସେଭଳି କୌଣସି ପଦ୍ଧତି ଥିଲା କି ଯାହା ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବାରେ ବିକଳ୍ପ ହୋଇପାରିବ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ମୃତ୍ୟୁଦଣ୍ଡର ପ୍ରଚଳିତ ପଦ୍ଧତିକୁ ହଟାଇବା ଲାଗି ଆଇନଜୀବୀ ଋଷି ମାଲହୋତ୍ରା ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଫାଶୀରେ ଝୁଲାଇ ମୃତ୍ୟୁଦଣ୍ଡ ଦେବା ଦ୍ୱାରା ଦୀର୍ଘ ସମୟ ଯନ୍ତ୍ରଣା ସହିବାକୁ ପଡ଼ିଥାଏ। ଏହା ବଦଳରେ ଘାତକ ଇଞ୍ଜେକ୍‌ଶନ, ଗୁଳିମାଡ଼, ବିଦ୍ୟୁତ୍ ଆଘାତ କିମ୍ବା ଗ୍ୟାସ୍ ଚାମ୍ବରରେ ମୃତ୍ୟୁଦଣ୍ଡ ଦେଲେ ମୁହୂର୍ତ୍ତକ ମଧ୍ୟରେ ଅପରାଧୀଙ୍କ ମୃତ୍ୟୁ ଘଟିଥାଏ। ତେଣୁ ଏହାକୁ ଫାଶୀର ବିକଳ୍ପ ଭାବେ ବାଛିବା ପାଇଁ ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଥିଲେ। ଫାଶୀ ଦ୍ୱାରା ମୃତ୍ୟୁ ନିଷ୍ଠୁର ଓ ଅମାନବୀୟ ଏବଂ ଏହା ଦ୍ୱାରା ଜଣକର ମର୍ଯ୍ୟାଦା ନଷ୍ଟ ହୋଇଥାଏ, ଯାହା କି ମୃତ୍ୟୁ ସମୟରେ ମଧ୍ୟ ଜରୁରୀ। ଜୀବନ ଶେଷ କରିବାକୁ ଯାଉଥିବା ଅପରାଧୀ ଯନ୍ତ୍ରଣା ସହିବା ଉଚିତ ନୁହେଁ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ଆମେରିକାର ୩୬ଟି ରାଜ୍ୟରେ ଫାଶୀ ବ୍ୟବସ୍ଥା ହଟାଇଦିଆଗଲାଣି ବୋଲି ସେ କହିଥିଲେ।

## ଅଚଳ ନୋଟ୍ ଗ୍ରହଣ ଆବେଦନର ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

ବିମୁଦ୍ରୀକରଣ ଯୋଗୁ ଅଚଳ ହୋଇଯାଇଥିବା ୧,୦୦୦ ଓ ୫୦୦ ଟଙ୍କିଆ ନୋଟ୍‌ଗୁଡ଼ିକୁ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେବାକୁ ନିବେଦନ କରି ଦାଏର କେତେକ ପିଟିଶନ୍‌ର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଆବେଦନକାରୀ ଏଥିପାଇଁ ସରକାରଙ୍କ ପାଖକୁ ଯାଇପାରିବେ ବୋଲି ଜଷ୍ଟିସ୍ ବି.ଆର୍. ଗଭାଇ, ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। କେନ୍ଦ୍ର ସରକାର ଆବେଦନକାରୀମାନଙ୍କ ବ୍ୟକ୍ତିଗତ ଆପତ୍ତିକୁ ୧୨ ସପ୍ତାହ ମଧ୍ୟରେ ବିଚାରକୁ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସାମ୍ବିଧାନିକ ପୀଠର ରାୟ ପରେ ଅନୁଚ୍ଛେଦ ୧୪୨ ଅନୁଯାୟୀ ଅଚଳ ନୋଟ୍ ଗ୍ରହଣ ପାଇଁ ବ୍ୟକ୍ତିଗତ ଆବେଦନରେ ହସ୍ତକ୍ଷେପ ଲାଗି ଖଣ୍ଡପୀଠକୁ ଅନୁମତି ନାହିଁ ବୋଲି ଅଦାଲତ କହିଥିଲେ। କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନରେ ଯଦି କୌଣସି ଆବେଦନକାରୀ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନେ ସମ୍ପୃକ୍ତ ରାଜ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ପୀଠ ସଂଖ୍ୟାଗରିଷ୍ଠ ରାୟରେ ୨୦୧୬ର ବିମୁଦ୍ରୀକରଣ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ପରାମର୍ଶ କରି କେନ୍ଦ୍ର ସରକାର ନୋଟ୍‌ବନ୍ଦୀ ନିଷ୍ପତ୍ତି ନେଇଥିବାରୁ ଏହାକୁ ତ୍ରୁଟିପୂର୍ଣ୍ଣ କୁହାଯାଇପାରିବ ନାହିଁ ବୋଲି ସାମ୍ବିଧାନିକ ପୀଠ ତାଙ୍କ ରାୟରେ କହିଥିଲେ।

## ଅପରାଧୀଙ୍କ ମୃତ୍ୟୁଦଣ୍ଡ କୋହଳ

**ନାବାଳକ ଅପହରଣ ଓ ହତ୍ୟା ମାମଲା**

ତାମିଲନାଡୁରେ ଜଣେ ୭ ବର୍ଷର ପିଲାକୁ ଅପହରଣ ପରେ ହତ୍ୟା ମାମଲାରେ ଅପରାଧୀଙ୍କୁ ମିଳିଥିବା ମୃତ୍ୟୁଦଣ୍ଡକୁ ମଙ୍ଗଳବାର ସୁପ୍ରିମକୋର୍ଟ କୋହଳ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ପରିବର୍ତ୍ତେ ବିନା କ୍ଷମାରେ ୨୦ ବର୍ଷ ଜେଲଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ଦୋଷ ଉପରେ ସନ୍ଦେହ କରିବାର କାରଣ ନାହିଁ। ତାଙ୍କୁ ବିନା କ୍ଷମାରେ ଆଜୀବନ ଜେଲ ୨୦ ବର୍ଷର କମ୍ ହେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୯ ଜୁଲାଇ ୨୯ରେ ପିଲାଟି ସ୍କୁଲ୍‌ରୁ ଫେରୁଥିବାବେଳେ ଅଭିଯୁକ୍ତ ସୁନ୍ଦର ରାଜନ ତାଙ୍କୁ ଉଠାଇନେଇଥିଲେ। ସେହିଦିନ ରାତିରେ ସେ ପିଲାର ମାଆଙ୍କୁ ଫୋନ୍ କରି ୫ ଲକ୍ଷ ଟଙ୍କା ଦେଲେ ତାଙ୍କ ପୁଅକୁ ଛାଡ଼ିବେ ବୋଲି କହିଥିଲେ। ଜୁଲାଇ ୩୦ରେ ପୋଲିସ ସୁନ୍ଦରଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ସେ ପିଲାଟିକୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ମାମଲାର ବିଚାର କରି ମାଡ୍ରାସ ହାଇକୋର୍ଟ ୨୦୧୦ ସେପ୍ଟେମ୍ବର ୩୦ରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ୨୦୧୩ ଫେବୃୟାରୀ ୫ରେ ଉକ୍ତ ଦଣ୍ଡକୁ ସୁପ୍ରିମକୋର୍ଟ କାଏମ ରଖିଥିଲେ। ଏହାର ପୁନର୍ବିଚାର ଲାଗି ସୁନ୍ଦର ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ।

## ଓପିଏସ୍ ଲାଗୁ ଦାବିରେ ବିକ୍ଷୋଭ କଲେ ପରିଣାମ ଭୋଗିବ: କେନ୍ଦ୍ର

**ନୂଆଦିଲ୍ଲୀ, ୨୧।୩**

ପୁରୁଣା ପେନ୍‌ସନ ସ୍କିମ୍ (ଓପିଏସ୍) ଲାଗୁ ଦାବିରେ ବିଭିନ୍ନ ରାଜ୍ୟରେ ସରକାରୀ କର୍ମଚାରୀମାନଙ୍କ ପକ୍ଷରୁ ବିକ୍ଷୋଭ କରାଯାଉଥିବାବେଳେ ଏଥିରୁ ଓହରିବା ପାଇଁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନଚେତ୍ ଏହାର ପରିଣାମ କର୍ମଚାରୀଙ୍କୁ ଭୋଗିବାକୁ ପଡ଼ିବ। ମଙ୍ଗଳବାର ଜଏଣ୍ଟ ଫୋରମ ଫର୍ ରିଷ୍ଟୋରେଶନ୍ ଅଫ୍ ଓଲ୍‌ଡ ପେନ୍‌ସନ ସ୍କିମ୍ ବ୍ୟାନର ଅଧୀନରେ ନ୍ୟାଶନାଲ ଜଏଣ୍ଟ କାଉନ୍‌ସିଲ୍ ଅଫ୍ ଆକ୍ସନ୍ (ଏନ୍‌ଜେସିଏ) ପକ୍ଷରୁ ଜିଲା ସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯିବାର ଥିଲା। ଏହି ବିକ୍ଷୋଭରୁ ନିବୃତ୍ତ ରହିବା ପାଇଁ ସୋମବର କେନ୍ଦ୍ରୀୟ କାର୍ମିକ ପ୍ରଶିକ୍ଷଣ (ଡିଓପିଟି) ବିଭାଗ ପକ୍ଷରୁ ପ୍ରତି ବିଭାଗକୁ ଅବଗତ କରାଯାଇଛି। ସରକାରୀ କର୍ମଚାରୀମାନେ ବିକ୍ଷୋଭ, ରାଲି ଆଦିରେ ଅଂଶଗ୍ରହଣ କରିବା ଦ୍ୱାରା ଧାରା ୭କୁ ଉଲ୍ଲଙ୍ଘନ କରୁଥିବା ଡିଓପିଟି କହିଛି। କୌଣସି କର୍ମଚାରୀ ଓପିଏସ୍ ଲାଗୁ ବିକ୍ଷୋଭରେ ସାମିଲ ହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ବିକ୍ଷୋଭକୁ ବିରୋଧ କରୁଥିବାବେଳେ ସରକାରୀ କର୍ମଚାରୀ ଉକ୍ତ ନିୟମକୁ ପାଳନ କରିବା ଆବଶ୍ୟକ।

## ଦେଶରେ ୪.୨୭ ଲକ୍ଷ ବିଚାରାଧୀନ ବନ୍ଦୀ

**ନୂଆଦିଲ୍ଲୀ, ୨୧।୩:** ଦେଶର ବିଭିନ୍ନ ଜେଲରେ ୨୦୨୧ ଡିସେମ୍ବର ୩୧ ସୁଦ୍ଧା ୪.୨୭ ଲକ୍ଷ ବିଚାରାଧୀନ ବନ୍ଦୀ ଥିବା ମଙ୍ଗଳବାର ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ରା କହିଛନ୍ତି। ସେମାନଙ୍କ ମଧ୍ୟରୁ ୯୦,୦୩୭ ଅନୁସୂଚିତ ଜାତି, ୪୨,୨୧୧ ଜଣ ଜନଜାତିର ହୋଇଥିବାବେଳେ ୧,୫୧,୨୮୭ ପଛୁଆ ବର୍ଗର।

# ୨୩ ଯାଏ ପାର୍ଲାମେଣ୍ଟ ମୁଲତବୀ

**ନୂଆଦିଲ୍ଲୀ, ୨୧।୩**

ଆଦାନୀ ଗ୍ରୁପ୍-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଲାଗି ବିରୋଧୀ ଦଳଗୁଡ଼ିକ ଦାବି କରିବା ସହ ଲଣ୍ଡନରେ ଗଣତନ୍ତ୍ର ଉପରେ ଦେଇଥିବା ମନ୍ତବ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଦାବିକରି ଶାସକ ଦଳ କ୍ରମାଗତ ଭାବେ ଗୃହକୁ ଅଚଳ କରି ରଖିବା ଫଳରେ ପାର୍ଲାମେଣ୍ଟର ଉଭୟ ଗୃହକୁ ଗୁରୁବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ଅଚଳାବସ୍ଥା ଜାରି ରହିଛି। ହୋହଲ୍ଲା ମଧ୍ୟରେ ଲୋକ ସଭାରେ ଅତିରିକ୍ତ ଖର୍ଚ୍ଚଦାବି ଏବଂ ଜମ୍ମୁ-କଶ୍ମୀର ବଜେଟ ଗୃହୀତ ହେବା ପରେ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନ୍‌କର ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିବା ପାଇଁ ପୂର୍ବାହ୍ନ ୧୧ଟା ୩୦ରେ ବିଭିନ୍ନ ଦଳର ନେତାମାନଙ୍କ ବୈଠକ ଡାକିଥିଲେ। ଏଥିରେ କେବଳ ଭାଜପା, ୱାଇଏସ୍‌ଆର୍‌ସିପି ଏବଂ ଟିଡିପିର ନେତା ସାମିଲ ହୋଇଥିବାବେଳେ ଅନ୍ୟ କୌଣସି ଦଳର ନେତା ଯୋଗ ଦେଇ ନ ଥିଲେ। ଆଦାନୀ ପ୍ରସଙ୍ଗ ଓ ରାହୁଲ କ୍ଷମା ମାଗନ୍ତୁ ଦାବିରେ ଉଭୟ ବିରୋଧୀ ଓ ଶାସକ ଦଳ ସଦସ୍ୟ ସ୍ଲୋଗାନବାଜି ଜାରି ରଖିବାରୁ ଧନ୍‌କର ରାଜ୍ୟ ସଭାକୁ ୨୩ ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

## ୧.୪୮ ଲକ୍ଷ କୋଟିର ଅତିରିକ୍ତ ବ୍ୟୟବରାଦକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୩(ପି.ଟି.)**

**ଲୋକ ସଭାରେ ଜମ୍ମୁ-କଶ୍ମୀର ବଜେଟ ଗୃହୀତ**

ଆଦାନୀ ଗ୍ରୁପ୍ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ୨୦୨୨-୨୩ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ସରକାରଙ୍କ ୧.୪୮ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦ ଲୋକ ସଭାରେ ଗୃହୀତ ହୋଇଛି। ଗତ ୧୩ ତାରିଖରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଏହି ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ଏହାକୁ ମିଶାଇ ମୋଟ ଅତିରିକ୍ତ ବ୍ୟୟ ଦାବି ୨,୭୦,୫୦୮.୮୯ କୋଟି ଟଙ୍କାରେ ପହଞ୍ଚିଛି। ସେଥିରୁ ମୋଟ ନଗଦ ଖର୍ଚ୍ଚ ଦାବି ୧,୪୮,୧୩୩.୨୩ କୋଟି ଟଙ୍କା। ଅବଶିଷ୍ଟ ବ୍ୟୟକୁ ବିଭିନ୍ନ ମନ୍ତ୍ରଣାଳୟ/ବିଭାଗ ଖର୍ଚ୍ଚ କାଟ୍ କରି କିମ୍ବା ବିଭିନ୍ନ ସୂତ୍ରରୁ ଆଦାୟ ବଢ଼ାଇ ଭରଣା କରାଯିବ ବୋଲି ଏକ ବିବୃତିରେ କୁହାଯାଇଛି। ଅତିରିକ୍ତ ବ୍ୟୟବରାଦରୁ ୩୬,୩୨୫ କୋଟି ଟଙ୍କା ସାର ସବ୍‌ସିଡି ବାବଦରେ ବିନିଯୋଗ ହେବ। ଏହା ବ୍ୟତୀତ ସାର୍ବଜନିକ ସେବା ଦାୟିତ୍ୱ ନିଧି (ୟୁଏସ୍‌ଓଏଫ୍) ପାଇଁ ୨୫,୦୦୦ କୋଟି, ପ୍ରତିରକ୍ଷା ବିଭାଗ ଓଆର୍‌ଓପି ବକେୟା ପ୍ରଦାନ ବାବଦ ୩୩,୭୧୮.୪୯ କୋଟି ବ୍ୟୟ ହେବ। ସେହିପରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଲାଗି ଜିଏସ୍‌ଟି କ୍ଷତିପୂରଣ ପାଣ୍ଠିକୁ ଅତିରିକ୍ତ ୩୩,୫୦୬ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ପୂର୍ବରୁ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ବିଲ୍ ଲୋକ ସଭାରେ ଧ୍ୱନି ମତରେ ଗୃହୀତ ହୋଇଥିଲା।

## ୨.୫ ଲକ୍ଷ ଡଲାର ମୂଲ୍ୟର ଉପହାର ହିସାବ ଦେଇନାହାନ୍ତି ଟ୍ରମ୍ପ୍

**ୱାଶିଂଟନ,୨୧।୩**

**ମୋଦି, ଯୋଗୀ ଓ କୋବିନ୍ଦଙ୍କଠାରୁ ନେଇଥିଲେ ୩୯ ଲକ୍ଷ ଟଙ୍କାର ଗିଫ୍ଟ**



ଡୋନାଲ୍ଡ ଟ୍ରମ୍ପ୍

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଶାସନ କାଳରେ ଅନେକ ବିଦେଶୀ ନେତାଙ୍କଠାରୁ ଉପହାର ଗ୍ରହଣ କରିଥିଲେ। ସେସବୁର ପରିମାଣ ୨,୫୦,୦୦୦ ଡଲାର (ପ୍ରାୟ ୩୮,୮୬,୧୫୦ ଟଙ୍କା) ହେବ। ସେଥିରୁ ୪୭,୦୦୦ ଡଲାର ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି ଭାରତୀୟ ନେତାମାନଙ୍କଠାରୁ ନେଇଥିବା ଉପହାରର ଦାମ୍। ଟ୍ରମ୍ପ୍ ଏହି ଉପହାରଗୁଡ଼ିକ ସମ୍ପର୍କରେ ପ୍ରଘଟ କରି ନ ଥିବା ବିଷୟ ଏକ ଡେମୋକ୍ରାଟିକ୍ କଂଗ୍ରେସନାଲ କମିଟି ପକ୍ଷରୁ ଅଭିଯୋଗ ଅଣାଯାଇଛି।

ସାଉଦି ସୋର୍ଡ୍ସ, ଇଣ୍ଡିଆନ୍ ଜୁଏଲେରି ଆଣ୍ଡ୍ ଏ ଲାର୍ଜର ଦେନ୍-ଲାଇଫ୍ ସଲ୍‌ଭାଡୋରନ୍ ପୋଟ୍ରେଟ୍ ଅଫ୍ ଡୋନାଲ୍ଡ ଟ୍ରମ୍ପ୍: ଦି ଟ୍ରମ୍ପ୍ ଅର୍ଗାନାଇଜେଶନ୍ସ ଫେଲ୍ୟୁର ଟୁ ଡିସ୍‌କ୍ଲୋଜ୍ ମେଜର ଫରେନ୍ ଗିଫ୍ଟସ୍' ଶୀର୍ଷକ ରିପୋର୍ଟରେ ଡେମୋକ୍ରାଟ୍ସ କମିଟି ପକ୍ଷରୁ ଚାଲିଥିବା ତଦନ୍ତର ପ୍ରାଥମିକ ତଥ୍ୟ ପ୍ରଦାନ କରାଯାଇଛି। ଆମେରିକାର ଫରେନ୍ ଗିଫ୍ଟସ୍ ଆଣ୍ଡ ଡେକୋରେଶନ୍ସ ଆକ୍ଟ ଅନୁସାରେ ଉଚ୍ଚ ପଦାଧିକାରୀମାନେ ନିଜ କାର୍ଯ୍ୟକାଳ ମଧ୍ୟରେ ବିଦେଶରୁ ପାଉଥିବା ଉପହାରଗୁଡ଼ିକ ସମ୍ପର୍କରେ ତଥ୍ୟ ପ୍ରଦାନ କରିବେ। ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଆମେରିକାର ୪୫ତମ ରାଷ୍ଟ୍ରପତି ଥିବା ରିପବ୍ଲିକାନ୍ ଟ୍ରମ୍ପ୍ ଏଥିରେ ବିଫଳ ହୋଇଛନ୍ତି। ଉପରୋକ୍ତ ଉପହାରଗୁଡ଼ିକ କେଉଁଠି ଅଛି ତାହାର ଅନୁସନ୍ଧାନ କରିବା ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ ବୋଲି କଂଗ୍ରେସମ୍ୟାନ୍ ଜାମିଏ ରସ୍କିନ୍ (ର୍‍ୟାଙ୍କିଙ୍ଗ୍ ମେମ୍ବର ଅଫ୍ ଦି କମିଟି ଅନ୍ ଓଭରସାଇଟ୍ ଆଣ୍ଡ୍ ଆକାଉଣ୍ଟେବିଲିଟି) କହିଛନ୍ତି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୭୬ ବର୍ଷୀୟ ଟ୍ରମ୍ପ୍ ଓ ତାଙ୍କ ଫାଷ୍ଟ ଫାମିଲି ୧୦୦ରୁ ଊର୍ଦ୍ଧ୍ୱ ବିଦେଶୀ ଉପହାର ସମ୍ପର୍କରେ ରିପୋର୍ଟ କରିନାହାନ୍ତି, ଯାହାର ମୋଟ ମୂଲ୍ୟ ୨,୫୦,୦୦୦ ଡଲାର ହେବ।

## ଆମେରିକାରେ ବଢୁଛି କାଣ୍ଡିଡା ଅରିସ୍ ଫଙ୍ଗାଲ୍ ସଂକ୍ରମଣ

**ୱାଶିଂଟନ୍, ୨୧।୩**

ଆମେରିକାରେ ପ୍ରାଣଘାତୀ କାଣ୍ଡିଡା ଆରିସ୍ ଫଙ୍ଗାଲ୍ ସଂକ୍ରମଣ ବଢ଼ିବାରେ ଲାଗିଛି। ଏଥିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ସେଣ୍ଟର୍ସ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ଶନ୍ (ସିଡିସି) ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ୨୦୧୯ରେ ଦେଶରେ ମୋଟ ୪୭୬ କାଣ୍ଡିଡା ଅରିସ ଫଙ୍ଗାଲ୍ ଆକ୍ରାନ୍ତ ହୋଇଥିବାବେଳେ ୨୦୨୧ରେ ସଂକ୍ରମିତଙ୍କ ସଂଖ୍ୟା ୧,୪୭୧ରେ ପହଞ୍ଚିଥିବା ସିଡିସି ଡେଟାରେ ଉଲ୍ଲେଖ କରାଯାଇଛି। ଅଦ୍ୟାବଧି ଦେଶରେ ମୋଟ ୪,୦୪୦ ଜଣ କାଣ୍ଡିଡା ଅରିସ୍ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଯେଉଁମାନଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ସେମାନଙ୍କୁ



ଏହି ଫଙ୍ଗାଲ୍ ଇନ୍‌ଫେକ୍ସନ୍‌ର ଡର ନ ଥିବା ଡାକ୍ତରମାନେ କହିଛନ୍ତି। କିନ୍ତୁ ଭେଣ୍ଟିଲେଟର ଓ କେମୋଥେରାପି ନେଉଥିବା କ୍ୟାନ୍‌ସର ରୋଗୀ ପ୍ରାଣଘାତୀ କାଣ୍ଡିଡା ଅରିସ ଦ୍ୱାରା ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଛି। ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିବା ଏବଂ ରୋଗୀଙ୍କ ଦ୍ୱାରା ବ୍ୟବହୃତ ବସ୍ତୁକୁ ବ୍ୟବହାର କରିବା ଯୋଗୁ ଏହି ରୋଗ ବ୍ୟାପିଥାଏ ବୋଲି ବିଶେଷଜ୍ଞ କହିଛନ୍ତି।

## ଅନ୍ଧକାର ଆକାଶକୁ ଉଜ୍ଜ୍ୱଳ କରୁଛି ସାଟେଲାଇଟ୍

**ଚମକ ହରାଉଛନ୍ତି ତାରା**

**କୁଇନ୍ସଲାଣ୍ଡ, ୨୧।୩**

ରାତିର କିଟ୍‌କିଟ୍ ଅନ୍ଧକାର ଆକାଶ ଶୋଭା ବଢ଼ାଇଥାନ୍ତି ତାରା। କିନ୍ତୁ ରାତିର ଏହି କଳା ଆକାଶ ପୂର୍ବ ଅପେକ୍ଷା ଉଜ୍ଜ୍ୱଳ ହୋଇଯାଇଛି। ଫଳରେ ଆକାଶରେ ଦୃଷ୍ଟିଗୋଚର ହେଉଥିବା ତାରା, ଛାୟାପଥ ଏବଂ ଅନ୍ୟ ଗ୍ରହ ଗୁଡ଼ିକ ପୂର୍ବ ଭଳି ଆଉ ଦେଖାଯାଉ ନାହାନ୍ତି । ରାତି ଆକାଶ ଉଜ୍ଜ୍ୱଳ ହେବା ଯୋଗୁ ଏ ପ୍ରକାର ପରିବର୍ତ୍ତନ ହୋଇଥିବା କୁହାଯାଉଛି। ତେବେ କକ୍ଷ ପଥରେ ସାଟେଲାଇଟ୍ ସଂଖ୍ୟା ବଢ଼ିବା ଏବଂ ମହାକାଶ ବର୍ଜ୍ୟ ଯୋଗୁ ରାତିବେଳା ଆକାଶ ଉଜ୍ଜ୍ୱଳ ହେବାରେ ଲାଗିଛି ବୋଲି ୟୁନିଭର୍ସିଟି ଅଫ୍ ସାଉଥର୍ନ କୁଇନ୍‌ସଲାଣ୍ଡର ପି.ଏଚ୍‌ଡି ରିସର୍ଚ୍ଚର ଜେସିକା କହିଛନ୍ତି।

ପୃଥିବୀ ପୃଷ୍ଠରେ ମନୁଷ୍ୟକୃତ ଆଲୋକ ପ୍ରଦୂଷଣ ଦ୍ୱାରା ନାଇଟ୍ ସ୍କାଏରେ ପରିବର୍ତ୍ତନ ଘଟି ନାହିଁ। ବରଂ ପୃଥିବୀ ଚାରିପଟେ ମହାକାଶ ବର୍ଜ୍ୟ ଏବଂ ସାଟେଲାଇଟ୍ ରାତିବେଳା ଆକାଶକୁ ଉଜ୍ଜ୍ୱଳ କରିବା ପାଇଁ ଦାୟୀ। ୨୦୧୯ ପରଠାରୁ ଅର୍ବିଟ୍‌ରେ ସାଟେଲାଇଟ୍ ସଂଖ୍ୟା ଦୁଇଗୁଣା ହୋଇ ୭,୬୦୦ରେ ପହଞ୍ଚିଛି। ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା ଭଳି ଲୋକଙ୍କୁ ବହୁ ସୁବିଧା ଯୋଗାଇଦେବା ଲାଗି ସାଟେଲାଇଟ୍ କକ୍ଷପଥକୁ ପ୍ରେରଣ କରାଯାଉଛି। ଏହି ରେସ୍‌ରେ ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ କମ୍ପାନୀ ଆଗରେ ରହିଛି। ସୂର୍ଯ୍ୟାଲୋକ ମହାକାଶ ବର୍ଜ୍ୟ ଓ ଉପଗ୍ରହରେ ପଡ଼ି ରିଫ୍ଲେକ୍ଟ ହେବା ଯୋଗୁ ଏହାର ଆଲୋକ ପୃଥିବୀର ନାଇଟ୍ ସାଇଡ୍‌ରେ ପଡୁଛି, ଯାହାଫଳରେ ରାତିର ଆକାଶ ଉଜ୍ଜ୍ୱଳ ଦେଖାଯାଉଥିବା ଜଣାପଡୁଛି। ସେହିପରି ୨୦୩୦ ବେଳକୁ ରାତିର ଆକାଶ ଆହୁରି ଆଲୋକିତ ହାଇପଡ଼ିବ ବୋଲି ବିଶେଷଜ୍ଞଙ୍କ ପକ୍ଷରୁ କୁହାଯାଇଛି।






# ରାସ୍ତାରେ ପୁଅକୁ ଛାଡ଼ି ପଳାଇଲେ ମା’ ବାପା

**ସୋର, ୨୧।୩(ଡି.ଏନ.ଏ.)**

## ଉଦ୍ଧାରକଲା ଚାଇଲ୍ଡଲାଇନ

ମା’ ବାପା ସହ ବାଇକରେ ଯାଉଥିଲେ ନାବାଳକ ପୁଅ। ହେଲେ ରାସ୍ତାରେ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଶେଷରେ ନିଜର ପୁଅକୁ ରାତି ଅଧରେ ରାସ୍ତା ଉପରେ ଛାଡି ମା’ ବାପା ନିଜ ନିଜ ବାଟରେ ଚାଲିଗଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ। ନାବାଳକ ଜଣକ ନିରୁପାୟ ହୋଇ ଏଣେତେଣେ କାନ୍ଦି ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ସୋର ଥାନା ଏଏସ୍ଆଇ କେଶବ ବେଶ୍ରା ପହଞ୍ଚି ନାବାଳକଙ୍କୁ ଉଦ୍ଧାର କରି ଖଇରା ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରିଛନ୍ତି।

ପ୍ରଥମେ ବାପା ମା’ ଓ ପୁଅକୁ ଛାଡି କେଉଁଆଡେ ଚାଲିଯାଇଥିଲେ। ପରେ ମହିଳାଜଣକ ଅନ୍ୟ ଏକ ବାଇକରେ କେଉଁଆଡ଼େ ପଳାଇ ଯାଇଥିଲେ। ନାବାଳକଜଣକ ପୋଲିସକୁ ପରିଚୟ କହିପାରୁ ନ ଥିବାରୁ ଖଇରା ଚାଇଲ୍ଡଲାଇନକୁ ଖବର ଦିଆଯାଇଥିଲା। ମଙ୍ଗଳବାର ସକାଳେ ଖଇରା ଚାଇଲ୍ଡଲାଇନ ସଦସ୍ୟ ପଞ୍ଚାନନ ତ୍ରିପାଠୀ ଏବଂ ଜ୍ୟୋତି ପ୍ରକାଶ କର ନାବାଳକଙ୍କୁ ନେଇ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

# ୪ ଜଣଙ୍କୁ ବିବାହକରି ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗିରଫ

**ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୨୧।୩**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କାର୍ଯ୍ୟରତ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପୀନାଥ କିଷାନ ୪ ମହିଳାଙ୍କୁ ବିବାହ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଚତୁର୍ଥ ସ୍ତ୍ରୀ ସୁନୀତା ମାଧିଆ ଓରଫ ସୁନୀତା କିଷାନଙ୍କ ଅଭିଯୋଗ ପ୍ରକାରେ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

କନିଷ୍ଠ ଯନ୍ତ୍ରୀ କିଷାନଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ସୁନ୍ଦରଗଡ଼ରେ ଆଉ ଜଣଙ୍କୁ ବିବାହ କରିଥିଲେ। ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ପରେ କୌଣସି କାରଣ ନ ଥାଇ ଛାଡି ଦେଇଥିଲେ। ପରେ ଗୋପୀନାଥ ରାଉରକେଲାର ଜଣେ ଯୁବତୀଙ୍କୁ ତୃତୀୟ ବିବାହ କରିଥିଲେ। ତାଙ୍କୁ ମଧ ନିର୍ଯାତନା ଦେଇ ଛାଡ଼ି ଦେଇଥିଲେ। ୨୦୨୨ ଫେବୃୟାରୀରେ ଗୋପୀନାଥ ଛତିଶଗଡ଼ ଚକ୍ରଧରନଗର ଥାନା ଅଞ୍ଚଳର ସୁନୀତା ମାଧିଆଙ୍କୁ ଝାରସୁଗୁଡ଼ାଠାରେ ବିବାହ କରିଥିଲେ। ପୂର୍ବରୁ ଅନ୍ୟ ୩ ଜଣଙ୍କୁ ଗୋପୀନାଥ ବିବାହ କରିଥିବା ସୁନୀତା ଜାଣିବା ପରେ ଏ ନେଇ ତାଙ୍କୁ ପଚାରିଥିଲେ। ଏହାପରଠାରୁ ସୁନୀତାଙ୍କୁ ସେ ଅଧିକ ଯୌତୁକ ଆଣିବାକୁ କହି ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏଥିରେ ପ୍ରଥମ ସ୍ତ୍ରୀଙ୍କ ମା’ ମଧ ସାମିଲ ଥିଲେ ବୋଲି ସୁନୀତା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ମିଳିବା ପରେ ରାୟଗଡ଼ା ପୋଲିସ ଘଟଣାର ତଦନ୍ତକରି କନିଷ୍ଠ ଯନ୍ତ୍ରୀଙ୍କୁ ସାଇପ୍ରିୟା ନଗରସ୍ଥିତ ତାଙ୍କ ଘରୁ ଗିରଫ କରିଥିଲା। ଏ ନେଇ ନଂ.୯୦/୨୩ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପୋଲିସ ଅବଗତ କରାଇଛି।


ଗୋପୀନାଥ କିଷାନ

# ବାଲେଶ୍ୱରରେ ସେକ୍ସ ର୍ୟାକେଟ ଠାବ

## ୬ ଯୁବତୀ ଉଦ୍ଧାର, ୧୩ ଅଭିଯୁକ୍ତ ଗିରଫ

**ବାଲେଶ୍ୱର ଅଫିସ, ୨୧।୩**

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ପଶ୍ଚିମବଙ୍ଗ ଓ ବାଂଲାଦେଶ ଯୁବତୀଙ୍କୁ ଆଣି ସେକ୍ସ ର୍ୟାକେଟ ଚାଲିଥିବା ବେଳେ ମଙ୍ଗଳବାର ପୋଲିସ ଏହାର ପର୍ଦ୍ଦାଫାଶ କରିଛି। ବସ୍ତା, ସିଂଲା ଓ ବାଲେଶ୍ୱର ସହରର ମେଘଡମ୍ବରୁ ଅଞ୍ଚଳରୁ ଏହି ସେକ୍ସ ର୍ୟାକେଟ ଠାବ କରାଯାଇଛି। ଏହି ଘଟଣାରେ ୬ଜଣ ଯୁବତୀଙ୍କୁ ଉଦ୍ଧାର କରାଯିବା ସହ ସମ୍ପୃକ୍ତ ୧୩ ଜଣ ଅଭିଯୁକ୍ତଙ୍କୁ ବାଲେଶ୍ୱର ପୋଲିସ ଗିରଫ କରିଛି। ଉଦ୍ଧାର ଯୁବତୀମାନେ ବାଂଲାଦେଶ ଓ ପଶ୍ଚିମବଙ୍ଗ ରାଜ୍ୟର ବୋଲି ମଙ୍ଗଳବାର ଅପରାହ୍ନରେ ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।

ପଶ୍ଚିମବଙ୍ଗର ଏକ ସ୍ୱେଚ୍ଛାସେବୀ ସଙ୍ଗଠନଠାରୁ ସୂଚନା ପାଇ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ପ୍ରଥମେ ବସ୍ତା ଅଞ୍ଚଳରୁ ଜଣେ ଯୁବତୀଙ୍କୁ ଠାବ କରିଥିଲା। ଉକ୍ତ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ଏକ ଦମ୍ପତି ଓ ଅନ୍ୟ ଜଣେ ଯୁବକ ଆଣି ସେକ୍ସ ର୍ୟାକେଟରେ ଲଗାଇ ଅର୍ଥ ଉପାର୍ଜନ କରୁଥିଲେ। ଉକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିବା ସହ ଯୁବତୀଙ୍କୁ ଉଦ୍ଧାର କରି ପଚରାଉଚୁରା କରିଥିଲା। ବାଲେଶ୍ୱର ସଦର ଥାନା ଅଧୀନ ମେଘଡ଼ମ୍ବରୁ ଅଞ୍ଚଳରେ ଏକ ଘରେ ତାଙ୍କୁ ରଖାଯାଇ ଅନୈତିକ କାର୍ଯ୍ୟରେ ମଧ ଲିପ୍ତ କରାଯାଉଥିବା ଯୁବତୀଜଣକ ପୋଲିସ ଆଗରେ କହିଥିଲେ। ଉକ୍ତ ତଥ୍ୟକୁ ଭିତ୍ତି କରି ପୋଲିସ ମେଘଡମ୍ବରୁ ଅଞ୍ଚଳର ଉକ୍ତ ଘର ଉପରେ ଚଢ଼ାଉ କରି ସେକ୍ସ ର୍ୟାକେଟ ଚଳାଉଥିବା ୨ ମହିଳାଙ୍କ ସମେତ ୪ଜଣଙ୍କୁ ଗିରଫ କରିଥିଲା। ସେହିପରି ଉକ୍ତ ଯୁବତୀଙ୍କଠାରୁ ସୂଚନା ପାଇ ବାଲେଶ୍ୱର ପୋଲିସ ଖୋର୍ଦ୍ଧା ଅଞ୍ଚଳରେ ଅନ୍ୟ ଜଣେ ଯୁବତୀଙ୍କୁ ଉଦ୍ଧାର କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଓଡ଼ିଶାକୁ ଯୁବତୀ ଚାଲାଣ ଅଭିଯୋଗରେ ପଶ୍ଚିମବଙ୍ଗର ୨୪ ପ୍ରଗଣାରୁ ଜଣେ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯାଇଛି। ଗିରଫ ଏହି ବ୍ୟକ୍ତିଙ୍କ ସହ ବାଲେଶ୍ୱରର ଅଭିଯୁକ୍ତମାନେ ଅର୍ଥ ନେଣଦେଣ କରୁଥିବା ପ୍ରମାଣିତ ହୋଇଛି। ସେହିପରି ସିଂଲା ଥାନା ଅଞ୍ଚଳରେ ସେକ୍ସ ର୍ୟାକେଟ ଚାଲିଥିବା ଖବରପାଇ ସେଠାରେ ଚଢ଼ାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଚଢ଼ାଉରେ ଉଦ୍ଧାର କରାଯାଇଥିବା ୬ଜଣ ଯୁବତୀଙ୍କ ମଧ୍ୟରୁ ୨ଜଣ ବାଂଲାଦେଶ ଓ ଅନ୍ୟ ୪ଜଣ ପଶ୍ଚିମବଙ୍ଗ ଅଞ୍ଚଳର ବୋଲି ଜଣାଯାଇଛି। ଅଧିକ ଅର୍ଥ ଉପାର୍ଜନ ଲୋଭ ଦେଖାଇ ସେମାନଙ୍କର ନକଲି ଡକ୍ୟୁମେଣ୍ଟ ଜରିଆରେ ପରିଚୟ ପରିବର୍ତ୍ତନ କରି ଦଲାଲମାନେ ସେକ୍ସ ର୍ୟାକେଟରେ ଲିପ୍ତ କରାଉଥିଲେ। ଏନେଇ ଧାରା ୧୪ଏ(ବି) ଏବଂ ୧୪ସି ବିଦେଶୀ ଅଧିନିୟମ, ୧୯୪୬ ଏବଂ ଧାରା ୩୪ ଆଧାର ଅଧିନିୟମ, ୨୦୧୬ ଅନୁଯାୟୀ ବସ୍ତା ଥାନା ପକ୍ଷରୁ ମାମଲା (ନଂ. ୮୧/୨୩) ରେ ୧୦ ଜଣ (ବସ୍ତା ଅଞ୍ଚଳର ୩ ଜଣ, ସିଂଲା ଅଞ୍ଚଳର ଜଣେ, ମେଘଡମ୍ବରୁ ଅଞ୍ଚଳର ୪ ଜଣ, ଖୋର୍ଦ୍ଧାରୁ ଜଣେ ଏବଂ ପଶ୍ଚିମବଙ୍ଗର ଚବିଶ ପ୍ରଗଣାରୁ ଜଣେ)ଙ୍କୁ ଗିରଫ ଓ ସିଂଲା ଥାନା ପକ୍ଷରୁ ମାମଲା (ନଂ. ୪୮/୨୩)ରେ ୩ ଜଣ(ବାଲିଆପାଳର ଜଣେ ଏବଂ ସିଂଲା ଅଞ୍ଚଳରୁ ୨ ଜଣ)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବାର ଜିଲା ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସଦର ଥାନା ଅଧିକାରୀ ଜୟନ୍ତ ବେହେରା ଉପସ୍ଥିତ ଥିଲେ।

# ବାନ୍ଧବୀଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଜେରା

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

## ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା

- ଆସିଲା ପୋଷ୍ଟମର୍ଟମ ରିପୋର୍ଟ, ସିଡିଆର୍ ଯାଞ୍ଚ
- ଆଜି ଜେରା ହୋଇପାରନ୍ତି ବାନ୍ଧବୀଙ୍କ ନୂଆ ପୁରୁଷବନ୍ଧୁ

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ୍ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣା ଉପରୁ ଏପର୍ଯ୍ୟନ୍ତ ରହସ୍ୟ ହଟି ପାରିନାହିଁ। ଖାରବେଳନଗର ଥାନା ପୋଲିସ ଆଜେକ୍ସଙ୍କ ବାନ୍ଧବୀ ଜିଜ୍ଞାସା ଓ ତାଙ୍କ ନୂଆ ପୁରୁଷ ବନ୍ଧୁଙ୍କ ନାମରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଆଇପିସି ଦଫା ୩୦୬ରେ ଏକ ମାମଲା (ନଂ.୧୨୧/୨୦୨୩) ରୁଜୁ କରି ତଦନ୍ତ କରୁଛି। ଏହି କ୍ରମରେ ମଙ୍ଗଳବାର ଆଜେକ୍ସଙ୍କ ବାନ୍ଧବୀ ଜିଜ୍ଞାସାଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ପୋଲିସ ଜେରା କରିଛି। ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳସ୍ଥିତ ବାସ ଭବନରେ ଦିନ ପ୍ରାୟ ୧ଟାଏରୁ ପୋଲିସ ଟିମ୍ ଜିଜ୍ଞାସାଙ୍କୁ ପଚରାଉଚରା କରିଥିଲା। ଉଭୟଙ୍କ ମଧ୍ୟରେ କେତେଦିନର ସମ୍ପର୍କ, କାହିଁକି ହୋଇଥିଲା ଝଗଡ଼ା, ତାଙ୍କ ନୂଆ ପୁରୁଷବନ୍ଧୁଙ୍କ ଭୂମିକା କ’ଣ, ଆତ୍ମହତ୍ୟା ପାଇଁ ସେ ପ୍ରବର୍ତ୍ତାଇଥିଲେ କି ଏଭଳି ବିଭିନ୍ନ ଦିଗକୁ ନେଇ ପଚରାଉଚରା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୨ଟା ୨୦ ବେଳକୁ ପୋଲିସ ଟିମ୍ ଫେରିଥିଲା। ତେବେ ବୁଧବାର ଜିଜ୍ଞାସାଙ୍କ ନୂଆ ପୁରୁଷବନ୍ଧୁଙ୍କୁ ପୋଲିସ ପକ୍ଷରୁ ଜେରା କରାଯାଇପାରେ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ଆଜେକ୍ସଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ପୋଲିସକୁ ମିଳିଛି। ଅକ୍ଷୟ ମୃତ୍ୟୁ ପୂର୍ବରୁ କେଉଁମାନଙ୍କ ସହ କଥା ହୋଇଥିଲେ ସେନେଇ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି। ବିଶେଷକରି ବାନ୍ଧବୀ ଜିଜ୍ଞାସା ଏବଂ ତାଙ୍କ ପୁରୁଷବନ୍ଧୁଙ୍କ ସହ କେବେ କଥା ହୋଇଥିଲେ ଏବଂ କି କଥା ହୋଇଥିଲେ ତାହା ଜାଣିବାକୁ ପୋଲିସ ପ୍ରୟାସ କରିଛି। ଏଭଳିସ୍ଥିତିରେ ଏହି ସିଡିଆର୍ ତଥ୍ୟ ମାମଲାରେ ବଡ଼ ପ୍ରମାଣ ହେବ ବୋଲି କୁହାଯାଉଛି। ସେପଟେ ଆଜେକ୍ସଙ୍କ ମୃତ୍ୟୁ ଆତ୍ମହତ୍ୟାଜନିତ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ ପୋଲିସକୁ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପୋଷ୍ଟମର୍ଟମ ରିପୋର୍ଟ ମିଳିଛି। ଶ୍ୱାସରୁଦ୍ଧରୁ ଆଜେକ୍ସଙ୍କ ମୃତ୍ୟୁ ହୋଇଥିବାବେଳେ ବେକରୁ ବେଡ୍‌ଶିଟ୍ ଯୋଗୁଁ କଳା ଦାଗ ରହିଥିବା ପିଏମ୍ ରିପୋର୍ଟରେ ଉଲ୍ଲେଖ ରହିଛି। ଅକ୍ଷୟଙ୍କ ମୃତ୍ୟୁ ଆତ୍ମହତ୍ୟା ଜନିତ ବୋଲି ରିପୋର୍ଟରୁ ଏକ ପ୍ରକାର ସ୍ପଷ୍ଟ ହୋଇଥିବା ପୋଲିସ କହିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ଖାରବେଳନଗର ଥାନା ଅନ୍ତର୍ଗତ ଇଣ୍ଡଷ୍ଟ୍ରିଆଲ୍ କଲୋନିସ୍ଥିତ ବାସଭବନରେ ଆଜେକ୍ସ ଫ୍ୟାନ୍‌ରେ ବେଡ୍‌ଶିଟ୍ ଦ୍ୱାରା ଝୁଲି ଆତ୍ମହତ୍ୟା କରିଥିଲେ। ତେବେ ଏହାପଛରେ ବାନ୍ଧବୀ ଜିଜ୍ଞାସା ଏବଂ ତାଙ୍କ ନୂଆ ପୁରୁଷବନ୍ଧୁଙ୍କ ସମ୍ପୃକ୍ତି ଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା।

# ଗର୍ଭବତୀ ସ୍ତ୍ରୀଙ୍କୁ ଗୋଇଠା ମାରି ହତ୍ୟା

**ଉଦଳା,୨୧।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଖଣ୍ଡାଚିରା ଗ୍ରାମରେ ପାରିବାରିକ କଳହରୁ ଗର୍ଭବତୀ ସ୍ତ୍ରୀଙ୍କ ପେଟକୁ ଗୋଇଠା ମାରି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଗୋଲାପୀ ମୁର୍ମୁ। ପୋଲିସ ଅଭିଯୁକ୍ତ ସ୍ୱାମୀ ଦାମ ମୁର୍ମୁଙ୍କ ସମେତ ଶାଶୁ, ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁଯାୟୀ, ସୋମବାର ରାତିରେ ଦାମ ଓ ଗୋଲାପୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ୩ ମାସର ଗର୍ଭବତୀ ଥିବା ଗୋଲାପୀଙ୍କ ପେଟକୁ ଦାମ ବାରମ୍ବାର ଗୋଇଠା ମାରିଥିଲେ। ଫଳରେ ଗୋଲାପୀ ଚିତ୍କାର କରିବା ସହିତ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଉଦଳା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଗୋଲାପୀଙ୍କ ବାପଘର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୮୧/୨୩) ରୁଜୁ ହୋଇଛି। ଉଲ୍ଲେଖଯୋଗ୍ୟ, ଦେଢ଼ ବର୍ଷ ତଳେ ଗୋଲାପୀ ଏବଂ ଦାମ ପ୍ରେମ ବିବାହ କରିଥିଲେ।

# ଓଡ଼ିଶାରେ ମମତା ବାନାର୍ଜୀ

## ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ



**ପୁରୀ ଅଫିସ/ଭୁବନେଶ୍ୱର(ବ୍ୟୁରୋ),୨୧।୩**

## ୨୩ରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ୩ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସଡ଼କ ପଥରେ ପୁରୀ ଗସ୍ତ କରିଛନ୍ତି। ସେଠାରେ ୨ଦିନ ଅବସ୍ଥାନ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ଏହା ପରେ ୨୩ତାରିଖରେ ଭୁବନେଶ୍ୱର ଫେରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ଭେଟିବା କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ଅପରାହ୍ନରେ ମମତା ପୁରୀ ଆସି ନିର୍ମାଣ ନିବାସରେ ଅବସ୍ଥାନ କରିଛନ୍ତି। ବୁଧବାର ଅପରାହ୍ନ ୪ଟାରେ ଶ୍ରୀମନ୍ଦିର ଯାଇ ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିବା ସହ କିଛି ସମୟ ମନ୍ଦିର ପରିସରରେ ଅତିବାହିତ କରିବେ ବୋଲି ତାଙ୍କ କୌଳିକ ଗୁରୁ ଜଗନ୍ନାଥ ସ୍ୱାଇଁ ମହାପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ମମତାଙ୍କ ଗସ୍ତକୁ ନଜରରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୋଟୋକଲ ଅନୁଯାୟୀ ସମସ୍ତ ବ୍ୟବସ୍ଥା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମମତା ମଙ୍ଗଳବାର ଅପରାହ୍ନ ୪ଟା ୧୫ରେ କାର୍ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପୁରୀ ନିର୍ମାଣ ନିବାସରେ ପହଞ୍ଚିବା ପରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ ସାହୁ, ଏସ୍‌ପି କେ.ବିଶାଲ ସିଂହ, ଉପଜିଲାପାଳ ଭବତାରଣ ସାହୁ, ଦଇତାପତି ନିଯୋଗ ସମ୍ପାଦକ ତଥା ମମତାଙ୍କ କୌଳିକ ପଣ୍ଡା ରାମକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଖଣ୍ଡୁଆ ପାଟ ଦେଇ ସ୍ୱାଗତ କରିଥିଲେ। ସେ ରାତିରେ ମହାପ୍ରସାଦ ସେବନ କରିଥିବା ସୂଚନା ମିଳିଛି।

କାର୍ଯ୍ୟକ୍ରମ ଅନୁଯାୟୀ ବୁଧବାର ଅପରାହ୍ନ ୩ଟା ୪୦ରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ମହାପ୍ରଭୁଙ୍କ ଦର୍ଶନ ପରେ ମା’ ଲକ୍ଷ୍ମୀ, ବିମଳା ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା କାର୍ଯ୍ୟକ୍ରମ ରହିଛି। ମମତା ବୁଧବାର ଶ୍ରୀମନ୍ଦିର ଗସ୍ତ ବେଳେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ଛତିଶା ନିଯୋଗ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତମାନେ ମନ୍ଦିର ମଧ୍ୟକୁ ପାଛୋଟି ନେବେ। ଶ୍ରୀମନ୍ଦିରରେ ପ୍ରାୟ ୨ ଘଣ୍ଟା ରହିବାର୍ କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ପୁରୀ ବଳିଆପଣ୍ଡା ଅଞ୍ଚଳରେ ଥିବା ସିପସରୁବାଲି ମୌଜାରେ ୫ଏକର ଜମିରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଏକ ଅତିଥି ଭବନ ନିର୍ମାଣ ପାଇଁ ଜମି ଦେଖିବା ସହ ଜିଲା ପ୍ରଶାସନ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ରାଜ୍ୟ ସରକାର ଏକ ଜାଗା ଦେଇଥିଲେ ମଧ ଉକ୍ତ ସ୍ଥାନ ଅତିଥି ଭବନ ନିର୍ମାଣ ପାଇଁ ଉପଯୁକ୍ତ ନ ଥିବାରୁ ତାହାକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଏବେ ଓଡ଼ିଶା ସରକାର ଅତିଥି ଭବନ ପାଇଁ ବଳିଆପଣ୍ଡା ଠାରେ ଅନ୍ୟ ଏକ ଜାଗା ଦେଇଛନ୍ତି, ତାକୁ ମମତା ଦେଖିବାକୁ ଯିବାର ଅଛି। ବୋଲି ମମତାଙ୍କ କୌଳିକ ପଣ୍ଡା ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇ କହିଛନ୍ତି। ମମତାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ମାଣ ନିବାସ ପାଖରେ ଥିବା ଗାନ୍ଧୀ ସ୍ମୃତିପୀଠ ତଥା ଗାନ୍ଧୀ ପାର୍କକୁ ଦୁଇଦିନ ଅର୍ଥାତ୍ ମମତା ପୁରୀରେ ଅବସ୍ଥାନ କରିବା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀ ୨୬ରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ।



## ଆନନ୍ଦପୁରର ଶାନ୍ତନୁ ସେଠୀ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର, ୨୧।୩(ବ୍ୟୁରୋ): କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ଶାନ୍ତନୁ କୁମାର ସେଠୀଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ବିଜୁ ଜନତା ଦଳ ପକ୍ଷରୁ ଏନେଇ ମଙ୍ଗଳବାର ବିଧିବଦ୍ଧ ପ୍ରେସ୍ ବିଜ୍ଞପ୍ତି ଜାରି ହୋଇଛି। ଦଳର ରାଜ୍ୟ ସାଧାରଣ ସମ୍ପାଦକ ମାନସ ମଙ୍ଗରାଜଙ୍କ ଦସ୍ତଖତରେ ଏହି ଚିଠି ଜାରି କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଶା କରିଥିଲି ତୋତେ
କୁଆକୁ ଯେପରି କୋଇଲି କଲା ଲୋ
ସେହିପରି କଲୁ ମୋତେ।**

ସାଧାରଣତଃ ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। କାଉକୁ କୋଇଲି କହି ଭଣ୍ଡାଇବା ଭଳି ପ୍ରେମ ମଧ ଅନେକ ସମୟରେ ଛଳନାମୟ ହୋଇଯାଇଥାଏ। ଏପରି ଛଳନାପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡିଥିବା ପ୍ରେମୀ ହତୋତ୍ସାହିତ ହୋଇପଡିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବୁଲ ଟାକୁଆ ଖଡ଼ା ବଡ଼ି,
ଦାନ୍ତ ଥିଲା ଲୋକ ରେକଟି ଖାଇଲା
ପାକୁଆ ଜୀବନ ଗଲା ଛାଡ଼ି।**

ଦାନ୍ତ ଥିଲେ ସବୁପ୍ରକାର ଖାଦ୍ୟକୁ ସହଜରେ ଚୋବେଇ ଖାଇହୁଏ। କିନ୍ତୁ ଦାନ୍ତ ପଡ଼ିଗଲେ ଆଉ ତାହା ସମ୍ଭବ ହୋଇନଥାଏ। ପାକୁଆ ଲୋକ ଦାନ୍ତ ବିନା ଶକ୍ତ ବା ଟାଣ ଖାଦ୍ୟ ଚୋବାଇ ଖାଇବାରେ ଅସୁବିଧା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାଜ୍ୟ ସରକାର ଜବାବ ଦାଖଲ କଲେ

## ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ସଦସ୍ୟ ପଦବୀ ଖାଲି ମାମଲା

■ ୩ ପଦବୀ ପୂରଣ ହୋଇଛି, ଖୁବ୍‌ଶୀଘ୍ର ଅବଶିଷ୍ଟ ପଦବୀ ପୂରଣ ହେବ
■ ଜୁଲାଇ ୪ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୧।୩

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସମସ୍ତ ସଦସ୍ୟ ପଦବୀ ଖାଲି ପଡ଼ିବା ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ମଙ୍ଗଳବାର ଜବାବ ଦାଖଲ କରାଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମାର୍ଚ୍ଚ ୧୪ ତାରିଖ ବିଜ୍ଞପ୍ତି ଅନୁଯାୟୀ ୩ ଜଣଙ୍କୁ ସଦସ୍ୟ ପଦରେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ କଟକରୁ ଅନିତା ବେହେରା, ଭୁବନେଶ୍ୱରରୁ ସସ୍ମିତା ନନ୍ଦ ଓ ବାରିପଦାରୁ ଛବି ମାହାଲି। ଅବଶିଷ୍ଟ ସଦସ୍ୟ ପଦ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆବେଦନକାରୀ ଆଇନଜୀବୀ ପ୍ରବୀର କୁମାର ଦାସ ଏହା ଉପରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରି କହିଥିଲେ, ସଦସ୍ୟ ପଦ ଖାଲି ହେବାର ୧୮୦ ଦିନ ମଧ୍ୟରେ ପୂରଣ ହେବା ନିୟମ ରହିଥିବା ବେଳେ ଏଠାରେ ତାହା କରାଯାଇନାହିଁ। ତେବେ ଖୁବ୍‌ଶୀଘ୍ର ସମସ୍ତ ସଦସ୍ୟ ପଦବୀ ରାଜ୍ୟ ସରକାର ପୂରଣ କରିବେ ବୋଲି ହାଇକୋର୍ଟ ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆସନ୍ତା ଜୁଲାଇ ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଶିଶୁ ଅଧିକାର ସୁରକ୍ଷା ପାଇଁ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗରେ ୬ଟିଯାକ ସଦସ୍ୟ ପଦବୀ ଖାଲି ପଡ଼ିଥିଲା। ଏଥିରେ ଜଣେ ଅଧ୍ୟକ୍ଷ ଓ ୬ ଜଣ ସଦସ୍ୟ ରହିବାର ବ୍ୟବସ୍ଥା ରହିଛି। ୨୦୨୨ ଅକ୍ଟୋବର ୧୪ରେ ଆୟୋଗର ଅଧ୍ୟକ୍ଷା ନିଯୁକ୍ତି ପାଇଥିବାବେଳେ ସବୁ ସଦସ୍ୟ ପଦ ଖାଲି ପଡ଼ିଥିଲା। ସଦସ୍ୟ ପଦ ଖାଲି ହେବାର ୧୮୦ ଦିନ ମଧ୍ୟରେ ତାହା ପୂରଣ ହେବା କଥା। ହେଲେ ଏଠାରେ ତାହା କରାଯାଇ ନ ଥିଲା। ପୁଣି ଆୟୋଗର କୌଣସି ବୈଠକରେ ନିଷ୍ପତ୍ତି ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଶାଇ ୪ ଜଣଙ୍କ କୋରମ ବାଧ୍ୟତାମୂଳକ ରହିଛି। ସଦସ୍ୟଙ୍କ ଅଭାବରୁ କୌଣସି ବୈଠକର ନିଷ୍ପତ୍ତି ନିଆଯାଇପାରୁନାହିଁ। ଏଥିସହ ଗତ ଜାନୁୟାରୀ ୩୧ ତାରିଖ ସୁଦ୍ଧା ୨୩୭୨ ମାମଲା ଆୟୋଗରେ ବିଚାରାଧୀନ ରହିଛି। ଏହାବାଦ୍ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ମୂଲ୍ୟବାନ୍ ସେବା ଯୋଗାଉଥିବା ଏକ ସଂସ୍ଥା। ଏଥିରେ କୌଣସି କୋର୍ଟ ଫି ଲାଗେନାହିଁ। ଓକିଲଙ୍କୁ ନିଯୁକ୍ତ କରିବାର ଆବଶ୍ୟକତା ମଧ ନାହିଁ। କେବଳ ସେତିକି ନୁହେଁ, ନ୍ୟାୟିକ ବ୍ୟବସ୍ଥାରେ ଅଦାଲତର ମାମଲା ଚାପକୁ ହ୍ରାସ କରିବାରେ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁ ଦୃଷ୍ଟିରୁ ତୁରନ୍ତ ଆୟୋଗରେ ସଦସ୍ୟ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ପ୍ରବୀର କୁମାର ଦାସ ଫେବୃୟାରୀ ୮ରେ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହି ମାମଲାର ପ୍ରଥମ ଶୁଣାଣି ଗତ ଫେବୃୟାରୀ ୧୬ରେ ଆୟୋଗର ସ୍ଥିତି ବିଷୟରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ସରକାରଙ୍କ ପକ୍ଷରୁ ସମୟ ନିଆଯାଇଥିଲା। ପୁଣି ମାର୍ଚ୍ଚ ୯ ଶୁଣାଣିରେ ବି ଅଧିକ ସମୟ ନିଆଯାଇଥିଲା। ରାଜ୍ୟ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗର ସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## ୭ଦିନ ବଢ଼ିଲା ରବିଧାନ ସଂଗ୍ରହ ପାଇଁ ଚାଷୀଙ୍କ ନାମ ପଞ୍ଜୀକରଣ ଅବଧି

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ରବିଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଞ୍ଜୀକରଣ ଅବଧି ବଢ଼ିଲା। ପୂର୍ବରୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଅବଧି ରହିଥିଲା। ମାତ୍ର ଏଥର ରାଜ୍ୟ ସରକାର ଆଉ ୭ ଦିନ ବୃଦ୍ଧି କରିଛନ୍ତି। ଅର୍ଥାତ୍ ୨୭ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଇଛି। ସେହିପରି ଚାଷୀ ନାମ ପଞ୍ଜୀକରଣ ପରେ ସୋସାଇଟି ସ୍ତରରେ ଡିଜିଟାଇଜେଶନ ପ୍ରକ୍ରିୟା ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଚାଷୀମାନେ ପାକ୍ସ କିମ୍ବା ସମବାୟ ଅନୁଷ୍ଠାନଗୁଡିକରେ ଧାର୍ଯ୍ୟ ସମୟ ଭିତରେ ନାମ ପଞ୍ଜୀକରଣ କରିପାରିବେ। ଚାଷୀମାନେ ଏହାର ସୁଯୋଗ ନେବାକୁ ମଙ୍ଗଳବାର ଗଣମାଧମ ଜରିଆରେ ଅନୁରୋଧ କରିଛନ୍ତି ବୋଲି ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି।

# ୩ ଶିକ୍ଷକ ନିଲମ୍ବିତ

## ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ତ୍ରୁଟି

ବାରିପଦା ଅଫିସ,୨୧।୩

ମାଟ୍ରିକ୍ ପରୀକ୍ଷା ପରିଚାଳନାରେ ତ୍ରୁଟି କାରଣରୁ ମୟୂରଭଞ୍ଜ ଜିଲାର ୩ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ପରୀକ୍ଷା ଚାଲୁଥିବା ସମୟରେ ଜିଲା ସହକାରୀ ଶିକ୍ଷା ଅଧିକାରୀ ଅଚାନକ ବାରମାଇଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ୨ ଶିକ୍ଷକ ଏକ କୋଠରିରେ ବସିଥିବା ସେ ଦେଖିବାକୁ ପାଇଥିଲେ। ପରିଦର୍ଶନ ସମୟରେ ସେମାନଙ୍କ ନିକଟରୁ ସେ ଦିନରେ ପରୀକ୍ଷା ଥିବା ବିଷୟ ପୁସ୍ତକ ସହିତ ପ୍ରଶ୍ନପତ୍ରର ଉତ୍ତର ପ୍ରସ୍ତୁତ କରାଯାଉଥିବା କିଛି କାଗଜପତ୍ର ମଧ ଦେଖିବାକୁ ପାଇଥିଲେ। ଏହି ଅଭିଯୋଗ ସମ୍ପର୍କରେ ତଦନ୍ତ ପରେ ବାରମାଇଲ ପରୀକ୍ଷା କେନ୍ଦ୍ରର ପରିଚାଳକ ହରିଶ୍ଚନ୍ଦ୍ର ପାଲଙ୍କ ସମେତ ୨ ଶିକ୍ଷକ ବସନ୍ତ କୁମାର ଦତ୍ତ ଓ ଆନନ୍ଦ ଦେଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ସୁପାରିସ କ୍ରମେ ଉକ୍ତ ପରୀକ୍ଷା କେନ୍ଦ୍ରର ପରିଚାଳକ ପାଲଙ୍କୁ ଡିପିଆଇ ନିଲମ୍ବିତ କରିଥିବା ବେଳେ ଅନ୍ୟ ଦୁଇ ଶିକ୍ଷକଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବନ କରିଛନ୍ତି।

## ଟ୍ରକ ପଛରେ ପିଟିହେଲା ପିକ୍‌ଅପ୍ ଭ୍ୟାନ: ୨ ମୃତ

ଯାଁଳା,୨୧।୩(ଡି.ଏନ୍.ଏ.)

୧୬ନମ୍ବର ଜାତୀୟ ରାଜପଥର ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗଙ୍ଗପଡ଼ା ଛକ ପୁରୁଣା ଟୋଲଗେଟ୍ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛରେ ଏକ ପିକ୍‌ଅପ୍ ଭ୍ୟାନ ପିଟିହୋଇଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପଶ୍ଚିମବଙ୍ଗର ବାପା ମିସ୍ତ୍ରୀ (୩୦) ଓ କିନାରାମ୍ ଦାସ୍ (୨୮)। ସୂଚନା ମୁତାବକ, ଗଙ୍ଗପଡ଼ା ଛକ ପୁରୁଣା ଟୋଲଗେଟ୍ ନିକଟରେ ଏକ ମାଲ୍‌ବୋଝେଇ ଟ୍ରକ୍ (ଓଆର୍୦୨ଏଆର୍ ୧୦୬୫) ଛିଡ଼ା ହୋଇଥିଲା। ସକାଳ ପ୍ରାୟ ୭ଟାରେ ଖୋର୍ଦ୍ଧା ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ (ଓଆର୍ ୦୧ କ୍ୟୁ ୦୯୧୧) ଉକ୍ତ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ଭ୍ୟାନରେ ଥିବା ୨ଜଣ ଟ୍ରକ୍ ପଛରେ ଚାପି ହୋଇଯାଇଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ପୋଲିସ ଓ ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି କଟରରେ ଭ୍ୟାନକୁ କାଟିବା ପରେ ସେମାନଙ୍କୁ ଉଦ୍ଧାର କରି ଏମ୍‌ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନଙ୍କ ପରିବାର ବୁଧବାର ଆସିବା ପରେ ବ୍ୟବଚ୍ଛେଦ କରାଯାଇ ହସ୍ତାନ୍ତର କରାଯିବ। ଅନ୍ୟପଟେ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

# ଆସୁଛି ଆଉ ଏକ ପଶ୍ଚିମା ଝଡ଼

**ଆହୁରି ୪ ଦିନ ବର୍ଷିବ**

ଭୁବନେଶ୍ୱର,୨୧।୩(ବ୍ୟୁରୋ)

ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ଲାଗି ରହିଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ କୁଆପଥର ବର୍ଷା ସହ ଝଡ଼ପବନ ଓ ବିଜୁଳି ଘଡ଼ଘଡ଼ି ହୋଇଛି। ମଙ୍ଗଳବାର ଭୁବନେଶ୍ୱରରେ ସର୍ବାଧିକ ୧୯.୨ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଖୋର୍ଦ୍ଧାରେ ୧୫, ଭବାନୀପାଟଣାରେ ୧୨.୨, ଗୋପାଳପୁରରେ ୧୨.୨, କଟକରେ ୧୧.୨, କେନ୍ଦ୍ରାପଡ଼ାରେ ୧୦.୪, ଜଗତସିଂହପୁରରେ ୧୦, ଛତ୍ରପୁରରେ ୯.୬, ପୁରୀରେ ୭.୯, ପାରାଦ୍ୱୀପରେ ୫.୧ ମିମି ବର୍ଷା ହୋଇଛି। ଟ୍ରଫ୍‌ଲାଇନ ପ୍ରଭାବରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୩ ତାରିଖ ବେଳକୁ ଭାରତର ଉତ୍ତର-ପଶ୍ଚିମ ଭାଗକୁ ଆଉ ଏକ ପଶ୍ଚିମା ଝଡ଼ ପ୍ରବାହିତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୋଟିଏ ପଟେ ପଶ୍ଚିମା ଝଡ଼ ପ୍ରଭାବରେ ଖରାଦିନରେ ଆଶ୍ୱସ୍ତି ମିଳୁଥିବାବେଳେ ଅନ୍ୟପଟେ ଚାଷରେ ବ୍ୟାପକ କ୍ଷତି ହୋଇଛି। ଗତ ୪ଦିନ ହେବ ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀ ବର୍ଷା ସହିତ କୁଆପଥର ମାଡ଼ ସବୁ ଚାଷକୁ ନଷ୍ଟ କରିଦେଇଛି। ଧାନ ଠାରୁ ଆରମ୍ଭ କରି ପନିପରିବା, ମକା ମୁଗ, ବିରି ଓ ସୂର୍ଯ୍ୟମୁଖୀ ଫସଲ ନଷ୍ଟ ହୋଇଛି। ଏହି ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡ ଦୋହଲାଇ ଦେଇଛି। ପୁଣି ଏକ ପଶ୍ଚିମା ଝଡ଼ ଆସୁଥିବାରୁ ଚାଷୀକୂଳ ଏବେ ଚିନ୍ତାରେ ପଡ଼ିଛି।

## ମାର୍ଶାଘାଇରେ କାଳବୈଶାଖୀର ତାଣ୍ଡବ

**ଅଗ୍ନିଶମ ଗାଡ଼ିକୁ ପବନ ଠେଲି ନେଇ ବିଲରେ ପକାଇଲା**




ମାର୍ଶାଘାଇ,୨୧।୩(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ କାଳବୈଶାଖୀର ତାଣ୍ଡବ ସାଙ୍ଗକୁ କୁଆପଥର ବର୍ଷା ହୋଇଯାଇଛି। ପ୍ରବଳ ପବନ ଯୋଗୁ ବ୍ଲକ ଅନ୍ତର୍ଗତ ଦରବଛା ନିକଟରେ ଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ଗାଡ଼ିଟି ୫୦ ମିଟର ଠେଲି ହୋଇଯାଇ ବିଲ ଭିତରେ ପଶିଥିଲା। ସେହିପରି ଜୁଣ ଛକ କ୍ରସିଂ ରାସ୍ତାରେ ଯାଉଥିବା ଏକ ଅଟୋ ରିକ୍ସା ମଧ ପବନରେ ବିଲ ଭିତରକୁ ପଶିଯାଇଥିଲା। ଏଥିରେ କାହାର କିଛି ହୋଇନାହିଁ। ମାର୍ଶାଘାଇ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ୩ଟି ପୁରୁଣା ଆମ୍ବଗଛ ଭାଙ୍ଗି ପଡ଼ିବାରୁ ପାଖରେ ଥିବା ୪ଟି ବାଇକ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ପବନ ଫଳରେ ବିଭିନ୍ନ ଦୋକାନରେ ଲାଗିଥିବା ହୋର୍ଡିଂ ଉଡ଼ିଯାଇଥିବା ବେଳେ ଲୋକଙ୍କ ବାଡ଼ି ବଗିଚାରେ ଥିବା ଗଛଗୁଡିକ ଭାଙ୍ଗି ଯାଇଛି।

# ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଅଣସଂଗଠିତ କର୍ମଚାରୀଙ୍କୁ ଚିହ୍ନଟ ମାମଲା**

■ ୧ ମାସ ମଧ୍ୟରେ ରିପୋର୍ଟ ଦେବେ ରାଜ୍ୟ ସରକାର ■ ଜୁଲାଇ ୬ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୧।୩

ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣସଂଗଠିତ କର୍ମଚାରୀଙ୍କୁ ଚିହ୍ନଟ କରିବା ନେଇ ଆଗତ ମାମଲାର ଶୁଣାଣି କରି ଏକ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଏହି କମିଟି ଗଠନ କରାଯିବ। ଏଥିରେ ଶ୍ରମ କମିଶନର, ୩ଟି ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି ସାମିଲ ହେବେ। ମୁଖ୍ୟ ଶାସନ ସଚିବଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସି ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ। ଖବରକାଗଜ ବିକ୍ରେତାଙ୍କଠାରୁ ଆରମ୍ଭ କରି ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କ ପର୍ଯ୍ୟନ୍ତ ଅଣସଂଗଠିତ ଭାବେ କାର୍ଯ୍ୟ କରୁଥିବା ଲୋକଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା, ସୁଯୋଗ ରହିଛି। ସେମାନଙ୍କର ପଞ୍ଜୀକରଣ କରାଗଲେ ସରକାରୀ ସୁବିଧା, ସୁଯୋଗ ସେମାନଙ୍କୁ ମିଳିପାରନ୍ତା। ବର୍ତ୍ତମାନ ସୁଦ୍ଧା ଏହି ପଞ୍ଜୀକରଣ ଖୁବ୍ କମ୍ ରହିଛି। ତେଣୁ ଅଣସଂଗଠିତ କ୍ଷେତ୍ରରେ କେତେଜଣ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି, ସେମାନଙ୍କ ପଞ୍ଜୀକରଣ କିପରି କରାଯିବ, ସାମାଜିକ ସୁରକ୍ଷା ଆଇନ୍ ଅଧୀନରେ ସେମାନଙ୍କୁ କିପରି ସାମିଲ କରାଯିବ ଓ ସେମାନଙ୍କର ଉନ୍ନତି ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯିବା ନେଇ ଏକ ଯୋଜନା ପ୍ରସ୍ତୁତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଆସନ୍ତା ୧ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜୁଲାଇ ୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ଦାଏର ଏହି ମାମଲାକୁ ଆଇନ୍‌ଜୀବୀ ମୃଣାଳିନୀ ପାଢ଼ୀ ପରିଚାଳନା କରୁଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ସ୍ୟାଟ୍ ଉଚ୍ଛେଦ...

ସରକାରଙ୍କ ଅନୁରୋଧକ୍ରମେ ଏକ ଆଡ୍‌ମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ ପ୍ରତିଷ୍ଠା କରିଥାଆନ୍ତି। ଟ୍ରିବ୍ୟୁନାଲ ଗଠନ ପାଇଁ ଉଦ୍ଦିଷ୍ଟ କ୍ଷମତାରେ ଟ୍ରିବ୍ୟୁନାଲ ଉଚ୍ଛେଦ କ୍ଷମତା ମଧ ଅନ୍ତର୍ଭୁକ୍ତ। କେନ୍ଦ୍ର ସରକାର ଓଏଟି ଗଠନ କରିବା ପରେ ଅଧିକାରହୀନ ହୋଇଯାଇନାହାନ୍ତି। ଅନୁଚ୍ଛେଦ ୩୨୩ ଏକ ସାମର୍ଥ୍ୟ ପ୍ରଦାନକାରୀ କ୍ଷମତା, ଯାହାକୁ ବାଧ୍ୟତାମୂଳକ ନିୟମ ବିବେଚନା କରାଯାଇପାରିବ ନାହିଁ। ୨୦୧୯ ଅଗଷ୍ଟ ୨ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ସ୍ୟାଟ୍‌କୁ ଉଚ୍ଛେଦ କରାଯାଇଥିଲା। ଏହା ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲ୍ଲଂଘନ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ସ୍ୟାଟ୍‌ର ଉଚ୍ଛେଦ ନ୍ୟାୟ ପାଇବାର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁନାହିଁ। କାରଣ ଓଡ଼ିଶା ହାଇକୋର୍ଟ ସ୍ୟାଟ୍‌ରେ ଗଡୁଥିବା ମାମଲାଗୁଡ଼ିକର ଶୁଣାଣି କରିବେ ବୋଲି ଖଣ୍ଡପୀଠ କହିଛନ୍ତି।

୨୦୨୨ ସେପ୍ଟେମ୍ବର ୨୧ରେ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶିବଶଙ୍କର ମିଶ୍ର ଯୁକ୍ତି ବାଢ଼ିଥିଲେ ଯେ, ହାଇକୋର୍ଟର ୮ ବିଚାରପତିଙ୍କୁ ବଦଳି ଓ ନୂଆ ସର୍ଭିସ୍ ପ୍ରସଙ୍ଗରେ ଶୁଣାଣି ପାଇଁ ଦାୟିତ୍ୱ ଦିଆଯାଇଛି। ସ୍ୟାଟ୍ ଉଚ୍ଛେଦ ପରେ ହାଇକୋର୍ଟକୁ ୪୯,୮୧୭ ମାମଲା ସ୍ଥାନାନ୍ତର କରାଯାଇଛି। ସେଥିରୁ ୩୮,୦୦୦ ମାମଲାର ଫଇସଲା ହୋଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ୧୯୮୬ ଜୁଲାଇ ୪ରେ କେନ୍ଦ୍ର ସରକାର ସ୍ୟାଟ୍ ପ୍ରତିଷ୍ଠା କରିଥିଲେ। ଆଡ୍‌ମିନିଷ୍ଟ୍ରେଟିଭ୍ ଉଚ୍ଛେଦ ଆଇନ ବଳରେ ସ୍ୟାଟ୍‌କୁ ଉଚ୍ଛେଦ କରିବା ପାଇଁ ୨୦୧୫ରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ୧୯୯୭ରେ ଏଲ୍. ଚନ୍ଦ୍ର କୁମାରଙ୍କ ମାମଲାରେ ସୁପ୍ରିମକୋର୍ଟ ରାୟ ଦେବା ପରେ ଟ୍ରିବ୍ୟୁନାଲ ରାଜ୍ୟର କର୍ମଚାରୀମାନଙ୍କୁ ନ୍ୟାୟ ଦେବାରେ ନିଜ ମୂଳ ଲକ୍ଷ୍ୟ ହାସଲ କରିପାରି ନ ଥିବା ଦର୍ଶାଇ ଓଡ଼ିଶା ସରକାର ଏପରି ପଦକ୍ଷେପ ନେଇଥିଲେ। ୨୦୧୯ରେ ପ୍ରତ୍ୟେକ ଅପିଲକାରୀ ଓଡ଼ିଶା ହାଇକୋର୍ଟରେ ୨୦୧୯ ଅଗଷ୍ଟ ୨ର ରାୟ ସହ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ଖାରଜ କରିବା ପାଇଁ ରିଟ୍ ପିଟିଶନ୍ ଦାଖଲ କରିଥିଲେ। ହାଇକୋର୍ଟ ସେସବୁକୁ ନେଇ ବିରୋଧୀ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ୨୦୨୧ ଜୁନ୍ ୭ରେ ପିଟିଶନ୍‌ଗୁଡ଼ିକୁ ଖାରଜ କରିଦେଇଥିଲେ।

## ଭାରତରେ ମାନବାଧିକାର...

ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିବାର ବର୍ଷକ ପରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ବିସ୍ତୃତ ତଥା ବିଶ୍ଳେଷଣାତ୍ମକ ରିପୋର୍ଟରେ ଦର୍ଶାଯାଇଛି ଯେ, ଭାରତରେ ମୁସଲମାନ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ଧର୍ମୀୟ ସଂଖ୍ୟାଲଘୁମାନଙ୍କ ଉପରେ ହିଂସ୍ର ଆକ୍ରମଣର ଅସଂଖ୍ୟ ଉଦାହରଣ ରହିଛି। ମୁସଲମାନମାନଙ୍କ ଘରଗୁଡ଼ିକୁ ସରକାରଙ୍କ ନେତୃତ୍ୱରେ ଭଙ୍ଗାଯାଉଛି। ବିଦ୍ୱେଷପୂର୍ଣ୍ଣ ଆଇନ ବଳରେ ମୁସଲମାନମାନଙ୍କୁ ଟାର୍ଗେଟ କରାଯାଉଛି। କେନ୍ଦ୍ର ସରକାର ଓ ତାଙ୍କ ଏଜେଣ୍ଟମାନେ ନ୍ୟାୟ ବହିର୍ଭୂତ ହତ୍ୟା କରାଇବା ସହ ନିର୍ଯାତନା ଦେଉଛନ୍ତି। ଥାନା ଓ ଜେଲଗୁଡ଼ିକରେ ପୋଲିସ ତଥା କାରାଗାର ଅଧିକାରୀମାନେ ରାଜନୈତିକ ବନ୍ଦୀ ଓ ଅଟକମାନଙ୍କ ସହ ଅମାନବୀୟ ତଥା ଅପମାନଜନକ ବ୍ୟବହାର କରୁଛନ୍ତି। ଖବରଦାତାମାନଙ୍କୁ ଅକାରଣେ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ଗଣମାଧ୍ୟମ ଉପରେ କଟକଣା ଲଗାଯାଉଛି। ଏଭଳି ମୁସଲମାନ ବିରୋଧୀ କାର୍ଯ୍ୟ ବଢ଼ିଚାଲିବା ଏକଛତ୍ରବାଦୀ ଶାସନର ସଙ୍କେତ। କେନ୍ଦ୍ର ସରକାର ମାନବାଧିକାର କର୍ମୀ ଓ ଖବରଦାତାମାନଙ୍କୁ ଗିରଫ କରିବା ପାଇଁ ଅନେକ ସମୟରେ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ର ଦୁରୁପଯୋଗ କରୁଥିବାରୁ ସିଭିଲ୍ ସୋସାଇଟି ଅର୍ଗାନାଇଜେଶନ୍‌ଗୁଡ଼ିକ ଚିନ୍ତାବ୍ୟକ୍ତ କରୁଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ନରହତ୍ୟା ସମ୍ପର୍କିତ ଧର୍ମୀୟ ହିଂସାର ଅସଂଖ୍ୟ ଦୃଷ୍ଟାନ୍ତ ରହିଥିବା ଉକ୍ତ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୨୦୧୬ରୁ ୨୦୨୧ ମଧ୍ୟରେ ଗୋହତ୍ୟା, ଗୋମାଂସ ବିକିବା ଓ ଖାଇବା, ଧର୍ମୀୟ ଘୃଣା ଆଦି ସନ୍ଦେହରେ ୩୦ରୁ ଊର୍ଦ୍ଧ୍ୱ ଆଦିବାସୀ ଖ୍ରୀଷ୍ଟିଆନ୍ ଓ ମୁସଲମାନଙ୍କୁ ହତ୍ୟା କରାଯାଇଛି ନଚେତ ଭିଡ଼ହିଂସାରେ ପିଟି ପିଟି ଲହୁଲୁହାଣ କରାଯାଇଛି। ରିପୋର୍ଟରେ ମଧ୍ୟପ୍ରଦେଶର ମୁସଲିମ୍ ଚାଷୀ ନାଜିର ଅହମଦଙ୍କୁ ଅଗଷ୍ଟ ୨ରେ ଗୋରୁ ଚାଲାଣ ଅଭିଯୋଗରେ ପିଟି ହତ୍ୟା କରାଯାଇଥିବା ବିଷୟ ମଧ ଉଲ୍ଲେଖ କରାଯାଇଛି। ଏନେଇ ଆଇଏଏମ୍‌ସି ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ରଶିଦ୍ ଅହମଦ କହିଛନ୍ତି, ବ୍ଲିଙ୍କେନ୍‌ଙ୍କ ରିପୋର୍ଟକୁ ଆମେ ପ୍ରଶଂସା କରୁଛୁ। ଭାରତରେ ପ୍ରବଳ ମାନବାଧିକାର ଉଲ୍ଲଂଘନ ହେଉଥିବାରୁ ଏହାକୁ 'କଣ୍ଟ୍ରି ଅଫ୍ ପର୍ଟିକୁଲାର କନ୍‌ସର୍ନ' ଭାବେ ତୁରନ୍ତ ଆଖ୍ୟା ଦିଆଯାଉ।

## ସରକାରୀ ସୁବିଧା ପାଇଁ...

ସରକାରୀ ସୁବିଧା ପାଉଥିଲେ। ସୋମବାର ଗର୍ଭ ଯନ୍ତ୍ରଣା ହେଉଥିବା କହି ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କୌଶଲ୍ୟା ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରିବା ପରେ ସେ ଗର୍ଭବତୀ ନ ଥିବା ଜଣାପଡ଼ିଥିଲା। ମାତ୍ର ଏହାକୁ କୌଶଲ୍ୟା ଏବଂ ତାଙ୍କ ପରିବାର ଲୋକେ ଗ୍ରହଣ ନ କରି ମହିଳାଙ୍କ ଗର୍ଭରୁ ଶିଶୁକୁ କେହି ଚୋରେଇ ନେଇଯାଇଥିବା ଅଭିଯୋଗ କରିଥିଲେ। ପରେ ଘଟଣା ନେଇ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଥାନାରେ ଜଣାଇବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭକରି କୌଶଲ୍ୟାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ତାଙ୍କୁ ଜିଲା ଚିକିତ୍ସାଳୟରେ ପରୀକ୍ଷା କରାଯିବାରୁ ସେ ଗର୍ଭବତୀ ନ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ପଚରାଉଚରା କରିବାରୁ ସେ ସତ ମାନି ଯାଇଥିଲେ। ଏନେଇ ସିଡିଏମ୍‌ଓ ପ୍ରଫୁଲ୍ଲ ନନ୍ଦ କହିଛନ୍ତି, ୨୦୧୭ରୁ ସମ୍ପୃକ୍ତା ମହିଳାଙ୍କ ଫ୍ୟାମିଲି ପ୍ଲାନିଂ ଅପରେଶନ ହୋଇସାରିଛନ୍ତି। ସେ ବର୍ତ୍ତମାନ ଗର୍ଭବତୀ ନ ଥିବା ବେଳେ ସ୍ୱାମୀଙ୍କୁ ମିଛ କହି ଏପରି ମିଥ୍ୟା ନାଟକ କରିଥିଲେ। ତାଙ୍କ ଗର୍ଭରେ କୌଣସି ଛୁଆ ନ ଥିବା ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଆଇନ ଅନୁଯାୟୀ ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସିଡିଏମ୍‌ଓ ନନ୍ଦ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମାଧିପ ରାହୁ ନକ୍ଷତ୍ରସ୍ଥ ଯୋଗୁ ପ୍ରତ୍ୟେକ କାମରେ ଦ୍ୱନ୍ଦ୍ୱ ଓ ଆଶଙ୍କା ଦେଖାଦେବ। ଘର କଥା ହେଉ କିମ୍ବା କର୍ମକ୍ଷେତ୍ର କଥା, ସବୁ କାମ ଗୋଳିଆ ରହିବ। ନିଜ ଲୋକମାନେ ଅସୁବିଧାରେ ପକାଇ ପାରନ୍ତି,ଏଣୁ ସତର୍କ ରହିବା ଭଲ। ଅବଶ୍ୟ ଶୁକ୍ରଙ୍କ ପ୍ରଭାବରେ କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ କୌଣସି ଅସୁବିଧା ରହିବନାହିଁ।

**ବୃଷ**
କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ସଙ୍ଗକୁ ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସଭାସମିତି ଏପରି କି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ। ପାରିବାରିକ ସମସ୍ୟାର ସମ୍ମୁଖୀନ ହେବେ। ତୃତୀୟସ୍ଥ ମଙ୍ଗଳ ହେତୁ ଭ୍ରାତୃ ବିବାଦ ସୃଷ୍ଟି ହୋଇପାରେ।

**ମିଥୁନ**
କେତୁଙ୍କ କୁପ୍ରଭାବରୁ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଅବଶ୍ୟ ବିଭିନ୍ନ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ବିଷୟରେ ଉନ୍ନତ ମାନର ଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ**
ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ପ୍ରଭାବରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବହୁଦିଗରୁ ସମ୍ପର୍କୀୟଙ୍କ ସହଯୋଗ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ସକାଶେ ସମୟ ଲାଗିପାରେ।

**ସିଂହ**
ଆପଣ ନିଜ ଲୋକମାନଙ୍କୁ ଯେତିକି ଖୁସୀରେ ରଖିବାକୁ ଚାହିଁଲେ ମଧ ରଖିପାରିବେନାହିଁ। ଆଜିର ପରିସ୍ଥିତି ଓ ରହୁଥିବା ପରିବେଶର ପ୍ରତିକୂଳତା କାମରେ ଅନ୍ତରାୟ ସୃଷ୍ଟି କରିବ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ କାମ ଅଟକି ରହିବନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଭଲ।

**କନ୍ୟା**
କୌଣସି ପରିସ୍ଥିତିରେ ତରବରିଆ ପଦକ୍ଷେପ ନ ନେଇ ଭାବିଚିନ୍ତି କାମ କରିବା ଭଲ ହେବ। ଅଭାବ ପୂରଣ ସକାଶେ ବହୁ ଚେଷ୍ଟା ପରେ ଋଣ ସୂତ୍ରରେ ଅର୍ଥଲାଭ କରିପାରନ୍ତି। କଠିନ ପରିଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ବୁଝାମଣା ମାଧ୍ୟମରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା**
ବିଭିନ୍ନ ବିଷୟରେ ତର୍କ ଓ ବିବାଦ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରିବ। ଆଳସ୍ୟ ଓ ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅସାବଧାନତା ହେତୁ ହାତ କିମ୍ବା ଗୋଡରେ ଆଘାତ ଲାଗିପାରେ।

**ବିଛା**
ହିତୈଷୀମାନଙ୍କ ସାହାଯ୍ୟ ଓ ସମର୍ଥନ ହେତୁ ଅସୁସ୍ଥ ପରିବେଶକୁ ପ୍ରତିହତ କରିବାରେ ସମର୍ଥ ହେବ। କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଆଜି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅନୁରାଧା ନକ୍ଷତ୍ର ବନ୍ଧୁବିଚ୍ଛେଦ ଜନିତ ମାନସିକ ଅଶାନ୍ତି ମଧ୍ୟରେ ସମୟ କଟାଇବେ।

**ଧନୁ**
କର୍ମଜଞ୍ଜାଳ ବୃଦ୍ଧିଜନିତ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ ମାନସିକ ସୁସ୍ଥତା ରହି ନ ପାରେ। ବନ୍ଧୁଙ୍କ ସହାୟତାରେ ପିଲାଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ନିଜ ଲୋକଙ୍କ ଅସହଯୋଗ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ପରିବାରରେ ଭୁଲ୍ ବୁଝାମଣା କାରଣରୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କୌଣସି ଅସୁବିଧା ହେବ ନାହିଁ। ଶ୍ରବଣା ନକ୍ଷତ୍ର ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କାର୍ଯ୍ୟ ଦକ୍ଷତା ହେତୁ ପଡ଼ୋଶୀମାନେ ଭୁରିଭୁରି ପ୍ରଶଂସା କରିପାରନ୍ତି।

**କୁମ୍ଭ**
ଶତଭିଷା ନକ୍ଷତ୍ରର ମାନସିକ ଚାପ ବୃଦ୍ଧି କର୍ମକ୍ଷେତ୍ରରେ ପ୍ରତିରୋଧ ସୃଷ୍ଟି କରିବ। ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇ ପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନିତ ମଧ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସ୍ଥିତି ସୁଦୃଢ଼ ରହିବ।

**ମୀନ**
ବୁଝାମଣା ଅଭାବରୁ ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ବୁଧବାର, ହିନ୍ଦୁ ନବବର୍ଷ, ବାସନ୍ତିକ ନବରାତ୍ର ଆରମ୍ଭ, ମାର୍ଚ୍ଚ ୨୨ ତାରିଖ, ବିଶ୍ୱ ଜଳ ଦିବସ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରବ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୫୩ମି. ଗତେ ଘ.୦୭.୨୯ମି. ମଧ୍ୟେ, ଘ.୧୦.୨୩ମି. ଗତେ ଘ.୧୧.୨୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁକାଳ।

# ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ହେବ ଓଡ଼ିଶା

■ ଗତବର୍ଷ ରାଜ୍ୟରେ ଚିହ୍ନଟ ହୋଇଥିଲେ ୬୦, ୪୧୪ ଯକ୍ଷ୍ମାରୋଗୀ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

୨୦୨୫ ମସିହା ସୁଦ୍ଧା ଓଡ଼ିଶା ଯକ୍ଷ୍ମାମୁକ୍ତ ରାଜ୍ୟ ହେବ। ଖୁବଶୀଘ୍ର ରାଜ୍ୟର ସମସ୍ତ ବ୍ଲକରେ ଯକ୍ଷ୍ମା ଚିହ୍ନଟ ପାଇଁ ମଲ୍ୟୁଲାର୍ ଡାଇଗ୍ନୋସିସ୍ ମେଶିନ ଉପଲବ୍ଧ ହେବ। ଏ ନେଇ ମଙ୍ଗଳବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୯୦ଟି ମଲ୍ୟୁଲାର ଡାଇଗୋନୋସିସ୍ ମେଶିନ କାମ କରୁଛି। ଯକ୍ଷ୍ମା ରୋଗ ଚିହ୍ନଟ, ଚିକିତ୍ସା, ନିରାକରଣ ଏବଂ ସଚେତନତା ଉପରେ ଗୁରୁତ୍ୱ ଦିଆଯାଉଛି। ଯକ୍ଷ୍ମା ଟେଷ୍ଟିଂ ମାଗଣାରେ କରାଯାଉଛି। ସେହିପରି ମାଗଣାରେ ଔଷଧ ଦିଆଯାଉଛି। ତେଣୁ ଯେଉଁମାନଙ୍କର ଲକ୍ଷଣ ରହୁଛି, ତୁରନ୍ତ ଟେଷ୍ଟିଂ କରନ୍ତୁ। ଦୁଇ ସପ୍ତାହରୁ ଅଧିକ କାଶ ନ ଛାଡ଼ିବା, କଫ ହେବା, ଦୁର୍ବଳ ଲାଗିବା, ଥଣ୍ଡା ଜ୍ୱର ନ ଛାଡ଼ିବା, ଭୋକ ନ ଲାଗିବା ଏହାର ଲକ୍ଷଣ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ରାଜ୍ୟରେ ଯକ୍ଷ୍ମାରୋଗରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ୨୦୧୯ ମସିହାରେ ରାଜ୍ୟରେ ୫୩, ୩୬୮ ଏବଂ ୨୦୨୦ରେ ୪୫, ୬୯୯ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୧ ମସିହାରେ ୫୨, ୫୧୩ ଏବଂ ୨୦୨୨ରେ ୬୦, ୪୧୪ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୧୯ ମସିହାରେ କେବଳ ଭୁବନେଶ୍ୱରରେ ୧,୫୦୪ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧,୩୭୭ ଜଣ ରୋଗମୁକ୍ତ ହୋଇଥିବାବେଳେ ୬୭ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୨୦ରେ ଚିହ୍ନଟ ହୋଇଥିବା ୧,୪୬୨ ଜଣଙ୍କ ମଧ୍ୟରୁ ୧,୩୩୦ଜଣ ଆରୋଗ୍ୟ ଲାଭ କରିଥିଲେ। ୫୩ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୧ରେ ଚିହ୍ନଟ ୧,୯୪୭ଜଣଙ୍କ ମଧ୍ୟରୁ ୧,୬୬୬ ଜଣ ରୋଗମୁକ୍ତ ହୋଇଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବାରିଝୋଲା ଗାଁରେ ହାଡ଼ଫୁଟି ବ୍ୟାପୁଛି

## ୧୨ ଆକ୍ରାନ୍ତ ହେଲେଣି, ଦେଶୀ ଚିକିତ୍ସା ଓ ଗୁଣିଗାରେଡ଼ି ଭରସା

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୨୧।୩

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ ଅନ୍ତର୍ଗତ ବାରିଝୋଲା ଗାଁରେ ପ୍ରାୟ ୧ ମାସ ହେଲା ହାଡ଼ଫୁଟି ବ୍ୟାପିବାରେ ଲାଗିଛି। ସଚେତନତା ଅଭାବରୁ ଆକ୍ରାନ୍ତମାନେ ଡାକ୍ତରୀ ଚିକିତ୍ସା ପରିବର୍ତ୍ତେ ଦେଶୀ ଚିକିତ୍ସା ଓ ଗୁଣିଆଙ୍କୁ ଭରସା କରୁଥିବା ଦେଖାଯାଉଛି। ମାସେ ହେବ ଲୋକେ ଏଥିରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ପାଖରେ ଏ ନେଇ କୌଣସି ଖବର ନ ଥିଲା। ବିଳମ୍ବରେ ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଚିକିତ୍ସା ପରାମର୍ଶ ଦେଇଛନ୍ତି।

ବାରିଝୋଲା କଲେଜ ସାହିଠାରେ ରହୁଥିବା ୭ଟି ପରିବାରରୁ ବର୍ତ୍ତମାନ ସୁଦ୍ଧା ୧୨ ଜଣ ହାଡ଼ଫୁଟିରେ ଆକ୍ରାନ୍ତ ହେଲେଣି। ସେମାନଙ୍କ ମଧ୍ୟରୁ ଅଧିକାଂଶ ୧୮ ବର୍ଷରୁ କମ୍ ବୟସର ପିଲା। ପୂର୍ବରୁ ୮ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଏବେ ୪ ଜଣ ଶିଶୁ ଏହି ରୋଗରେ ପଡ଼ିଛନ୍ତି। ଖବରପାଇ ବାରିଝୋଲା ଅଙ୍ଗନୱାଡ଼ି କର୍ମୀ ଉମାବତୀ ବିଡ଼ିକା ଏବଂ ଆଶା କର୍ମୀ ଏଜୁଲା ବିଡ଼ିକା ପହଞ୍ଚି ଆକ୍ରାନ୍ତଙ୍କୁ ଦେଖିବା ପରେ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଯାଇ ହାଡ଼ଫୁଟି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଡ. ଜ୍ଞାନରଞ୍ଜନ ମହାନ୍ତି ଓ ତାଙ୍କ ଟିମ୍ ୭ ପରିବାରର ସମସ୍ତ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତେବେ ସେମାନଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ବୋଲି ଜଣାପଡ଼ିଛି। ମାସକ ମଧ୍ୟରେ ଉକ୍ତ ପରିବାର ଗାଁକୁ ଯାଇ ଫେରିଥିବା ଡାକ୍ତର ଜାଣିବାକୁ ପାଇଥିଲେ। ତେଣୁ ଶିଶୁମାନଙ୍କୁ ଘରୁ ବାହାରକୁ ନ ଛାଡ଼ିବା, ସେମାନଙ୍କ ଉପଯୁକ୍ତ ଯତ୍ନ ନେବାକୁ ଅଭିଭାବକମାନଙ୍କୁ ବୁଝାଇଥିଲେ। ଏଥିସହିତ ଅନ୍ୟ କାହାକୁ ହାଡ଼ଫୁଟି ହେଲେ ଅନ୍ଧବିଶ୍ୱାସ ଛାଡ଼ି ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନେବାକୁ ସଚେତନ କରିଛନ୍ତି। ଇତିମଧ୍ୟରେ ୪ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷାନିରୀକ୍ଷା କରିବା ପାଇଁ ଡାକ୍ତର ମହାନ୍ତି ତାଙ୍କ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେଠାର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମ୍ପୃକ୍ତ ପରିବାରଗୁଡ଼ିକୁ କହିଛନ୍ତି। ସୂଚନାଯୋଗ୍ୟ, ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ହିଞ୍ଜିଳିକାଟୁର ଏହି ୭ଟି ପରିବାର ଏଠାରେ କୁଡ଼ିଆ ଘର କରି ରହି ଆସୁଛନ୍ତି। ସେମାନେ ଜମି ଲିଜ୍‌ରେ ନେଇ ପନିପରିବା ଚାଷ କରି ତାହାକୁ ବାହାରେ ବିକ୍ରି କରି ଗୁଜରାଣ ମେଣ୍ଟାଉଛନ୍ତି।



ଲୋକଙ୍କୁ ଡାକ୍ତର ସଚେତନ କରୁଛନ୍ତି।

# ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ ଇ-ରିଡିଂ ରୁମ୍

## ରମାଦେବୀ ବିଶ୍ୱବିଦ୍ୟାଳୟରେ ରାଜ୍ୟର ପ୍ରଥମ ଇ-ଲର୍ନିଂ ସେଣ୍ଟର

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ରାଜ୍ୟର ପ୍ରଥମ ଡିଜିଟାଲ ରିଡିଂ ରୁମ୍ 'ବିନୋଦିନୀ ମହାପାତ୍ର ରିଡିଂ କର୍ନର' ଉଦ୍‌ଘାଟିତ ହୋଇଯାଇଛି। 'ମୋ କଲେଜ ଅଭିଯାନ'ର ଅଧ୍ୟକ୍ଷ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରିଡିଂ ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଠପଢ଼ାରେ ଏହି ଇ-ରିଡିଂ ରୁମ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏହି ରୁମ୍‌ରେ ଦୃଷ୍ଟିବାଧିତ ଛାତ୍ରୀଙ୍କ ପାଇଁ 'ଜ' ସଫ୍ଟୱେର ଅଛି। ଏହି ସଫ୍ଟୱେର ମାଧ୍ୟମରେ ସେମାନେ ଅଡିଓ ବୁକ୍ ବାହାର କରି ଶୁଣିପାରିବେ ଏବଂ ପାଠ ମନେ ରଖିପାରିବେ, ଯାହାଦ୍ୱାରା ସେମାନେ ଶିକ୍ଷାଗ୍ରହଣ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରୀ ତଥା କୁଳସଚିବ ଶ୍ୟାମଳୀ ମହାପାତ୍ର ନିଜ ମା' ବିନୋଦିନୀ ମହାପାତ୍ରଙ୍କ ନାମରେ ଏହି ରିଡିଂ ରୁମ୍ ତିଆରି କରିବାକୁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେଇଥିଲେ। ସେ ଦେଇଥିବା ଅର୍ଥର ଦୁଇଗୁଣା ଅର୍ଥ ଅର୍ଥାତ୍ ୨ ଲକ୍ଷ ଟଙ୍କା 'ମୋ କଲେଜ' ପକ୍ଷରୁ ବିଶ୍ୱବିଦ୍ୟାଳୟକୁ ଅନୁଦାନ ଦିଆଯାଇଥିଲା। ଉଭୟ ଅର୍ଥକୁ ମିଶାଇ ସମୁଦାୟ ୩ ଲକ୍ଷ ଟଙ୍କାରେ ଏହି ରିଡିଂ ରୁମ୍ କର୍ନର ତିଆରି କରାଯାଇଛି। ଶ୍ୟାମଳୀ ନିଜ ମା'ଙ୍କ ନାମରେ ଏହି ରିଡିଂ ରୁମ୍ ନିର୍ମାଣ ଲାଗି ଅର୍ଥ ଦାନ କରିଥିବାରୁ ଆକାଶ ତାଙ୍କୁ ଧନ୍ୟବାଦ ଦେଇ କହିଥିଲେ, ରାଜ୍ୟରେ ଥିବା ପ୍ରତ୍ୟେକ କଲେଜ ଏବଂ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ କରିବାକୁ 'ମୋ କଲେଜ ଅଭିଯାନ' ପ୍ରୟାସ କରିଆସୁଛି। ଛାତ୍ରୀଛାତ୍ରଙ୍କ ଜୀବନରେ ଏହି ଅଭିଯାନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଲେ, ଦିବ୍ୟାଙ୍ଗ ଛାତ୍ରୀଙ୍କ ସୁବିଧା ପାଇଁ ଏହି ଇ-ଲର୍ନିଂ ସେଣ୍ଟରରେ ଆମେ ସବୁ ପ୍ରକାର ସୁବିଧା କରିବାକୁ ଯୋଜନା କରୁଛୁ। ଯେଉଁଥିରେ ଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସଫ୍ଟୱେର ଓ ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଶ୍ୟାମଳୀ ମହାପାତ୍ର, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ, 'ଉଇ ଫର୍ ୟୁ'ର ଅଭୟ ମହାନ୍ତି, ପ୍ରଫେସର ଚନ୍ଦ୍ରଶେଖର ଲେଙ୍କା, ଲାଇବ୍ରେରୀ ଇନ୍‌ଚାର୍ଜ ନସିମା ବେଗମଙ୍କ ସମେତ ପ୍ରାୟ ୧୦୦ ଜଣ ଦୃଷ୍ଟିବାଧିତ ଛାତ୍ରୀ ଉପସ୍ଥିତ ଥିଲେ। 'ମୋ କଲେଜ' ସଂଯୋଜିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ।



'ବିନୋଦିନୀ ମହାପାତ୍ର ରିଡିଂ କର୍ନର' ଉଦ୍‌ଘାଟନ ଅବସରରେ 'ମୋ କଲେଜ ଅଭିଯାନ'ର ଅଧ୍ୟକ୍ଷ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

# ଉଦ୍ଧାର ବେଳେ ହରିଣର ମୃତ୍ୟୁ



■ ଛତିଶଗଡ଼ ଜଙ୍ଗଲରୁ ଗାଁ ଭିତରକୁ ଆସିଥିବା ଅନୁମାନ
■ ଗ୍ରାମବାସୀ ଧରିବାକୁ ଚେଷ୍ଟା କରିବାବେଳେ ଦୌଡ଼ିବାରୁ ବିଭିନ୍ନ ସ୍ଥାନରେ କ୍ଷତ

ଉମରକୋଟ, ୨୧।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବନାଞ୍ଚଳ ଅଧୀନ ଖଡ଼କା ଅଞ୍ଚଳରୁ ଏକ ଚିତ୍ରିତ ହରିଣକୁ ଉଦ୍ଧାରକରି ରେଞ୍ଜ ଅଫିସ୍‌କୁ ଆଣାଯାଉଥିବା ବେଳେ ଅଧାରାସ୍ତାରେ ତା'ର ମୃତ୍ୟୁ ଘଟିଛି। ହରିଣର ମୃତଦେହ ବ୍ୟବଚ୍ଛେଦ ପରେ ପୋତାଯାଇଥିବା ସୂଚନା ମିଳିଛି। ମୃତ ହରିଣଟିର ବୟସ ଆନୁମାନିକ ୭ ବର୍ଷ ହେବ ବୋଲି କୁହାଯାଉଛି। ସେ ନିକଟସ୍ଥ ଛତିଶଗଡ଼ ଜଙ୍ଗଲରୁ ଆସିଥାଇପାରେ ବୋଲି ବନ ବିଭାଗ ସୂଚନା ଦେଇଛି।

ମିଳିଥିବା ଖବର ଅନୁଯାୟୀ, ମଙ୍ଗଳବାର ସକାଳେ ଏକ ହରିଣ ମୂର୍ତ୍ତିମା ଜଙ୍ଗଲରେ ବୁଲୁଥିବା ଦେଖି ନିକଟସ୍ଥ ଗ୍ରାମବାସୀ ବନ ବିଭାଗକୁ ଜଣାଇବା ସହ ତାହାକୁ ଧରିବାକୁ ଚେଷ୍ଟା କରିଥିଲେ। ହେଲେ ହରିଣଟି ଦୌଡ଼ି ଦୌଡ଼ି ପ୍ରାୟ ୪ କି.ମି. ଦୂରରେ ଥିବା ଖଡ଼କା ଡ୍ୟାମ୍ ଆଡ଼କୁ ଚାଲିଯାଇଥିଲା। ପରେ ଖଡ଼କା ଜଙ୍ଗଲ ନିକଟରେ ପାଣି ପିଇବା ସମୟରେ ଏକ ଗାତରେ ପଡ଼ିଯାଇଥିଲା। ଗ୍ରାମବାସୀ ଘଟଣା ବିଷୟରେ ଗାର୍ଡ ବବିତା ନାୟକଙ୍କୁ ଫୋନ୍ ଯୋଗେ କହିଥିଲେ। ଖବରପାଇ ଫରେଷ୍ଟର ହରିହର ବ୍ରହ୍ମା ଓ ହରିଲାଲ ନିହାର, ଗାର୍ଡ ବବିତା ନାୟକ, ସୁଧୀର ପଟ୍ଟନାୟକ, ମଙ୍ଗଳ ଗୌଡ଼ ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରିଥିଲେ। ଉକ୍ତ ଟିମ୍ ହରିଣ ଉଦ୍ଧାର ପାଇଁ ଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ସେମାନେ ହରିଣକୁ ଉଦ୍ଧାର କରିଥିଲେ। ଦୌଡ଼ିବା ସମୟରେ ତା'ର ଶରୀର ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ତାହାକୁ ଏକ ଭ୍ୟାନ୍‌ରେ ଉମରକୋଟ ରେଞ୍ଜ ଅଫିସକୁ ନିଆଯାଉଥିଲା। ହେଲେ ଅଧାବାଟରେ ତାହାର ମୃତ୍ୟୁ ଘଟିଥିଲା।

## ହିନ୍ଦୁ ନବବର୍ଷ

# ବର୍ଷ ପ୍ରତିପଦା

**ପ୍ରତିବର୍ଷ ଜାନୁୟାରୀ ୧ରୁ ଇଂଲିଶ ନୂଆ ବର୍ଷ ଆରମ୍ଭ ହେଉଥିବାବେଳେ ହିନ୍ଦୁ ନବବର୍ଷର ତାରିଖ ବଦଳି ଥାଏ। ହିନ୍ଦୁ ନବବର୍ଷ ଚୈତ୍ର ମାସର ପ୍ରତିପଦାରୁ ଆରମ୍ଭ ହୁଏ। ଚଳିତ ୨୦୨୩ ବର୍ଷରେ ଏହା ୨୨ ମାର୍ଚ୍ଚରୁ ଆରମ୍ଭ ହେଉଛି।**

**ଚୈତ୍ର ମାସ** ଶୁକ୍ଳପକ୍ଷ ପ୍ରତିପଦା। ସୃଷ୍ଟିର ପ୍ରାରମ୍ଭ ଦିବସ। ନବସମ୍ବତ୍ସର। ନୂତନ ପତ୍ରପୁଷ୍ପରେ ଧରିତ୍ରୀ ବିମଣ୍ଡିତା। ମାଟିରୁ ଆକାଶଯାଏ ଦିଗେ ଦିଗେ ପ୍ରକୃତିର ହର୍ଷୋଲ୍ଲାସ। ରକ୍ତାରୁଣ ସୂର୍ଯ୍ୟଙ୍କର ରକ୍ତିମ ଆଭାରେ ଆଲୋକିତ ଚଉଦିଗ। ସର୍ବ ପ୍ରିୟଚାରୁତରଂ ବସନ୍ତଂ। ସୃଷ୍ଟିକର୍ତ୍ତା ବ୍ରହ୍ମା ଏହି ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ସୂର୍ଯ୍ୟୋଦୟ ସମୟରେ ସମଗ୍ର ସୃଷ୍ଟି ରଚନା କରିଥିଲେ। ଗ୍ରହ, ନାଗଗଣ, ଋତୁ, ମାସ ଇତ୍ୟାଦି ସମସ୍ତେ ଏହି ମାସରୁ ପ୍ରବର୍ତ୍ତିତ ହୋଇଥିଲେ।

**ଚୈତ୍ରେମାସି ଜଗଦ୍ ବ୍ରହ୍ମା ସସର୍ଜ ପ୍ରଥୋମଃହନି
ଶୁକ୍ଳପକ୍ଷେ ସମଗ୍ରଂ ତୁ ତଥା ସୂର୍ଯ୍ୟୋଦୟେ ସତି
ପ୍ରବର୍ତ୍ତୟା ମାସ ତଦା କାଳସ୍ୟ ଗଣନାମପି**
ଗ୍ରହାନ୍, ନାଗାନ୍, ଋତୁନ୍, ମାସାନ୍, ବତ୍ସରନ୍, ବତ୍ସରାଧିପାନ୍।

ଚୈତ୍ର ମାସ ପ୍ରକୃତିରୂପିଣୀ ଜଗଜ୍ଜନନୀଙ୍କର ଅତି ପ୍ରିୟ ମାସ। ସୃଷ୍ଟି ଚକ୍ରର ପ୍ରଥମ ମାସ। ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି- ମାସାନାଂମାର୍ଗଶୀଃର୍ଷୋହଂ ଋତୁନାଂ କୁସୁମକରଃ।

ବୈଦିକ ଯୁଗର ମନୀଷୀମାନେ କେବେକେବେ ଋତୁକୁ ଓ କେବେକେବେ ମାସକୁ କେନ୍ଦ୍ର କରି ସମ୍ବତ୍ସର ଆରମ୍ଭ କଥା ଉଲ୍ଲେଖ କରିଛନ୍ତି। ଋତୁ ଅନୁସାରେ ପ୍ରତ୍ୟେକ ପ୍ରାଣୀ, ବୃକ୍ଷଲତା ପ୍ରଭୃତିଙ୍କର ଜୀବନଚକ୍ର ନିୟନ୍ତ୍ରିତ ହୋଇଥାଏ। ବୈଜ୍ଞାନିକଙ୍କ ମତରେ ଋତୁ ହିଁ କାଳ। ବେଦରେ ଚନ୍ଦ୍ରଙ୍କୁ ଋତୁର ଦେବତା ଭାବରେ କଳ୍ପନା କରାଯାଇଛି। କିନ୍ତୁ ସୂର୍ଯ୍ୟ ଆଉ ଚନ୍ଦ୍ର ଉଭୟେ ଋତୁସ୍ରଷ୍ଟା। ବୈଦିକ ଆର୍ଯ୍ୟମାନେ ସ୍ୱୀକାର କରିଛନ୍ତି, ସୂର୍ଯ୍ୟଙ୍କର ଋତାଗ୍ନି ଓ ଚନ୍ଦ୍ରଙ୍କର ସୋମରସ ମିଶ୍ରଣରେ ହିଁ ଋତୁ। ରାଧାନାଥଙ୍କର ଚନ୍ଦ୍ରଭାଗା କାବ୍ୟରେ ସୂର୍ଯ୍ୟ କହିଛନ୍ତି "ବର୍ଷ ମାସ ଦିନ ଲତାର ମୁହିଁ ଅଟେ ଅଧୀପ, ଖଟନ୍ତି ଋତୁଏ ସେବକ ପ୍ରାୟେ ମୋର ସମୀପ।" ଶ୍ରୀବିଷ୍ଣୁ ପୁରାଣରେ ବର୍ଣ୍ଣିତ ଦ୍ୱାଦଶ ସୂର୍ଯ୍ୟଙ୍କ ମଧ୍ୟରୁ ପ୍ରଥମ ସୂର୍ଯ୍ୟ ଆଦିତ୍ୟଙ୍କର ଗତି ମଧୁମାସ ଚୈତ୍ରରୁ ହିଁ ଆରମ୍ଭ ହୋଇଥାଏ। ଭାରତ ପାଇଁ ଏହି ଚୈତ୍ରମାସ ହିଁ ପ୍ରକୃତ ସମ୍ବତ୍ସରାରମ୍ଭ ଗଣାଯାଏ। ଯଜୁଃବେଦ ସଂହିତାରେ ଉଲ୍ଲେଖ ଅଛି ମଧୁଶ୍ଚ ମାଧବଶ୍ଚ ବାସନ୍ତିକା। ଶୁକ୍ଳପକ୍ଷ ଧର୍ମକାର୍ଯ୍ୟ ସାଧନ ନିମନ୍ତେ ଅଧିକ ପ୍ରଶସ୍ତ, କାରଣ ଚନ୍ଦ୍ରମା ଏହି ପକ୍ଷରେ ଅଧିକ ମହିମାନିତ୍ୱ ହୁଅନ୍ତି। ସକଳ ପ୍ରାଣୀଙ୍କ ଜୀବନ ଆଧାର ବୃକ୍ଷଲତାଦିକୁ ସୋମରସ ପ୍ରଦାନ କରନ୍ତି ଚନ୍ଦ୍ରମା, ଏଣୁ ଏହାଙ୍କୁ ଔଷଧୀଶ କୁହାଯାଏ। ଚନ୍ଦ୍ର ମଧ୍ୟ ବନସ୍ପତିଙ୍କର ରାଜା। ଚନ୍ଦ୍ର ଶୁକ୍ଳପକ୍ଷରେ ଦେବତାଙ୍କୁ ଏବଂ କୃଷ୍ଣପକ୍ଷରେ ପିତୃଗଣଙ୍କୁ ଅମୃତ ଦାନ କରି ତୁଷ୍ଟ କରନ୍ତି। ଏହିସବୁ କାରଣରୁ ଚୈତ୍ରମାସ ଶୁକ୍ଳପକ୍ଷ ପ୍ରତିପଦା ହିଁ ସମ୍ବତ୍ସର ଆରମ୍ଭ ପାଇଁ ପ୍ରକୃଷ୍ଟ ସମୟ। ଏହି ଦିନଠାରୁ ହିଁ ଭାରତରେ କାଳଗଣନା ପ୍ରାରମ୍ଭ ହୁଏ। ଭାରତର କାଳଗଣନା ବହୁ ପ୍ରାଚୀନ। ବେଦ କାଳରୁ ପୃଥିବୀ, ଚନ୍ଦ୍ର, ସୂର୍ଯ୍ୟ ପାରସ୍ପରିକ ଗତିର ଆଧାରରେ ହୋଇ ଆସୁଅଛି ଏବଂ ମଳମାସ ଦ୍ୱାରା ଚନ୍ଦ୍ର ଓ ସୂର୍ଯ୍ୟଙ୍କର ଗତିର ଅନ୍ତରକୁ ଦୂର କରିବାର ବ୍ୟବସ୍ଥା କରାଯାଇଛି। ଶ୍ରୀମଦ୍ ଭାଗବତରେ ରାଜା ପରିକ୍ଷିତ ମହାମୁନି ଶୁକଦେବଙ୍କୁ ପ୍ରଶ୍ନ କଲେ- କାଳ କ'ଣ ? ଏହାର ସୂକ୍ଷ୍ମତର ଏବଂ ମହତ୍ତର ରୂପଟି କ'ଣ ? ପ୍ରତ୍ୟୁତ୍ତରରେ ଶୁକ ମୁନି କହିଲେ କାଳ ଏକ ଅମୂର୍ତ୍ତ ତତ୍ତ୍ୱ। ଘଟୁଥିବା ଘଟଣା ଏହାର ସ୍ଥିତି ସହ ଆମକୁ ପରିଚିତ କରାଏ। ବିଷୟର ରୂପାନ୍ତର ହିଁ କାଳର ଆକାର। ଏହା ମାଧ୍ୟମରେ କାଳତତ୍ତ୍ୱ ନିଜକୁ ଅଭିବ୍ୟକ୍ତ କରେ। ସେ ଅବ୍ୟକ୍ତରୁ ବ୍ୟକ୍ତ ହୁଏ।



ଏହି ନବବର୍ଷକୁ ଭାରତର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। କର୍ନାଟକ, ତେଲଙ୍ଗାନା, ଆନ୍ଧ୍ର ତଥା ତାମିଲନାଡୁ ଆଦି ପ୍ରଦେଶରେ ଏହି ଦିବସକୁ ଯୁଗାଦି କୁହନ୍ତି। ଯୁଗ ଅର୍ଥାତ ଭାରତୀୟ କାଳଗଣନା ଅନୁସାରେ ସୃଷ୍ଟିର ପ୍ରଥମ ଦିନ। ସୂର୍ଯ୍ୟୋଦୟ ପୂର୍ବରୁ ପବିତ୍ର ସ୍ନାନ, ପ୍ରାର୍ଥନା ପରେ ଯୁଗାଦି ପାଛେଡ଼ି ନାମରେ ଏକ ଭୋଗ ପ୍ରସ୍ତୁତ କରି ଦେବତାଙ୍କୁ ଅର୍ପଣ କରାଯାଏ ଏବଂ ଏହାକୁ ପ୍ରସାଦ ଭାବରେ ସମସ୍ତେ ଗ୍ରହଣ କରନ୍ତି। ମହାରାଷ୍ଟ୍ରରେ ଏହି ପର୍ବ ଗୁଡ଼ିପାଡ଼ୱା ନାମରେ ପରିଚିତ। ଏହିଦିନ ବ୍ରହ୍ମାଙ୍କ ପୂଜନ ହୁଏ ଏବଂ ଏକ ବାଉଁଶର ଅଗ୍ରଭାଗରେ ଗୋଟିଏ ହଳଦୀ ଅଥବା ଭଗବା ରଙ୍ଗର ଟସର ଲୁଗା ବନ୍ଧାଯାଇ ସେଥିରେ ଆମ୍ର ପଲ୍ଲବ, ନିମଫୁଲ ଓ ରକ୍ତ ପୁଷ୍ପର ମାଳ ବନ୍ଧାଯାଏ। ତା' ପରେ ଗୋଟିଏ ନୂତନ କଳସ ଓଲଟାଇ ରଖାଯାଏ। ଏହାକୁ ଗୁଡ଼ି ଅଥବା ବ୍ରହ୍ମଧ୍ୱଜ କୁହାଯାଏ। ଏହା ବିଜୟର ପ୍ରତୀକ। ପାଡ଼ୱା ଅର୍ଥ ପ୍ରତିପଦା। ମହାରାଷ୍ଟ୍ରରେ ଘରେ ଘରେ ଏହିଦିନ ଶ୍ରୀଖଣ୍ଡ ପୁରୀ ନାମକ ଭୋଗ ଲାଗେ ଏବଂ ନବବର୍ଷ ପାଳିତ ହୁଏ। ରାଜସ୍ଥାନ ଏବଂ ହରିୟାଣାରେ ଏହାକୁ ଥାପନା କୁହାଯାଏ। କଶ୍ମୀରରେ ଏହି ପର୍ବ ନୌରୋଜ ଭାବରେ ପାଳନ କରାଯାଏ। ମଣିପୁରରେ ସାଜିବ ନୋଙ୍ଗମା ପନ୍‌ବା ତଥା ନେପାଳରେ ଏହା ନବସମ୍ବତ୍ସର ଭାବରେ ପାଳନ କରାଯାଏ।

ଯୁଧିଷ୍ଠିରଙ୍କର ରାଜ୍ୟାଭିଷେକ, ରାଜା ବିକ୍ରମାଦିତ୍ୟ ଶକମାନଙ୍କ ଉପରେ ବିଜୟ ପ୍ରାପ୍ତ କରି ଶକାବ୍ଦ ପ୍ରଚଳନ କରିଥିଲେ। ସନ୍ଥ ଝୁଲେଲାଲଙ୍କର ଜନ୍ମ। ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ଏହି ତିଥିରେ ହୋଇଥିଲା। ଆମର ସମାଜ ଏବଂ ରାଷ୍ଟ୍ର ଦୃଷ୍ଟିରେ ଏହି ଦିବସ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଅଟେ। ହିନ୍ଦୁ ସମାଜକୁ ସଂଗଠିତ କରି ଏକ ବୈଭବଶାଳୀ ରାଷ୍ଟ୍ରରୂପେ ଗଢ଼ି ତୋଳିବାର କାର୍ଯ୍ୟ ପ୍ରାରମ୍ଭ କରିଥିବା ଯୁଗଦ୍ରଷ୍ଟା ପ. ପୂ. କେଶବ ବଳିରାମ ହେଡ଼ଗେୱାରଙ୍କର ସଂଯୋଗବଶତଃ ଜନ୍ମଦିନ ଅଟେ। ଡକ୍ଟରଜୀ ସଂଘ ସ୍ଥାପନା କରିଥିଲେ।

ପ୍ରତ୍ୟେକ ହିନ୍ଦୁ ହୃଦୟରେ ଉପଯୁକ୍ତ ସଂସ୍କାର, ସମାଜ ପ୍ରତି ଏକାତ୍ମ ହେବା, ସମାଜକୁ ସୁସଂଗଠିତ, ସଂସ୍କାରିତ କରିବା ହେଉଛି ଉତ୍ସବର ଉଦ୍ଦେଶ୍ୟ। ଏହି ନବବର୍ଷରେ ପୁରାତନ ଅଧ୍ୟାୟ ସମାପ୍ତି ହୋଇଥାଏ। ନୂତନ ଅଧ୍ୟାୟ ପ୍ରାରମ୍ଭ ହୋଇଥାଏ। ବ୍ୟକ୍ତି ଜୀବନରେ ଜନ୍ମଦିନ ଯେପରି ଗୁରୁତ୍ୱ ବହନ କରିଥାଏ, ରାଷ୍ଟ୍ର ଜୀବନରେ ମଧ୍ୟ ସେତିକି ମହତ୍ତ୍ୱ ପ୍ରତିପାଦନ କରିଥାଏ। ଯେଉଁ ରାଷ୍ଟ୍ରର ଲୋକ ଚରିତ୍ର ଯେତେ ଶ୍ରେଷ୍ଠ ସେ ରାଷ୍ଟ୍ର ଦୁନିଆରେ ସେତେ ଶ୍ରେଷ୍ଠ। ତେଣୁ ଚରିତ୍ର ନିର୍ମାଣର ଉତ୍ତମ ଅଭ୍ୟାସଗୁଡ଼ିକ ନିଜଠାରୁ ପ୍ରାରମ୍ଭ କରିବା ଏହି ଦିବସର ଧ୍ୟେୟ ହେଉ।

-ଶରତ ଚନ୍ଦ୍ର ସେନ୍
ମୋ:୯୯୩୭୮୭୭୧୫୬

# ବାଘୁଆପାଳ-ବୁଢ଼ାପଙ୍କ ରେଳ ସେକ୍ସନ ନିରୀକ୍ଷଣ କଲେ ମହାପ୍ରବନ୍ଧକ

## ଅନୁଗୋଳ-ସୁକିନ୍ଦା ରେଳଲାଇନ ପ୍ରକଳ୍ପ

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ମଙ୍ଗଳବାର ଅନୁଗୋଳ-ସୁକିନ୍ଦା ରେଳଲାଇନ୍ ପ୍ରକଳ୍ପର ବାଘୁଆପାଳ-ବୁଢ଼ାପଙ୍କ ରେଳ ସେକ୍ସନ ନିରୀକ୍ଷଣ କରିଛନ୍ତି। ସେ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରି ଟ୍ରେନ୍ ଚଳାଚଳ ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ସମୟରେ ପୂର୍ବତଟ ରେଳପଥର ପ୍ରମୁଖ ଅଧିକାରୀଙ୍କ ସହିତ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାୟ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଓ ରେଳ ବିକାଶ ନିଗମ ଲିମିଟେଡ୍‌ର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଅନୁଗୋଳ ଜିଲାର ବୁଢ଼ାପଙ୍କ ଷ୍ଟେଶନ ଏବଂ ଯାଜପୁର ଜିଲାର ସୁକିନ୍ଦା ନିକଟ ବାଘୁଆପାଳ ଷ୍ଟେଶନ ମଧ୍ୟରେ ୯୨.୮୨୫ କି.ମି. ଦୈର୍ଘ୍ୟ ବ୍ରଡ୍‌ଗେଜ୍ ସିଙ୍ଗଲ ବିଦ୍ୟୁତୀକରଣ ରେଳଲାଇନ୍ ସେକ୍ସନ ନିକଟରେ ପଣ୍ୟ ପରିବହନ ଯାତାୟାତ ପାଇଁ ଅନୁମତି ପାଇଛି।

ରେଳ ବିକାଶ ନିଗମ ଲିମିଟେଡ୍ (ଆର୍‌ଭିଏନ୍‌ଏଲ୍) ମାଧ୍ୟମରେ ବୁଢ଼ାପଙ୍କ ଷ୍ଟେଶନ ଓ ବାଘୁଆପାଳ ଷ୍ଟେଶନ(ସୁକିନ୍ଦା) ମଧ୍ୟରେ ସିଙ୍ଗଲ୍ ରେଳଲାଇନ୍ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ଅନୁଗୋଳ-ସୁକିନ୍ଦା ରେଲୱେ ଲିମିଟେଡ୍‌କୁ ଏକ ସ୍ପେଶାଲ ପର୍ପସ୍ ଭେହିକିଲ(ଏସ୍‌ପିଭି) ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ରେଳଲାଇନ୍ ଓଡ଼ିଶାର ଲୁହାପଥର ସମୃଦ୍ଧ ଅଞ୍ଚଳ (ଯୋଡ଼ା-ବଡ଼ବିଲ) ଓ ଅନୁଗୋଳ ଅଞ୍ଚଳରେ ଥିବା ଇସ୍ପାତ ଏବଂ ସ୍ପଞ୍ଜ ଲୁହା ଶିଳ୍ପ ମଧ୍ୟରେ ସିଧାସଳଖ ଲିଙ୍କ୍ ଯୋଗାଇବ। ଏହା ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳର କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରକୁ ତାଳଚେର କୋଇଲା ଖଣି ବେଲ୍ଟ ମଧ୍ୟରେ ଦୂରତ୍ୱ ହ୍ରାସ କରିବ। ଅନୁଗୋଳ ଅଞ୍ଚଳର ଇସ୍ପାତ କାରଖାନା, ନାଲକୋ ଏବଂ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ଅବସ୍ଥିତ ଇଣ୍ଡଷ୍ଟ୍ରିଜ୍ କ୍ଲଷ୍ଟରର ନିକଟବର୍ତ୍ତୀ ହେବ।



ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ଜୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ– ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ– କଷ୍ଟଭୋଗୀ ସତ୍ତା। **–ଶ୍ରୀଅରବିନ୍ଦ**



# ସୁଖ କାହିଁ

ଜାତିସଂଘର ସ୍ଥାୟୀ ବିକାଶ ସମାଧାନ ନେଟ୍‌ୱର୍କ ପକ୍ଷରୁ ପ୍ରକାଶିତ ବିଶ୍ୱ ହାପିନେସ୍ ରିପୋର୍ଟ ୨୦୨୩ରେ ଭାରତ ୧୨୬ ତମ ସ୍ଥାନରେ ଅଛି। ତାଲିକାରେ ଫିନ୍‌ଲାଣ୍ଡ ସବୁଠୁ ସୁଖୀ ଦେଶ ହୋଇଥିବାବେଳେ ଡେନ୍‌ମାର୍କ ଦ୍ୱିତୀୟ ଏବଂ ଆଇସ୍‌ଲାଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି। ପୃଥିବୀର ମୋଟ ୧୯୫ ଦେଶ ମଧ୍ୟରୁ ୧୫୦ ଦେଶରେ ଏହି ସର୍ଭେ କରାଯାଇଛି। ମୁଖ୍ୟତଃ ମୁଣ୍ଡପିଛା ଜିଡିପି, ସାମାଜିକ ସହଯୋଗ, ଉଦାରତା, ସୁସ୍ଥ ଜୀବନ, ସ୍ୱାଧୀନତା ଓ ଦୁର୍ନୀତିକୁ ସର୍ବନିମ୍ନ ମାପଦଣ୍ଡ ଭାବେ ନେଇ ସୁଖୀ ରାଷ୍ଟ୍ର ଚୟନ କରାଯାଇଥାଏ। ଉଲ୍ଲେଖନୀୟ ଯେ, ତାଲିକାରେ ଭାରତ ଏହାର ପଡ଼ୋଶୀ ଦେଶ ନେପାଳ, ଚାଇନା, ବାଂଲାଦେଶ, ପାକିସ୍ତାନ ଓ ଶ୍ରୀଲଙ୍କା ତଳେ ରହିଛି। ବିଗତ ବର୍ଷଗୁଡ଼ିକରେ ପ୍ରକାଶିତ ହାପିନେସ୍ ରିପୋର୍ଟରେ ଭାରତ ବି ପଛରେ ରହିଆସିଛି। ତେବେ ସୂଚକାଙ୍କରେ ଲଗାତର ତଳେ ରହିବାର ଅନେକ କାରଣ ଅଛି। ଦ୍ରୁତ ସହରୀକରଣ, ସହରରେ ବଢୁଥିବା ଭିଡ଼, ଜନସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ ଚିକିତ୍ସାର ମୂଲ୍ୟ ବୃଦ୍ଧି ସହିତ ନିମ୍ନମାନର ସ୍ୱାସ୍ଥ୍ୟସେବା, ପ୍ରଦୂଷଣ ଏବଂ ମହିଳା ଓ ସଂଖ୍ୟାଲଘୁଙ୍କ ବିରୋଧରେ ବଢୁଥିବା ଅପରାଧ ଭାରତୀୟମାନଙ୍କ ଅସୁଖୀ ହେବାର ପ୍ରମୁଖ କାରଣ ବୋଲି ଦର୍ଶାଯାଇଛି। ପ୍ରଦୂଷଣ କ୍ଷେତ୍ରକୁ ଦେଖିଲେ ବିଶ୍ୱର ସବୁଠୁ ପ୍ରଦୂଷିତ ୫୦ଟି ସହର ମଧ୍ୟରୁ ଭାରତରେ ଅଛି ୩୯ଟି। ଏହାବାଦ୍ ସବୁବେଳେ ସାମାଜିକ ଓ ପାରିବାରିକ ବିଷୟରେ ବସୁଧୈବ କୁଟୁମ୍ବକମ୍ କଥା କୁହାଯାଉଥିବାବେଳେ ସାମାଜିକ ସହଯୋଗ କ୍ଷେତ୍ରରେ ଭାରତ ଅତ୍ୟନ୍ତ ଦୁର୍ବଳ। ସେହିଭଳି ବଜେଟକୁ ଅମୃତକାଳ ବଜେଟ ଆଖ୍ୟା ଦିଆଯାଉଛି, ୨୦୪୭ ବେଳକୁ ଭାରତ ବିକଶିତ ଦେଶ ହେବ ବୋଲି ଦାବି କରାଯାଉଥିବାବେଳେ ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦରେ ଏହା ବାଂଲାଦେଶ ଓ ଶ୍ରୀଲଙ୍କା ପଛରେ ଅଛି।

> **ଭାରତରେ ଯଦି ତାହାର ପୁଞ୍ଜିବାଦ ନୀତି ପରିବର୍ତ୍ତେ ସାଧାରଣ ନାଗରିକଙ୍କ ମନରେ ସାମାଜିକ ସହଯୋଗ ସହିତ ଶାନ୍ତିର ପରିବେଶ ସୃଷ୍ଟି କରାଯାଇପାରନ୍ତା, ତେବେ ସୁଖରେ ବଞ୍ଚିବା ସମ୍ଭବପର ହୋଇପାରନ୍ତା। ଦୁଃଖର ବିଷୟ ଯେ, ଭାରତ କିଛି ଦଶନ୍ଧି ହେବ କେବଳ ପୁଞ୍ଜିବାଦ ଚିନ୍ତାଧାରାରେ ଲିପ୍ତ ରହୁଥିବାରୁ ସୁଖ ହ୍ରାସ ପାଉଛି।**

ସୁଖୀ ହେବା ଲାଗି ଆଇନ ଶାସନର ଗୁରୁତ୍ୱ ରହିଛି। କିନ୍ତୁ ଭାରତରେ ଏହାର ଅଧୋଗତି ଦେଖିବାକୁ ମିଳୁଛି। କାରଣ ଏଠାରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଅପବ୍ୟବହାର ହେଉଛି। ତତ୍‌ସହିତ ମହିଳା ଓ ଶିଶୁଙ୍କ ପ୍ରତି ଅତ୍ୟାଚାର ବୃଦ୍ଧିପାଉଛି। ନାଗରିକମାନଙ୍କ ବାକ୍ ତଥା ଧର୍ମୀୟ ଓ ବୃତ୍ତିଗତ ସ୍ୱାଧୀନତାରେ ବାଧା ସୃଷ୍ଟି କରାଯାଉଛି। ଜନଗଣନା ବନ୍ଦ ରହିଥିଲେ ମଧ୍ୟ ଚଳିତ ବର୍ଷ ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ ହେବାକୁ ଯାଉଛି। ଭାରତର ଜନସଂଖ୍ୟାର ବୃହତ୍ ଭାଗ ହେଉଛନ୍ତି କୃଷକ। ନିଯୁକ୍ତି ଅପେକ୍ଷାରେ ରହିଛନ୍ତି ବିରାଟ ଯୁବଶକ୍ତି। କିନ୍ତୁ ବେରୋଜଗାର ବଢ଼ିବା ସହିତ କୃଷିଭିତ୍ତିକ ନିଯୁକ୍ତି ହ୍ରାସ ପାଇବାରେ ଲାଗିଛି। ତେବେ ଅସୁଖୀର ବାସ୍ତବତାକୁ ସ୍ୱୀକାର କରି ସମାଧାନ ପାଇଁ ବାଟ କରିବା ଦରକାର। ସୁଖୀ ସୂଚକାଙ୍କରେ ଦେଶର ସ୍ଥିତିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ କରିବା ପରିବର୍ତ୍ତେ ନାଗରିକଙ୍କ ମନରେ ବିଶ୍ୱାସ ଏବଂ ଶାନ୍ତିର ମାନସିକତା ସୃଷ୍ଟି କରିପାରିଲେ ଦେଶର ସ୍ଥିତି ଆପଣାଛାଏଁ ଉନ୍ନତ ହୋଇପାରିବ।

ଯେଉଁ ଦେଶରେ ଲୋକେ ସୁଖରେ ଅଛନ୍ତି ବୋଲି ସୂଚକାଙ୍କରେ ଦର୍ଶାଯାଇଛି ସେଗୁଡ଼ିକୁ ଅନୁଧ୍ୟାନ କଲେ ତନ୍ମଧ୍ୟରୁ ଅଧିକାଂଶ ଶିଳ୍ପ, ବ୍ୟବସାୟ କିମ୍ବା ପୁଞ୍ଜିବାଦରେ ଲିପ୍ତ ନୁହନ୍ତି ; ଯେଉଁଥିପାଇଁ ଆମେରିକା, ଜର୍ମାନୀ ଭଳି ଦେଶ ସର୍ବାଗ୍ରରେ ନାହାନ୍ତି। ଭାରତରେ ଯଦି ତାହାର ପୁଞ୍ଜିବାଦ ନୀତି ପରିବର୍ତ୍ତେ ସାଧାରଣ ନାଗରିକଙ୍କ ମନରେ ସାମାଜିକ ସହଯୋଗ ସହିତ ଶାନ୍ତିର ପରିବେଶ ସୃଷ୍ଟି କରାଯାଇପାରନ୍ତା, ତେବେ ସୁଖରେ ବଞ୍ଚିବା ସମ୍ଭବପର ହୋଇପାରନ୍ତା। ଦୁଃଖର ବିଷୟ ଯେ, ଭାରତ କିଛି ଦଶନ୍ଧି ହେବ କେବଳ ପୁଞ୍ଜିବାଦ ଚିନ୍ତାଧାରାରେ ଲିପ୍ତ ରହୁଥିବାରୁ ସୁଖ ହ୍ରାସ ପାଉଛି। ମଣିଷ ଯେତିକି ବସ୍ତୁବାଦୀ ହେବ ସେତିକି ଅଶାନ୍ତ ହେବ। ତେବେ ସବୁ ଦିଗରେ ଆମେ ପଛରେ ରହୁଥିବାବେଳେ ସୁଖ ଖୋଜିବା ବୋକାମି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | | | | |
| | 4 | | | | 3 | | | |
| | | | | | 5 | | | 7 |
| 2 | | | 9 | | | | | 1 |
| | | 9 | 3 | | 7 | 4 | | |
| | 5 | | | 1 | 6 | | | |
| 3 | 9 | 2 | | | | | | |
| 7 | | | | | | | 6 | |
| | | 6 | | 9 | 8 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 3 | 7 | 8 | 5 | 2 | 9 |
| 8 | 2 | 3 | 9 | 4 | 5 | 7 | 1 | 6 |
| 9 | 5 | 7 | 1 | 2 | 6 | 8 | 4 | 3 |
| 3 | 8 | 6 | 5 | 9 | 2 | 4 | 7 | 1 |
| 4 | 9 | 2 | 7 | 8 | 1 | 6 | 3 | 5 |
| 7 | 1 | 5 | 4 | 6 | 3 | 2 | 9 | 8 |
| 6 | 4 | 9 | 8 | 3 | 7 | 1 | 5 | 2 |
| 5 | 3 | 8 | 2 | 1 | 4 | 9 | 6 | 7 |
| 2 | 7 | 1 | 6 | 5 | 9 | 3 | 8 | 4 |

ଗତକାଲିର ଉତ୍ତର

# ପରିବର୍ତ୍ତନ ତ୍ୱରାନ୍ୱିତ ପାଇଁ ଆହ୍ୱାନ


ଡ. ପ୍ରମୋଦ କୁମାର ପଣ୍ଡା


ଡ. ଅର୍ଜ୍ଜମାଦତ୍ତ ଷଡ଼ଙ୍ଗୀ

ଆଜି ବିଶ୍ୱ ଜଳ ଦିବସ। ମିଳିତ ଜାତିସଂଘର ସାଧାରଣ ପରିଷଦ ୧୯୯୨ରେ ମାର୍ଚ୍ଚ ୨୨ ତାରିଖକୁ ପ୍ରତିବର୍ଷ ସମଗ୍ର ପୃଥିବୀରେ ବିଶ୍ୱ ଜଳ ଦିବସ ରୂପେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରିଥିଲେ। ତଦନୁସାରେ ୧୯୯୩ ମସିହାରୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ବିଶ୍ୱ ଜଳ ଦିବସ ପାଳନ କରିଆସୁଛନ୍ତି। ସମାଜର ସବୁ ବର୍ଗର ଲୋକଙ୍କୁ ଜଳ ସମସ୍ୟା ବିଷୟରେ ସଚେତନ କରାଇ, ଜଳ ସମ୍ପଦର ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଧ୍ୟାନ ଦେବା, ବିଶ୍ୱ ଜଳ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ପ୍ରତିବର୍ଷ ଏହି ଦିବସର ଏକ ଥିମ୍ ବା ମୁଖ୍ୟ ବାର୍ତ୍ତା ଥାଏ, ଯାହାକୁ କେନ୍ଦ୍ର କରି ଚର୍ଚ୍ଚା, ପ୍ରଚାର ପ୍ରସାର ଓ କାର୍ଯ୍ୟକ୍ରମ ଖସଡା ପ୍ରସ୍ତୁତ ହୋଇଥାଏ। ଏ ବର୍ଷର ବିଶ୍ୱ ଜଳ ଦିବସର ବାର୍ତ୍ତା ହେଉଛି ଜଳ ଓ ପରିମଳ ସମସ୍ୟା ସମାଧାନ ପାଇଁ ପରିବର୍ତ୍ତନ ତ୍ୱରାନ୍ୱିତ ଆହ୍ୱାନ। ଅର୍ଥାତ୍ ଜଳ ଓ ପରିମଳ ସମସ୍ୟା ସମାଧାନ ପାଇଁ ଆମର ବର୍ତ୍ତମାନର ଜଳ ବ୍ୟବହାର ପଦ୍ଧତିର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବା। ପୃଥିବୀର ବିଭିନ୍ନ ଭାଗରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଆମ ଦେଶରେ ମଧ୍ୟ ବିଭିନ୍ନ ଭାଗରେ ଜଳ ସମସ୍ୟା ମୁଣ୍ଡ ଟେକିଲାଣି। କେତେକ ରାଜ୍ୟରେ କ୍ରେନ ଓ ଟ୍ୟାଙ୍କର ଯୋଗେ ଖରାଦିନେ ପାନୀୟ ଜଳଯୋଗାଣ କରାଯାଉଛି। ଓଡ଼ିଶାରେ ମଧ୍ୟ ବିଭିନ୍ନ ଜିଲାରେ ଗୁରୁତର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ସମସ୍ତେ ଯଦି ଏହି ସମସ୍ୟାର ସମାଧାନ ପାଇଁ ଜଳ ସଂରକ୍ଷଣ ଓ ତା'ର ସଦୁପଯୋଗ ଉପରେ ଧ୍ୟାନ ନ ଦିଅନ୍ତି, ତା'ହେଲେ ଆଗାମୀ ଦିନରେ ଏହା ଆହୁରି ଉତ୍କଟ ରୂପ ଧାରଣ କରିବ । ଏବେ ଆମ ଦେଶର କେତେକ ସ୍ଥାନରେ ଭୂତଳ ଜଳସ୍ତର କ୍ରମଶଃ କମିଯିବାରୁ ଖରାଦିନେ କୂଅ ଓ ନଳ କୂପରେ ପାଣି ଆସୁନାହିଁ। କେନାଲ ଜଳସେଚିତ ଅଞ୍ଚଳର ଦୁଇ ପାର୍ଶ୍ୱରେ ଅତ୍ୟଧିକ ଜଳ ଯୋଗୁ କୌଣସି ପ୍ରକାର ଫସଲ ଉତ୍ପାଦନ ସମ୍ଭବ ହୋଇପାରୁ ନାହିଁ। ସମୁଦ୍ର ଅଞ୍ଚଳର ଲୁଣା ମଧ୍ୟ ଧୀରେ ଧୀରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ପ୍ରବେଶ କରିବାରେ ଲାଗିଲାଣି। ଜଳବାୟୁ ପରିବର୍ତ୍ତନଜନିତ ବିଭ୍ରାଟ ଯୋଗୁ ଅଳ୍ପ ସମୟରେ ମାତ୍ରାଧିକ ବୃଷ୍ଟିପାତ ଓ ବର୍ଷା ଋତୁରେ ଉତ୍କଟ ମରୁଡ଼ି ଭଳି ସ୍ଥିତି ଉତ୍ପନ୍ନ ହେଉଛି। କୃଷି କ୍ଷେତ୍ରରେ ଚାଷୀମାନେ ଜଳ ସଞ୍ଚୟକାରୀ ଜଳସେଚନ ବ୍ୟବହାର ପରିବର୍ତ୍ତେ ବୁଡ଼ା ଜଳସେଚନ ପଦ୍ଧତି ବ୍ୟବହାର କରୁଛନ୍ତି। ତେଣୁ ଆମ ସମସ୍ତଙ୍କୁ ଜଳ ଅପଚୟ ବ୍ୟବହାର ପଦ୍ଧତିରେ ପରିବର୍ତ୍ତନ କରିବାକୁ ପଡ଼ିବ। ସେହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ବିଶ୍ୱ ଜଳ ଦିବସ ଆହ୍ୱାନ ଦେଉଛି। ସମାଜର ସମସ୍ତ ନାଗରିକଙ୍କୁ ପରିଷ୍କାର ପରିମଳ ଯୋଗାଇବା ପାଇଁ ପର୍ଯ୍ୟାପ୍ତ ଜଳର ଆବଶ୍ୟକତା ଅଛି।

ବିଶ୍ୱ ଜଳ ଦିବସ ପାଳନ ଆମର ଯୋଜନାକାରୀ, ପ୍ରଶାସକ, ଗବେଷକ, ଛାତ୍ରସମାଜ, କୃଷକ ଓ ସମାଜର ସମସ୍ତ ନାଗରିକଙ୍କୁ ଏକାଠି କରି ଜଳ ସମସ୍ୟାର ସମାଧାନ ଉପରେ ଖସଡ଼ା ପ୍ରସ୍ତୁତ ଏବଂ ତା'ର କ୍ରିୟାନ୍ୱୟନ ପାଇଁ ଏକ ସୁଯୋଗ ସୃଷ୍ଟି କରୁଛି। ଯଦିଓ ପୃଥିବୀର ସମୁଦାୟ ଭୂଭାଗରେ ଶତକଡ଼ା ୭୧ ଭାଗ ଜଳସମ୍ପଦରେ ପରିପୂର୍ଣ୍ଣ, ମାତ୍ର ସେଥି ମଧ୍ୟରୁ ସିଂହ ଭାଗ ଅର୍ଥାତ୍ ଶତକଡ଼ା ୯୭.୩ ଭାଗ ଲବଣାକ୍ତ ଜଳ ଓ ମାତ୍ର ୨.୭ ଭାଗ ମଧୁର ଜଳ। ଅଳ୍ପ କିଛି ହେନ୍ତାଳ ଜାତୀୟ ବୃକ୍ଷ, ସାମୁଦ୍ରିକ ଜଳ ଜୀବ ଓ ସାମୁଦ୍ରିକ ପକ୍ଷୀକୁ ଛାଡ଼ିଦେଲେ, ସଂପୂର୍ଣ୍ଣ ମାନବ ସମାଜ, ପଶୁପକ୍ଷୀ ଓ ଉଦ୍ଭିଦଜଗତ ଲବଣାକ୍ତ ଜଳରେ ବଞ୍ଚିବା କଷ୍ଟକର। ତେଣୁ ମଧୁର ଜଳର ମହତ୍ତ୍ୱ କେତେ ଆମେ ସହଜରେ ଅନୁମାନ କରିପାରିବା। ବିଶ୍ୱର ସମୁଦାୟ ମଧୁର ଜଳର ଶତକଡ଼ା ୮୮ ଭାଗ ଜୀବଜଗତ ପାଇଁ ଅନୁପଲବ୍ଧ ୭୭% ଗ୍ଲେସିୟର ବରଫ ଖଣ୍ଡ ଓ ମେରୁ ବରଫ ଖଣ୍ଡରେ ଆବଦ୍ଧ ଥାଏ, ଯାହା କେବେ ତରଳେ ନାହିଁ ଓ ଶତକଡ଼ା ୧୧ ଭାଗ ଭୂପୃଷ୍ଠର ୮୦୦ ମିଟର ତଳେ ଥାଏ ; ଯାହାକୁ ବର୍ତ୍ତମାନର ଉପଲବ୍ଧ ଜ୍ଞାନ କୌଶଳ ଉପଯୋଗ କରି ଉତ୍ତୋଳନ କରିବା ସମ୍ଭବ ନୁହେଁ। ସମୁଦାୟ ମଧୁର ଜଳର ମାତ୍ର ୧୨ ଭାଗ ଆମ କାମରେ ଲାଗିଥାଏ।

**ବିଶ୍ୱ ଜଳ ଦିବସ ଉପଲକ୍ଷେ**



ତା' ଛଡ଼ା ସମୁଦ୍ର ଜଳରୁ ମଧୁର ଜଳ ପ୍ରସ୍ତୁତି ଅତ୍ୟନ୍ତ ବ୍ୟୟ ସାପେକ୍ଷ ; ଯଦ୍ୱାରା ଏତେ ଦାମ୍ ଦେଇ ଜଳ ଉପଯୋଗ କରିବା ନାଗରିକଙ୍କ ପକ୍ଷେ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ଆମେ ବିନା ମୂଲ୍ୟରେ ପ୍ରଚୁର ମଧୁର ଜଳ ବର୍ଷା ରୂପରେ ପାଇଥାନ୍ତି। ତା'ର ସଂରକ୍ଷଣ ଓ ସଦୁପଯୋଗ କାହିଁକି ନ କରିବା ? ବିଶ୍ୱର ହାରାହାରି ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ପ୍ରାୟ ୭୦୦୦ ଘନ ମିଟର। ଗ୍ରହଣୀୟ ମାନକ ହିସାବରେ ଯଦି କୌଣସି ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୨୦୦୦ ଘନ ମିଟର ରହେ, ତା' ହେଲେ ସେ ଦେଶ ଜଳ ସମ୍ପଦରେ ସ୍ୱଚ୍ଛଳ ବୋଲି ଧରାଯାଏ। ମାତ୍ର ତାହା ହ୍ରାସ ପାଇ ୧୭୦୦ ଓ ୧୦୦୦ ଘନ ମିଟର ତଳକୁ ଗଲେ ସେ ଦେଶ ଯଥାକ୍ରମେ ଜଳକ୍ଲିଷ୍ଟ ଓ ଜଳସଙ୍କଟରେ ଥାଏ ବୋଲି ବିବେଚନା କରାଯାଏ। ତଦନୁସାରେ ଆମ ଦେଶର ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ୧୯୫୧ ମସିହାରେ ୫୧୭୭ ଘନ ମିଟର ଥିଲାବେଳେ, ଜନସଂଖ୍ୟା ବୃଦ୍ଧି ଯୋଗୁ ତାହା କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ୧୫୦୦ ଘନ ମିଟରରେ ପହଞ୍ଚିଛି, ଯାହା କି ଜଳକ୍ଲିଷ୍ଟ ଅବସ୍ଥାକୁ ହାସଲ କରିଛି। ଯଦିଓ ଆମେ ବାର୍ଷିକ ହାରାହାରି ୧୨୦୦ ମିଲିମିଟର ବୃଷ୍ଟିପାତ ପାଉଛନ୍ତି, ମାତ୍ର ରାଜସ୍ଥାନର ଜୈସାଲମେର ଜିଲାରେ ସର୍ବନିମ୍ନ ହାରାହାରି ବାର୍ଷିକ ୨୦୯ ମିଲିମିଟର ବୃଷ୍ଟିପାତ ହୁଏ ଓ ମେଘାଳୟର ମୌସିନରାମ ଗ୍ରାମରେ ସର୍ବାଧିକ ୧୧୮୭୨ ମିଲିମିଟର ବର୍ଷା ହୁଏ। ଦୁଃଖର ବିଷୟ, ଜଳ ସଂରକ୍ଷଣ ଅଭାବ ହେତୁ ମେଘାଳୟରେ ମଧ୍ୟ ଅଣ ମୌସୁମୀ ଦିନରେ ଜଳାଭାବ ଦେଖାଯାଇଥାଏ। ଆମ ରାଜ୍ୟର ବିଭିନ୍ନ ଆଭ୍ୟନ୍ତରୀଣ ଓ ପାହାଡିଆ ଜିଲାରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଯଦିଓ ଆମେ ବର୍ଷକୁ ୧୫୦୦ ମିଲିମିଟରର ବର୍ଷା ପାଉଛନ୍ତି। ଏକ ହିସାବ ଅନୁସାରେ ୨୦୫୦ ବେଳକୁ ଆମ ଦେଶକୁ ସର୍ବମୋଟ ୧୪୪୭ ବିସିଏମ୍ (ବିଲିୟନ କ୍ୟୁବିକ ମିଟର) ଜଳ ଆବଶ୍ୟକ ; ଯାହା କି ଆମ ଦେଶର ମୋଟ ଜଳ ଉପଲବ୍ଧତାଠୁ ୩୨୪ ବିସିଏମ୍ ଅଧିକ। କୃଷି କ୍ଷେତ୍ରକୁ ସେ ସମୟରେ ୧୦୭୨ ବିସିଏମ୍ ଜଳ ଆବଶ୍ୟକ ହେବ, ଯାହା କି ସମୁଦାୟ ଜଳ ଆବଶ୍ୟକତାର ୭୪%। କୌଣସି ଦେଶ ନିଜ ଜଳ ସମ୍ପଦର ୭୪ ଭାଗ ଜଳ କୃଷି କ୍ଷେତ୍ରକୁ ଦେଇପାରିବେ ନାହିଁ, ଅନ୍ୟାନ୍ୟ କ୍ଷେତ୍ର ଯଥା ଘରୋଇ, ଶିଳ୍ପ, ଶକ୍ତି ଆଦି କ୍ଷେତ୍ରର ଆବଶ୍ୟକତାକୁ କମ୍ କରି। ତେଣୁ ଆମକୁ କମ୍ ଜଳରେ ଅଧିକ ଉତ୍ପାଦନ ହୋଇପାରୁଥିବା ଜ୍ଞାନ କୌଶଳକୁ ଉପଯୋଗ କରିବାକୁ ପଡ଼ିବ। ଇତିହାସ କହେ ସିନ୍ଧୁ ନଦୀ କୂଳରେ ପ୍ରାଚୀନ କାଳରେ ସୁନ୍ଦର ବିକଶିତ ସଭ୍ୟତା ଥିଲା। ମାତ୍ର ଜଳ ସମ୍ପଦର ଠିକ୍ ବିନିଯୋଗ ନ କରିପାରିବାରୁ ତାହା କ୍ରମଶଃ ଲୋପ ପାଇଗଲା। ବର୍ତ୍ତମାନ କେଉଁଠି ଭୂତଳ ଜଳ ଶୁଖିଗଲାଣି ତ ଆଉ କେଉଁଠି ସମୁଦ୍ରର ଲୁଣ ପାଣି ଭିତର ଗାଁ ଜଳକୁ ଲବଣାକ୍ତ କଲାଣି । କେଉଁଠି ଭୂତଳ ଜଳରୁ ମାରାତ୍ମକ ଆର୍ସେନିକ ଓ ଫ୍ଲୋରାଇଡ ବାହାରିଲାଣି। ତେଣୁ ସମାଜର ସବୁ ବର୍ଗର ଲୋକ ଜଳ ସମସ୍ୟାର ଗମ୍ଭୀରତାକୁ ଉପଲବ୍ଧ କରି ତାର ସଂରକ୍ଷଣ ଓ ସଦୁପଯୋଗ ଉପରେ ଧ୍ୟାନ ଦେବାକୁ ପଡିବ। କୃଷି କ୍ଷେତ୍ରରେ କମ ଜଳ ଉପଯୋଗ ପାଇଁ ପାରଦର୍ଶୀ ସିଞ୍ଚନ ଓ ବୁନ୍ଦା ଜଳସେଚନ ପ୍ରଣାଳୀକୁ ଲୋକାଦୃତ କରିବାକୁ ପଡିବ। ଆମକୁ ଅଧିକ ସଂଖ୍ୟକ ନଦୀବନ୍ଧ ଯୋଜନା, ଚେକ୍ ଡ୍ୟାମ୍, ଗଡ଼ିଆ, ପୋଖରୀ ଆଦିକୁ ନିର୍ମାଣ କରିବାକୁ ହେବ ; ଯାହାଦ୍ୱାରା ବର୍ଷାଜଳ ସଂରକ୍ଷଣ ଓ ଭୂଜଳ ସ୍ତର ବୃଦ୍ଧି ହୋଇପାରିବ। ପୁରୁଣା ଜଳାଶୟରୁ ପଙ୍କ ଉଦ୍ଧାର କରି ତା'ର ବର୍ଷାଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁ ପଡିବ। ସେଥିପାଇଁ ଆମକୁ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ହେବ। ବିଶେଷ କରି ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ କୃଷକମାନଙ୍କୁ ଏହି ଅଭିଯାନରେ ସାମିଲ କରିବାକୁ ପଡ଼ିବ। ଆସନ୍ତୁ ଏକ ଶପଥ ନେବା – ଜଳର ସଦୁପଯୋଗ କରିବା, ତା'ର ଅପଚୟ ରୋକିବା ଏବଂ ଆଗାମୀ ଦିନରେ ସମସ୍ତଙ୍କ ପାଇଁ ଜଳ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ପରିବର୍ତ୍ତନ ଆହ୍ୱାନକୁ ସ୍ୱୀକାର କରିବା।

**ଆଇସିଏଆର– ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ**

# ବନ୍ଧୁତ୍ୱରେ ବ୍ୟବସାୟ ଗଣିତ



ଶୁଭନାରାୟଣ ଶତପଥୀ

ନିଃସ୍ୱାର୍ଥପରତା, ସମର୍ପଣ ଭାବନା, ତ୍ୟାଗ ଓ ସଦା ସଦିଚ୍ଛାରେ ଭରା ବନ୍ଧୁତାରେ ଭଙ୍ଗା॥ କଥାଟା ଅଦ୍ଭୁଆ ଲାଗୁଥିଲେ ମଧ୍ୟ ସାମ୍ପ୍ରତିକ ସମାଜର ଅପ୍ରିୟ ସତ୍ୟ ହେଉଛି ବନ୍ଧୁତ୍ୱରେ ବ୍ୟବସାୟ। ବନ୍ଧୁଙ୍କୁ ନେଇ ଆଲେଖ୍ୟ, କବିତା, ଉପନ୍ୟାସର ପାହାଡ ସୃଷ୍ଟି ହୋଇଛି ସତ କିନ୍ତୁ ବନ୍ଧୁତ୍ୱରେ ହିସାବନିକାଶ ଦିନକୁ ଦିନ ବଢିବାରେ ଲାଗିଛି ବୋଲି ଅସ୍ୱୀକାର କରିହେବ ନାହିଁ। ପାରସ୍ପରିକ ନିବିଡ ସ୍ନେହ ଓ ସମ୍ପର୍କ ସାମାନ୍ୟ ମନୋମାଳିନ୍ୟରେ ତୁଟିଯାଉଛି। ଭାରତୀୟ ପୁରାଣଶାସ୍ତ୍ର ବର୍ଣ୍ଣିତ ଶ୍ରୀକୃଷ୍ଣ ଓ ସୁଦାମା, କର୍ଣ୍ଣ ଓ ଦୁର୍ଯ୍ୟୋଧନ, ମାତା ସୀତା ଓ ତ୍ରିଜଟାଙ୍କ ମଧ୍ୟରେ ସମ୍ପର୍କ ହେଉଛି ବନ୍ଧୁତ୍ୱର ଶ୍ରେଷ୍ଠ ନିଦର୍ଶନ। ଏଠି ବିଶେଷତ୍ୱ ହେଉଛି ରକ୍ତଗତ ସମ୍ପର୍କ ନ ଥାଇ ମଧ୍ୟ ବନ୍ଧୁତ୍ୱର ବନ୍ଧନ ଶିଖର ସ୍ପର୍ଶ କରିଛି। ଆଜି ମଧ୍ୟ ଶିଶୁମାନଙ୍କୁ ଏ ସୁନ୍ଦର ବନ୍ଧୁତ୍ୱର ଲୋରି, ଗଳ୍ପ ଶୁଣାଯାଉଛି। କିନ୍ତୁ ବିଡମ୍ବନା ଆଧୁନିକ ଯୁଗରେ ମଣିଷର ମସ୍ତିଷ୍କ ଯେତିକି ବିକଶିତ ହେଉଛି, ବନ୍ଧୁ ସମ୍ପର୍କର ଗ୍ରହଣୀୟତା ଭିନ୍ନ ରୂପ ନେଉଛି। ଭଲ ହେବା ପରିବର୍ତ୍ତେ ବଡହେବାର ମାନସିକତା ବନ୍ଧୁତ୍ୱର ପରିଭାଷାକୁ ଦୁର୍ବଳ କରୁଛି। ଗୁଆ ଦେଇ ହେଉ ବା କାର୍ଡ, ବନ୍ଧୁତ୍ୱରେ ମଜଭୁତ ସମ୍ପର୍କ କ୍ୱଚିତ ଦେଖିବାକୁ ମିଳୁଛି। ସାମ୍ପ୍ରତିକ ବନ୍ଧୁତ୍ୱ ବାର୍ତ୍ତା ଦେଉଛି ସ୍ୱାର୍ଥପୂର୍ଣ୍ଣ ନ ହେଲେ ସାଙ୍ଗ ମୂଲ୍ୟହୀନ, ଭଲ ହେଉ ବା ଖରାପ ଅନ୍ୟର ଆଶା ପରିପୂର୍ଣ୍ଣ କରିବାରେ ସହଯୋଗ କରିବା ହିଁ ଅନ୍ତରଙ୍ଗ ସମ୍ପର୍କ। ଅଦିଆକୁ ଦୁଆରଦିଆ ହିଁ ବନ୍ଧୁତ୍ୱରେ ହିସାବନିକାଶର ମୂଳଦୁଆ। କାରଣ ସ୍ୱାର୍ଥ ସର୍ବଶ୍ରେଷ୍ଠ ବୋଲି ମାନିନେବାରୁ ଏପରି ହେଉଛି, ଯେଉଁଥିପାଇଁ ବନ୍ଧୁତ୍ୱରେ ହିସାବନିକାଶ ସବୁଠାରୁ ବଡପଣକିଆରେ ପରିଣତ। ଏହି ହିସାବନିକାଶ ପରମ୍ପରାଗତ, ଅସ୍ଥିମଜାଗତ ହେବାରେ ଲାଗିଛି। ସେ ଯେତିକି ଦେଇଛି ତା' ପାଇଁ ସେତିକି ପ୍ରତିଦାନ ହିଁ ବନ୍ଧୁତ୍ୱର ଗଣିତ। ଏଠି ଧୈର୍ଯ୍ୟ, ପରୋପକାର, ସହନଶୀଳତା, ଆନ୍ତରିକତା ବଳିପଡୁଛି। ମୂଲ୍ୟ ବଦଳରେ ମୂଲ୍ୟ, ଗୁଆ ବଦଳରେ ଗୁଆ, କାର୍ଡ ବଦଳରେ କାର୍ଡ, କୁହା ବଦଳରେ କୁହା, ନାହିଁ ବଦଳରେ ନାହିଁରେ ସୀମିତ ସମ୍ପର୍କ। ଏହା ହିଁ ସାମ୍ପ୍ରତିକ ବନ୍ଧୁତ୍ୱରେ ସର୍ବାଧିକ ଗ୍ରହଣୀୟତା। ଯେଉଁଥିପାଇଁ ସାହିଭାଇ, ସହୋଦର, ସଖା, ପ୍ରିୟ, ସାଙ୍ଗ, ବନ୍ଧୁର ଅର୍ଥ ବଦଳୁଛି। ଆଗକୁ କ'ଣ ହେବ ତାହା ଅନିଶ୍ଚିତ, କିନ୍ତୁ ବନ୍ଧୁତ୍ୱ ଏବେ ବ୍ୟବସାୟିକ ଗଣିତରେ ପରିଣତ।

ବିବାହ, ବ୍ରତ, ଶୁଦ୍ଧିକ୍ରିୟା, ଜନ୍ମଦିନରେ ବନ୍ଧୁ ଖୋଜା ପଡୁଛି। ବିପଦ ସମୟରେ ବନ୍ଧୁ କେତେଦିନ ଯାଏ ସମ୍ପର୍କ ନିର୍ବାହ କରୁଛି, ସହଯୋଗର ହାତ ବଢାଉଛି ତାହା ସମସ୍ତେ ଜାଣନ୍ତି। ଦେଇଥିଲେ ପାଇରେ ସନ୍ତୁଷ୍ଟି ପ୍ରକାଶ ଛଡା ଆଉ ଉପାୟ ନାହିଁ। ଏଥିରୁ ବିଚ୍ୟୁତ ମଣିଷ ବନ୍ଧୁତ୍ୱ ଏକ ଇତିହାସ ବୋଲି ଧରିନେଉଛି। ଆନୁଗତ୍ୟ, ଅନୁଗ୍ରହ, ବିଶ୍ୱାସ, କୃତଜ୍ଞତାର ମୂଲ୍ୟ କମୁଛି ଓ ଦେବା ପରେ ଆଶା ରଖୁଛି ବନ୍ଧୁ। କାରଣ ନିଶ୍ଚିତ କ'ଣ ତାହା



ବନ୍ଧୁ ଅଙ୍ଗେ ନିଭାଉଛି। ନିରାଶାରେ ଭରା ଜୀବନ ବନ୍ଧୁର ସ୍ୱପ୍ନରେ ପରିଣତ ହେଉଛି। ବନ୍ଧୁତ୍ୱରେ ବର୍ତ୍ତମାନ ଭଙ୍ଗା ପଡୁଥିବାର ଲକ୍ଷ୍ୟ କରାଯାଉଛି।

ଅଧୁନା ଘଟିଥିବା ଏକ ଘଟଣା ହେଉଛି ଯୁକ୍ତ୨ ପଢୁଥିବା ପୁଅ ଗୋପାଳ। ଚାଷକାମ କରି ତା'ର ବାପା ଘର ଚଳାଉଥିଲେ। ସମୟ ସବୁବେଳେ ସମାନ ନ ଥାଏ। ସର୍ବାଙ୍ଗବାତର ଶିକାର ହୋଇ ବାପା ଆଠବର୍ଷ ଶଯ୍ୟାଶାୟୀ ହୋଇ ରହିବା ଭିତରେ ପରିବାର ନାନାଦି ଅସୁବିଧା ଦେଇ ଗତିକଲା। ଯେମିତି କି ଜଣେ ରୋଜଗାର ବ୍ୟକ୍ତି ରୋଗାକ୍ରାନ୍ତ ହେବା ପରେ ପରିବାର ଅଭାବ ଅନଟନ ଦେଇ ଗତି କରେ ତାହା ହିଁ ହେଲା। ଏମିତି କି ଔଷଧ କିଣିବାକୁ ମଧ୍ୟ ପାଖରେ ପଇସା ନ ଥିଲା। ଏପଟେ ରୋଗୀ ସେବାରେ ଗୋପାଳ ମାଆଙ୍କର ଦିନରାତି ସମାନ ହୋଇଯାଉଥାଏ। ସ୍ଥିତି ଏମିତି ଯେ ଗୋପାଳ ନା ପାଠ ପଢିପାରୁଛି ନା ରୋଜଗାର କରି ପରିବାର ଚଳାଇବାରେ ସକ୍ଷମ ହୋଇଛି। ଏପରିସ୍ଥିତିରେ ବନ୍ଧୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ବାସ୍ତବ ଚିତ୍ର ଓଲଟା। ଏପରିସ୍ଥିତିରେ ବନ୍ଧୁମାନେ ନିକଟ ହେବା ପରିବର୍ତ୍ତେ ଦୂରେଇଯିବାକୁ ଲାଗିଲେ। ଏ ସମୟରେ ସେମାନଙ୍କ ସହଯୋଗ ଛାଡ, ସାନ୍ତ୍ୱନା ମିଳିବା କ୍ଷୀଣ ହେଲା। ଏତେ କଷ୍ଟ ପରେ ବି ଗୋପାଳର ବାପା ବଞ୍ଚିଲେ ନାହିଁ। ଗୋପାଳର ମାଆ କହୁଥାନ୍ତି ଭଲହେଲା ବାପା ଚାଲିଗଲେ। ତେବେ ବର୍ତ୍ତମାନ ଶୁଦ୍ଧିକ୍ରିୟାର ପାରମ୍ପରିକ ଓ ଆନୁଷ୍ଠାନିକ ପର୍ବପାଳନ। ସାହିଭାଇଙ୍କୁ ଖାଇବାକୁ ଦେବାକୁ ପଡିବ, ତୁଠ ପାଇଁ ଲୁଗାପଟା, କ୍ରିୟାକର୍ମ ପାଇଁ ଜିନିଷ ତଥା ପୁରୋହିତ ଓ ଅନ୍ୟାନ୍ୟ ଖର୍ଚ୍ଚପ୍ରକ୍ରିୟା। ଏଥିପାଇଁ ଗୋପାଳ ନିକଟରେ ଅର୍ଥ ଆସିବ କେଉଁଠୁ? ପୁଣି ଏସବୁ ସାମାଜିକ ଧରାବନ୍ଧା, ନ ହେଲେ ନ ଚଳେ। ଅଦିଆକୁ ଦୁଆରଦିଆ ନ୍ୟାୟରେ ଗୋପାଳ ଭାରାକ୍ରାନ୍ତ। ବାପା ଥିଲାବେଳେ ଗୋପାଳ ବନ୍ଧୁତ୍ୱର ପରିଭାଷା ଦେଖିଛି ଆଉ ଏବେ ବିପଦରେ ପଡି ଦେଖୁଛି ବନ୍ଧୁର ବନ୍ଧୁତ୍ୱକୁ। ଶେଷରେ ଅନନ୍ୟୋପାୟ ହୋଇ ପରିବାରର ଦୁଃଖସୁଖରେ ଠିଆ ହେଉଥିବା କ୍ଷେତ ଖଣ୍ଡିକୁ ବିକ୍ରିକଲା। ବନ୍ଧୁ, ସାହିଭାଇ, ପରିଜନଙ୍କୁ ଖାଇବାକୁ ଦେଲା, ଲୁଗା ପିନ୍ଧାଇଲା, କ୍ରିୟାକର୍ମ ବି କଲା। ଏବେ ଗୋପାଳର ଗୋଟିଏ ଲକ୍ଷ୍ୟ ଭଲ ମଣିଷଟିଏ ହେବ ଏବଂ ପରିବାର ଭରଣପୋଷଣ କରିବାକୁ ଅଣ୍ଟାଭିଡିବ। ତେବେ ଏହାପରେ ଗୋପାଳର ପାଠରେ ଡୋରି ଲାଗିବନି ତ? ଗୋପାଳ କ'ଣ ସତରେ ପରିବାର, ସମାଜ, ପରିବେଶକୁ ନେଇ ସରଳ ଓ ଜଟିଳ ସ୍ଥିତିରେ ଚଳିବା ଓ ଚଳାଇବାରେ ସକ୍ଷମ ହୋଇସାରିଲାଣି? ଏ ବନ୍ଧୁତ୍ୱରୁ ସେ କ'ଣ ଶିଖିଲା? ଭବିଷ୍ୟତରେ ସେ ଅନ୍ୟ ସହିତ ବନ୍ଧୁତ୍ୱ କେମିତି ନିର୍ବାହ କରିବ। ସେ କ'ଣ ଭଲ ବନ୍ଧୁଟିଏ ହୋଇପାରିବ। ଭବିଷ୍ୟତରେ ଗୋପାଳ ବନ୍ଧୁମାନଙ୍କୁ ସେହିପରି ଆଚରଣ କରିବନି ତ ଯାହା ତା' ସହିତ ଘଟିଲା, ଅର୍ଥାତ୍ ବନ୍ଧୁତ୍ୱରେ ବ୍ୟବସାୟ ଗଣିତ। ମନରେ ଏବେ ଅନେକ ପ୍ରଶ୍ନ ଆମ ପାଇଁ ଆମର ବନ୍ଧୁତ୍ୱ ପାଇଁ। ଏ ଆତ୍ମସମୀକ୍ଷା ସାମ୍ପ୍ରତିକ ସମାଜରେ ବିପଦରେ ପଡିଥିବା ବନ୍ଧୁର ସ୍ୱାର୍ଥ ପାଇଁ। ବିଚାର ବ୍ୟକ୍ତିଗତ ହୋଇପାରେ କିନ୍ତୁ ସାମାଜିକ ଓ ସାମୂହିକ ପ୍ରଭାବ ହେଉଛି ଏହାର ନିଷ୍କର୍ଷ। କିଏ କହିବ ଗୋପାଳ ସ୍ଥାନରେ କାଲି ଆଉ କିଏ ଥିବ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ: ୯୪୩୮୪୩୨୦୨୩**

## ଏଇ ଭାରତରେ

ତାମିଲନାଡୁର ଇଞ୍ଜିନିୟର ଅରବିନ୍ଦ ଆର.ପି. ଚାକିରି ଛାଡ଼ି କୃଷିରେ ଉନ୍ନତି ଆଣିବା ଲାଗି ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ସେ ରହୁଛନ୍ତି କୋଏମ୍ବାଟୁରରେ ଏବଂ ସେ କର୍ଲସୁରହି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ତାକୁ ଛାଡ଼ି ଏବେ ପିତାଙ୍କ ଆବାସିକ ସ୍କୁଲରେ ବିଭିନ୍ନ କିସମର ପରିବା ଚାଷ କରୁଛନ୍ତି। କେବଳ ଏତିକି ନୁହେଁ ସେ ବହୁ କିସମର ବିହନ ସଂଗ୍ରହ କରି ଏକ ସିଡ୍‌ବ୍ୟାଙ୍କ କରିଛନ୍ତି। ଆବାସିକ ସ୍କୁଲରେ ପିଲାମାନଙ୍କୁ ପୌଷ୍ଟିକ ଖାଦ୍ୟ ଯୋଗାଇବା ତାଙ୍କ ଚାଷର ମୂଳ ଲକ୍ଷ୍ୟ। ପିଲାମାନଙ୍କୁ ମଧ୍ୟ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ଆଖପାଖ ଚାଷୀମାନଙ୍କୁ ବିଭିନ୍ନ କିସମର ବିହନ ବି ଯୋଗାଇ ଦେଉଛନ୍ତି। ସେ ଏବେସୁଦ୍ଧା ୭୦ ପ୍ରକାର ବାଇଗଣ, ୨୦ ପ୍ରକାର ଭେଣ୍ଡି ଏବଂ ୨୮ କିସମର ଟମାଟୋ ଏବଂ ୨୦ ପ୍ରକାର ବିମ୍ବ ମଞ୍ଜି ସିଡ୍‌ବ୍ୟାଙ୍କରେ ରଖିଛନ୍ତି। ଅରବିନ୍ଦ ଇଞ୍ଜିନିୟରିଂରେ ଡିଗ୍ରୀ ପରେ ଜର୍ମାନୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସ୍କୁଲରେ ଥିବା ୧୦୦ରୁ ଅଧିକ ପିଲାଙ୍କ ପାଇଁ ସେ ବର୍ଷକୁ ୨,୦୦୦ କେ.ଜି. ପରିବା ଉତ୍ପାଦନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୨ ମାର୍ଚ୍ଚ ୧୯୯୮**

- ଶ୍ରୀଲଙ୍କାର ପୂର୍ବାଞ୍ଚଳ ଆମ୍ପାରାଇ ଜିଲା ଅନ୍ତର୍ଗତ ଏକ ଜଙ୍ଗଲ ମଧ୍ୟରେ ଶ୍ରୀଲଙ୍କା ସେନା ଓ ତାମିଲ ଗେରିଲାଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୬ ଗେରିଲା ସମେତ ୨୨ ନିହତ।
- ଯୋଜନା କମିଶନର ଉପାଧ୍ୟକ୍ଷ ଭାବେ ଭାଜପାର ବରିଷ୍ଠ ନେତା ଯଶୱନ୍ତ ସିଂଙ୍କୁ ନିଯୁକ୍ତି ପ୍ରଦାନ।
- ବିଶିଷ୍ଟ ଅର୍ଥନୀତିଜ୍ଞ ଏବଂ ଭାରତୀୟ ରିଜର୍ଭବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ବି.ଏନ୍. ଆଦରକରଙ୍କ ୮୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

କେବେ ବା ଆଷାଢ଼ ପହିଲା ଦିବସେ
ତରୁଣ ତରୁଣୀ ପୀରତି ଗାଥା
ଦୂରେ ଦୂରେ ରହି ଫିଟୁଥିଲା କେତେ
ନବ ଜୀବନର ନୂତନ ଖାତା

–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବାଧିଲାଣି

ମହାଶୟ,

ବାରମ୍ବାର ଗ୍ୟାସ ଦର ଲଗାତର ଭାବେ ବଢି ଚାଲିଛି। ଏଭଳି ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ବାଧୁଛି । ଏହା ହାଣ୍ଡିଶାଳ ଉପରେ ଏକ ଚଡ଼କ । ତିନି ତରକାରି ଚାରି ଭଜା ତିଆରି କରି ଦି'ଟା ଭଲରେ ଖାଇବା ଆଉ ସମ୍ଭବ ହେବନାହିଁ । ସତରେ ପେଟ ଉପରେ ଏଭଳି ନାତ ମାରିଲେ ମଣିଷ ଯାହା ହୁଏ, ସେତେବେଳେ ତାକୁ କେହି ଆୟତ୍ତ କରିପାରିବେନି। ଏବେ ସାଧାରଣ ଲୋକଙ୍କ ପାଇଁ ଦର ବୃଦ୍ଧି ଅସହ୍ୟ ହୋଇଗଲାଣି । ସେମାନେ ଠିକଣା ସମୟରେ ଜବାବ ଦେବେ ।

**– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୫ରେ ହେବ ଆଳି ବାର୍ ଆସୋସିଏଶନ ନିର୍ବାଚନ

ଆଳି,୨୧।୩ (ଡି.ଏନ.ଏ.): ଆଳି ବାର ଆସୋସିଏଶନର ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଇତିମଧ୍ୟରେ ନାମାଙ୍କନ, ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଯାଞ୍ଚ କାର୍ଯ୍ୟ ଶେଷ ହୋଇ ଚୂଡାନ୍ତ ତାଲିକା ପ୍ରକାଶ ପାଇ ସାରିଛି। ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିଜ ନିଜର ପ୍ରଚାରକୁ ଜୋରଦାର କରିବାରେ ଲାଗି ପଡ଼ିଛନ୍ତି। ଚଳିତ ନିର୍ବାଚନରେ ଯୁଗ୍ମ ସମ୍ପାଦକ ପଦରେ ଅଣାକର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ପଦରେ ଭିକାରୀ ଚରଣ ସାମଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ନିମନ୍ତେ ପୂର୍ବତନ ସଭାପତି ଚିରଞ୍ଜୀବୀ ଦାସ, ବସନ୍ତ ନାୟକ ଓ କ୍ଷୀରୋଦ ପରିଡା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଉପସଭାପତି ପଦବୀରେ ଅଜୟ ସେଠୀ ଓ ମୃତ୍ୟୁଞ୍ଜୟ ସାମଲ, ସମ୍ପାଦକ ପଦରେ ନୃସିଂହ ଦୀକ୍ଷିତ ଓ ଅକ୍ଷୟ କୁମାର ମଲ୍ଲିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସହ ସମ୍ପାଦକ ପଦରେ ପ୍ରତିଭା ପାତ୍ର ଓ ସୂର୍ଯ୍ୟମଣୀ ସାମଲ, ପାଠାଗାର ସମ୍ପାଦକ ଭାବେ ସୁଶାନ୍ତ ଦୀକ୍ଷିତ ଓ ପ୍ରମୋଦ ସ୍ୱାଇଁ ନିର୍ବାଚନ ନିମନ୍ତେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶରତ ମହାନ୍ତି ଓ ରାଧାକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି।

### ବାରବାଟୀ ଯଜ୍ଞ, ଧର୍ମ ମହାସଭା ପାଇଁ ପ୍ରସ୍ତୁତି

ଚଣ୍ଡିଖୋଲ,୨୧।୩(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇସ୍ଥିତ ବାରବାଟୀ ପଡ଼ିଆରେ ଆସନ୍ତା ୩୦ତାରିଖରୁ ଆରମ୍ଭ ହେବ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା। ଏହା ୭ ଦିନ ଧରି ଚାଲିବ। ଏପ୍ରିଲ ୬ ତାରିଖରେ ପୂର୍ଣ୍ଣାହୁତି କରାଯିବ ବୋଲି ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଧୁସନ୍ଥଙ୍କ ସମ୍ମିଳନୀ କରାଯାଇ ପ୍ରବଚନ ଓ ଭଜନ ସନ୍ଧ୍ୟା କରାଯିବ। ଏଥିରେ ବହୁ ବିଶିଷ୍ଟ ପ୍ରବଚକମାନେ ଯୋଗଦେଇ ଧର୍ମ ଶାସ୍ତ୍ର ଉପରେ ପ୍ରବଚନ ପ୍ରଦାନ କରିବେ। ଏ ନେଇ ସୋମବାର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରତିକାନ୍ତ ସାମଲ, ବୈନେତାୟ ଦାସ, କବି ଅଶୋକ କୁମାର ସାମଲ, ଅବସରପ୍ରାପ୍ତ ଡିଏଫ୍ଓ ଅଲେଖ ଚନ୍ଦ୍ର ସାମଲ, ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ଓଳାଶୁଣୀ ଗୁମ୍ଫା ମଠ ମହନ୍ତ ନାମନନ୍ଦ ଦାସ, ପ୍ରସନ୍ନ କୁମାର ପରିଡା ପ୍ରମୁଖ ବହୁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାରବାଟୀ ଆଞ୍ଚଳିକ ସାଂସ୍କୃତିକ ଗୋଷ୍ଠୀ କେନ୍ଦ୍ର ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ଯଜ୍ଞରେ ୧୪ ପଞ୍ଚାୟତର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ଆଜି ଶ୍ରୀମନ୍ଦିରରେ ୪ଘଣ୍ଟା ଦର୍ଶନ ବନ୍ଦ

#### ମହାପ୍ରଭୁଙ୍କ ବନକ ଲାଗି ନୀତି



ପୁରୀ ଅଫିସ,୨୧।୩: ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଏହା ଗୁପ୍ତ ନୀତି ହୋଇଥିବାରୁ ବୁଧବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ତେଣୁ ଏହି ୪ଘଣ୍ଟା ସମୟ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ଉତ୍ତାରେ ଏହି ନୀତି ଅନୁଷ୍ଠିତ ହୁଏ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗ ଯଥା କସ୍ତୁରି, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ରଙ୍ଗର ବ୍ୟବହାର କରାଯାଇଥାଏ। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହେବ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ନାହାନ୍ତି ସ୍ୱତନ୍ତ୍ର ଶିକ୍ଷକ

**ରସୁଲପୁର ବ୍ଲକ୍**

- ପ୍ରହସନ ପାଲଟିଛି ୧୧୫ ବିଦ୍ୟାଳୟରେ ୨୪୦ ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ




ରସୁଲପୁର,୨୧।୩(ଡି.ଏନ.ଏ.): ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନରେ ୨୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ୧୧୫ଟି ବିଦ୍ୟାଳୟରେ ୨୪୦ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ହେଲେ ସେସବୁ ବିଦ୍ୟାଳୟଗୁଡ଼ିକରେ ତାଲିମପ୍ରାପ୍ତ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ଏ ଦିଗରେ ରହିଆସୁଥିବା କୋର୍ଟ ନିର୍ଦ୍ଦେଶକୁ ରାଜ୍ୟ ସରକାର ପାଳନ କରୁ ନ ଥିବାରୁ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ଶିକ୍ଷକ ନିଯୁକ୍ତି ହୋଇପାରୁ ନାହିଁ। ଏଭଳି ସ୍ଥିତିରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା କେବଳ ପ୍ରହସନରେ ପରିଣତ ହୋଇଛି। ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ଅକ୍ଷମଙ୍କୁ ସକ୍ଷମ କରିବା ପ୍ରୟାସ କେବଳ କାଗଜକଲମ ଓ ଭାଷଣରେ ସୀମିତ ରହିଥିବା ମତପ୍ରକାଶ ପାଇଛି।

ଶିକ୍ଷା ମୌଳିକ ଅଧିକାର ପରିସରଭୁକ୍ତ ହୋଇଛି। ଏହି ମାଧ୍ୟମରେ ସର୍ବଶିକ୍ଷା ଅଭିଯାନ ପରେ ଏବେ ସମଗ୍ର ଶିକ୍ଷା ଓ ଅନ୍ତଃର୍ନିହିତ ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେଉଛି। ସେହି ଆଧାରରେ ସବୁବର୍ଗର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଆସୁଛି। ଦିବ୍ୟାଙ୍ଗ ପିଲାଙ୍କୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରି-ପାଇମେରି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପ୍ରାଇମେରି ବର୍ଗରେ ବିଭକ୍ତ କରାଯାଇଛି। ଏହି ବର୍ଗର ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିଦେଇ ଜୁଲାଇ, ୨୦୨୧ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଆସିଥିବା ନିର୍ଦ୍ଦେଶ ମୁତାବକ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟନରତ ୧୦ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୫ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଜଣେ ଲେଖାଏ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇବେ। ଏପିରି କି ଗୋଟିଏ ବିଦ୍ୟାଳୟରେ ଜଣେ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଜଣେ ଶିକ୍ଷକଙ୍କୁ ମଧ୍ୟ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଛି। ଏହି ବର୍ଗର ଶିକ୍ଷକମାନେ ସ୍ପର୍ଶ, ସଚେତନ, ଶ୍ରବଣ, ଶ୍ରୁତି, ସମ୍ପର୍କ, ସାମର୍ଥ୍ୟ, ସହଜ, ସରଳ, ସଂପୃକ୍ତି ଆଦି ବିଷୟରେ ତାଲିମ ନେବା ସହ ପିଲାଙ୍କୁ ସହଜ ଓ ସରଳ ଉପାୟରେ ପାଠ ପଢ଼ାଇବା ଉପରେ ଧ୍ୟାନ ଦେବେ। ମାତ୍ର ସ୍ୱତନ୍ତ୍ର ଶିକ୍ଷକ ଅଭାବରୁ ଅନ୍ତଃର୍ନିହିତ ଶିକ୍ଷା ବାଧାପ୍ରାପ୍ତ ହେଉଛି।

ସରକାରଙ୍କ ପକ୍ଷରୁ ସାଧାରଣ ବର୍ଗର ଶିକ୍ଷକଙ୍କୁ ଦିବ୍ୟାଙ୍ଗ ପିଲାଙ୍କୁ ପାଠ ପଢ଼ାଇବାକୁ ତାଲିମ ଦିଆଯାଉଛି। ଏହି ବର୍ଗର ଶିକ୍ଷକ ବିଦ୍ୟାଳୟ ପରିଚାଳନା ସାଙ୍ଗକୁ ସାଧାରଣ ବର୍ଗର ପିଲାଙ୍କୁ ପଠାପଢ଼ାଇବାକୁ ଧ୍ୟାନ ଦେବାବେଳେ ଦିବ୍ୟାଙ୍ଗ ପିଲା ଅଣଦେଖା ହୋଇଯାଉଛନ୍ତି। ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପ୍ରଦାନ ଆଳରେ କେବଳ ଖେଳ, ବିଭିନ୍ନ ଥେରାପି ପ୍ରଶିକ୍ଷଣ, ଏକ୍ସପୋଜର ଭିଜିଟ୍, ସହାୟତା ଏବଂ ସାମଗ୍ରୀ ଆଦି ପ୍ରଦାନ କରିବାରେ ସୀମିତ ରହିଛି। ତେଣୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ସମ୍ବଳ ଶିକ୍ଷକ ରାମକୃଷ୍ଣ ମହାକୁଡ଼ଙ୍କୁ ପଚାରିବାରୁ ସେ କହିଛନ୍ତି, ଦିବ୍ୟାଙ୍ଗ ପିଲାଙ୍କୁ ସରକାର ସୁବପ୍ରକାର ସହାୟତା ଓ ପାଠ୍ୟ ଉପକରଣ ଯୋଗାଇ ଦେଉଛନ୍ତି। ହେଲେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାରୁ ଗୁଣାତ୍ମକ ଶିକ୍ଷାଦାନ ହୋଇପାରୁ ନାହିଁ। ଏ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆସୁଛି। ପ୍ରତ୍ୟେକ ୧୦ଜଣ ପିଲାଙ୍କୁ ନେଇ ଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରସ୍ତାବ ରଖାଯାଇଛି। ମାତ୍ର ଏଯାଏ ସ୍ୱତନ୍ତ୍ର ନିଯୁକ୍ତିକୁ ନେଇ ସରକାରୀସ୍ତରରେ କୌଣସି ନିଷ୍ପତ୍ତି ହୋଇନାହିଁ।

# କୁଆପଥର ମାଡ଼ରେ ଫସଲ ଉଜୁଡ଼ିଲା, ଚିନ୍ତାରେ ଚାଷୀ



ଧର୍ମଶାଳା ଅଞ୍ଚଳର କ୍ଷତିଗ୍ରସ୍ତ ଚାଷୀ।

ଧର୍ମଶାଳା,୨୧।୩( ଡି.ଏନ୍.ଏ.)

ପଶ୍ଚିମା ଝଡ଼ ପ୍ରଭାବରେ ସୋମବାର ଅପରାହ୍ନରେ ପବନ, ବର୍ଷା ସାଙ୍ଗକୁ କୁଆ ପଥର ମାଡ଼ ହୋଇଥିଲା। ଏଥିରେ ଧର୍ମଶାଳା ବ୍ଲକ କଦମପାଳ, ଅରେଇକଣା ଅଞ୍ଚଳରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି। ଏହି ଅଞ୍ଚଳର ଚାଷୀ ଏବେ ପୋଟଳ ଚାଷ କରିଥିଲେ। କୁଆପଥର ମାଡ଼ରେ ଏଠାରେ ପୋଟଳ ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଯାହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। କେବଳ ପୋଟଳ ନୁହେଁ ଏଠାରେ ବାଇଗଣ, ବୋଇତାଳୁ, ଜହ୍ନି ଆଦି ପନିପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନ ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କ ପଚାରିବାରେ କ୍ଷୟକ୍ଷତିର ଆକଳନ ପାଇଁ ଉକ୍ତ ଅଞ୍ଚଳର ଗ୍ରାମସେବକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

ଡେରାବିଶ/ପାଟକୁରା, ୨୧।୩ (ସ୍ୱ.ପ୍ର./ଡି.ଏନ.ଏ.)



ଘର ଉପରେ ଗଛ ଭାଙ୍ଗିପଡ଼ିଛି।

କାଳବୈଶାଖୀ କେନ୍ଦ୍ରାପଡା ଜିଲାର ୨ ବ୍ଲକ ଅଞ୍ଚଳରେ ମଙ୍ଗଳବାର ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବଡ଼ ବଡ଼ ଗଛ ଉପୁଡି ପଡିବା ସହ ପନିପରିବା ଚାଷକୁ ନଷ୍ଟ କରିଛି। ଅପରାହ୍ନ ୧ଟାରେ ଏହି କାଳବୈଶାଖୀ ଝଡ ଆରମ୍ଭ ହୋଇଥିଲା। ଘଣ୍ଟା ପ୍ରତି ପ୍ରାୟ ୫୦ କିଲୋମିଟର ପବନ ସହ ବର୍ଷା ହୋଇଥିଲା। କିଛି ସ୍ଥାନରେ କୁଆପଥର ମାଡ଼ ହୋଇଛି। ଅଧଘଣ୍ଟା ପବନରେ ଡେରାବିଶ ବ୍ଲକ ଚାନ୍ଦୋଳ ବଜାରର ବ୍ୟବସାୟ ଅନୁଷ୍ଠାନ ହୋର୍ଡିଂକୁ ଉଡ଼ାଇ ନେଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ୧୦ଟି ବିଦ୍ୟୁତ୍ ଖୁଣ୍ଟ ଢ଼ଳି ପଡ଼ିବା ସହ ବିଦ୍ୟୁତ୍ ତାର ଛିଡି ଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବ୍ଲକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏଥିସହ ଏହି ବ୍ଲକର ଜଅଁରା ବାରିମୂଳ, ଇନ୍ଦାଳୋ ସମେତ ୧୦ ପଞ୍ଚାୟତରେ ପନିପରିବା ଚାଷ ଉପରେ ପ୍ରଭାବ ପକାଇଛି। ସେହିପରି ଗରଦପୁର ବ୍ଲକ ଅଞ୍ଚଳରେ କାଳବୈଶାଖୀ ଝଡ଼ ପନିପରିବା ଚାଷୀଙ୍କ ଦୁଃଖର କାରଣ ସାଜିଛି। ଟମାଟୋ, ତରଭୁଜ, କୋବି ଆଦି ଫସଲ କୁଆପଥର ମାଡ଼ରେ ନଷ୍ଟ ହୋଇଯାଇଛି। ମୁଗ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଏଥିସହ ଜମିରେ ପାଣି ଜମି ରହି ଫସଲ ନଷ୍ଟକୁ ବ୍ୟାପକ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ କାଳବୈଶାଖୀ ଝଡ଼ ଚାଷୀଙ୍କ କ୍ଷତି କରିଥିବା ପ୍ରାଥମିକ ସୂଚନା ମିଳିଛି। ଏ ନେଇ କୃଷି ଓ ରାଜସ୍ୱ ବିଭାଗକୁ ତନଖି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# ନିଆଁ ଲାଗି ୨ ବଖରା ପୋଡ଼ିଗଲା

ପଟ୍ଟାମୁଣ୍ଡାଇ, ୨୧।୩(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ସୁରେନ୍ଦ୍ର ଧଳ ଘରେ ଆକସ୍ମିକ ଅଗ୍ନିକାଣ୍ଡରେ ୨ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ଗାଡ଼ି ଯାଇ ନିଆଁକୁ ଆୟତ କରିଥିଲା। ଅଗ୍ନି ବିପନ୍ନ ପରିବାରକୁ ସହାୟତା କରିବାକୁ ସାଧାରଣରେ ଦାବି ହେଉଛି।

### ଅସହାୟ ଶତ୍ରୁଘ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ସାମାଜିକ କର୍ମୀ

# ସଞ୍ଚିତ ଅର୍ଥରେ ନିର୍ମାଣ କରିଦେଲେ ପକ୍କାଘର




ପ୍ରୀତିପୁର,୨୧।୩(ଡି.ଏନ୍.ଏ.)

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ଡିହକୂଳା ଗାଁର ଅସହାୟ ଶତ୍ରୁଘ୍ନ ବେହେରାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଗ୍ରାମର ସାମାଜିକ କର୍ମୀ ଭରତ ଚନ୍ଦ୍ର ବାଇ। ସେ ଶତ୍ରୁଘ୍ନଙ୍କ ପାଇଁ ଏକ ପକ୍କା ଘର ତିଆରି କରି ଦେଇଛନ୍ତି। ଶତ୍ରୁଘ୍ନଙ୍କ ପରିବାର କହିଲେ, ସ୍ୱାମୀ, ସ୍ତ୍ରୀ ଦୁଇଜଣ। ମୁଣ୍ଡ ଗୁଞ୍ଜିବା ପାଇଁ ପାଖରେ ଘର ଖଣ୍ଡିଏ ନ ଥିଲା। ସରକାରୀ ଯୋଜନାକୁ ଅପେକ୍ଷା କରି ଶତ୍ରୁଘ୍ନ ଘର କରି ପାରି ନ ଥିଲେ। ତାଙ୍କର ଏଭଳି ଦୟନୀୟ ଅବସ୍ଥା ଦେଖି ଭରତ ନିଜ ସଞ୍ଚିତ ଅର୍ଥରେ ଶତ୍ରୁଘ୍ନ ପାଇଁ ପକ୍କାଘର ନିର୍ମାଣ କରି ଯୋଗାଇ ଦେଇଛନ୍ତି। ଆଗାମୀ ଦିନରେ ପଞ୍ଚାୟତରେ ଗରିବ ଶ୍ରେଣୀ ବ୍ୟକ୍ତିଙ୍କୁ ଭରତ ଏହି ସାହାଯ୍ୟ ଯୋଗାଇ ଦେବେ ବୋଲି କହିଛନ୍ତି।

# ନନ୍ଦନକାନନକୁ ଆସିଲା ଉଦ୍ଧାର ଚିତ୍ରା ହରିଣ

ବାରଙ୍ଗ,୨୧।୩(ଡି.ଏନ୍.ଏ.)

ବାଲିପାଟଣା ରେଞ୍ଜରୁ ଉଦ୍ଧାର ହୋଇଥିବା ୪ବର୍ଷର ଅଣ୍ଡିରା ଚିତ୍ରା ହରିଣ ମଙ୍ଗଳବାର ନନ୍ଦନକାନନକୁ ଆସିଛି। ହରିଣଟି ନିକଟସ୍ଥ ଜଙ୍ଗଲରୁ ଖାଦ୍ୟ ଅନ୍ୱେଷଣରେ ଉତ୍ତରାସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟରେ ବୁଲୁଥିବାର ଦେଖି ସ୍ଥାନୀୟ ଲୋକ ଭିଡ଼ ଜମାଇଥିଲେ। ହରିଣଟି ଭୟଭୀତ ହୋଇ ପାଖରେ ଥିବା ସିମେଣ୍ଟ ନନ୍ଦ କାରଖାନା ଭିତରକୁ ପଶିଯାଇଥିଲା। ଖବରପାଇ ବନ ବିଭାଗ ହରିଣଟିକୁ ଉଦ୍ଧାର କରିଥିଲା। ତା' ବେକ ଓ ଡାହାଣ ଜଙ୍ଘରେ ଆଘାତ ଲାଗିଥିବାରୁ ସେ ଠିକ୍‌ରେ ଚାଲିପାରୁ ନାହିଁ। ସେଥିପାଇଁ ବନ ବିଭାଗ ପ୍ରଥମେ ବାଲକାଟିସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ତା'ର ପ୍ରାଥମିକ ଚିକିତ୍ସା କରାଇଥିଲା। ପରେ ଉନ୍ନତମାନର ଚିକିତ୍ସା ପାଇଁ ହରିଣଟିକୁ ବାଲିପାଟଣା ରେଞ୍ଜର ମାନସ ରଞ୍ଜନ ମହାନ୍ତି ନନ୍ଦନକାନନ ପଠାଇଥିଲେ। ହରିଣଟି ଅସୁସ୍ଥ ଥିବାରୁ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରଥମେ ବନ୍ୟପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକଙ୍କ ଦ୍ୱାରା ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଚିକିତ୍ସାଳୟର କ୍ୱାରେଣ୍ଟାଇନର ପୃଥକୀକରଣ ଏନ୍‌କ୍ଲୋଜରରେ ଛାଡିଛନ୍ତି।

# 'ଓଡ଼ିଶା ୮.୩୪ କି.ମି. ହେନ୍ତାଳବଣ ସୃଷ୍ଟି କରିଛି'

ଭୁବନେଶ୍ୱର, ୨୧।୩(ବ୍ୟୁରୋ)

ଓଡ଼ିଶାର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ କ୍ରମାନ୍ୱୟ ଭାବେ ବୃଦ୍ଧି ପାଉଛି। ଗତ ଦୁଇବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲ ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୮୯୩ ବର୍ଗ କିଲୋମିଟର ଅଭିବୃଦ୍ଧି ଘଟିଛି। ସେହିପରି ଓଡ଼ିଶା ୮.୩୪ କିମି ହେନ୍ତାଳବଣ ସୃଷ୍ଟି କରି ଦେଶର ପ୍ରଥମ ସ୍ଥାନରେ ରହିଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ମଙ୍ଗଳବାର ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ

**ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ସମାରୋହ**

ସମାରୋହରେ ମନ୍ତ୍ରୀ ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଯୋଗଦେଇ ସମନ୍ୱିତ ଓ ନିଷ୍ଠାପର ଭାବେ ବନ ବିଭାଗର କ୍ଷେତ୍ର ଅଧିକାରୀ, କର୍ମଚାରୀ ଓ ଗ୍ରାମାଞ୍ଚଳର ସାମାଜିକ କର୍ମୀମାନେ କାର୍ଯ୍ୟ କରୁଥିବାରୁ ଓଡ଼ିଶାରେ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ଅଭିବୃଦ୍ଧି ଘଟୁଛି ବୋଲି କହିଛନ୍ତି। ଏହି ଅବସରରେ 'ହାଇଲାଇଟ୍ସ ଅଫ୍ ଓଡ଼ିଶା ଫରେଷ୍ଟ୍ରି ସେକ୍ଟର-୨୦୨୩' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୩୯ଜଣ କ୍ଷେତ୍ର କର୍ମଚାରୀଙ୍କୁ ରାଜ୍ୟ ବନୀକରଣ ପୁରସ୍କାର-୨୦୨୩ରେ ସମ୍ମାନିତ କରାଯାଇଛି। ୨୪ ବନରକ୍ଷୀ, ୧୧ ବନପାଳ ଓ ୪ ଜଣ ବନାଞ୍ଚଳ ଅଧିକାରୀ ରହିଛନ୍ତି। ପୁରସ୍କାର ସ୍ୱରୂପ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି, ମେଡାଲ ଓ ମାନପତ୍ର ପ୍ରଦାନ କରାଯାଇଛି। ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହ ଚଳିତ ବର୍ଷର ବିଷୟବସ୍ତୁ 'ବନ ଓ ସ୍ୱାସ୍ଥ୍ୟ' ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ (ଏମ୍ଇ ଆଣ୍ଡ୍ ଆଇଭି) ଓମ୍ ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଅମାତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହ ବୁଲି ଦେଖିଥିଲେ।

# ମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଛି

କେନ୍ଦ୍ରାପଡ଼ା ଅଫିସ, ୨୧।୩



ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିରହିଛି।

କେନ୍ଦ୍ରାପଡ଼ା ଜିଲାର ଧାନମଣ୍ଡିରେ ଏବେ ଭିଡ ଅଧିକ ହୋଇଛି। ସରକାରୀ ମଣ୍ଡି ବନ୍ଦ ହେବାକୁ ମାର୍ଚ୍ଚ ମାସର ହାତଗଣତି ଦିନ ବାକି ରହିଥିବାରୁ ଚାଷୀ ବ୍ୟସ୍ତ ହୋଇପଡ଼ିଛନ୍ତି। ଟୋକନ ନାହିଁ, ଅପେକ୍ଷା କର ବୋଲି ସମିତି କାର୍ମକର୍ତ୍ତା ଚାଷୀଙ୍କୁ କହୁଛନ୍ତି। ମହାକାଳପଡ଼ା, ବରକନ୍ଦାରେ ମଧ୍ୟ ଏହି ସମସ୍ୟା। ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭ କରି ସମିତି କର୍ମକର୍ତ୍ତାଙ୍କ ଅଣଦେଖା ବାଧୁଛି। କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସମୀତ ନୁହେଁ। ଜିଲା ସାରା ସରକାରୀ ମଣ୍ଡି ଧାନ ଉଠାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ମଣ୍ଡି ସମୟ ଅବଧି ସରିବାକୁ ଯାଉଥିବାରୁ ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। ବେପାରୀ ଓ ଅଧିକାରୀ ମାଲେମାଲ ହେବା ପାଇଁ ଅଭାବି ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଉଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରି ଗାଁର ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ସରକାରୀ ମଣ୍ଡିରେ ଧାନ ବିକ୍ରି ହେବ। ହାତକୁ ଦୁଇ ପଇସା ଆସିଲେ ଚଳିତବର୍ଷ ଝିଅ ବାହାଘରର ଝାମେଲା ତୁଟିବ। ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇ ଥିଲି। ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ ହେଲା। ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା। ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲେ। ତେବେ ବିକ୍ରି ଟୋକନର ସମୟ ଅବଧି ସରବା ସତ୍ତ୍ୱେ ଅଦ୍ୟାବଧି ମଣ୍ଡି ଅଧିକାରୀ ଟାର୍ଗେଟ ନ ଥିବା ଦର୍ଶାଇ ଧାନ ନେଉନାହାନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର କୃଷି ସମବାୟ ସମିତିର ସଭ୍ୟ ତଥା ଗଣ୍ଡକୂଳ ଗ୍ରାମର ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ ଚାଷୀଙ୍କ ଝାଳର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା ଅଭିଯୋଗ କରିଛନ୍ତି। ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଆଗାମୀଦିନରେ ଏ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତ ବର୍ଷ ଖରିଫ ଧାନ ଚାଷ କରିଥିଲେ। ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ। ଏପରିକି ଚଳିତବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ୪୬,୩୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୧୬ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ସରକାରୀ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସ ମଧ୍ୟରୁ ଅଧିକାଂଶ ସ୍ଥାନରେ ଟୋକନ ସମସ୍ୟା ଦେଖା ଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ କୃଷକ ଆନ୍ଦୋଳନ ହେବ ବୋଲି ମତ ଦେଇଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କୃଷି ଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାର ଚାଷୀ ସର୍ବଦା ଅବହେଳା ଓ ପ୍ରତାରଣାର ଶିକାର ହୋଇଛନ୍ତି। ଧାନ କିଣା ଅନିୟମିତତା ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ।

୨୦୧୬ ମସିହାରେ ଏହି ପରିସ୍ଥିତି ସୃଷ୍ଟି ଫଳରେ ଜଣେ ରାଜନେତା ବେପାରୀଙ୍କ ଧାନ ସରକାରୀ ମଣ୍ଡିରେ ଦେଇ କୋଟିଏ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଥିଲା। ଏହା ବ୍ୟତିତ ଜିଲାରେ ଧାନ ଟାର୍ଗେଟ ଅନୁଯାୟୀ ଗତ ୨୦୧୩- ୧୪ ଆର୍ଥିକ ବର୍ଷରୁ ଅଦ୍ୟାବଧି କିଣାଯାଇନାହିଁ। ଏ ସମ୍ପର୍କରେ ସିଏସ୍ଓ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ପଞ୍ଜୀକୃତ ୪୬,୩୦୦ ଜଣ ଚାଷୀଙ୍କ ମଧ୍ୟରୁ ଅଦ୍ୟାବଧି ବୈଧ ଚାଷୀ ସାବ୍ୟସ୍ତ ହୋଇଥିବା ୩୦,୧୦୦ଜଣଙ୍କଠାରୁ ଧାନ କ୍ରୟ ହୋଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବକେୟା ପ୍ରକଳ୍ପ ଅର୍ଥ ପ୍ରାପ୍ତି ପାଇଁ ଆନ୍ଦୋଳନ ହେବ

କେନ୍ଦ୍ରାପଡ଼ା ଅଫିସ, ୨୧ା୩: କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ନିର୍ଦ୍ଦେଶରେ ପ୍ରକଳ୍ପ କାର୍ଯ୍ୟ ହେଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ପ୍ରକଳ୍ପ ଅର୍ଥ ମିଳିବ ବୋଲି ପ୍ରତିଶ୍ରୁତି ମିଳିଲା। କରୋନା ସଂକ୍ରମଣ ସମୟରେ ସ୍ଥାନୀୟ ଲୋକଙ୍କୁ କର୍ମ ନିଯୁକ୍ତି ଦେବା ସହ ପ୍ରକଳ୍ପ ଶେଷ ହୋଇଥିଲେ ମଧ୍ୟ ଏ ବାବଦ ଅର୍ଥ ମିଳୁନାହିଁ। ଏଥିପାଇଁ ଜିଲାର ସମସ୍ତ ପୂର୍ବତନ ଲୋକ ପ୍ରତିନିଧି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ୨୧ଟି ପଞ୍ଚାୟତର ପୂର୍ବତନ ସରପଞ୍ଚମାନେ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଂସାରଫଳ ପୂର୍ବତନ ସରପଞ୍ଚ ମିନତି ପାତ୍ର, ଦୋଷିଆର ପ୍ରଭାତ ରଞ୍ଜନ ପ୍ରଧାନ, ବଡ଼ପାଳର କୈଳାସ ଚନ୍ଦ୍ର ସିଂହ, ଅଳପୁଆର ରମେଶ ଚନ୍ଦ୍ର ଦାସ, ଔପଦାର ସୁବାସ ଖୁଣ୍ଟିଆ, କଖାରୁଣୀର ପୂର୍ବନତ ସରପଞ୍ଚ ରୀନାରାଣୀ ମଲ୍ଲିକ ପ୍ରମୁଖ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତର ଉନ୍ନୟନ ପାଇଁ ରାସ୍ତା ପାର୍ଶ୍ୱରେ ବନୀକରଣ, ଖେଳ ପଡ଼ିଆର ଉନ୍ନତିକରଣ, ପଞ୍ଚାୟତ ପରିସରର ଉନ୍ନତିକରଣ, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଗ୍ରାମ ରାସ୍ତାକୁ ଚେକ ଟାଇଲ ମାଧ୍ୟମରେ ଗମନାଗମନଯୋଗ୍ୟ କରିବା, ଆଦର୍ଶ ପୋଖରୀର ଉନ୍ନତିକରଣ, ରାସ୍ତା ପାର୍ଶ୍ୱ ଚାନ୍ଦନୀର ଉନ୍ନତିକରଣ, ବ୍ୟାଡମିଣ୍ଟନ ପିଚ, ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ପଞ୍ଚାୟତର ୨୦୨୦ରୁ ୨୦୨୨ ମଧ୍ୟରେ ଏଷ୍ଟିମେଟ ପାସ କରାଯାଇ କାର୍ଯ୍ୟ ଶେଷ ହୋଇଛି। ଏହାକୁ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥରୁ ଭରଣା କରାଯିବ ବୋଲି କୁହାଯାଇଥିବା ବେଳେ ଅଦ୍ୟାବଧି ପ୍ରାୟ ୧୦ କୋଟି ଟଙ୍କା ବକେୟା ପଡ଼ିଛି। ତୁରନ୍ତ ବକେୟା ଅର୍ଥ ନ ଦେଲେ ପୂର୍ବତନ ସରପଞ୍ଚମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ୨ ଗୋରୁ ମୃତ

ରାଜନଗର, ୨୧ା୩ (ଡି.ଏନ.ଏ.): ରାଜନଗର ବ୍ଲକ କେରୁଆପାଳ ପଞ୍ଚାୟତ ଗିରିଆପାହି ମୌଜାର ସୁବାସ ମଣ୍ଡଳଙ୍କର ୨ ଗୋଟି ଗାଈ ବିଲରେ ଚରୁଥିବା ବେଳେ ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ହଠାତ୍ ବଜ୍ରପାତରେ ମୃତ୍ୟୁ ଘଟିଛି। ସୁବାସ ସବୁଦିନ ସକାଳେ ଗାଈ, ବାଛୁରୀ ନେଇ ପଡ଼ିଆକୁ ଚରାଇବା ପାଇଁ ଯାଇଥାନ୍ତି। ମଙ୍ଗଳବାର କୌଣସି କାମ ଥିବାରୁ ଗାଈ ୨ଟିକୁ ପଡ଼ିଆରେ ଚାରିବା ପାଇଁ ଛାଡି ଆସିଥିଲେ। ଅପରାହ୍ନ ସାଢେ ୨ରେ ହଠାତ ବର୍ଷା, ପବନ ଓ ଘଡ଼ ଘଡି ଜୋରରେ ହୋଇଥିଲା। ପରେ ବଜ୍ରପାତ ପଡ଼ିଆରେ ଚରୁଥିବା ସୁବାସଙ୍କ ଗାଈ ୨ଟିଙ୍କ ଉପରେ ପଡ଼ିଥିଲା।

### ୨୫ରେ ହେବ ଆଳି ବାର ଆସୋସିଏଶନ ନିର୍ବାଚନ

ଆଳି, ୨୧ା୩ (ଡି.ଏନ.ଏ.): ଆଳି ବାର ଆସୋସିଏଶନର ନିର୍ବାଚନ ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଇତିମଧ୍ୟରେ ନାମାଙ୍କନ, ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଯାଞ୍ଚ କାର୍ଯ୍ୟ ଶେଷ ହୋଇ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇ ସାରିଛି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିଜ ନିଜର ପ୍ରଚାରକୁ ଜୋରଦାର କରିବାରେ ଲାଗି ପଡ଼ିଛନ୍ତି। ଚଳିତ ନିର୍ବାଚନରେ ଯୁଗ୍ମ ସମ୍ପାଦକ ପଦରେ ଅଣାକର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ପଦରେ ଭିକାରୀ ଚରଣ ସାମଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ନିମନ୍ତେ ପୂର୍ବତନ ସଭାପତି ଚିରଞ୍ଜୀବୀ ଦାସ, ବସନ୍ତ ନାୟକ ଓ କ୍ଷୀରୋଦ ପରିଡା ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଉପସଭାପତି ପଦବୀରେ ଅଜୟ ସେଠୀ ଓ ମୃତ୍ୟୁଞ୍ଜୟ ସାମଲ, ସମ୍ପାଦକ ପଦରେ ନୃସିଂହ ଦୀକ୍ଷିତ ଓ ଅକ୍ଷୟ କୁମାର ମଲ୍ଲିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସହ ସମ୍ପାଦକ ପଦରେ ପ୍ରତିଭା ପାତ୍ର ଓ ସୂର୍ଯ୍ୟମଣୀ ସାମଲ, ପାଠାଗାର ସମ୍ପାଦକ ଭାବେ ସୁଶାନ୍ତ ଦୀକ୍ଷିତ ଓ ପ୍ରମୋଦ ସ୍ୱାଇଁ ନିର୍ବାଚନ ନିମନ୍ତେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶରତ ମହାନ୍ତି ଓ ରାଧାକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି।

# ମଣ୍ଡିରେ ଚାଷୀଙ୍କ ଧାନ ପଡ଼ିରହିଛି

**କେନ୍ଦ୍ରାପଡ଼ା ଅଫିସ, ୨୧ା୩**



ମହାକାଳପଡ଼ା ଅଞ୍ଚଳରେ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି।

■ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କଲେ ଆନ୍ଦୋଳନ
■ ବେପାରୀ, ଅଧିକାରୀ ମାଲାମାଲ ହେଉଛନ୍ତି

କେନ୍ଦ୍ରାପଡ଼ା ଜିଲାର ଧାନମଣ୍ଡିରେ ଏବେ ଭିଡ ଅଧିକ ହୋଇଛି। ସରକାରୀ ମଣ୍ଡି ବନ୍ଦ ହେବାକୁ ମାର୍ଚ୍ଚ ମାସର ହାତଗଣତି ଦିନ ବାକି ରହିଥିବାରୁ ଚାଷୀ ବ୍ୟସ୍ତ ହୋଇପଡ଼ିଛନ୍ତି। ଟୋକନ ନାହିଁ, ଅପେକ୍ଷା କର ବୋଲି ସମିତି କାର୍ମକର୍ତ୍ତା ଚାଷୀଙ୍କୁ କହୁଛନ୍ତି। ମହାକାଳପଡ଼ା, ବରକନ୍ଦାରେ ମଧ୍ୟ ଏହି ସମସ୍ୟା। ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭ କରି ସମିତି କର୍ମକର୍ତ୍ତାଙ୍କ ଅଣଦେଖା ବାଧୁଛି। କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସମୀତ ନୁହେଁ। ଜିଲା ସାରା ସରକାରୀ ମଣ୍ଡି ଧାନ ଉଠାଉ ନ ଥିବା ଅଭିଯୋଗ ହେଉଛି। ସରକାରୀ ମଣ୍ଡି ସମୟ ଅବଧି ସରିବାକୁ ଯାଉଥିବାରୁ ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି। ବେପାରୀ ଓ ଅଧିକାରୀ ମାଲେମାଲ ହେବା ପାଇଁ ଅଭାବି ବିକ୍ରିକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଉଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରି ଗାଁର ଚାଷୀ ନିରଞ୍ଜନ ପରିଡା କହିଛନ୍ତି, ସରକାରୀ ମଣ୍ଡିରେ ଧାନ ବିକ୍ରି ହେବ। ହାତକୁ ଦୁଇ ପଇସା ଆସିଲେ ଚଳିତବର୍ଷ ଝିଅ ବାହାଘରର ଝାମେଲା ତୁଟିବ। ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇ ଥିଲି। ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ ହେଲା। ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା। ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲେ। ତେବେ ବିକ୍ରି ଟୋକନର ସମୟ ଅବଧି ସରବା ସତ୍ତ୍ୱେ ଅଦ୍ୟାବଧି ମଣ୍ଡି ଅଧିକାରୀ ଟାର୍ଗେଟ ନ ଥିବା ଦର୍ଶାଇ ଧାନ ନେଉନାହାନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର କୃଷି ସମବାୟ ସମିତିର ସଭ୍ୟ ତଥା ଗଣ୍ଡକୂଳ ଗ୍ରାମର ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ ଚାଷୀଙ୍କ ଝାଳର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା ଅଭିଯୋଗ କରିଛନ୍ତି। ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରେତ୍ସାହିତ କରାଯାଉଛି। ଆଗାମୀଦିନରେ ଏ ନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତ ବର୍ଷ ଖରିଫ ଧାନ ଚାଷ କରିଥିଲେ। ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ। ଏପରିକି ଚଳିତବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ୪୬,୩୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ଏବେ ସୁଦ୍ଧା ୧୬ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ସରକାରୀ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସମଧ୍ୟରୁ ଅଧିକାଂଶ ସ୍ଥାନରେ ଟୋକନ ସମସ୍ୟା ଦେଖା ଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି। ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ କୃଷକ ଆନ୍ଦୋଳନ ହେବ ବୋଲି ମତ ଦେଇଛନ୍ତି। ଓଡ଼ିଶା ସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, କୃଷି ଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାର ଚାଷୀ ସର୍ବଦା ଅବହେଳା ଓ ପ୍ରତାରଣାର ଶିକାର ହୋଇଛନ୍ତି। ଧାନ କିଣା ଅନିୟମିତତା ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ୨୦୧୬ ମସିହାରେ ଏହି ପରିସ୍ଥିତି ସୃଷ୍ଟି ଫଳରେ ଜଣେ ରାଜନେତା ବେପାରୀଙ୍କ ଧାନ ସରକାରୀ ମଣ୍ଡିରେ ଦେଇ କୋଟିଏ ଟଙ୍କା ହଡପ କରିଥିବା ଅଭିଯୋଗ ଆସିଥିଲା। ଏହା ବ୍ୟତିତ ଜିଲାରେ ଧାନ ଟାର୍ଗେଟ ଅନୁଯାୟୀ ଗତ ୨୦୧୩– ୧୪ ଆର୍ଥିକ ବର୍ଷରୁ ଅଦ୍ୟାବଧି କିଣାଯାଇନାହିଁ। ଏ ସମ୍ପର୍କରେ ସିଏସ୍‌ଓ ପ୍ରଶାନ୍ତ କୁମାର ଗନ୍ତାୟତଙ୍କୁ ପଚାରିବାରେ ପଞ୍ଜୀକୃତ ୪୬,୩୦୦ ଜଣ ଚାଷୀଙ୍କ ମଧ୍ୟରୁ ଅଦ୍ୟାବଧି ବୈଧ ଚାଷୀ ସାବ୍ୟସ୍ତ ହୋଇଥିବା ୩୦,୧୦୦ଜଣଙ୍କଠାରୁ ଧାନ କ୍ରୟ ହୋଇଛି ବୋଲି ସେ କହିଛନ୍ତି।

## କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

**ଡେରାବିଶ/ପାଟକୁରା, ୨୧ା୩ (ସ୍ୱ.ପ୍ର./ଡି.ଏନ.ଏ.)**



ଡେରାବିଶ ବ୍ଲକ ଚାନ୍ଦୋଳ ବଜାରରେ ଗଛ ଭାଙ୍ଗି ଘର ଉପରେ ପଡିଛି।

କାଳବୈଶାଖୀ କେନ୍ଦ୍ରାପଡା ଜିଲାର ୨ ବ୍ଲକ ଅଞ୍ଚଳରେ ମଙ୍ଗଳବାର ତାଣ୍ଡବ ରଚିଛି। ଏହାର ପ୍ରଭାବରେ ବଡ଼ ବଡ଼ ଗଛ ଉପୁଡି ପଡିବା ସହ ପନିପରିବା ଚାଷକୁ ନଷ୍ଟ କରିଛି। ଅପରାହ୍ନ ୧ଟାରେ ଏହି କାଳବୈଶାଖୀ ଝଡ ଆରମ୍ଭ ହୋଇଥିଲା। ଘଣ୍ଟା ପ୍ରତି ପ୍ରାୟ ୫୦ କିଲୋମିଟର ପବନ ସହ ବର୍ଷା ହୋଇଥିଲା। କିଛି ସ୍ଥାନରେ କୁଆପଥର ମାଡ଼ ହୋଇଛି। ଅଧଘଣ୍ଟା ପବନରେ ଡେରାବିଶ ବ୍ଲକ ଚାନ୍ଦୋଳ ବଜାରର ବ୍ୟବସାୟ ଅନୁଷ୍ଠାନ ହୋଡିଂକୁ ଉଡ଼ାଇ ନେଇଥିଲା। ସେହିପରି ବିଭିନ୍ନ ସ୍ଥାନରେ ୧୦ଟି ବିଦ୍ୟୁତ୍ ଖୁଣ୍ଟ ଢ଼ଳି ପଡ଼ିବା ସହ ବିଦ୍ୟୁତ୍ ତାର ଛିଡି ଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବ୍ଲକ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଏଥିସହ ବ୍ଲକର ଜଅଁରା ବାରିମୂଳ, ଇନ୍ଦାଳୋ ସମେତ ୧୦ ପଞ୍ଚାୟତରେ ପନିପରିବା ଚାଷ ଉପରେ ପ୍ରଭାବ ପକାଇଛି। ସେହିପରି ଗରଦପୁର ବ୍ଲକ ଅଞ୍ଚଳରେ କାଳବୈଶାଖୀ ଝଡ଼ ପନିପରିବା ଚାଷୀଙ୍କ ଦୁଃଖର କାରଣ ସାଜିଛି। ଟମାଟୋ, ତରଭୁଜ, କୋବି ଆଦି ଫସଲ କୁଆପଥର ମାଡ଼ରେ ନଷ୍ଟ ହୋଇଯାଇଛି। ମୁଗ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଛି। ଜମିରେ ପାଣି ଜମି ରହି ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ କାଳବୈଶାଖୀ ଝଡ଼ ଚାଷୀଙ୍କ କ୍ଷତି କରିଥିବା ପ୍ରାଥମିକ ସୂଚନା ମିଳିଛି। ଏ ନେଇ କୃଷି ଓ ରାଜସ୍ୱ ବିଭାଗକୁ ତନଖି ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

## ନିଆଁ ଲାଗି ୨ ବଖରା ପୋଡ଼ିଗଲା

**ପଟ୍ଟାମୁଣ୍ଡାଇ, ୨୧ା୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ସୁରେନ୍ଦ୍ର ଧଳ ଘରେ ଆକସ୍ମିକ ଅଗ୍ନିକାଣ୍ଡରେ ୨ ବଖରା ଚାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ପ୍ରାୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଘଟଣାସ୍ଥଳରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇରୁ ଅଗ୍ନିଶମ ଗାଡ଼ି ଯାଇ ନିଆଁକୁ ଆୟତ କରିଥିଲା। ଅଗ୍ନି ବିପନ୍ନ ପରିବାରକୁ ସହାୟତା କରିବାକୁ ସାଧାରଣରେ ଦାବି ହେଉଛି।

## ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ଜାଗା ମିଶନ

### ପରାମର୍ଶଦାତାଙ୍କ ସମୀକ୍ଷା ବୈଠକ



ଜାଗା ମିଶନ ପରାମର୍ଶଦାତା ହରିଶଙ୍କର ରାଉତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୨୧ା୩(ସ୍ୱ.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିଭିନ୍ନ ବସ୍ତିରେ ରହୁଥିବା ଗରିବ ଲୋକଙ୍କୁ ଥଇଥାନ କରିବାକୁ ଜାଗା ମିଶନ ଯୋଜନା କାର୍ଯକାରୀ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସାରା ଓଡ଼ିଶାରେ ଜାଗା ମିଶନ କାର୍ଯ୍ୟକ୍ରମର ଅଗ୍ରଗତି ଓ ସମୀକ୍ଷା ମିଶନର ପରାମର୍ଶଦାତାଙ୍କ ଜରିଆରେ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଜାଗା ମିଶନର ପରାମର୍ଶଦାତା ହରିଶଙ୍କର ରାଉତ ପଟ୍ଟାମୁଣ୍ଡାଇ ପୌର ପରିଷଦର ତାତନା ମହାବୀଣା, ପଟ୍ଟାମୁଣ୍ଡାଇ ଶୁଖୁଆ ବସ୍ତି ଓ ଷଣ୍ଢପଲ୍ଲୀ ଆଦି ବିଭିନ୍ନ ଅଞ୍ଚଳ ବୁଲି ଜାଗା ମିଶନ କାର୍ଯ୍ୟକ୍ରମ ତଦାରଖ କରିବା ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଥିଲେ। ଜାଗା ମିଶନ ପରାମର୍ଶଦାତାଙ୍କ ସହ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, କାଉନସିଲର ଗୋପୀବଲ୍ଲଭ ନାୟକ, ଲକ୍ଷ୍ମୀପ୍ରିୟା ସାହୁ, କନିଷ୍ଠ ଯନ୍ତ୍ରୀ ସୁବ୍ରତ ବେହେରା, ସିଏମ୍‌ଏମ୍ ପରିଚାଳିକା ମାମିନି ପଣ୍ଡା ପ୍ରମୁଖ ବିଭିନ୍ନ ଅଞ୍ଚଳ ବୁଲି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପରାମର୍ଶଦାତାଙ୍କୁ ଅବଗତ କରାଇଥିଲେ। ଗରିବ ଲୋକମାନଙ୍କୁ ଜାଗା ମିଶନ ଜରିଆରେ ସରକାରୀ ଜାଗା, ଆବାସ ଯୋଗାଇ ଦେବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା।

## ବନ ଅରଣ୍ୟ ସ୍ୱାସ୍ଥ୍ୟ ରହିଲେ, ମାନବ ସମାଜ ବଞ୍ଚିବ

**ମହାକାଳପଡ଼ା, ୨୧ା୩(ଡି.ଏନ.ଏ.)**



ଜମ୍ବୁ ଲକ୍‌ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ବିଶ୍ୱ ବନ ଦିବସରେ ଉପସ୍ଥିତ ଅତିଥିମାନେ।

**ବିଶ୍ୱ ବନ ଦିବସ**
■ ବିଶ୍ୱରେ ଦ୍ରୁତ ବେଗରେ ପରିବେଶ ଅବକ୍ଷୟ ଘଟୁଛି

ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଦ୍ରୁତ ବେଗରେ ହେଉଛି। ଏଥିପାଇଁ ବିଶ୍ୱର ପରିବେଶ ବିଜ୍ଞାନୀମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ବିଶ୍ୱ ବନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ୨୦୧୨ମସିହାଠାରୁ ମାର୍ଚ୍ଚ ୨୧ଠାରୁ ବିଶ୍ୱ ବନଦିବସ ପାଳିତ ହୋଇ ଆସୁଛି। ଅପରପକ୍ଷରେ ମାନବ ସମାଜର ସ୍ୱାସ୍ଥ୍ୟ ପ୍ରତି ଆମମାନଙ୍କ ଦାୟିତ୍ୱ ନିର୍ବାହ କରାଯାଉଛି। ସେହିପରି ବନ ଅରଣ୍ୟର ସ୍ୱାସ୍ଥ୍ୟ ପ୍ରତି କିପରି ଯତ୍ନବାନ୍ ହେବା, ଏହା ଆମ ଭବିଷ୍ୟତ ପିଢ଼ି ପରିବେଶ ପାଇଁ ଶୁଭଙ୍କର ବୋଲି କୁହାଯାଇଛି। ୨୦୨୩ରେ ବନ ଅରଣ୍ୟର ସ୍ୱାସ୍ଥ୍ୟ ଯତ୍ନ ଶୀର୍ଷକ ମୁଖ୍ୟ ଥିମ୍ ବା ସ୍ଲୋଗାନ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବନ ଅରଣ୍ୟ ସ୍ୱାସ୍ଥ୍ୟ ଭଲ ରହିଲେ, ବିଶ୍ୱ ମାନବ ସମାଜ ବଞ୍ଚି ରହିବ ବୋଲି ଆୟୋଜିତ ବିଶ୍ୱ ବନ ଦିବସରେ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଳ୍ପିକ, ସାହିତ୍ୟକ, ପରିବେଶବିତ୍ ପ୍ରଦୀପ ନାୟକ ମତବ୍ୟକ୍ତ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅଧୀନ ଜମ୍ବୁ ଲକ୍ ନିକଟ ମହାକାଳପଡ଼ା ବନାଞ୍ଚଳ, ଜମ୍ବୁ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ରେଞ୍ଜ କାର୍ଯ୍ୟାଳୟଠାରେ ବିଶ୍ୱ ବନ ଦିବସ ପାଳନ କରାଯାଉଛି। ଏହି ରେଞ୍ଜ ଅଧୀନ ବଟିଘର, ଜଗରୀ ଯୋର୍, ଜମ୍ବୁ, ଖରିନାସୀ, ହେଟା ମୁଣ୍ଡିଆ, କଂସାରଡିଆ, ଭିତର ଖରିନାସୀ ଆଦି ସଂରକ୍ଷିତ ଜଙ୍ଗଲରେ ବହୁଳ ଭାବରେ ଲୁଣା ଓ ହେନ୍ତାଳ ଜଙ୍ଗଲ ସୃଷ୍ଟି ହୋଇଛି। ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ବନ ବିଭାଗ ସମେତ ଜନସାଧାରଣଙ୍କ ଦାୟିତ୍ୱ ରହିଛି ବୋଲି ଅନ୍ୟତମ ପରିବେଶବିତ୍ ସମରେନ୍ଦ୍ର ମାହାଳି ଯୋଗଦେଇ କହିଥିଲେ। ସେହିପରି ବିରଞ୍ଚି ନାରାୟଣ ଦାସ, କଳ୍ପତରୁ ସାମଲ, ଅରକ୍ଷିତ ନାଥ ପ୍ରମୁଖ ଯୋଗଦେଇ ବିଶ୍ୱ ବନ ଦିବସ ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ଜମ୍ବୁ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ବନ ବିଭାଗର ବଟିଘର ଫରେଷ୍ଟର ରଞ୍ଜନ ପାଣି, ଜଗରିଯୋର ଫରେଷ୍ଟର ରୋଜାଲିନ ଦାସ, ଫରେଷ୍ଟର ରାଜେଶ ପଟ୍ଟନାୟକଙ୍କ ସମେତ ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ।

## ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ପାଇଁ ତାଲିମ

**ପାଟକୁରା ୨୧ା୩(ଡି.ଏନ.ଏ.)**

ଗରଦପୁର ବ୍ଲକ ସଦ୍‌ଭାବନା କକ୍ଷରେ ମଙ୍ଗଳବାର ବୈଜ୍ଞାନିକ ପଦ୍ଧତିରେ ମାଛ ଚାଷ ପାଇଁ ଏକ ତାଲିମ ଶିବିରର ଆୟୋଜନ କରାଯାଇଥିଲା। ଏହାକୁ ଗରଦପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଧର୍ମରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମାଛ ଚାଷ ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ, ଜୀବିକା ମିଶନର ସଂଯୋଜିକା ରଶ୍ମିରେଖା ସାହୁ ଓ ମାଷ୍ଟର ଟ୍ରେନର ସୌରଭ ବିଶ୍ୱାଳ ଉପସ୍ଥିତ ଥିବା ବେଳେ ୩୧ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରୁ ୬୨ ଜଣ ମହିଳା ଶିବିରରେ ଭାଗ ନେଇଥିଲେ। ଉନ୍ନତ ଯାଆଁଳ, ଖାଦ୍ୟସାର ପରିଚାଳନା, ରୋଗ ନିୟନ୍ତ୍ରଣ ଓ ପଞ୍ଚାୟତ ପୋଖରୀ ପରିଚାଳନା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଗରଦପୁର ମତ୍ସ୍ୟ ଅଧିକାରୀ ସଙ୍କର୍ଷଣ ପଣ୍ଡା ଶିବିର ପରିଚାଳନା କରିଥିଲେ।

## ଅଙ୍ଗନୱାଡ଼ି, ମିଶନଶକ୍ତି ଗୃହ ଶିଳାନ୍ୟାସ

### କାଉନସିଲର ଅନଶନ ନୋଟିସ୍ ପରେ ଷଣ୍ଢପଲ୍ଲୀ ସମସ୍ୟା ସମାଧାନ

**ପଟ୍ଟାମୁଣ୍ଡାଇ, ୨୧ା୩(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୧ନଂ. ୱାର୍ଡ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ ୱାର୍ଡର ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଅନଶନ ନୋଟିସ ଦେବା ପରେ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ୱାର୍ଡର ସମସ୍ୟା ସମାଧାନ ପାଇଁ ପୌର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ୱାର୍ଡ ସମସ୍ୟା ସମାଧାନ ପାଇଁ ପ୍ରଶାସନ ତତ୍ପର ହୋଇ ଉଠିଛି। ଷଣ୍ଢପଲ୍ଲୀ ଗ୍ରାମର ୨ଟି ୱାର୍ଡର ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରଶାସନ ପଦକ୍ଷେପ ନେଇଛି। ଷଣ୍ଢପଲ୍ଲୀ ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଓ ମିଶନଶକ୍ତି ଗୃହର ଶିଳାନ୍ୟାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ କରିଥିଲେ। ଏଥିରେ କାଉନସିଲର ଲକ୍ଷ୍ମୀପ୍ରିୟା ସାହୁ, କାଉନସିଲର ସନ୍ତୋଷ ଦାସ, ପୂର୍ବତନ କାଉନସିଲର ପଦାରବିନ୍ଦ ସାହୁ, ପୌର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସୁଶୀଲ ବେହେରା ଓ ବ୍ରହ୍ମାନନ୍ଦ କରୁକେଶ ବ୍ରହ୍ମା, କବିବ୍ରତ ଦାସ, ସତ୍ୟାନନ୍ଦ ସାହୁ, ସରୋଜ ପଣ୍ଡା ପ୍ରମୁଖ ପୌର ପରିଷଦ କର୍ମଚାରୀ, ଜନସାଧାରଣ ଯୋଗ ଦେଇଥିଲେ।



ଶିଳାନ୍ୟାସ ଉତ୍ସବକୁ ଅତିଥିମାନେ ଯାଉଛନ୍ତି।

## ଜଙ୍ଗଲ ଆମ ଜୀବନର ଅମୂଲ୍ୟ ସମ୍ପଦ

**ରାଜନଗର, ୨୧ା୧(ଡି.ଏନ.ଏ.)**




ବନ ଦିବସ ପାଳନ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବନ କର୍ମଚାରୀ ଓ ଅନ୍ୟମାନେ।

ଜଙ୍ଗଲ ଆମ ଜୀବନର ଅମୂଲ୍ୟ ସମ୍ପଦ। ଏହା ଆମ ପରିବେଶର ସୁରକ୍ଷା କରିବା ସହ ଆର୍ଥିକ, ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭିତରକନିକାର ଲୁଣା ଜଙ୍ଗଲ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆମ ଅଞ୍ଚଳକୁ ସୁରକ୍ଷା ଦେଇ ଆସୁଛି। ଲୁଣା ଜଙ୍ଗଲର ସୁରକ୍ଷା ସହ ବ୍ୟାପକ ବୃକ୍ଷରୋପଣ କରାଯିବା ଉପରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲାସ୍ତରୀୟ ବିଶ୍ୱ ବନ ଦିବସରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏସିଏଫ୍ ପୁନମ ହୀରା ହାଁସଦାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଜିଲା ଇକୋ କ୍ଲବର ସଂଯୋଜକ ଗୋପୀନାଥ ଦାସ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହରୀରମଥା ରେଞ୍ଜ ଅଫିସର ବିଚିତ୍ରାନନ୍ଦ ବେହେରା, ଗବେଷକ ପ୍ରସନ୍ନ କୁମାର ନାୟକ, ନାଗାନାରାୟଣ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ଶିକ୍ଷକ ଓମ ପ୍ରକାଶ ବାରିକ, ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ରାଜନଗର ବ୍ଲକର ଡାଙ୍ଗମାଳସ୍ଥିତ କନିକା ରେଞ୍ଜ ଅଫିସ ପରିସରରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳନ କରାଯାଇଥିଲା। ନାଗାନାରାୟଣ ହାଇସ୍କୁଲ ଓ କୃଷ୍ଣନଗର ଉଚ୍ଚ ବିଦ୍ୟାଳୟର ୮୦ଜଣ ଛାତ୍ରୀଛାତ୍ର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ।

ସେହିପରି ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜ ଅଫିସର ବେଉରାଙ୍କ ପୌରୋହିତ୍ୟରେ ବିଶ୍ୱ ବନ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ

### ଜିଲାସ୍ତରୀୟ ବିଶ୍ୱ ବନ ଦିବସ

ଖବରଦାତା ଭାସ୍କର ରାଉତରାୟ, ଗବେଷକ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ୟାପକ ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବନପାଳ ବିଜୟ କୁମାର ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବନପାଳ ପଦ୍ମନାଭ ରାଉତ, ପ୍ରଦୀପ ବେହେରା, ବିଶ୍ୱ ରଞ୍ଜନ ତରାଇ, ପ୍ରଦୋଷ ମହାପାତ୍ର, ସବିତା ବେହେରା, ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଗହୀରମଥା ରେଞ୍ଜ କାର୍ଯ୍ୟାଳୟ ପକ୍ଷରୁ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ଦୋଳିଗାଁ ପରିସରରେ ବିଶ୍ୱ ବନ ଦିବସ ପାଳନ କରାଯାଇଛି। ରେଞ୍ଜ ଅଫିସର ବିଚିତ୍ରାନନ୍ଦ ବେହୁରାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କୁ ବର, ଅଶ୍ୱତ୍ଥ ଓ ମେଡିସିନ ପ୍ଲାଣ୍ଟ ବଣ୍ଟନ କରାଯାଇଥିଲା। ଏଥିରେ ଫରେଷ୍ଟର ନବୀନ କୁମାର ମଲ୍ଲିକ, ଜ୍ଞାନ ପ୍ରକାଶ ମହାନ୍ତି, ଫରେଷ୍ଟ ଗାର୍ଡ କଳ୍ପତରୁ ସେଠୀ, ଭାନୁ ଚରଣ ଜାନା ପ୍ରମୁଖ ଯୋଗ ଦେଇଥିଲେ।

# ହାତୀ ମୃତ୍ୟୁ ଚିନ୍ତାଜନକ

## ଲୋକଙ୍କ ଜଙ୍ଗଲ ବଢୁଛି, ଅଛନ୍ତି ୪୫ ହାତୀ

ଭଞ୍ଜନଗର,୨୧।୩(ଡି.ଏନ.ଏ.)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ମଙ୍ଗଳବାର ବିଶ୍ୱ ବନ ଦିବସ ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ପାଳିତ ହୋଇଯାଇଛି । ଏଥିରେ ଡ଼ିଏଫଓ ସୁଦର୍ଶନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଗତ କିଛିବର୍ଷ ହେବ ରାଜ୍ୟରେ ଜଙ୍ଗଲ ବୃଦ୍ଧି ପାଉଥିବା ନେଇ କହିଥିଲେ। ଏହିଭଳି ଉତ୍ତର ଘୁମୁସର ବନଖଣ୍ଡରେ ମଧ୍ୟ ସଂରକ୍ଷିତ ଜଙ୍ଗଲ ବଦଳରେ ଲୋକଙ୍କ ଜଙ୍ଗଲ ଅଞ୍ଚଳ ବଢୁଛି। ସଂରକ୍ଷିତ ଜଙ୍ଗଲ ଯେଉଁଭଳି ସେହିଭଳି ଅଛି । ସାଧାରଣ ଲୋକେ ନିଜ ଜମିରେ ଗଛ ଲଗାଉଛନ୍ତି । ସରକାର ମଧ୍ୟ ବିଭିନ୍ନ ଯୋଜନାରେ ରାସ୍ତା କଡ଼ରେ ଗଛ ଲଗାଉଛନ୍ତି । ତେଣୁ ଉକ୍ତ ଗଛ ହିଁ ଜଙ୍ଗଲ ବୃଦ୍ଧିର ମୁଖ୍ୟ କାରଣ ବୋଲି ଡ଼ିଏଫଓ ଶ୍ରୀ ବେହେରା କହିଥିଲେ। ଲୋକ ସଂଖ୍ୟା ବୃଦ୍ଧି ଯୋଗୁ କଳ କାରଖାନାର ଆବଶ୍ୟକତା ବଢୁଛି । ଖଣି ଖୋଳାଯାଉଛି । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେବାସହ ଜଳବାୟୁ ପରିବର୍ତ୍ତନ ହେଉଛି । ବାଘ ସଂଖ୍ୟା କମିବା ଯୋଗୁ ବାରାହା, ହରିଣ ସଂଖ୍ୟା ବଢୁଛି । ଅନ୍ୟ ବନଖଣ୍ଡ ଅପେକ୍ଷା ଘୁମୁସର ଉତ୍ତର ବନଖଣ୍ଡ ହାତୀମାନଙ୍କ ଚଳପ୍ରଚଳ ପାଇଁ ସୁରକ୍ଷିତ ସ୍ଥାନ । ତେଣୁ ଏହି ବନଖଣ୍ଡରେ ବର୍ତ୍ତମାନ ୪୫ଟି ହାତୀ ଅଛି । ଏଥିସହ ଅନ୍ୟ ରାଜ୍ୟ ତୁଳନାରେ ମାଈ ହାତୀ ଅନୁପାତ ଅନୁସାରେ ଦନ୍ତା ହାତୀ ମଧ୍ୟ ଅଧିକ ଅଛି ବୋଲି ଶ୍ରୀ ବେହେରା କହିଥିଲେ। ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଗତ କିଛିମାସ ହେବ ଏହି ବନଖଣ୍ଡରେ ହାତୀ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି ବୋଲି କହିଥିଲେ। ତେଣୁ ସମସ୍ତେ ମିଳିମିଶି ବନ୍ୟପ୍ରାଣୀ ଏବଂ ଜଙ୍ଗଲର ସୁରକ୍ଷା କରିବା ପାଇଁ ସେ ଲୋକଙ୍କୁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସ୍ୱାଇଁ, ଜଗନ୍ନାଥପ୍ରସାଦ କଲେଜର ପ୍ରାଧ୍ୟାପକ ଲୋକନାଥ ମହାନ୍ତି, କ୍ଷତ୍ରିୟବରପୁର କଲେଜ ଅଧକ୍ଷ ବି.ଗୋବିନ୍ଦ ରାଓ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମନ୍ୱୟ ରକ୍ଷା କରି ଜଙ୍ଗଲ ସୁରକ୍ଷା କରିବାକୁ ଉପସ୍ଥିତ ବନ ସୁରକ୍ଷା ସମିତି କର୍ମକର୍ତ୍ତା ଏବଂ ବନ ବିଭାଗ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ଜଗନ୍ନାଥପ୍ରସାଦ ରେଞ୍ଜ କର୍ମଚାରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



ବୈଠକରେ ଉପସ୍ଥିତ ଅଧିକାରୀ ।

## ସଂକ୍ଷେପରେ

### ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

ହିଞ୍ଜିଳିକାଟୁ ୨୧।୩(ଡି.ଏନ୍.ଏ): ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ପରିସରରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ଅଭିଯାନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଟିପିଏସଓଡିଏଲ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଲାଇନମେନ, ହେଲପର ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଏସ୍.ଇ ଚନ୍ଦନ ଦାଶ, ସର୍କିଲ ହେଡ ଆର. ଶ୍ରୀନିବାସ ମହାରଣା, ସହକାରୀ ଯନ୍ତ୍ରୀ ସତ୍ୟନାରାୟଣ ଦାସ, ଡିଡିଓ ମନୋରଞ୍ଜନ ପାତ୍ର, ହିଞ୍ଜିଳିକାଟୁ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ବରିଷ୍ଠ ଲାଇନମେନ ଶ୍ରୀକାନ୍ତ ସାହୁ, ସୀମାଞ୍ଚଳ ପ୍ରଧାନ, ସଂଗ୍ରାମ କେଶରୀ ସାହୁ, କୈଳାସ ଚନ୍ଦ୍ର ଗୌଡ, ସୁନିଲ ନାହାକ, ସେଫଟି ସୁପରଭାଇଜର ବିଶ୍ୱ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ଶତାୟୁଙ୍କ ପରଲୋକ



ଜି.ଉଦୟଗିରି,୨୧।୩: କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ପଞ୍ଚାୟତସ୍ଥିତ ଦକରଙ୍ଗିଆ ଗ୍ରାମର ଶତାୟୁ ପୁରୁଷ ଦୁର୍ଯ୍ୟୋଧନ ବେହେରା (୧୦୨)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ଧର୍ମ ପରାୟଣ, ପରୋପକାରୀ ଭାବେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ବଡପୁଅ ଆନନ୍ଦ ମୁଖାଗ୍ନି ଦେଇଥିଲେ।

### ସରକାରୀ ଓକିଲଙ୍କୁ ଗସ୍ତ ଖର୍ଚ୍ଚ ମିଳିନି

ଛତ୍ରପୁର,୨୧।୩(ଡି.ଏନ୍.ଏ.): ଦୀର୍ଘ ଦଶବର୍ଷରୁ ଅଧିକ ହେଲା ବକେୟା ଗସ୍ତ ଖର୍ଚ୍ଚ ନପାଇ ଜଣେ ପୂର୍ବତନ ସରକାରୀ ଓକିଲ ହଇରାଣର ଶିକାର ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ କୃଷ୍ଣଚନ୍ଦ୍ର ମିଶ୍ର ଗତ ୨୦୦୧ ଅଗଷ୍ଟ ମାସରେ ଲ’ ଅଫିସର ନିଯୁକ୍ତି ପାଇ ଛତ୍ରପୁର ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଛତ୍ରପୁର ବ୍ୟତୀତ ଖଲ୍ଲିକୋଟ, ହିଞ୍ଜିଳିକାଟୁ, ବ୍ରହ୍ମପୁର, ଭୁବନେଶ୍ୱର ପ୍ରଭୃତି ସ୍ଥାନକୁ ଯାଇ କାର୍ଯ୍ୟ କରୁଥିଲେ। ୨୦୧୨ ଜୁଲାଇ ପର୍ଯ୍ୟନ୍ତ ସରକାରଙ୍କ ଏହି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିଥିଲେ। ସରକାରୀ ନିୟମ ଅନୁଯାୟୀ ସେ ଗସ୍ତ ଖର୍ଚ୍ଚ ବାବଦରେ ଦୁଇ ଲକ୍ଷରୁ ଅଧିକ ଟଙ୍କା ପାଇବାକୁ ଅଛନ୍ତି। ଏ ସମ୍ପର୍କରେ ସେ ଗଞ୍ଜାମ ଜିଲାପାଳଙ୍କ ନିକଟରେ ୩୭ଥର ଗୁହାରି କଲା ପରେ ମଧ କୌଣସି ସୁଫଳ ମିଳିନାହିଁ। ଜିଲାପାଳ ଗସ୍ତଖର୍ଚ୍ଚ ଦରଖାସ୍ତକୁ ରାଜ୍ୟ ଆଇନ ବିଭାଗକୁ ପଠାଇ ଦେଇଛନ୍ତି। ବୟସାଧିକ କାରଣରୁ ଶ୍ରୀ ମିଶ୍ର ଅସୁସ୍ଥ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଅର୍ଥର ଆବଶ୍ୟକତା ଥିବାରୁ ଏହାର ସମାଧାନ ପାଇଁ ସେ ୫ ଟି ସଚିବଙ୍କୁ ନିବେଦନ କରିଛନ୍ତି।

### ପୁଅ ଜନ୍ମଦିନରେ ରକ୍ତଦାନ ଶିବିର

ଛତ୍ରପୁର,୨୧।୩(ଡି.ଏନ୍.ଏ): ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁର ଦମ୍ପତି ସୁଶାନ୍ତ ନାହାକ ଓ ସୁମିତ୍ରା ନାହାକ ନିଜ ପୁଅ ଜନ୍ମ ଦିନକୁ ନିଆରା ଶୈଳୀରେ ପାଳନ କରିଛନ୍ତି। ପୁଅ ସମ୍ବିତ ଜନ୍ମ ଦିବସରେ ରକ୍ତଦାନ ଶିବିର ଆୟୋଜନ କରିବା ସହ ଚିଦାନନ୍ଦ ଦିବ୍ୟଧାମରେ ରହୁଥିବା ବୃଦ୍ଧ ବୃଦ୍ଧାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ ଓ ଉପାଧକ୍ଷା ଶାନ୍ତୀ ସାରଦା ରେଡ୍ଡୀ ଯୋଗଦେଇ ଶୁଭାରମ୍ଭ କରିଥିଲେ । ରକ୍ତଦାନ ଶିବିରରେ ୪୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଅନ୍ୟମାନଙ୍କ ମଧରେ ସରପଞ୍ଚ ଉର୍ମିଳା ଦାସ, ପୂର୍ବତନ ସମିତିସଭ୍ୟ ଅଶୋକ କୁମାର ପାଣିଗ୍ରାହୀ, ପୂର୍ବତନ ସମିତିସଭ୍ୟ ଜ୍ୟୋତିରଞ୍ଜନ ସାହୁ, ଭବାନୀ ପାଣିଗ୍ରାହୀ, ସପନେଶ୍ୱର ନାହାକ, ସରୋଜ କୁମାର ଦାସ, ଡା.ଜିତେନ୍ଦ୍ର ସ୍ୱାଇଁ, ଇନ୍ଦ୍ରଜିତ ଦାଶ, ତାରେଶ୍ୱର ସାମନ୍ତରାୟ, ପ୍ରିୟରଞ୍ଜନ ମହାପାତ୍ର ଯୋଗଦେଇଥିଲେ ।

# ସମବାୟସ୍ତରୀୟ ବ୍ୟାଙ୍କିଙ୍ଗ୍ ଋଣ କର୍ମଶାଳା

ଚିକିଟି,୨୧।୩(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚିକିଟି ବ୍ଲକ୍ ଅନ୍ତର୍ଗତ ନୂଆପଡ଼ା ସେବା ସମବାୟ ତରଫରୁ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନୂଆପଡ଼ା ସେବା ସମବାୟ ସମିତିର ସଭାପତି ଶିବପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ସରପଞ୍ଚ ବି. ସନମୁଖ, ସୁପରଭାଇଜର ପଦ୍ମଚରଣ ପ୍ରଧାନ, ବଡବରଙ୍ଗା ସେବା ସମବାୟ ସମିତିର ସମ୍ପାଦକ ନବ କୁମାର ପାଢୀ ପ୍ରମୁଖ ଯୋଗଦେଇ ରାଜ୍ୟର ବିକାଶ କ୍ଷେତ୍ରରେ ସମବାୟ ଅନୁଷ୍ଠାନଗୁଡିକ ଦୀର୍ଘ ସମୟ ଧରି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ସମବାୟ ସଂସ୍ଥାଗୁଡିକ ନିଜ ନିଜର ବିକାଶମୂଳକ କାର୍ଯ୍ୟକ୍ରମଗୁଡିକ ଦ୍ୱାରା ରାଜ୍ୟରେ କୃଷକ ଏବଂ ଦୁର୍ବଳ ଶ୍ରେଣୀ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହୋଇପାରୁଛି ବୋଲି ମତବ୍ୟକ୍ତ କରିଥିଲେ । ଯେଉଁ ଚାଷୀମାନେ ସମିତିରୁ କୃଷିଋଣ ଗ୍ରହଣ କରୁଥିଲେ ସେମାନଙ୍କର ୫୦ହଜାର ଟଙ୍କାର ସୁଧ ରିହାତି ଦିଆଯାଉଥିଲା । ବର୍ତ୍ତମାନ ସରକାର ଏକ ଲକ୍ଷ ଟଙ୍କାର ଜିରୋ ପ୍ରତିଶତ ସୁଧ ରିହାତି ଦିଆଯିବ ବୋଲି କହିଥିଲେ। ଚାଷୀର ସମସ୍ତ ସୁବିଧା ପାଇଁ ଏହି ସେବା ସମବାୟ ମାଧ୍ୟମରେ ଟ୍ରାକ୍ଟର, ପାୱାର ଟିଲର, ପମ୍ପସେଟ୍ ଋଣ ରିହାତି ଦରରେ ଦିଆଯାଉଥିବା କହିଥିଲେ । ଆୟୋଜିତ ଏହି କର୍ମଶାଳାରେ ଚାନ୍ଦପୁର ଓ ନୂଆପଡା ପଞ୍ଚାୟତର ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ । ଶେଷରେ ସେବା ସମବାୟ ସମିତିର ସମ୍ପାଦକ ପ୍ରମୋଦ କୁମାର ସାମନ୍ତ ଧନ୍ୟବାଦ ଦେଇଥିଲେ ।

# ୮ଲକ୍ଷରେ ନିର୍ମିତ ଜାତୀୟ ପତାକା ଖମ୍ବ ଭାଙ୍ଗିଲା

## ଏନ୍ଏସି ପକ୍ଷରୁ ଥାନାରେ ଅଭିଯୋଗ


ଭାଙ୍ଗିଯାଇଥିବା ଜାତୀୟ ପତାକା ଖମ୍ବ ।

ଭଞ୍ଜନଗର,୨୧।୩(ଡି.ଏନ.ଏ.)

ବେଲଗୁଣ୍ଠା ଏନଏସି ପକ୍ଷରୁ ପ୍ରାୟ ୨ମାସ ପୂର୍ବେ ଖୋଲା ସ୍ଥାନର ସୌନ୍ଦର୍ଯ୍ୟକରଣ ଯୋଜନାରେ ଏନ୍ଏସି ଅଫିସ ସମ୍ମୁଖରେ ଏକ ବିରାଟ ଲୁହା ଖମ୍ବରେ ଜାତୀୟ ପତାକା ଉଡ଼ାଯାଇଥିଲା । ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଉକ୍ତ ବିରାଟ ଖମ୍ବଟି ମଙ୍ଗଳବାର ଅପରାହ୍ନରେ ଭାଙ୍ଗିଯାଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଅପରପକ୍ଷେ ଏହି ଘଟଣାକୁ ନେଇ ନୂଆ ବିବାଦ ଦେଖାଦେଇଛି । ଖମ୍ବ ଭାଙ୍ଗିଯିବା ପରେ ଏନ୍ଏସି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି । କୌଣସି ଦୁର୍ବୃତ୍ତ ଖମ୍ବର ନଟ୍‌ବୋଲ୍ଟ ଖୋଲି ଦେଇଥିବା ଯୋଗୁ ଏହିଭଳି ଘଟଣା ଘଟିଲା ବୋଲି ନିର୍ବାହୀ ଅଧିକାରୀ ରାକେଶ ପାତ୍ର ଅଭିଯୋଗ କରିଛନ୍ତି। ବେଲଗୁଣ୍ଠା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ କହିଛନ୍ତି ଯେ, ବେଲଗୁଣ୍ଠା ଏନଏସି ଦୁର୍ନୀତିର ଗନ୍ତାଘର ପାଲଟିଛି। ଉକ୍ତ ଖମ୍ବ କାମ ମଧ୍ୟ ନିମ୍ନମାନର ହୋଇଥିବା ଯୋଗୁ ସାମାନ୍ୟ ବର୍ଷାରେ ତାହା ଭାଙ୍ଗିଯାଇଛି ।

## ତାରାତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା

# ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଲେ ଦୁଇ ଭଉଣୀ

ପୁରୁଷୋତ୍ତମପୁର,୨୧।୩(ଡି.ଏନ.ଏ.)

ମା ତାରା ତାରିଣୀଙ୍କ ଦ୍ୱିତୀୟ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅମାବାସ୍ୟାରେ ମାଙ୍କ ଏହି ମଙ୍ଗଳବାର ପାଳି ପଡିଥିବା ବେଳେ ମହାଲକ୍ଷ୍ମୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମା ତାରାତାରିଣୀ ଦୁଇ ଭଉଣୀ। ସୋମବାର ରାତିରୁ ଭକ୍ତଙ୍କ ସୁଅ ଛୁଟିଥିବା ବେଳେ ମଙ୍ଗଳବାର ସକାଳୁ ଭକ୍ତଙ୍କ ଅସଂଖ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ଛୋଟ ଛୋଟ ଶିଶୁଙ୍କୁ ନେଇ ମୁଣ୍ଡନ କରିବା ସହ ଅମୁନିହା ହାଣ୍ଡି କରି ମାଙ୍କୁ ଭକ୍ତମାନେ ଭୋଗ ଲଗାଇଥିଲେ। ସେପଟେ ବଣ ଭୋଜିର ଆସର ମଧ ଜମିଥିଲା। ଏହି ପାଳିରେ ୬ ହଜାର ୭ ଶହ ୭୨ ଜଣ ଶିଶୁ ମୁଣ୍ଡନ ହୋଇଛନ୍ତି। ରାତି ସାଢେ ୧୨ ଟାରେ ମାଙ୍କ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ଅବକାଶ, ମାଜଣା, ସିଙ୍ଗାର ଆଦି ସ୍ୱତନ୍ତ୍ର ରିତି ନୀତି ପରେ ମା ତାରାତାରିଣୀ ଦୁଇ ଭଉଣୀଙ୍କୁ ମହାଲକ୍ଷ୍ମୀ ବେଶରେ ସେବାୟତମାନେ ସଜ୍ଜିତ କରିଥିଲେ। ଭୋର ୩.୪୫ ରେ ସାହାଣମେଳା ହୋଇ ଭକ୍ତଙ୍କୁ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେଇଥିଲେ । ସେପଟେ ମୁଣ୍ଡନ କାର୍ଯ୍ୟ ରାତି ୨ଟାରୁ ଆରମ୍ଭ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସ୍‌ପି ଜଗନମୋହନ ମିନା ଆସି ସ୍ଥିତି ତଦାରଖ କରିଥିବା ବେଳେ ଛତ୍ରପୁର ସର୍କିଲ ଦେବୋତ୍ତର ବିଭାଗ ଇନ୍ସପେକ୍ଟର ପୁଷ୍ପିତା ବେହେରା, ଛତ୍ରପୁର ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀ, ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ତହସିଲଦାର ସନ୍ତୋଷ କୁମାର ସାହୁ ଓ ବିଡିଓ ବିଜୟ କୁମାର ବେହେରା ଯାତ୍ରା ପରିଚାଳନା କରିଥିବା ବେଳେ ସେବାୟତ ସଂଘ ସଭାପତି ତପନ କୁମାର ରଣା, ବାପୁଜୀ ରଣା ଓ ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ଥିଲେ।


ଜଣେ ଶିଶୁଙ୍କ ମୁଣ୍ଡନ କରାଯାଉଛି ।

### ୬ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ମୁଣ୍ଡନ

### ଗଞ୍ଜାମ ବିଇଓ ପାଇବେ ଜାତୀୟ ସମ୍ମାନ

ଗଞ୍ଜାମ,୨୧।୩(ଡି.ଏନ.ଏ.)

ଗଞ୍ଜାମ ବ୍ଲକର ୮୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ନିମନ୍ତେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜାତୀୟ ସମ୍ମାନରେ ସମ୍ମାନୀତ ହେବାକୁ ମନୋନୀତ ହୋଇଛନ୍ତି। ରାଜ୍ୟ ସରକାରଙ୍କୁ ଆସିଥିବା ଅନୁଯାୟୀ ଜାତୀୟସ୍ତରରେ ଏହି ସମ୍ମାନ ନିମନ୍ତେ ୬୦ ଜଣ ପ୍ରଶାସନିକ ଅଧିକାରୀଙ୍କ ଚୟନ ହୋଇଥିବା ବେଳେ ଓଡିଶାରୁ ୪ ଜଣ ଶିକ୍ଷାଧିକାରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେଥିରୁ ଗଞ୍ଜାମ ବ୍ଲକ ଶିକ୍ଷାଧିକାରୀ ଭାଗୀରଥି ବେହେରାଙ୍କୁ ତାଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଅଭିନବ ପ୍ରୟାସ ଶିଶୁ ଲେଖକ କର୍ମଶାଳା ପାଇଁ ଚୟନ କରାଯାଇଥିବା ଜଣାପଡିଛି। ନୂଆଦିଲ୍ଲୀ ଆୟୋଜିତ ହେବାକୁ ଯାଉଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ଅତିଥିଙ୍କ ଗହଣରେ ଭାଗୀରଥିଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।

### ଲୁଟ ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି, ୨୧।୩(ଡି.ଏନ୍.ଏ.): ଦିଗପହଣ୍ଡି ପୋଲିସ ଲୁଟ୍ ମାମଲାରେ ମଙ୍ଗଳବାର ବ୍ରହ୍ମପୁର ଓଆରଟି କଲୋନୀର ଶ୍ରୀନିବାସ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲ୍‌କୁ ପଠାଇ ଦିଆଯାଇଛି। ଗତ ଡ଼ିସେମ୍ବର ୨୬ରେ ଶ୍ରୀନିବାସ ଓ ଜଣେ ସହଯୋଗୀ ଖଣ୍ଡା ଦେଖାଇ ସିଦ୍ଧିଖଣ୍ଡି ଗ୍ରାମର ଅରକ୍ଷିତ ସ୍ୱାଇଁଙ୍କ ଠାରୁ ୨୦ ହଜାର ଟଙ୍କା ଲୁଟି ନେଇଥିଲେ ।

# ଜନ ଅଭିଯୋଗ ଶୁଣାଣି


ପ୍ରୋତ୍ସାହନ ରାଶି ବଣ୍ଟନ କରୁଛନ୍ତି ଜିଲାପାଳ ଲିଙ୍ଗରାଜ ପଣ୍ଡା ।

ଆର.ଉଦୟଗିରି,୨୧।୩(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରଣ୍ଡିବା ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୭ ଅଭିଯୋଗ ଆସିଥିବା ବେଳେ ୨ ଟିର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ୭୫ ଅଭିଯୋଗ ତୁରନ୍ତ ସମାଧାନ ଲାଗି ଜିଲାପାଳ ଲିଙ୍ଗରାଜ ପଣ୍ଡା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବିବାହ ପ୍ରୋତ୍ସାହନ ରାଶି ଓ ପ୍ରକୃତ ହିତାଧିକାରୀଙ୍କୁ ପେନସନ ବଣ୍ଟନ କରାଯାଇଛି। ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ରୋମାଞ୍ଚିଳ ଖମାରୀ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଫାଲଗୁନ ମାଝି, ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାଶ, ଆର.ଉଦୟଗିରିର ବିଡିଓ ଲରେମାନ ଖର୍ସେଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ, ୨ ଆହତ

ବାଲିଗୁଡ଼ା, ୨୧।୩ (ଡି.ଏନ୍.ଏ): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନାର ଜଲେଶପଙ୍ଗା ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କାହେବା ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳ ପ୍ରାୟ ୧୧ଟା ସମୟରେ ତୁମୁଡ଼ିବନ୍ଧ ପଟୁ ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ମୋଟରସାଇକେଲ ଯୋଗେ ଦ୍ରୁତ ଗତିରେ ଆସୁଥିବା ବେଳେ ତୁମୁଡ଼ିବନ୍ଧ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଯାଉଥିବା ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ବାଲିଗୁଡ଼ା ଥାନା କଟେରୀଭଙ୍ଗା ଗ୍ରାମର ଆସିଷ୍ଟାଣ୍ଟ ପ୍ରଫେସର ଡ. କୈଳାସଚନ୍ଦ୍ର ମଲ୍ଲିକ କଲେଜ ଯାଉଥିବା ବେଳେ ନିଶାସକ୍ତ ବ୍ୟକ୍ତିଜଣଙ୍କ ତାଙ୍କୁ ଧକ୍କା ଦେଇଥିଲା। ପ୍ରଫେସର ମଲ୍ଲିକ ଆହତ ହୋଇଥିବା ବେଳେ ନିଶାସକ୍ତ ବ୍ୟକ୍ତିଜଣଙ୍କ ଗୁରୁତର ହୋଇଛନ୍ତି। ସାମାଜିକ କର୍ମୀ ଅମିତ କୁମାର ନାୟକ ଗୁରୁତର ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠାଇଥିଲେ।

# ବନ ବିଭାଗ ସହ ସାମିଲ ହେଲେ ଏସ୍ଏଚ୍‌ଜି


ସଚେତନତା ଶୋଭାଯାତ୍ରାରେ ଯାଉଥିବା ମହିଳା ।

ବାଲିଗୁଡ଼ା/କୋଟଗଡ଼,୨୧।୩ (ଡି.ଏନ.ଏ):

ଜଙ୍ଗଲ ନିଆଁକୁ ଲିଭାଇବା ଓ ଏ ନେଇ ସଚେତନ ପାଇଁ ବାଲିଗୁଡ଼ା ବନଖଣ୍ଡ ଅଧିନରେ ଥିବା କୋଟଗଡ଼ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ବେହେରାଙ୍କ ନେତୃତ୍ୱରେ କୋଟଗଡ଼ ବ୍ଲକର ୧୦ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୮୦ ମହିଳାଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା କ’ଣ କ୍ଷତି ଘଟୁଛି ଏବଂ ଜୀବଜଗତ ଉପରେ କ’ଣ ପ୍ରଭାବ ପଡୁଛି ସେନେଇ ମା’ମାନଙ୍କୁ ଅବଗତ କରାଇବା ସହ ପ୍ରତ୍ୟେକ ମା’ମାନେ ନିଜର ସାହି, ୱାର୍ଡ ଓ ପଞ୍ଚାୟତରେ ସଭା ମାଧ୍ୟମରେ ଲୋକଙ୍କୁ କିଭଳି ବୁଝାଇବେ ଏବଂ ଜଙ୍ଗଲ ସୁରକ୍ଷା କିଭଳି କରାଯାଇପାରିବ ସେନେଇ ମା’ ମାନଙ୍କୁ ଅନୁରୋଧ କରାଯାଇଛି। ମହିଳାମାନଙ୍କୁ ନେଇ ଏକ ଶୋଭାଯାତ୍ରା ଜରିଆରେ ଲୋକଙ୍କୁ ସଚେତନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳର ସମସ୍ତ ବନପାଳ, କର୍ମଚାରୀ ସାମିଲ ହୋଇଥିଲେ ।

# ଆୟୁଷ ଡାକ୍ତରଙ୍କୁ ଡିପିଏମ୍‌ଙ୍କ ଦୁର୍ବ୍ୟବହାର

## ଟୁଇଟ୍ ସହ ଅଭିଯୋଗ କଲେ ଡାକ୍ତର

ଫୁଲବାଣୀ ଅଫିସ, ୨୧।୩

ନବ ନିଯୁକ୍ତ ଆୟୁଷ ଡାକ୍ତରମାନଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍)ର ଜିଲା ପ୍ରୋଗ୍ରାମ ମ୍ୟାନେଜର ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଆୟୁଷ ଡାକ୍ତରମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲାପାଳ, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର ମନ୍ତ୍ରଣାଳୟ, ରାଜ୍ୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ, ଆୟୁଷ ନିର୍ଦ୍ଦେଶକ ଏବଂ ଅନ୍ୟ ବିଭାଗୀୟ ସଚିବଙ୍କ ପାଖରେ ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ, ଟୁଇଟ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ ଅବଗତ କରିଛନ୍ତି। ପ୍ରକାଶ ଯେ, ଗତ ୬ ତାରିଖରେ ଆୟୁଷ ଡାକ୍ତରମାନେ ନିଯୁକ୍ତି ପାଇଛନ୍ତି। ସେମାନେ ଜିଲାର ବିଭିନ୍ନ ମେଡିକାଲରେ ଅବସ୍ଥାପିତ ହେବେ। ଏଥିପାଇଁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡକାଯାଇଥିଲା। ଡିପିଏମ ମନୋରଞ୍ଜନ ସାହୁ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ ବୋଲି ଆୟୁଷ ଡାକ୍ତରମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଡିପିଏମ ତାଙ୍କୁ କହିଛନ୍ତି, ‘ମୁଁ ତୁମମାନଙ୍କୁ ଡାକ୍ତର ବୋଲି ଗ୍ରହଣ କରେ ନାହିଁ। ମୋଠାରୁ ତୁମମାନଙ୍କ ଶିକ୍ଷାଗତ ଯୋଗ୍ୟତା କମ। ମୁଁ ଡାକ୍ତରମାନଙ୍କୁ ଆକଟ କରିବା ପାଇଁ ଏ ସବୁ ଶିକ୍ଷାଗତ ଯୋଗ୍ୟତା ହାସଲ କରିଛି। ମୋ ପାଖରେ ଯଥେଷ୍ଟ କ୍ଷମତା ଅଛି ତୁମମାନଙ୍କୁ ଚାକିରିରୁ ବହିଷ୍କାର କରିଦେବି। ତୁମମାନେ ଜୀବନ କାଳରେ କୋଉଠି ଚାକିରି ପାଇ ପାରିବ ନାହିଁ।’ ଆୟୁଷ ଡାକ୍ତରମାନେ ଆହୁରି କହିଛନ୍ତି ଯେ, ଆମେ ମେଡିକାଲ ଅଫିସର ପଦରେ ନିଯୁକ୍ତି ପାଇଥିଲେ ମଧ୍ୟ ଆମକୁ ଡାକି ତାଙ୍କ ବ୍ୟକ୍ତିଗତ କାର୍ଯ୍ୟାଳୟରେ ବସାଇ ଖବର କାଗଜରୁ ସ୍ୱାସ୍ଥ୍ୟ ବିଭାଗ ସମ୍ବନ୍ଧୀୟ ସ୍ତମ୍ଭଗୁଡିକ କାଟି ତାଙ୍କ ପାଖରେ ପୈଠ କରିବାକୁ କହୁଛନ୍ତି। ଆମେ ଗତ ୬ ତାରିଖରୁ ନିଯୁକ୍ତି ପାଇଥିଲେ ହେଁ ଆମକୁ ନିଜ କାର୍ଯ୍ୟସ୍ଥଳୀକୁ ପଠା ଯାଉନାହିଁ। ଡିପିଏମ କହୁଛନ୍ତି ତୁମେମାନେ ଏଠି ମୋ କାର୍ଯ୍ୟାଳୟରେ ମୋ ପାଇଁ ପାଣି, ଚଷମା ଆଣିବ। ମୋ କକ୍ଷ ଦୁଆର ଖୋଲିବ ଏବଂ ବନ୍ଦ କରିବ। ମୁଁ ଯୁଆଡେ କହିବି ମୋ ଗାଡି ପଛ ସିଟରେ ବସିକି ଯିବ। ଖାଲି ଏତିକି ନୁହେଁ ମୁଁ ତୁମକୁ ଡାକ୍ତର କହିବି ନାହିଁ, ତୁମ ନାଁ ଧରି ଡାକିବି. ଯଦି ତୁମେମାନେ ଏ ବିଷୟରେ କାହା ପାଖରେ ଅଭିଯୋଗ କରିବ, ତାହାଲେ ତୁମ ପରଫରମାନ୍ସ ରିପୋର୍ଟକୁ ନିମ୍ନ ମୂଲ୍ୟାଙ୍କନ କରିଦେବି। ଏ ନେଇ ଆୟୁଷ ଡାକ୍ତର ମଧୁସ୍ମିତା ପି. ବେହେରା, ଡା. ଡିବି ଦେବସ୍ମିତା ଜେନା, ଡା. ତୃପ୍ତିମୟୀ ନାୟକ, ଡା. ମତାଙ୍ଗିନୀ ମହାନ୍ତ, ଡା. ସ୍ୱାଗତିକା ପଣ୍ଡା, ଡା. ତୁଷାର କାନ୍ତ ସ୍ୱାଇଁ, ଡା. ପ୍ରଦୀପ କୁମାର ରାଉତରାୟ, ଡା ଧର୍ମେନ୍ଦ୍ର ଦଳାଇ, ଡା. ପ୍ରିୟବ୍ରତ ସେଠିଙ୍କ ସମେତ ଅନ୍ୟ ଡାକ୍ତର ମାନେ ଅଭିଯୋଗ କରିଛନ୍ତି। ତେବେ ଡିପିଏମ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ, ମୁଁ ସେଭଳି କିଛି କହି ନାହିଁ, ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମ ପାଇଁ ସେମାନଙ୍କୁ ବୁଝାଯାଉଥିଲା। କିନ୍ତୁ ସେମାନେ ଅଲଗା ଭାବିଲେ। ମୁଁ ବ୍ୟକ୍ତିଗତ ଭାବେ କାହାକୁ କିଛି କହି ନାହିଁ ବୋଲି କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟଙ୍କୁ ପଚାରିବାରୁ, ମୁଁ ଭୁବନେଶ୍ୱରରେ ଅଛି, ଘଟଣା ବିଷୟରେ ଅବଗତ ଅଛି, ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



ଟୁଇଟ କରିଥିବା ଡାକ୍ତର

## ସଂକ୍ଷେପରେ

### ମହିଳାଙ୍କ ବେକରୁ ସୁନାଚେନ ଲୁଟ୍

ଧର୍ମଶାଳା,୨୧।୩(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗାଁରେ ଜଣେ ମହିଳାଙ୍କ ବେକରୁ ୧୦ ଗ୍ରାମ ଓଜନର ସୁନା ଚେନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେହି ଗାଁର ଉଦୟନାଥ ସାହୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ବଡ଼ ବୋଉ ବୈଜୟନ୍ତୀ ପଣ୍ଡା ଠାକୁର ଘରେ ପୂଜା କରୁଥିବାବେଳେ ବାଇକ୍‌ରେ ଜଣେ ଦୁର୍ବୃତ୍ତ ଆସି ତାଙ୍କ ବେକରୁ ସୁନା ଚେନ୍ ଲୁଟି ନେଇଥିଲା। ଘରେ କେହି ପୁରୁଷ ଲୋକ ନ ଥିବାରୁ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଥିଲେ।

### ବଜ୍ରପାତରେ ୨ ଗୋରୁ ମୃତ

ରାଜନଗର, ୨୧।୩ (ଡି.ଏନ.ଏ.): ରାଜନଗର ବ୍ଲକ କେରୁଆପାଳ ପଞ୍ଚାୟତ ଗିରିଆପାହି ମୌଜାର ସୁବାସ ମଣ୍ଡଳଙ୍କର ୨ ଗୋଟି ଗାଈ ବିଲରେ ଚରୁଥିବା ବେଳେ ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ହଠାତ୍ ବଜ୍ରପାତରେ ମୃତ୍ୟୁ ଘଟିଛି। ସୁବାସ ସବୁଦିନ ସକାଳେ ଗାଈ, ବାଛୁରୀ ନେଇ ପଡ଼ିଆକୁ ଚରାଇବା ପାଇଁ ଯାଇଥାନ୍ତି। ମଙ୍ଗଳବାର କୌଣସି କାମ ଥିବାରୁ ଗାଈ ୨ଟିକୁ ପଡ଼ିଆରେ ଚାରିବା ପାଇଁ ଛାଡି ଆସିଥିଲେ। ଅପରାହ୍ନ ସାଢେ ୨ରେ ହଠାତ ବର୍ଷା, ପବନ ଓ ଘଡ଼ ଘଡି ଜୋରରେ ହୋଇଥିଲା। ପରେ ବଜ୍ରପାତ ପଡ଼ିଆରେ ଚରୁଥିବା ସୁବାସଙ୍କ ଗାଈ ୨ଟିଙ୍କ ଉପରେ ପଡ଼ିଥିଲା।

### ବକେୟା ପ୍ରକଳ୍ପ ଅର୍ଥ ପ୍ରାପ୍ତି ପାଇଁ ଆନ୍ଦୋଳନ ହେବ

କେନ୍ଦ୍ରାପଡ଼ା ଅଫିସ, ୨୧।୩: କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ନିର୍ଦ୍ଦେଶରେ ପ୍ରକଳ୍ପ କାର୍ଯ୍ୟ ହେଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ପ୍ରକଳ୍ପ ଅର୍ଥ ମିଳିବ ବୋଲି ପ୍ରତିଶ୍ରୁତି ମିଳିଲା। କରୋନା ସଂକ୍ରମଣ ସମୟରେ ସ୍ଥାନୀୟ ଲୋକଙ୍କୁ କର୍ମ ନିଯୁକ୍ତି ଦେବା ସହ ପ୍ରକଳ୍ପ ଶେଷ ହୋଇଥିଲେ ମଧ ଏ ବାବଦ ଅର୍ଥ ମିଳୁନାହିଁ। ଏଥିପାଇଁ ଜିଲାର ସମସ୍ତ ପୂର୍ବତନ ଲୋକ ପ୍ରତିନିଧି ଆନ୍ଦୋଳନକୁ ଓହ୍ଲାଇବେ ବୋଲି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ୨୧ଟି ପଞ୍ଚାୟତର ପୂର୍ବତନ ସରପଞ୍ଚମାନେ ମଙ୍ଗଳବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସଂସାରଫଳ ପୂର୍ବତନ ସରପଞ୍ଚ ମିନତି ପାତ୍ର, ଦୋଷିଆର ପ୍ରଭାତ ରଞ୍ଜନ ପ୍ରଧାନ, ବଡ଼ପାଳର କୈଳାସ ଚନ୍ଦ୍ର ସିଂହ, ଅଳପୁଆର ରମେଶ ଚନ୍ଦ୍ର ଦାସ, ଔପଦାର ସୁବାସ ଖୁଣ୍ଟିଆ, କଖାରୁଣୀର ପୂର୍ବନତ ସରପଞ୍ଚ ରୀନାରାଣୀ ମଲ୍ଲିକ ପ୍ରମୁଖ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ପଞ୍ଚାୟତର ଉନ୍ନୟନ ପାଇଁ ରାସ୍ତା ପାର୍ଶ୍ୱରେ ବନୀକରଣ, ଖେଳ ପଡ଼ିଆର ଉନ୍ନତିକରଣ, ପଞ୍ଚାୟତ ପରିସରର ଉନ୍ନତିକରଣ, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ, ଗ୍ରାମ ରାସ୍ତାକୁ ଚେକ ଟାଇଲ ମାଧ୍ୟମରେ ଗମନାଗମନଯୋଗ୍ୟ କରିବା, ଆଦର୍ଶ ପୋଖରୀର ଉନ୍ନତିକରଣ, ରାସ୍ତା ପାର୍ଶ୍ୱ ଚାନ୍ଦନୀର ଉନ୍ନତିକରଣ, ବ୍ୟାଡମିଣ୍ଟନ ପିଚ, ଗ୍ରାମୀଣ ପାର୍କ ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକ ପଞ୍ଚାୟତର ୨୦୨୦ରୁ ୨୦୨୨ ମଧ୍ୟରେ ଏଷ୍ଟିମେଟ ପାସ କରାଯାଇ କାର୍ଯ୍ୟ ଶେଷ ହୋଇଛି।

# କ୍ଷତିପୂରଣ ପାଇଲେନି ଚାଷୀ

**ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାମ**
- ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା
- ବିକାଶ ହେଉ, ଚାଷୀ ପାଆନ୍ତୁ କ୍ଷତିପୂରଣ

ଯାଜପୁର ଅଫିସ,୨୧।୩

ଯାଜପୁର ଜିଲାର ଅନ୍ୟତମ ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବରର ଉନ୍ନୟନ କାର୍ଯ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜା କ୍ଷତିଗ୍ରସ୍ତ ହେଉଛନ୍ତି। ୧୯୩୨ରୁ ରାଜାଙ୍କଠାରୁ ପଟ୍ଟା ପାଇ ଚାଷବାସ କରି ଆସୁଥିବା ଚାଷୀଙ୍କୁ ଉଚିତ କ୍ଷତିପୂରଣ ନ ଦେଇ ଜିଲା ପ୍ରଶାସନ ଜୋର ଜବରଦସ୍ତ ଉନ୍ନୟନ କାର୍ଯ୍ୟ ଚଳାଇଛନ୍ତି ବୋଲି କ୍ଷତିଗ୍ରସ୍ତ ପ୍ରଜାମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ତେବେ ହାଇକୋର୍ଟଙ୍କ ସ୍ଥଗିତାଦେଶ ଏବଂ ଜବାବ ଦାଖଲ ନୋଟିସକୁ ଜିଲା ପ୍ରଶାସନ ଅଣଦେଖା କରି ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି କ୍ଷତିଗ୍ରସ୍ତ ପ୍ରଜାମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସହରର କେତେଜଣ ବୁଦ୍ଧିଜୀବୀ ବାସ୍ତବ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହ ବ୍ୟାସ ସରୋବର ବିକାଶ କାର୍ଯ୍ୟକୁ ଆଗେଇ ନେବାକୁ ମତବ୍ୟକ୍ତ କରିଛନ୍ତି।

କାହିଁ କେଉଁ ଅବହମାନ କାଳରୁ ବ୍ୟାସ ସରୋବର ଅବହେଳିତ ଅବସ୍ଥାରେ ପଡି ରହିଥିଲା। ଏହାର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ଲୋକେ ବହୁ ଦାବି ଏବଂ ଆନ୍ଦୋଳନ କରି ଆସୁଥିଲେ। ଗଣମାଧ୍ୟମରେ ମଧ୍ୟ ନିୟମିତ ଭାବେ ଖବର ପ୍ରକାଶ ପାଇ ଆସୁଥିଲା। ଏହାପରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ୍) ପାଣ୍ଠିରୁ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହି ପ୍ରକଳ୍ପକୁ ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେଶନ(ଏନ୍‌ବିସିସି)ଜରିଆରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥା କାର୍ଯ୍ୟ ସମ୍ପାଦିତ କରୁଛି। ତେବେ ଏହି କାର୍ଯ୍ୟରେ ବ୍ୟାସନଗର ପୌରପରିଷଦର ମୁଣ୍ଡୋମାଳ, ଝାଟିଆସାହି, ବୀରମଣିପୁର, କୋପଣ୍ଡ, ଖଣ୍ଡାହତା, ଯୋଡାବର ଏବଂ ଦାନଗଦି ବ୍ଲକ ରାଛିପୁର ପଞ୍ଚାୟତର ପ୍ରାୟ ୮୦ ଏକର ସ୍ଥିତିବାନ ଜମିକୁ ଦଖଲ କରାଯାଇଛି। ଏନେଇ ସମ୍ପୃକ୍ତ ପ୍ରଜା ସନ୍ଦୀପ କୁମାର ରାୟ ଏବଂ ଆଲୋକ କୁମାର ରାୟ ଓ ଆଶିଷ କୁମାର ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି କ୍ରମରେ ହାଇକୋର୍ଟରେ ୧୦୮୯୦/୨୦୨୨ ଓ ୮୦୬୨/୨୦୨୨ରେ ଦୁଇଟି ମାମଲା ରୁଜୁ ହୋଇଛି। ହାଇକୋର୍ଟ ୧୦୮୯୦/୨୦୨୨ ନମ୍ବର ମାମଲାର ଶୁଣାଣି କରି ଗତ ୫।୫।୨୦୨୨ରେ ବ୍ୟାସନଗର ତହସିଲ ଅଧୀନସ୍ଥ ମୁଣ୍ଡୋମାଳ ମୌଜାର ସାବକ ଖାତା ନମ୍ବର-୮୧, ପ୍ଲଟ ନମ୍ବର ୩୨୧, ୩୨୨, ୬୦ ଓ ୩୧୮ରେ କୌଣସି ବେଦଖଲ କରି କାର୍ଯ୍ୟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଜିଲା ପ୍ରଶାସନ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ନ ମାନିବାରୁ ଚାଷୀ ସନ୍ଦୀପ ରାୟ ପୁଣି ହାଇକୋର୍ଟରେ ୩୯୯୦/୨୦୨୨ ନମ୍ବରରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଛନ୍ତି। ଏହାର ଶୁଣାଣି କରି ହାଇକୋର୍ଟ ୧୯।୧୨।୨୦୨୨ରେ ୩ ମାସ ମଧ୍ୟରେ ଅନୁପାଳନ କରିବାକୁ ବ୍ୟାସନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶର ୩ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ତହସିଲଦାର କୌଣସି ଅନୁପାଳନ ରିପୋର୍ଟ ଦାଖଲ କରି ନ ଥିବା ଆବେଦନକାରୀଙ୍କଠାରୁ ସୂଚନା ମିଳିଛି। ସେହିପରି ୮୦୬୨/୨୦୨୨ ମାମଲାର ବିଚାର କରି ହାଇକୋର୍ଟ ପକ୍ଷରୁ ୭।୪।୨୦୨୨ରେ ରାଜ୍ୟ ସରକାର, ଜିଲାପାଳ ଏବଂ ବ୍ୟାସନଗର ତହସିଲଦାରଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ହାଇକୋର୍ଟରେ ଜବାବ୍ ନ ରଖି ସମ୍ପୃକ୍ତ ଚାଷୀମାନଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ଗତ ୩।୬।୨୦୨୨ରେ ବୋର୍ଡ ଅଫ୍ ରେଭିନ୍ୟୁରେ ଓଲଟା ୩ଟି ପୃଥକ୍ ମାମଲା ରୁଜୁ ହୋଇଛି। ଏଭଳି ଭାବେ କେତେଜଣ ଗରିବ ନିରୀହ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ମାମଲା କରି ସମୟ ଗଡେଇ ନେବାକୁ ଉଦ୍ୟମ କରାଯାଉଛି। ଏହି ଚାଷୀମାନେ ବ୍ୟାସ ସରୋବର ଉନ୍ନୟନ କାର୍ଯ୍ୟକୁ ସ୍ୱାଗତ କରୁଥିବାବେଳେ ଚାଷୀଙ୍କ କ୍ଷତି ପେଟରେ ଲାତ ମାରିବା ସଦୃଶ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଯାଜପୁର ଟାଉନରେ ହେଉଥିବା ବିକାଶ କାର୍ଯ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ଉପଯୁକ୍ତ ଭାବେ କ୍ଷତିପୂରଣ ପାଉଥିବାବେଳେ ବ୍ୟାସ ସରୋବର ପ୍ରକଳ୍ପରେ କାହିଁକି ଚାଷୀଙ୍କୁ ଅଣଦେଖା କରାଯାଉଛି ବୋଲି ପ୍ରଶ୍ନ ଉଠିଛି। ପୂର୍ବ ନିର୍ଦ୍ଧାରିତ ଏବଂ ଏଷ୍ଟିମେଟ ଅନୁସାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେଉ ନ ଥିବାବେଳେ ଆୟତନ ଏବଂ ପୋଖରୀ ଗଭୀରତାରେ ଅନିୟମିତା ହେଉଥିବା ମତପ୍ରକାଶ ପାଇଛି। ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ପ୍ରକଳ୍ପ କାର୍ଯ୍ୟ ସରକାରୀ ଜମିରେ ହେଉଛି, ପ୍ରଜାଙ୍କ ଜମିରେ ହେଉ ନାହିଁ ବୋଲି କହିଛନ୍ତି।



ବ୍ୟାସ ସରୋବର ପ୍ରକଳ୍ପରେ ନିୟୋଜିତ ହୋଇଥିବା ଚାଷୀଙ୍କ ଜମି।

### ଚେନ୍ ଲୁଟ୍ ଅଭିଯୋଗ: ୨ ଗିରଫ

କଳିଙ୍ଗନଗର,୨୧।୩(ଡି.ଏନ.ଏ.):

ଚେନ୍ ଲୁଟ୍ ଅଭିଯୋଗରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ମଙ୍ଗଳବାର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ସେମାନଙ୍କ ନିକଟରୁ ଚୋରି ମଙ୍ଗଳସୂତ୍ର ଏବଂ ଏକ କଳା ପଲସର ବାଇକ ଓଡି-୩୪-ଆର-୦୬୪୮କୁ ପୋଲିସ ଜବତ କରିଛି। ସେମାନେ ହେଲେ କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ଆଲା ନାଗରାଜ ରାଓ(୨୪) ଏବଂ କବାଡ଼ି ଆକାଶ(୧୮)।

ସୂଚନା ମୁତାବକ, ରାଇସମିଲ ଅଞ୍ଚଳର ରୋଜାଲିନ ଓଝା ଏବଂ ତାଙ୍କ ଭଉଣୀ ରୀତାଞ୍ଜଳି ନାୟକ ଗତ ୧୭ ତାରିଖରେ ମାର୍କେଟିଙ୍ଗ ନିମନ୍ତେ ବଜାରକୁ ଆସି ଫେରୁଥିଲେ। ଏହି ସମୟରେ ଏକ ପଲସରରେ ୨ ଯୁବକ ଆସି ରୋଜାଲିନ ପିନ୍ଧିଥିବା ମଙ୍ଗଳସୂତ୍ରଟିକୁ ଛଡାଇ ସେଠାରୁ ଉଭାନ ହୋଇଯାଇଥିଲେ। ସ୍ଥାନୀୟ ଯୁବକ ସେମାନଙ୍କ ପିଛା କରିଥିଲେ ମଧ୍ୟ କୌଣସି ସୁରାକ ପାଇ ପାରି ନ ଥିଲେ। ଏନେଇ ରୋଜାଲିନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୦୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପଚରାଉଚରା ପରେ ଅଭିଯୁକ୍ତ ଏହି ଚୋରିରେ ସମ୍ପୃକ୍ତ ଥିବା ମାନିଯାଇଥିଲେ ବୋଲି ଥାନା ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

## ଅବ୍ୟବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର





ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜନପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

- ୧୨ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୪ ଜଣ
- ଖାଲି ଡାକ୍ତର ପଦବୀ ପୂରଣ ପାଇଁ ଜନପ୍ରତିନିଧିଙ୍କ ଦାବି

ଧର୍ମଶାଳା,୨୧।୩(ଡି.ଏନ.ଏ.):

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ କରିବା ସହିତ ରୋଗୀ ସେବାକୁ ପ୍ରାଥମିକତା ଦେଉଥିବା ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏହା କିପରି କାର୍ଯ୍ୟକାରୀ ହେଉଛି ତାହା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦେଖିଲେ ସହଜରେ ଜଣାପଡୁଛି। ନିୟମ ଅନୁସାରେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଡାକ୍ତର ରହିବା କଥା। ହେଲେ ଏଠାରେ ବର୍ତ୍ତମାନ ୪ଜଣ ଡାକ୍ତର ଅଛନ୍ତି। ସେଥିମଧ୍ୟରୁ ୩ଜଣ ଡାକ୍ତର ପଟ୍ଟସ୍ୱନୀ ନାୟକ, ପାର୍ଥସାରଥୀ ସାହୁ ଓ ସ୍ମାରକୀ ବ୍ରହ୍ମ ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିବା ବେଳେ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ବିଶ୍ୱରଞ୍ଜନ କର ଡେପୁଟେଶନରେ ଆସି କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଶଲ୍ୟ ବିଭାଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ଓ ଭେଷଜ ବିଭାଗ ବିଶେଷଜ୍ଞମାନେ ରହି ରୋଗୀଙ୍କ ସେବା କରିବା କଥା। ହେଲେ ଏଯାବତ କୌଣସି ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ତେଣୁ ଶହଶହ ରୋଗୀ ଏଠାରୁ ସ୍ୱାସ୍ଥ୍ୟ ସେବା ନ ପାଇ ଅନ୍ୟ ସରକାରୀ ଏବଂ ବେସରକାରୀ ମେଡିକାଲରେ ଚିକିତ୍ସିତ ହେବାକୁ ବାଧ୍ୟ ହେଉଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରତ୍ୟେକ ମାସରେ ଆସୁଥିବା ମାଗଣା ଔଷଧ ଏଠାରେ ଠିକରେ ପହଞ୍ଚିପାରୁନି। ଫଳରେ ଗରିବ ରୋଗୀ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ପୂରଣ ସହିତ ଅନ୍ୟ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରି ଫେଲ୍ ମାରିବା ପରେ ଏବେ ଜନପ୍ରତିନିଧିମାନେ ଅଣ୍ଟା ଭିଡ଼ିଛନ୍ତି। ମଙ୍ଗଳବାର ବ୍ଲକ ବିଜେଡି ସଭାପତି ତଥା ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତିଙ୍କ ନେତୃତ୍ୱରେ ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ସଭ୍ୟା ସ୍ମୃତିରଞ୍ଜନ ବେହେରା, ସରପଞ୍ଚ ସୁଦାମ ଚରଣ ବେହେରା, ତ୍ରିଲୋଚନ ଜେନା, ନିର୍ମଳ ଦାସ, ସୁମିତ୍ରା ସ୍ୱାଇଁ, ସମିତିସଭ୍ୟ ଅନ୍ନପୂର୍ଣ୍ଣା ସାହୁ ଓ ସସ୍ମିତା ନାୟକ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା ଏବଂ ଯାଜପୁର ଏଡିଏମ୍ ଦୁଃଖବନ୍ଧୁ ନାୟକଙ୍କୁ ଭେଟି ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି।

### ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ଯାଜପୁର ଟାଉନ,୨୧।୩(ଡି.ଏନ.ଏ.):

ନିଖିଳ ଉତ୍କଳ ଦର୍ଶନ ପରିଷଦ ପକ୍ଷରୁ ତର୍କ ଓ ଦର୍ଶନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଅରବିନ୍ଦ ଦାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ପତ୍ରକୁ ପରିଷଦ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ଗଣେଶ ପ୍ରସାଦ ଦାସ ପ୍ରେରିତ କରିଥିଲେ। ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ଜେନା, କାର୍ତ୍ତିକ ଚନ୍ଦ୍ର ଦାସ ଓ ଅଧ୍ୟାପକ ପ୍ରଦୀପ କୁମାର ବେହୁରିଆ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରଥିଲେ। ଏଥିସହିତ ପରିଷଦ ପକ୍ଷରୁ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଦାସ ୧୯୪୧ରେ ଯାଜପୁରର କମାଗଡ ଗ୍ରାମରେ ଜନ୍ମଲାଭ କରିଥିବାବେଳେ ୧୯୬୨ରେ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୬୪ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ତର୍କ ଓ ଦର୍ଶନ ବିଭାଗରେ ଯୋଗ୍ୟବିବେଚିତ ହୋଇ ଫୁଲବାଣୀ ଜିଲା ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା ଆରମ୍ଭ କରିଥିଲେ। ପରେ ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଆଧ୍ୟାପନ କରି ଶେଷରେ ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟ ଭୁବନେଶ୍ୱରରୁ ୨୦୦୧ରେ ଅବସର ଗ୍ରହଣ କରିଥିଲେ।

### ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ

ବ୍ରହ୍ମବରଦା,୨୧।୩(ଡି.ଏନ.ଏ.):

ଯାଜପୁର ଜିଲା ରସୁଲପୁର ବ୍ଲକ୍ ବ୍ରହ୍ମବରଦା ଥାନା ଅଧୀନ ରାଉତରାପୁର ସରପଞ୍ଚ, ତାଙ୍କ ସ୍ୱାମୀ ଓ ଦିଅରଙ୍କୁ ଆକ୍ରମଣ ହୋଇଛି। ବିରୋଧୀମାନେ ଆକ୍ରମଣ କରି ଲହୁ ଲୁହାଣ କରିବା ସହ ସରପଞ୍ଚଙ୍କ ସୁନା ଚେନା ଓ ଲକେଟ୍ ଛିଣ୍ଡାଇ ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ଥାନା ଆଇଆଇସି ତଦନ୍ତ କରୁଥିବା ଜଣାପଡ଼ିଛି।

ଅଭିଯୋଗ ଅନୁସାରେ, ରାଉତରାପୁର ଗ୍ରାମର କେତେଜଣ ବ୍ୟକ୍ତି ସରକାରୀ ଜାଗା ଜୋରଜବରଦସ୍ତ ଦଖଲ କରି ବ୍ୟବହାର କରୁଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ମଙ୍ଗଳବାର ଅପରାହ୍ନରେ ଘଟଣାସ୍ଥଳରେ ଯାଜପୁର ଏଡିଏମ୍ ଓ ରସୁଲପୁର ତହସିଲଦାର ପହଞ୍ଚି ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଓ ତାଙ୍କ ସ୍ୱାମୀ ପ୍ରତାପ ସାହୁଙ୍କୁ ଭେଟି ଆଲୋଚନା କରିବା ସହ ଜବରଦଖଲସ୍ଥାନର ତଦନ୍ତ କରିଥିଲେ। ଏହି ସମୟରେ ସେହି ଗ୍ରାମର ପ୍ରଭାତ ପୃଷ୍ଟି ଓ ପ୍ରଶାନ୍ତ ପୃଷ୍ଟି ଦୁଇ ଭାଇ ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ସେମାନେ ଉକ୍ତ ସ୍ଥାନରୁ ଘରକୁ ଫେରୁଥିବାବେଳେ ରାଜନୈତିକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଭାଇ ଓ ଗ୍ରାମର କାଶୀନାଥ ପୃଷ୍ଟି, ତ୍ରୈଲୋକ୍ୟ ପୃଷ୍ଟି, ଅଶୋକ ପୃଷ୍ଟି, ମଦନ ସାହୁ ଏବଂ ସାଧୁ ସାହୁ ମିଳିତ ଭାବେ ମାରଣାସ୍ତ୍ର ଧରି ହଠାତ୍ ଗାଳି ଗୁଲଜ କରିବା ସହିତ ସରପଞ୍ଚ ସ୍ୱର୍ଣ୍ଣଲତାଙ୍କ ଚୁଟିକୁ ଟାଣି ତଳେ ପକାଇ ମାଡ଼ ମାରିଥିଲେ। ତାଙ୍କ ସ୍ୱାମୀ ପ୍ରତାପ ବିରୋଧ କରିବାରୁ ତାଙ୍କୁ ମଧ ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ଜୀବନରୁ ମରିଦେବାକୁ ଗୋଡ଼ାଇଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଯିବା ସମୟରେ ସରପଞ୍ଚଙ୍କ ସୁନା ଚେନ ଓ ଲକେଟ୍ ଛଡ଼ାଇ ନେବା ସହ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ସରପଞ୍ଚ, ତାଙ୍କ ସ୍ୱାମୀ ଓ ତାଙ୍କ ଦିଅର ଯାଜପୁର ଟାଉନ ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସିତ ହୋଇ ଆସିବା ପରେ ସରପଞ୍ଚ ଥାନରେ ଲିଖିତ ଅଭିଯୋଗ କରିଥିଲେ।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ।

## କୁଆପଥର ମାଡ଼ରେ ବ୍ୟାପକ ଫସଲ ନଷ୍ଟ

**କ୍ଷୟକ୍ଷତି ଆକଳନ କଲେ ଅତିରିକ୍ତ ତହସିଲଦାର**

ଚଣ୍ଡିଖୋଲ,୨୧।୩(ଡି.ଏନ.ଏ.):

କୁଆପଥର ବର୍ଷାରେ ବଡ଼ଚଣା ବ୍ଲକ ଅଞ୍ଚଳର ବହୁ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଧାନ ଓ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲାବେଳେ ବହୁ ଆଜବେଷ୍ଟସ ଏବଂ ଚାଳ ଛପର ଘର ଭାଙ୍ଗିଯାଇଛି। କେତେକ ଗାଡ଼ି କ୍ଷତିଗ୍ରସ୍ତ ହେବା ସହ ଦୁଇ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ମଙ୍ଗଳବାର ଦର୍ପଣ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ମାଣ୍ଡୁକା, ଭାକୁଡ଼, ଦୌଲତପୁର ଓ ବାରବାଟୀ ଆଦି ଗ୍ରାମ ବୁଲି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିଗ୍ରସ୍ତ ପଞ୍ଚାୟତଗୁଡ଼ିକର ରିପୋର୍ଟ ପ୍ରଦାନ କରିବାକୁ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଅନୁଯାୟୀ, ସୋମବାର ଅପରାହ୍ନରେ ୩୦ ମିନିଟ ପାଇଁ କୁଆପଥର ବୃଷ୍ଟି ହୋଇଥିଲା। ବର୍ଷା ଓ ପବନ ସାଙ୍ଗକୁ ୫୦ ଗ୍ରାମ ଓଜନଠାରୁ ଆରମ୍ଭ କରି ୫୦୦ ଗ୍ରାମ ଓଜନର କୁଆପଥର ପଡ଼ିଥିଲା। ଏପରି କି କେତେକ ସ୍ଥାନରେ ୧ କିଲୋ ଗ୍ରାମ ଭଳି ଓଜନର କୁଆପଥର ପଡ଼ିଥିବା ଦେଖାଯାଇଥିଲା। ଏଥିରେ ଅଣକା, ମାଣ୍ଡୁକା, ପତରାଜପୁର, ବାଲିଚନ୍ଦ୍ରପୁର, ଅଚ୍ୟୁତ ବସନ୍ତ, ନଳିପୁର, ମଝିପଡ଼ା ଓ ଗୋପାଳପୁର ଆଦି ପଞ୍ଚାୟତରେ ବହୁ କ୍ଷୟକ୍ଷତିହୋଇଛି। ଚାଷୀ କରିଥିବା ଡାଲୁଅ ଧାନ ସମେତ ପୋଟଳ, କଲରା, କାକୁଡ଼ି ଆଦି ପରିବା ଫସଲ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।





କୁଆପଥର ମାଡ଼ରେ ଗଛରୁ ଧାନ ଝଡ଼ିଯାଇଛି।

## ଖରସ୍ରୋତାର ଦୁର୍ବଳ ନଦୀବନ୍ଧ ହାଣି ଗୋଡ଼ା ନିର୍ମାଣ

- ବନ୍ୟା ଭୟରେ ନଦୀକୂଳ ବାସୀ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ଯାଜପୁର ସଦର,୨୧।୩(ଡି.ଏନ.ଏ.)

ଯାଜପୁର ବ୍ଲକ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ବାଲିଘାଟକୁ ସଂଯୋଗ କରୁଥିବା ରାସ୍ତା ଖରସ୍ରୋତା ନଦୀବନ୍ଧକୁ ଲାଗିଛି। ତେଣୁ ଉକ୍ତ ଘାଟରୁ ବାଲି ପରିବହନ ପାଇଁ ଖରସ୍ରୋତାର ଦୁର୍ବଳ ନଦୀବନ୍ଧକୁ ହାଣି ଗୋଡ଼ା ନିର୍ମାଣ କରାଯାଇଛି। ଫଳରେ ଖରସ୍ରୋତା ନଦୀବନ୍ଧ ସୁରକ୍ଷାକୁ ନେଇ ମାଧପୁର, କଳସପୁର ଓ ଭୁବନପୁର ଆଦି ଗ୍ରାମର ଜନସାଧାରଣଙ୍କ ମନରେ ଆଶଙ୍କା ସୃଷ୍ଟି ହେଉଛି। ଉକ୍ତ ନଦୀବନ୍ଧର ସୁରକ୍ଷା ପ୍ରତି ଧ୍ୟାନ ଦିଆ ନ ଯାଇ ବନ୍ଧକୁ ହାଣି ବାଲି ବୋଝେଇ ଟ୍ରକ, ହାଇୱା ଓଭର ଲୋଡ କରି ଯାତାୟାତ କରୁଛି। ଦୁର୍ବଳ ନଦୀବନ୍ଧକୁ କାଟି ଗୋଡ଼ା କିଏ କରୁଛି ତାହା ଜଳସମ୍ପଦ ବିଭାଗ ଜାଣି ନ ଥିବା କହୁଛି। ୨୦ନଂ. ଜାତୀୟ ରାଜପଥର ରାଜଘାଟଠାରୁ ତନ୍ତିଘାଇ ପର୍ଯ୍ୟନ୍ତ ଏହି ଖରସ୍ରୋତା ନଦୀବନ୍ଧ ଯାଇଛି। ବନ୍ଧ କଡ଼ରେ ମାଧପୁର, କଳସପୁର, ଭୁବନପୁର, ହାସୀନପୁର ଆଦି ଗ୍ରାମ ଅବସ୍ଥିତ। ବିଗତ ବର୍ଷରେ ଅନେକ ଥର ବନ୍ଧଭାଙ୍ଗି ବହୁ ଧନଜୀବନ ନଷ୍ଟ କରିଥିବା ନଜର ରହିଛି। ଅନେକ ସ୍ଥାନରେ ଘୋଳିଆ ପଡ଼ିବାର ମଧ ଦେଖାଦେଇଛି। ମାତ୍ର ଦୁର୍ବଳ ନଦୀବନ୍ଧ ଉପରେ କଳସପୁର ବାଲିଘାଟରୁ ଭାରିଯାନ ଚଳାଚଳ ଯୋଗୁ ବନ୍ଧର ସୁରକ୍ଷା ପ୍ରତିବିପଦ ଦେଖାଦେଇଛି। ଦୁର୍ବଳ ନଦୀବନ୍ଧକୁ ହାଣି ଗୋଡ଼ା କରିବା ଦ୍ୱାରା ନଦୀରେ ପାଣି ହେଲେ ଘାଇ ସୃଷ୍ଟି ହେବା ସମ୍ଭାବନା ରହିଛି। ଜଳ ସମ୍ପଦ ଅଗୋଚରରେ ନଦୀବନ୍ଧ କାଟି ଗୋଡ଼ା ନିର୍ମାଣ କାହା ନିର୍ଦ୍ଦେଶରେ ହୋଇଛି ବୋଲି ସାଧରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହାଛଡ଼ା ଓଭର ଲୋଡ୍ ବାଲିଗାଡ଼ି ଚଳାଚଳ କରୁଥିବାରୁ ଅନ୍ୟ ୨ ଚକିଆ, ୩ ଚକିଆ, ୪ ଚକିଆ ଗାଡ଼ି ଏହି ବନ୍ଧରେ ଯିବାଆସିବା ସମ୍ଭବ ହେଉନାହିଁ। ବାଲିମାଫିଆ ନିଜ ଇଚ୍ଛାରେ ଗାଡ଼ି ଚଳାଉଛନ୍ତି। ବାଲିଘାଟ ନିକଟରେ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଫଳରେ ଅଭିଭାବକ ପିଲାଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି ଛାଡ଼ିବାକୁ ଭୟ କରୁଛନ୍ତି। ବାଲି ବୋଝେଇ ଗାଡ଼ି ଚଳାଚଳ ଯୋଗୁ ବିଦ୍ୟାଳୟରେ ପାଠପଢ଼ା ବ୍ୟାଘାତ ହେଉଛି। ବିଦ୍ୟାଳୟ ଛାତ୍ରୀଛାତ୍ର ଖେଳଛୁଟିରେ ପଡ଼ିଆ କିମ୍ବା ରାସ୍ତାକୁ ମଧ ଆସିପାରୁନାହାନ୍ତି। ଏଭଳି ପରିସ୍ଥିତିରେ ଜିଲା ପ୍ରଶାସନ କିପରି କଳସପୁର ବାଲିଘାଟ ନିଲାମ କଲା ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ନଦୀରେ ସାମାନ୍ୟ ବନ୍ୟା ଆସିଲେ ଗୋଡ଼ା ହୋଇଥିବା ସ୍ଥାନରେ ନିଶ୍ଚୟ ଘାଇ ହେବ ଜାଣି ମଧ ମାଫିଆ ନିର୍ଭୟରେ ବାଲି ପରିବହନ କରୁଛନ୍ତି। ତେଣୁ ଏ ଦିଗରେ ଜଳ ସମ୍ପଦ ବିଭାଗ ଓ ତହସିଲ ପ୍ରଶାସନ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।



ଖରସ୍ରୋତା ନଦୀବନ୍ଧରେ ନିର୍ମାଣ ହୋଇଥିବା ଗୋଡ଼ା।

# ଜଙ୍ଗଲ ଅବକ୍ଷୟମୁଖୀ, ବନ୍ୟପ୍ରାଣୀ ଅସୁରକ୍ଷିତ

■ ପ୍ରହସନ ପାଲଟିଛି ବିଶ୍ୱ ବନ ଦିବସ
■ ଅଧିକ ପ୍ରଭାବିତ ହେଉଛନ୍ତି ହରିଣ

ଜଗତ୍‌ସିଂହପୁର ଅଫିସ, ୨୧।୩

ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖରେ ବିଶ୍ୱ ବନ ଦିବସ ପାଳନ କରାଯାଉଛି। ଏହି ଦିବସର ମୂଳ ଲକ୍ଷ୍ୟ ହେଉଛି ବନ ସଂରକ୍ଷଣ ସାଙ୍ଗକୁ ବନ୍ୟଜନ୍ତୁ, ସରୀସୃପ ଆଦିଙ୍କ ସୁରକ୍ଷା ପାଇଁ ଅଧିକ ଦାୟିତ୍ୱବାନ ହେବା। ସବୁଜ ବଳୟ ସୃଷ୍ଟି ପାଇଁ ସଚେତନତା ବାର୍ତ୍ତା ଦେବା। ମାତ୍ର ଜଗତ୍‌ସିଂହପୁର ଜିଲାରେ ବନ ବିଭାଗ ଏହି ଦିବସକୁ କେବଳ ଉପରଠାଉରିଆ ଭାବେ ପାଳନ କଲା ପରି ମନେ ହେଉଛି। ଏଠାରେ ଜଙ୍ଗଲ ଅବକ୍ଷୟମୁଖୀ ହୋଇପଡ଼ିଛି। ବନ୍ୟପ୍ରାଣୀ ସୁରକ୍ଷିତ ମଣୁନାହାନ୍ତି। ସେମାନଙ୍କ ପାଇଁ ବନ ବିଭାଗ ସେଭଳି ଦାୟିତ୍ୱବାନ ଥିବାଭଳି ଅନୁଭବ ହେଉନାହିଁ। ଏହି ଜିଲାରେ ୧୦ ବର୍ଷ ମଧ୍ୟରେ ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇବାରେ ଲାଗିଛି।

ମିଳିଥିବା ତଥ୍ୟ ଅନୁଯାୟୀ, ଜିଲାରେ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ, ତିର୍ତ୍ତୋଲର କିଳିପାଳ, ଏରସମାର ସିଆଳି ଲୁଣା ଜଙ୍ଗଲ, କୁଜଙ୍ଗର ହେନ୍ତାଳ ବଣ, ବାଲିକୁଦାର ବେରୁହାଁ ଜଙ୍ଗଲ, ରଘୁନାଥପୁର ନୂଆଗାଁ ଅଗସ୍ତି ମୁନି ଆଶ୍ରମ ନିକଟ ଜଙ୍ଗଲ, ସିଦ୍ଧବାରଙ୍ଗ ପୀଠକୁ ଲାଗି ରହିଥିବା ଜଙ୍ଗଲ ଆଦି ରହିଛି। ଏସବୁ ଜଙ୍ଗଲରେ ବହୁ ମୂଲ୍ୟବାନ ଗଛ ସାଙ୍ଗକୁ ବନ୍ୟପ୍ରାଣୀ ରହିଛନ୍ତି। ଧଳତଙ୍ଗଗଡ଼ ଜଙ୍ଗଲକୁ ପର୍ଯ୍ୟଟନ କ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି। ଏହା ହରିଣମାନଙ୍କ ଯୋଗୁ ବେଶ୍ ପରିଚିତ। ପ୍ରତ୍ୟହ ଶତାଧିକ ହରିଣ ଖାଦ୍ୟ ସଂଗ୍ରହ ପାଇଁ ଏଣେତେଣେ ବୁଲୁଥିବା ଦୃଶ୍ୟ ଖବର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କେବଳ ଏତିକି ନୁହେଁ, ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟକ ଠେକୁଆ, ହେଟା ବାଘ, ଝିଙ୍କ, ସାଳିଆପତନି, କଟାସ, ବିଲୁଆ ଏବଂ ସରୀସୃପ ଆଦି ଦେଖିବାକୁ ମିଳେ। ହେଲେ ସେମାନେ ଅସୁରକ୍ଷିତ। ବନ ବିଭାଗ ପକ୍ଷରୁ ତାରବାଡ ଏବଂ ଅନ୍ୟାନ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏହି ପ୍ରାଣୀଗୁଡିକ ବିପଜ୍ଜନକ ଅବସ୍ଥାରେ ଏଣେତେଣେ ବୁଲୁଥିବା ଅଭିଯୋଗ ହୋଇଛି। ବିଶେଷକରି ହରିଣମାନଙ୍କ ନିରାପଦ ଖାଦ୍ୟ ସଂଗ୍ରହ ପାଇଁ ଏକ ମିଡୋ (ହରିଣମାନଙ୍କ ଖାଦ୍ୟ ସଂଗ୍ରହ ପାଇଁ ଘାସ ଚାଷ) କରାଯିବା ଜରୁରୀ ଥିବାବେଳେ ତାହା ଏଯାଏ କରାଯାଇ ପାରିନାହିଁ। ନିକଟରେ ଥିବା ହଂସୁଆ ନଦୀର ଉତ୍ତର ପାର୍ଶ୍ୱରେ ଟ୍ରେନ୍ ଲାଇନ୍ ଯାଇଛି। ଅନେକ ସମୟରେ ହରିଣମାନେ ଏହି ଟ୍ରେନ୍ ଲାଇନ ଆଡକୁ ଚାଲି ଯାଉଛନ୍ତି। ବେଳେବେଳେ ଏହି ଲାଇନ୍ ଅତିକ୍ରମ କଲାବେଳେ ଟ୍ରେନ୍ ଦୁର୍ଘଟଣାରେ ହରିଣଙ୍କ ମୃତ୍ୟୁ ଘଟୁଛି। କେବଳ ଏତିକି ନୁହେଁ, ଶିକାରୀ କୁକୁରମାନେ ମଧ୍ୟ ହରିଣମାନଙ୍କ ଯାତାୟାତ ସମୟକୁ ଜଗି ରହୁଛନ୍ତି। ଯେତେବେଳେ ହରିଣମାନେ ଖାଦ୍ୟ ଅନ୍ୱେଷଣରେ ବିଲ ଆଡ଼କୁ ମୁହାଁଉଛନ୍ତି ସେତେବେଳେ ଏହି କୁକୁରମାନେ ସେମାନଙ୍କୁ ଆକ୍ରମଣ କରୁଛନ୍ତି। ଅନେକ ସମୟରେ ମଧ୍ୟ ବୁଲା କୁକୁରମାନେ ହରିଣ ମାରି ଖାଇ ଯାଉଛନ୍ତି। ତେଣୁ ଏହି ପାର୍ଶ୍ୱରେ ତାରବାଡ଼ (ସୋଲାର ଫ୍ୟାନ୍ସି) କରାଯାଉ ବୋଲି ବରିଷ୍ଠ ନାଗରିକ ଚୈତନ୍ୟ ଚରଣ ଦାସ, ଅରଣ୍ୟ ଅଭିଯାନ ଆବାହକ ସନ୍ତୋଷ ପ୍ରଧାନଙ୍କ ସମେତ କେତେଜଣ ପରିବେଶବିତ୍ ଦାବି କରିଛନ୍ତି। ସେମାନଙ୍କ କହିବା କଥା ହେଲା, ଏବେ ଖରାଦିନ ହୋଇଯାଇଥିବାରୁ ଜଙ୍ଗଲରେ ଥିବା ଏକାଧିକ ପୋଖରୀ ଶୁଖିଗଲାଣି। ଫଳରେ ବନ୍ୟପ୍ରାଣୀଙ୍କ ପାଇଁ ସମସ୍ୟା ବଢ଼ିବାରେ ଲାଗିଛି। ଏହା ଭିତରେ ବର୍ଷତମାମ ଯେପରି ପାଣି ଗଚ୍ଛିତ ରହିପାରିବ ସେଥିପ୍ରତି ବିଭାଗ ଦାୟିତ୍ୱବାନ ହେବା ଦରକାର। ନିଆଁ ଦାଉରୁ ରକ୍ଷା କରିବା ପାଇଁ ଅଧିକ ଫାୟାର ଲାଇନ୍ ସୃଷ୍ଟି ହେବା ଆବଶ୍ୟକ। ଖରାଦିନେ କେନ୍ଦୁ, ଆମ୍ବ ଆଦି ଚୋରା ବ୍ୟବସାୟୀମାନଙ୍କ କବ୍‌ଜାକୁ ଚାଲି ଯାଉଛି। ଏହାର ସୁରକ୍ଷା କରାଯାଉ। ପାରମ୍ପରିକ ବୃକ୍ଷ ଯଥା ସଇତା ଆମ୍ବ, ପୋଲାଙ୍ଗ, ବେତକୋଳି, ଭଇଁସି କୋଳି, ଖିରିକୋଳି, ମିର୍ଜାକୋଳି ଏସବୁକୁ ସଂରକ୍ଷିତ କରିବା ସହ ପୁନରୁଦ୍ଧାର ପାଇଁ ବିଭାଗ ଅଧିକ ଦାୟିତ୍ୱବାନ ହେଉ। ଜଙ୍ଗଲରେ ବେତ ଗଛ ଚୋରିକୁ ରୋକାଯାଉ। ଏହି ଜଙ୍ଗଲରେ ଥିବା ପର୍ଯ୍ୟାପ୍ତ ପରିମାଣର ମାଙ୍କେଡା କେନ୍ଦୁ ସଂରକ୍ଷଣ କରାଗଲେ ମାଙ୍କଡମାନେ ଆଉ ଜନବସତିକୁ ଯିବେ ନାହିଁ। ସେମାନେ କେନ୍ଦୁ ଖାଇ ଜଙ୍ଗଲରେ ରହିବାକୁ ପସନ୍ଦ କରିବେ। ସେହିପରି କିଳିପାଳ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର କଣ୍ଟା ବାଉଁଶ ସମେତ ଶାଗୁଆନ, ଆକାଶିଆ, ଝାଉଁ ଆଦି ଗଛ ଦେଖିବାକୁ ମିଳେ। କିନ୍ତୁ ଏସବୁ ଏବେ ଅବକ୍ଷୟମୁଖୀ। ସିଆଳି ଲୁଣା ଜଙ୍ଗଲରେ ଝାଉଁ, ଗୁଆଁ, ବନୀ ଆଦି ବୃକ୍ଷ ବହୁଳ ପରିମାଣରେ ରହିଛି। ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ସୁଦ୍ଧା ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ଏହାଛଡ଼ା ବେରୁହାଁ ଜଙ୍ଗଲ ସମେତ ଅନ୍ୟ ଜଙ୍ଗଲ ମଧ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଛି।

ଏ ସମ୍ପର୍କରେ ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରେଞ୍ଜ ଅଫିସର ରବୀନ୍ଦ୍ର କୁମାର ମହାନ୍ତି କହିଛନ୍ତି, ବିରିଡ଼ି ବ୍ଲକ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଶ୍ୱ ବନ ଦିବସ ପାଳନ କରାଯାଇ ପିଲାଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ଦିଆଯାଇଛି। ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଜୈବ ବିବିଧତା ସୃଷ୍ଟି ପାଇଁ ବିଭାଗ ଦାୟିତ୍ୱବାନ ଥିବା ସେ କହିଛନ୍ତି।






ଧଳତଙ୍ଗଗଡ଼ ଜଙ୍ଗଲରେ ହରିଣମାନେ ବୁଲୁଛନ୍ତି।

## ସଂକ୍ଷେପରେ

### ମହିଳା ଚାଷୀଙ୍କୁ ବିନା ସୁଧରେ ଋଣ ମିଳିବ

ତିର୍ତ୍ତୋଲ,୨୧।୩ (ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ବ୍ୟାଙ୍କିଙ୍ଗ ସେବା ଓ ଋଣମେଳା ଅନୁଷ୍ଠିତ ହୋଇଯାଇଛି। ବିରିତୋଳ ସମବାୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳା ଚାଷୀମାନେ ଗୋଷ୍ଠୀଗତଭାବେ ଚାଷ ଲାଗି ବ୍ୟାଙ୍କରୁ ବିନା ସୁଧରେ ୧ ଲକ୍ଷ ପର୍ଯ୍ୟନ୍ତ ଋଣର ସୁବିଧା ପାଇପାରିବେ ବୋଲି ସୂଚନା ଦେଇଥିଲେ। ଏହି ପଞ୍ଚାୟତସ୍ତରୀୟ ଋଣ ପ୍ରଦାନ ମେଳାରେ ବିରିତୋଳ, ସଅଁରା ଓ ଗୋପାଳପୁର ପଞ୍ଚାୟତର ଶତାଧିକ ମହିଳା ଚାଷୀଙ୍କ ସହ ବହୁ କୃଷକ ଏବଂ ଏସଏଚ୍‌ଜି ସଦସ୍ୟାମାନେ ସାମିଲ ହୋଇଥିଲେ। ବିରିତୋଳ ସମବାୟ ସମିତିର ସଭାପତି ଅଶ୍ୱିନୀ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଏଆର୍‌ସିଏସ୍‌ର ବ୍ଲକ ଏରିଆ ଅଫିସର ରଞ୍ଜିତ ସାହୁ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ତିର୍ତ୍ତୋଲ ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ, ସଅଁରା ସରପଞ୍ଚ ବିକ୍ରମ ସ୍ୱାଇଁ, ସମିତି ବୋର୍ଡ ସଦସ୍ୟ ବିଜୟ କୁମାର ମହାନ୍ତି, ସମିତି ସମ୍ପାଦକ ଆଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ସରପଞ୍ଚ, ସ୍ୱାମୀଙ୍କୁ ଆକ୍ରମଣ

ବ୍ରହ୍ମବରଦା,୨୧।୩ (ଡି.ଏନ.ଏ.): ଯାଜପୁର ଜିଲା ରସୁଲପୁର ବ୍ଲକ୍ ବ୍ରହ୍ମବରଦା ଥାନା ଅଧୀନ ରାଉତରାପୁର ସରପଞ୍ଚ, ତାଙ୍କ ସ୍ୱାମୀ ଓ ଦିଅରଙ୍କୁ ଆକ୍ରମଣ ହୋଇଛି। ବିରୋଧୀମାନେ ଆକ୍ରମଣ କରି ସରପଞ୍ଚଙ୍କ ସୁନା ଚେନା ଓ ଲକେଟ୍ ଛିଣ୍ଡାଇ ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ରାଉତରାପୁର ଗ୍ରାମର କେତେଜଣ ବ୍ୟକ୍ତି ସରକାରୀ ଜାଗା ଜୋରଜବରଦସ୍ତ ଦଖଲ କରି ବ୍ୟବହାର କରୁଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ମଙ୍ଗଳବାର ଘଟଣାସ୍ଥଳରେ ଯାଜପୁର ଏଡିଏମ୍ ଓ ରସୁଲପୁର ତହସିଲଦାର ପହଞ୍ଚି ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ଓ ତାଙ୍କ ସ୍ୱାମୀ ପ୍ରତାପ ସାହୁଙ୍କୁ ଭେଟି ଆଲୋଚନା କରିବା ସହ ଜବରଦଖଲସ୍ଥାନର ତଦନ୍ତ କରିଥିଲେ। ଏହି ସମୟରେ ସେହି ଗ୍ରାମର ପ୍ରଭାତ ପୃଷ୍ଟି ଓ ପ୍ରଶାନ୍ତ ପୃଷ୍ଟି ଦୁଇ ଭାଇ ସରପଞ୍ଚ ଏବଂ ତାଙ୍କ ସ୍ୱାମୀଙ୍କୁ ଗାଳି ଗୁଲଜ କରିଥିଲେ। ପରେ ସରପଞ୍ଚ ଓ ତାଙ୍କ ସ୍ୱାମୀ ଘରକୁ ଫେରୁଥିବାବେଳେ ଦୁଇ ଭାଇ ଓ ଗ୍ରାମର କେତେଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ଗାଳି ଗୁଲଜ କରିବା ସହିତ ସେମାନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ।



ପାରାଦୀପର ଜୟଦେବ ଭବନରେ ମଙ୍ଗଳବାର ଅନୁଷ୍ଠିତ ଓଡ଼ିଆ ନାଟକ 'ପୁନଶ୍ଚ ଅବୋଲକରା'ର ଏକ ଦୃଶ୍ୟ।

## ପୁନଶ୍ଚ ଅବୋଲକରାରେ ରାଜତନ୍ତ୍ର ପ୍ରଜାତନ୍ତ୍ର କଥା

**ଜାତୀୟ ନାଟ୍ୟ ମହୋତ୍ସବ**

ପାରାଦୀପ,୨୧।୩ (ସ୍ୱ.ପ୍ର.)

ପାରାଦୀପର ଜୟଦେବ ଭବନରେ ଚାଲିଥିବା ଜାତୀୟ ନାଟ୍ୟ ମହୋତ୍ସବର ମଙ୍ଗଳବାର ସନ୍ଧ୍ୟାରେ ଓଡ଼ିଆ ନାଟକ ପୁନଶ୍ଚ ଅବୋଲକରା ମଞ୍ଚସ୍ଥ ହୋଇଛି। ଭୁବନେଶ୍ୱର ଓଡିଶା ନାଟ୍ୟ ସଂଘ ପ୍ରାୟୋଜିତ ଏବଂ ଦର୍ପ ନାରାୟଣ ସେଠୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ରାଜତନ୍ତ୍ର ପ୍ରଜାତନ୍ତ୍ର ସମ୍ପର୍କରେ କାହାଣୀ ରହିଛି। କିପରି ରାଜତନ୍ତ୍ର ସମୟରେ କ୍ଷମତା ହାସଲ ପାଇଁ ରାଜାଙ୍କ ଉତ୍ତରାଧିକାରୀମାନେ ହିଂସା କପଟ କରୁଥିଲେ, ତାହା କଳାକାରମାନେ ଦର୍ଶାଇଥିଲେ। ସମାନ ଭାବେ ପ୍ରଜାତନ୍ତ୍ର ସମୟରେ ରାଜନେତାମାନେ ସେହିଭଳି ବଂଶବାଦ ରାଜନୀତି କରି କ୍ଷମତା ଲୋଭରେ ପଡୁଛନ୍ତି ବୋଲି ନାଟକରେ ଦର୍ଶାଯାଇଥିଲା।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍‌ଏୱାଇ ସମ୍ପର୍କିତ ଜନଶୁଣାଣି ଶିବିର



ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ରଘୁନାଥପୁର,୨୧।୩ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସଭାକକ୍ଷରେ ମଙ୍ଗଳବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ସମ୍ପର୍କିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରୁଦ୍ରନାରାୟଣ ଦାଶ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଡିଏସ୍‌ଏ ଦୀପକ କୁମାର ପରିଡା, ଓମ୍ବୁଡ୍ସମ୍ୟାନ୍ ରମେଶ ଚନ୍ଦ୍ର ବେହେରା, ବିଡିଓ ତପନ କୁମାର ସେନାପତି, ଏବିଡିଓ ଅଶୋକ କୁମାର ମହାନ୍ତି, ଜିଲା ପରିଷଦ ସଭ୍ୟା ଜୋନ–୧ ରୀନାରାଣୀ ମଲ୍ଲିକ ଓ ଜୋନ–୨ ଇତିଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ। ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ପିଏମ୍‌ଏୱାଇରେ ହୋଇଥିବା କାର୍ଯ୍ୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଥିଲା। ଏହାଛଡା ଆଗାମୀ ଦିନରେ ହେବାକୁ ଥିବା କାର୍ଯକୁ ସମ୍ପାଦନ କରିବା ପାଇଁ ଅଧିକାରୀ ଦାଶ ପରାମର୍ଶ ରଖିଥିଲେ। ଶିବିରରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ମାନେ ଉପସ୍ଥିତ ଥିଲେ।

## ଜଙ୍ଗଲକୁ ସୁରକ୍ଷା ଦେଲେ ଆମେ ସୁରକ୍ଷିତ ରହିବା

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ**

ରଘୁନାଥପୁର,୨୧।୩ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ଗୁଆଳିପୁରସ୍ଥିତ ମହେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଜଗତ୍‌ସିଂହପୁର ବନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଏସିଏଫ୍ ସୌଭାଗ୍ୟ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଜଙ୍ଗଲ ହେଉଛି ମନୁଷ୍ୟ ଓ ଜୀବଜନ୍ତୁଙ୍କ ପାଇଁ ଉପକାରୀ ସମ୍ପଦ। ଜଙ୍ଗଲକୁ ସୁରକ୍ଷା ଦେଲେ ଆମେ ସୁରକ୍ଷିତ ରହିବା ବୋଲି ସେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଡିଓ ତପନ କୁମାର ସେନାପତି, ଜିଲା ପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ମନଜିନୀ ସାହୁ ଓ ସମିତି ସଭ୍ୟ କମଳାକାନ୍ତ ପରିଡା, ରେଞ୍ଜର ରବିନାରାୟଣ ମହାନ୍ତି, ୟୁକୋ କ୍ଲବ ଶିକ୍ଷକ ଉତ୍କଳ ରଞ୍ଜନ ମହାନ୍ତି, ଆଗାମୀ ଓଡ଼ିଶା ସଭାପତି ବିଜୟ କୁମାର ସ୍ୱାଇଁ ଓ ସାମାଜିକ କର୍ମୀ ପ୍ରକାଶ ମଲ୍ଲିକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜଙ୍ଗଲ ଅବକ୍ଷୟ ଦ୍ୱାରା କିପରି ବିଶ୍ୱ ତାପାୟନ ବୃଦ୍ଧି, ଜଳବାୟୁରେ ଅସମାନତା ଓ ପରିବେଶ ଉପରେ ଏହା କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଏହି ପରିସ୍ଥିତିରୁ ବିଶ୍ୱକୁ ମୁକୁଳେଇବାକୁ ହେଲେ ଜଙ୍ଗଲ ଭଳି ପ୍ରାକୃତିକ ସମ୍ପଦର ସୁରକ୍ଷା କରିବା ଦରକାର। ଏନେଇ ପ୍ରତ୍ୟେକ ପରିବାର ଗଛ ଲଗାଇ ଶିଶୁ ଭଳି ତା'ର ଲାଳନ ପାଳନ କରିବା ପାଇଁ ରେଞ୍ଜର ମହାନ୍ତି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଅତିଥିଙ୍କ ଦ୍ୱାରା ଆମ୍ବ, ପଣସ ଓ ବଉଳ ଚାରା ଆଦି ରୋପଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ପ୍ରାକୃତିକ ସମ୍ପଦ ଜଙ୍ଗଲ ସମ୍ବନ୍ଧୀୟ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଫରେଷ୍ଟର ସୁକାନ୍ତ କୁମାର ବେହେରା, ବାମନ ଚରଣ ରାଉତ, ପୀତବାସ ମହାପାତ୍ର, ସୁପ୍ରଭା ଜେନାମଣି, ପାରା ଷ୍ଟାଫ ଦିଲୀପ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏନ୍‌ସିସି ଅଫିସର ରାଜକିଶୋର ସାହୁ ସଭା ସଞ୍ଚାଳନ କରିଥିଲେ।



## ଚେନ୍ ଲୁଟ୍ ଅଭିଯୋଗରେ ୨ ଗିରଫ

କଳିଙ୍ଗନଗର,୨୧।୩(ଡି.ଏନ.ଏ.)

ଚେନ୍ ଲୁଟ୍ ଅଭିଯୋଗରେ ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ମଙ୍ଗଳବାର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ଚୋରି ମଙ୍ଗଳସୂତ୍ର ଏବଂ ଏକ କଳା ପଲସର ବାଇକ୍‌କୁ ପୋଲିସ ଜବତ କରିଛି। ସେମାନେ ହେଲେ କୋରେଇ ଥାନା ପୂର୍ବକୋଟ ଅଞ୍ଚଳର ଆଲା ନାଗରାଜ ରାଓ ଏବଂ କବାଡ଼ି ଆକାଶ। ରାଇସମିଲ ଅଞ୍ଚଳର ରୋଜାଲିନ ଓଝା ଏବଂ ତାଙ୍କ ଭଉଣୀ ରୀତାଞ୍ଜଳି ନାୟକ ଗତ ୧୭ ତାରିଖରେ ମାର୍କେଟିଙ୍ଗ ନିମନ୍ତେ ବଜାରକୁ ଆସି ଫେରୁଥିଲେ। ଏହି ସମୟରେ ଏକ ପଲସରରେ ୨ ଯୁବକ ଆସି ରୋଜାଲିନ ପିନ୍ଧିଥିବା ମଙ୍ଗଳସୂତ୍ରକୁ ଛଡାଇ ସେଠାରୁ ଉଭାନ ହୋଇଯାଇଥିଲେ। ଏନେଇ ରୋଜାଲିନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

## ଗହମ ନ ମିଳିବା ପ୍ରତିବାଦରେ ଧାରଣା




ଧାରଣାରେ ବସିଥିବା ଭାଜପା ଯୁବମୋର୍ଚ୍ଚାର ସଦସ୍ୟମାନେ।

କୁଜଙ୍ଗ,୨୧।୩ (ଡି.ଏନ୍.ଏ.)

ଗରିବ ଅନ୍ନ କଲ୍ୟାଣ ଯୋଜନାରେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ୨୦୨୨ ଡିସେମ୍ବର ମାସର ଗହମ କୋଟା କୁଜଙ୍ଗ ବ୍ଲକ ହିତାଧିକାରୀମାନେ ପାଇପାରି ନାହାନ୍ତି। ଉକ୍ତ ମାସର ୧୦୩୩ କୁଇଣ୍ଟାଲ ଗହମ ଏପର୍ଯ୍ୟନ୍ତ ମିଳି ନ ଥିବାରୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ବିଡିଓ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି। ଏସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହିଙ୍କୁ ପଚାରିବାରେ, ଗହମ ମିଳିବା ନ ମିଳିବା ଉପରେ ତାଙ୍କର କିଛି ଭୂମିକା ନାହିଁ। ଜିଲାପାଳ ଓ ଯୋଗାଣ ଅଧିକାରୀ ଏ ସମ୍ପର୍କରେ ନିଷ୍ପତ୍ତି ନେବେ। ଏହି ଧାରଣାରେ ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଡ. ବିଷ୍ଣୁ ପ୍ରସାଦ ତରାଇ କିଛି ସମୟ ପାଇଁ ଆସି ସେଠାରୁ ଚାଲି ଯାଇଥିଲେ। ଭାଜପା ପକ୍ଷରୁ ଏହି ପ୍ରସଙ୍ଗକୁ ନେଇ ତୃତୀୟ ଥର ପାଇଁ ଧାରଣା ଦିଆଯାଇଥିଲା। ଏହା ପୂର୍ବରୁ ଜାନୁୟାରୀ ୨୧ରେ ଓ ଫେବୃୟାରୀ ୩ରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା।

## ଯନ୍ତ୍ରୀଙ୍କ ଅଗୋଚରରେ ଚାଲିଛି ପୂର୍ତ୍ତ ବିଭାଗ କାର୍ଯ୍ୟ

■ ରାଜନେତାଙ୍କ ଚିଠାରେ ନିର୍ମାଣ ଚାଲିଛି ଗାର୍ଡ ୱାଲ୍
■ କାର୍ଯ୍ୟର ଅଟକଳ ମୂଲ୍ୟ ଜଣାପଡୁନି
■ ନିମ୍ନମାନର କାର୍ଯ୍ୟ ଯୋଗୁ ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନାଉଗାଁ,୨୧।୩(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଦେଇ ବାଲି ଭଉଁରୀ–ଶିଖରଘାଟ, କୋକିଡ଼ିହ–ତେଲସରା ରାସ୍ତା ସଂଯୋଗ କରୁଛି। ଏହି ରାସ୍ତା ପୂର୍ତ୍ତ ବିଭାଗ ଜଗତ୍‌ସିଂହପୁର ଡିଭିଜନ ଅଧୀନରେ ରହିଛି। କୋକିଡିହ–ତେଲସରା ରାସ୍ତା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର କରାଯିବା ସହ ନିର୍ମାଣ ଓ ପୁନଃ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏହି ନିର୍ମାଣ ପାଇଁ ୯ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ବରାଦ କରାଯାଇଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ କେତେଜଣ ଠିକାଦାର ଚିଠା ମାଧ୍ୟମରେ ଉକ୍ତ ରାସ୍ତାରେ ଗାର୍ଡ ୱାଲ ନିର୍ମାଣ କରୁଛନ୍ତି। ସେହିପରି ବାଲିଭଉଁରୀ–ଶିଖରଘାଟ ରାସ୍ତାରେ ନାଉଗାଁ ସାଧୁ ଗୋସ୍ୱାମୀ ପୀଠ ସମ୍ମୁଖ ରାସ୍ତାର ଉଭୟ ପାର୍ଶ୍ୱ ଖୋଳାଯାଇ ଗାର୍ଡ ୱାଲ ନିର୍ମାଣ କରାଯାଉଛି। ମାତ୍ର ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ଜାଣିନାହାନ୍ତି। ସେହିପରି ଶିଖରଘାଟ ରାସ୍ତାର ବିନ୍ଦିଶିପୁର ନିକଟରେ କିଛି ଦିନ ତଳେ ୧ ଫୁଟ ବଦଳରେ ୩ ଇଞ୍ଚର ଢଳେଇ କାର୍ଯ୍ୟ କରାଯାଇଥିଲା। ଏବିଷୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଭିଷେକ ସେଠୀ ଜାଣିବା ପରେ କାର୍ଯ୍ୟସ୍ଥଳକୁ ଯାଇ ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଏବେ ମାର୍ଚ୍ଚ ମାସ ଚାଲିଥିବାବେଳେ ଅନେକ ଠିକାଦାର ରାଜନେତାଙ୍କ ଚିଠାରେ ମନଇଚ୍ଛା କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଛି। ମାତ୍ର ଅଧିକାଂଶ କାର୍ଯ୍ୟ ଯନ୍ତ୍ରୀ କିମ୍ବା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହା ଜାଣିନାହାନ୍ତି। ଫଳରେ ଠିକାଦାରମାନେ ବ୍ୟବହାର କରୁଥିବା ସାମଗ୍ରୀ ସିମେଣ୍ଟ ,ବାଲି ,ମେଟାଲ ଭାଗ ମାପ ଠିକ୍ ରଖୁନାହାନ୍ତି। ଢଳେଇ କିମ୍ବା ୱାଲ ନିର୍ମାଣ ବେଳେ ବିଭାଗର ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିବା କଥା। କିନ୍ତୁ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା ଯୋଗୁ ନିମ୍ନମାନର ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚିଠା ଦ୍ୱାରା ଠିକାଦାରମାନେ ମନଇଚ୍ଛା କାର୍ଯ୍ୟ କରୁଥିବାରୁ କାର୍ଯ୍ୟର ଅଟକଳ ମୂଲ୍ୟ ସାଧାରଣ ଲୋକ ଜାଣିପାରୁ ନାହାନ୍ତି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରି ସୂଚନା ଫଳକ ଲଗାଇବାର ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ଠିକାଦାର ଏହା କରୁନାହାନ୍ତି। କାର୍ଯ୍ୟ ବିଷୟରେ ବିଭାଗ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ସେ ଏବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଏନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ବାଲିଭଉଁରୀ–ଶିଖରଘାଟ ରାସ୍ତାରେ ନିର୍ମାଣାଧୀନ ଗାର୍ଡୱାଲ୍।

**ସଂକ୍ଷେପରେ**

## ଗହୀର ମଝିରେ ମୁକୁଳା ପଡିଛି ବୋରୱେଲ୍



ନୂଆଗାଁ,୨୧।୩ (ଡି.ଏନ.ଏ.)- ନୟାଗଡ଼ ଜିଲା ନୂଆଗାଁ ତହସିଲ ହରଡ଼ାବନ୍ଧ ମୌଜାର ଅମକ ଗହୀରରେ ଜଙ୍ଗଲକୁ ଲାଗି ରହିଥିବା ଜମିରେ ୮ ଇଞ୍ଚର ଏକ ବୋରୱେଲ ମୁକୁଳା ପଡିଛି । ଏମିତି ବେରୱୋଲ ମୁକୁଳା ରହିବା ଫଳରେ ଦେଶର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟିଥିବା ନଜିର ରହିଛି । କୌଣସି ବୋରୱେଲ ଖୋଲା ନ ରଖିବା ପାଇଁ ବିଭାଗୀୟ ଅଧିକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନାବଶ୍ୟକ ବୋରୱେଲଗୁଡିକୁ ପୋତି ଦିଆଯାଉଛି । କେତେକ ସ୍ଥାନରେ ତା ଉପରେ ଢାଙ୍କୁଣୀ ଦେଇ ରଖାଯାଉଛି । କିନ୍ତୁ ନୂଆଗାଁ ବ୍ଲକ ବଡ଼ଗୋଠ ପଞ୍ଚାୟତ ହରିଡାବନ୍ଧ ମୌଜାରେ ଜଙ୍ଗଲକୁ ଲାଗି ରହିଥିବା ପେନାଝର ଗହିରରେ ନିଜସ୍ୱ ଜାଗାରେ ଜଣେ ବ୍ୟକ୍ତି ଫାର୍ମ ହାଉସ କରିବା ପାଇଁ ଗୋଟିଏ ବୋରୱେଲ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଫାର୍ମ ହାଉସ ନ କରି ଖୋଲା ଯାଇଥିବା ବୋରୱୋଲ୍‌କୁ ଖୋଲା କରି ଛାଡି ଦେଇଛନ୍ତି । ଯାହାକି ବିପଦ ସୃଷ୍ଟି କରୁଛି । ବନ୍ୟଜନ୍ତୁ ଉକ୍ତ ବୋରୱେଲ ଭିତରେ ଖସି ପଡିବାର ସମ୍ଭାବନା ରହିଛି । ତେଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡାଇବା ପାଇଁ ଉକ୍ତ ବୋରୱେଲକୁ ପୋତିବା କିମ୍ବା ଢାଙ୍କୁଣି ଦେଇ ରଖିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବିମାନେ କହିଛନ୍ତି ।

## ଦଶପଲ୍ଲାରେ କୁଆପଥର ସହ ବର୍ଷା ଗଛ ଡ଼ାଳ ଭାଙ୍ଗି ଜାତୀୟ ରାଜପଥ ଅବରୋଧ

ନୟାଗଡ଼ ଅଫିସ/ଦଶପଲ୍ଲା, ୨୧।୩(ଡି.ଏନ.ଏ.):ପଶ୍ଚିମା ଝଡ଼ର କରାଳ ରୂପରେ ପ୍ରଭାବିତ ହୋଇଛି ନୟାଗଡ଼ ଜିଲାର ଦଶପଲ୍ଲା ସହର। ସୋମବାର ମଧ୍ୟାହ୍ନରେ କୁଆ ପଥର ମାଡ଼ ସହିତ ବର୍ଷା,ପବନ ତାଣ୍ଡବ ସୃଷ୍ଟି କରିଥିଲା । ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ



ରାଜପଥର ଦଶପଲ୍ଲାର ତ୍ରିନାଥ ବଜାର ନିକଟରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା । ବର୍ଷା ଥମିବା ପରେ ଦଶପଲ୍ଲା ଦମକଳ ବାହିନୀ ପହଞ୍ଚି ଗଛ କାଟିବା ପରେ ସେହି ରାସ୍ତାରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ଦଶପଲ୍ଲା ତହସିଲଦାର ରାସ୍ତା ଅବରୋଧ ହଟାଇବା କାମକୁ ତଦାରଖ କରିଥିଲେ ।

## କାଳ ବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି

ଖଣ୍ଡପଡ଼ା,୨୧।୩(ସ୍ୱ.ପ୍ର.)-ଗତ ୩ ଦିନ ଧରି କାଳ ବୈଶାଖୀର ପ୍ରଭାବରେ ଖଣ୍ଡପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ଲଗାଣ ବର୍ଷା ସାଙ୍ଗକୁ ପବନ ଓ କୁଆପଥର ମାଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଭିନ୍ନ ସ୍ଥାନରେ ବଡ଼ ବଡ ଆମ୍ବ, ନିମ୍ବ ଓ ଶାଗୁଆନ ଗଛ ଧରାଶାୟୀ ହୋଇଛି । ବର୍ଷା ପବନ ଯୋଗୁ ବିଭିନ୍ନ ଗାଁରେ ଟାଇଲ ଓ ନଡା ଛପର ଘର ଗୁଡିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ମୁଗ, ବିରି ଓ ଚଣା ଆଦି ରବି ଫସଲ କ୍ଷତିଗ୍ରସ୍ତ ହୋଇଛି । ଆମ୍ବ ଓ ପନିପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଛି । କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଚିହ୍ନଟ କରି ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ଆକର୍ଷଣ ବଢୁଛି

ନୟାଗଡ଼ ଅଫିସ/ଗଣିଆ, ୨୧।୩(ଡି.ଏନ୍.ଏ.):




ଇକୋ ଟୁରିଜିମରେ ନୟାଗଡ଼ ଜିଲାର ଗଣିଆ ବ୍ଲକ ମଙ୍ଗାନାସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପର୍ଯ୍ୟଟକଙ୍କୁ ଟାଣି ଆଣି ସରକାରଙ୍କ ରାଜସ୍ୱ ବଢ଼ାଇବାରେ ଲାଗିଛି । ଅନ୍‌ଲାଇନ ବୁକିଂରେ ପର୍ଯ୍ୟଟକଙ୍କ ପସନ୍ଦରେ ଏହି ସ୍ୟାଣ୍ଡ ରିସୋର୍ଟ ରହିଛି । ଏପରି କି ଏହି ରିସୋର୍ଟ ସାତକୋଶିଆ ଡିଭିଜନ ଓ ଉତ୍ତର ଶିମିଳିପାଳ ବନଖଣ୍ଡକୁ ପଛରେ ପକାଇ ରାଜସ୍ୱ ଆଦାୟରେ ରେକର୍ଡ କରିଥିବା ଜଣାପଡିଛି । ତେବେ ରାଜସ୍ୱ ବୃଦ୍ଧି ସତ୍ତ୍ୱେ ମଙ୍ଗାନାସ୍ଥିତ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ମାହୋଲ ବଦଳୁ ନ ଥିବା ଅଭିଯୋଗ ଉଠିଛି । ଏହାର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକସ୍ଥିତିକୁ ବଦଳାଇ ପାରିଲେ ପର୍ଯ୍ୟଟକଙ୍କ ସଂଖ୍ୟା ପୁଣି ଅଧିକ ହୁଅନ୍ତା । ତେବେ ଏଥିପ୍ରତି ଦୃଷ୍ଟି ଦିଆ ଯାଉ ନ ଥିବାରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ଉପେକ୍ଷିତ ହୋଇ ରହିଛି। ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ୨୩ ରୁମରେ ୪୬ ଜଣ ପର୍ଯ୍ୟଟକ ରହିପାରିବେ। ପୁଣି ୬୯ ଜଣ ପର୍ଯ୍ୟଟକଙ୍କ ରହଣୀ ପାଇଁ ବ୍ୟବସ୍ଥା ରହିଛି ।

ରାଜ୍ୟରେ ଶିମିଳିପାଳ ଓ ସାତକୋଶିଆ ନାମରେ ଦୁଇଟି ବ୍ୟାଘ୍ର ପ୍ରକଳ୍ପ ରହିଛି। ଏହି ଦୁଇ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ମହାବଳ ବାଘଙ୍କ ଆବାସ ସ୍ଥଳୀ ରୂପେ ବ୍ୟାଘ୍ର ପ୍ରକଳ୍ପର ମାନ୍ୟତା ପ୍ରଦାନ କରିଛନ୍ତି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅଥବା ଅଭୟାରଣ୍ୟ ଦୁଇଟି ବନଖଣ୍ଡକୁ ନେଇ ଗଠିତ । ମହାନଦୀ ଗଣ୍ଡର ଏପାଖରେ ସାତକୋଶିଆ ବନଖଣ୍ଡ ଅନୁଗୋଳ ଜିଲାରେ ରହିଥିବାବେଳେ ନୟାଗଡ଼ ଜିଲାରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ରହିଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡଟି ୧୯୯୯ରେ ବାଇଶିପଲ୍ଲୀ ଓ ସାତକୋଶିଆ ଅଭୟାରଣ୍ୟକୁ ନେଇ ଗଠିତ । ଏହି ବନଖଣ୍ଡର ଭୌଗୋଳିକ ଅଞ୍ଚଳ ୪୩୩.୮୬ ବର୍ଗ କମି ରହିଛି । ୨୦୦୭ରୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ରୂପେ ଘୋଷଣା ହୋଇଛି । ଏଭଳିସ୍ଥଳେ ରାଜ୍ୟ ସରକାର ୧୮ଟି ଜିଲାରେ ଇକୋ ଟୁରିଜିମର ବିକାଶ କରିଛନ୍ତି । ୨୦୧୪-୧୫ରୁ ଏଯାବତ ୪୮ ଟି ସ୍ୟାଣ୍ଡ ରିସୋର୍ଟ (ପ୍ରକୃତି ନିବାସ) ପର୍ଯ୍ୟଟକଙ୍କ ପାଇଁ ହୋଇଛି । ଏଥିରେ ନୟାଗଡ଼ ଜିଲାର ମଙ୍ଗାନାସିଠାରେ ଥିବା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ କେବଳ ଗୋଟିଏ ରହିଛି । ୨୦୧୪- ୧୫ ଆର୍ଥିକ ବର୍ଷରୁ ଯଦିଏ ଏହି ସ୍ୟାଣ୍ଡ ରିସୋର୍ଟ କାମ କରୁଛି ତେବେ ପ୍ରଥମ ବର୍ଷ ଏହା ଅଫ୍ ଲାଇନରେ ପର୍ଯ୍ୟଟକଙ୍କ ବୁକିଂ କରାଯାଉଥିଲା । ପରବର୍ତ୍ତୀ ବର୍ଷ ୨୦୧୫-୧୬ରୁ ଅନଲାଇନ ବୁକିଂ ଆରମ୍ଭ ହୋଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ୨୭୫ ଜଣ ପର୍ଯ୍ୟଟକ ଆସିଥିବାବେଳେ ୨ ଲକ୍ଷ ୯୦ ହଜାର ରାଜସ୍ୱ ମିଳିଛି । ୨୦୧୬-୧୭ରେ ୧୩୫୨ ପର୍ଯ୍ୟଟକଙ୍କ ଠାରୁ ୧୯ ଲକ୍ଷ ୩୫ ହଜାର ୫୭୦ ଟଙ୍କା ମିଳିଛି । ୨୦୧୭-୧୮ରେ ୨୭୦୨ ପର୍ଯ୍ୟଟକଙ୍କଠାରୁ ୫୮ ଲକ୍ଷ ୭୯ ହଜାର ୭୧୧, ୨୦୧୮-୧୯ ଆର୍ଥିକ ବର୍ଷରେ ୪୪୪୯ ପର୍ଯ୍ୟଟକଙ୍କଠାରୁ ୧କୋଟି ୯୯ ହଜାର ୧୩୯ ଟଙ୍କା ରାଜସ୍ୱ ଆଦାୟ ହୋଇଛି । ୨୦୧୯-୨୦ ଆର୍ଥିକ ବର୍ଷରେ

■ ବଢୁଛି ପର୍ଯ୍ୟଟକଙ୍କ ସଂଖ୍ୟା
■ ରାଜସ୍ୱ ବୃଦ୍ଧି ସହ ବଦଳୁନାହିଁ ମଙ୍ଗାନାସିର ପରିବେଶ

୪୮୦୭ ପର୍ଯ୍ୟଟକଙ୍କ ଠାରୁ ୧କୋଟି ୯ ଲକ୍ଷ ୬୮ ହଜାର ୭୮୯, ୨୦୨୦-୨୧ରେ ୪୫୨୯ ପର୍ଯ୍ୟଟକଙ୍କଠାରୁ ୧କୋଟି ୨ ହଜାର ୯୩୩, ୨୦୨୧-୨୨ରେ ୫୧୮୦ ପର୍ଯ୍ୟଟକଙ୍କଠାରୁ ୧କୋଟି ୨୩ ଲକ୍ଷ ୨୬ ହଜାର ୪୯୩ ଟଙ୍କା ରାଜସ୍ୱ ଆଦାୟ ହୋଇଛି । ୨୩ ରୁମରେ ୪୬ ଜଣ ପର୍ଯ୍ୟଟକ ରହିପାରିବେ। ପୁଣି ୬୯ ଜଣ ପର୍ଯ୍ୟଟକଙ୍କ ରହଣୀ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ଏନେଇ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ କୁହନ୍ତୁ, ଅଳ୍ପ ଦିନ ହେଲା କାମରେ ଯୋଗ ଦେଇଛି । ତେବେ ଇକୋ ଟୁରିଜିମର ଚିଲଡ୍ରେନ ପାର୍କ ପାଖରେ ଓପନ ଜମି କରାଯିବାର ପ୍ରସ୍ତାବ ରହିଛି। ସେହିପରି ଅଧିକ ସଂଖ୍ୟକ ଡଷ୍ଟବିନ୍, ଏହାର ପରିସର ପରିଷ୍କାର ଓ ପରିଚ୍ଛନ୍ନତା ରଖାଯିବ । ପୁଣି ପାର୍କିଂସ୍ଥଳରେ ଟାଇଲ ପକାଯିବ ବୋଲି କହିଛନ୍ତି । ସେହିପରି ସାତକୋଶିଆ ସ୍ୟାଣ୍ଡ ରିସୋର୍ଟର ପାରିପାର୍ଶ୍ୱିକ ଉନ୍ନତିକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ।

**ରିପୋର୍ଟ- ଲୋକନାଥ ମିଶ୍ର ।**
**ସହଯୋଗୀ- ସନ୍ତୋଷ ପ୍ରଧାନ ।**

## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

### ନାବାଳିକା ଅପହରଣ ମାମଲା

ନୟାଗଡ଼ ଅଫିସ,୨୧।୩:

ନୟାଗଡ଼ ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟରେ ଓଡ଼ଗାଁ ଥାନା ନାବାଳିକା ଅପହରଣ ଘଟଣାର ରାୟ ସୋମବାର ପ୍ରକାଶ ପାଇଛି । ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ବିଚାରପତି ବିରଞ୍ଚି କୁମାର ରଥ ୧୫ ସାକ୍ଷଙ୍କ ସାକ୍ଷୀ, ପ୍ରତିପକ୍ଷ ଓ ସରକାରୀ ଓକିଲଙ୍କ ଜବାବସୁଆଲ, ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଓଡ଼ଗାଁ ଥାନା ଭାଲିଆଡିହି ଗାଁର ବାପିନା ନାୟକ(୨୫)ଙ୍କୁ ୩ ବର୍ଷ ଜେଲଦଣ୍ଡ ଓ ୫ହଜାର ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦୟେ ୨ମାସ ଅଧିକ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି । ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ମାର୍ଚ୍ଚ ୭ରେ ଓଡ଼ଗାଁ ଥାନା ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ଅପହରଣ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୫୬/୨୦) ରୁଜୁ କରି ତଦନ୍ତ କରିଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ନାବାଳିକା ଉଦ୍ଧାର ହେବା ସହ ବାପିନାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ବାପିନା ନୟାଗଡ଼ ସବ୍‌ଜେଲରେ ଥିଲେ । ଏହାପରେ ସେହାଇକୋର୍ଟରୁ ଜାମିନ ପାଇଥିଲେ। ଏହି ମାମଲାକୁ ସରକାରୀ ଓକିଲ ଅମୀୟ ପଟ୍ଟନାୟକ ପରିଚାଳନା କରିଥିଲେ ।

# ପପୁଙ୍କ କମେଡି ଦର୍ଶକଙ୍କ ମନ ଜିଣିଲା

### ଖଳିସାହି ଦଶଦୋଳ ମହୋତ୍ସବର ୪ର୍ଥ ସନ୍ଧ୍ୟା



ମୟୂରଭଞ୍ଜର କଳାକାରମାନେ ମଲ୍ଲଖମ୍ବ ନୃତ୍ୟ ପରିବେଷଣ କରୁଛନ୍ତି ।

ଖଣ୍ଡପଡ଼ା,୨୧।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡ଼ିଆରେ ଆୟୋଜିତ ମହୋତ୍ସବର ୪ର୍ଥ ସନ୍ଧ୍ୟା ବେଶ ମଜା ଦେଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ମହୋତ୍ସବ କମିଟିର ସଭାପତି ବାପିନା କୁମାର ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ସଂଯୋଜନା କରିଥିଲେ ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଗଣ୍ଡିଆ । ମୟୂରଭଞ୍ଜ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ମଲ୍ଲଖମ୍ବ ନୃତ୍ୟ ଓ ହାସ୍ୟ ଅଭିନେତା ପପୁ ପମ୍‌ପମଙ୍କ କମେଡି ଦର୍ଶକଙ୍କ ମନ ଜିଣି ପାରିଥିଲା । କୋହଲା ପାଗ ଓ ପ୍ରବଳ ଥଣ୍ଡା ଅନୁଭବ ହେଉଥିଲେ ମଧ୍ୟ ୩ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମଞ୍ଚ ନିକଟରେ ଉପସ୍ଥିତ ରହି ମହୋତ୍ସବ ୪ର୍ଥ ସନ୍ଧ୍ୟାକୁ ଉପଭୋଗ କରିଥିଲେ ।

## ବଡିବିଲ୍ଡିଂରେ ସନ୍ତୋଷ ବକ୍ସିଙ୍କୁ ରୌପ୍ୟ

ପାରଳାଖେମୁଣ୍ଡି, ୨୧।୩ (ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ପୋଲିସ ତଥା ଓଏସ୍‌ଏପିରେ ସିପାହୀ ଭାବେ କାର୍ଯ୍ୟରତ ସନ୍ତୋଷ କୁମାର ବକ୍ସିଙ୍କୁ ବଡିବିଲ୍ଡିଂ ଓ ଫିଟନେସ୍ ପ୍ରତିଯୋଗିତାରେ ରୌପ୍ୟପଦକ ମିଳିଛି। ଶ୍ରୀ ବକ୍ସି ଝାରସୁଗୁଡା ବେଲପାହାଡର ଟିଆର୍‌ଏଲ ଷ୍ଟାଡିୟମ ଠାରେ ଅନୁଷ୍ଠିତ ମିଷ୍ଟର/ମିଷ୍ଟର୍ସ ଓଡିଶା-୨୦୨୩ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟପଦକ ହାସଲ କରିଥିଲେ। ସେ ନିଜ ଶରୀରକୁ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ଭାବେ ଗଢି ଯୁବଗୋଷ୍ଠୀଙ୍କୁ ନେଇ ଶରୀରକୁ କିପରି ସୁସ୍ଥ ଓ ସୁନ୍ଦର ରଖିପାରିବେ ସେ ନେଇ ପ୍ରଶିକ୍ଷଣ ଦେଉଥିଲେ ଏବଂ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲ କରି ଜିଲାକୁ ଗୌରବାନ୍ୱିତ କରିଛନ୍ତି।

## ଯକ୍ଷ୍ମା ନିରାକରଣ ପାଇଁ ଡାକ୍ତରଙ୍କୁ ତାଲିମ



ତାଲିମ ଶିବିରରେ ଯୋଗ ଦେଇଥିବା ଡାକ୍ତର ।

ନୟାଗଡ଼ ଅଫିସ,୨୧।୩:

ଯକ୍ଷ୍ମା ରୋଗର ନିରାକରଣ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ସୋମବାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଯକ୍ଷ୍ମା ରୋଗର ଲକ୍ଷଣ, ତାହାର ଚିହ୍ନଟିକରଣ ଓ ଚିକିତ୍ସା ବିଷୟରେ ବୁଝାଇଥିଲେ। ତାଲିମଦାତା ଭାବେ ରାଜ୍ୟ ଯକ୍ଷ୍ମା ଅଫିସର ଡାକ୍ତର ରଞ୍ଜିତା ନାୟକ ଯୋଗଦେଇ କହିଥିଲେ ସମାଜରେ ସବୁଠାରୁ ଅର୍ଥନୈତକ ଅନଗ୍ରସର ବର୍ଗକୁ ଯକ୍ଷ୍ମାରୋଗ କବଳିତ କରୁଥିବାର ନଜିର ରହିଛି। ଏହା ଜୀବନ, ଆୟ ଏବଂ କାର୍ଯ୍ୟଦିବସ ଉପରେ ସିଧା ପ୍ରଭାବ ପକାଇ ପରିବାରର ମେରୁଦଣ୍ଡକୁ ଦୋହଲାଇ ଦିଏ । ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗର ସମାପ୍ତି ପାଇଁ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଆମେ ଏକ ଉଚ୍ଚାଭିଳାଷୀ ଜାତୀୟ କୌଶଳ ଯୋଜନା କାର୍ଯ୍ୟକାରୀ କରୁଛୁ, ଯେଉଁଥିରେ କି ଉଭୟ ସରକାରୀ ତଥା ବେସରକାରୀ କ୍ଷେତ୍ରରୁ ସୂଚିତ ସମସ୍ତ ଟିବିରୋଗୀଙ୍କୁ ମାଗଣା ନିଦାନ, ମାଗଣା ଔଷଧ ଏବଂ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପାଇଁ ପ୍ରତି ମାସରେ ୫ ଶହ ଟଙ୍କା ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି । ଜିଲା ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ବିଭାଗରେ କାମ କରୁଥିବା କର୍ମଚାରୀ ଦିଲୀପ ପ୍ରଧାନ, ଦୀପକ ଦଳବେହେରା, ଶରତ ଚନ୍ଦ୍ର ଓଝା ଓ କାର୍ଯ୍ୟକ୍ରମ ସଂଯୋଜକ ରୁଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ । ଜିଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ କୁମାର ଦାଶ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଋଣ ପାଇଁ ଚାଷୀମାନଙ୍କୁ ସଚେତନ କରାଗଲା

ଶରଣକୁଳ,୨୧।୩(ଡି.ଏନ୍.ଏ)

ଓଡ଼ଗାଁ ବ୍ଲକ ନନ୍ଦିଘୋର ପଞ୍ଚାୟତ ପରିସରରେ ଓଡ଼ଗାଁ ସେବା ସମବାୟ ତରଫରୁ ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା ଓ ବାର୍ଷିକ ସାଧାରଣ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ସୁରେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ସମ୍ପାଦକ ଜଗମୋହନ ସ୍ୱାଇଁ ବିବରଣୀ ପ୍ରଦାନ କରିଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଦେବାଶିଷ କର, ସମ୍ମାନିତ ଅତିଥି ସରପଞ୍ଚ ଶ୍ୱେତଲୀନା ମିଶ୍ର, ସମିତି ସଭ୍ୟା ମାନସୀ ସ୍ୱାଇଁ, ଆରଡ଼ା ସରପଞ୍ଚ ଶାରଦା ଦୋରା, ପାଣି ପଞ୍ଚାୟତ ଶୀର୍ଷ କମିଟି ଅଧ୍ୟକ୍ଷ ସୁଧାକର ଷଡ଼ଙ୍ଗୀ, ନିର୍ଦ୍ଦେଶିକା ବାସନ୍ତି ରାଉତ, ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ, ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ଚୌଧୁରୀ ଓ ଓଡ଼ିଶା ରାଜ୍ୟ ସମବାୟ ସମିତି ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ବେହେରା ଅତିଥିଭାବେ ଯୋଗଦେଇ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ ସମ୍ପର୍କରେ ଚାଷୀଙ୍କୁ ସଚେତନ କରିଥିଲେ। ସମବାୟ ସମିତି ଦ୍ୱାରା ମଧ୍ୟମ ଏବଂ ଦୀର୍ଘ ମିଆଦୀ କୃଷିଋଣ ଯଥା କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି, ଗୋପାଳନ, ଫାର୍ମ ମେକାନିଜମ୍ ଓ ପମ୍ପସେଟ୍ ଆଦି ନିମନ୍ତେ ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିୟମିତ ଋଣ ପରିଶୋଧ କରୁଥିବା ଚାଷୀଙ୍କୁ ସରକାରଙ୍କ ଦ୍ୱାରା ସୁଧ ରିହାତି ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଭୂମିହୀନ ଓ ଭାଗ ଚାଷୀଙ୍କୁ ଆନୁଷ୍ଠାନିକ ଋଣ ଦେବା ପାଇଁ ପ୍ରତ୍ୟେକ ପିଏସିଏସ୍ ଓ ଏଲ୍‌ଏଏମ୍‌ପିଏସ୍‌ସ୍ତରରେ ଅଧିକ ସଂଖ୍ୟାରେ ଯୁଗ୍ମ ଦେୟ ଗୋଷ୍ଠୀ ଓ ବଳରାମ ଯୋଜନା ଗଠନ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି କର୍ମଶାଳାରେ ୪ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ସମବାୟ ସମିତି ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସଭ୍ୟା କାର୍ଯ୍ୟ ପରିଚାଳନା କରିଥିଲେ । ସମ୍ପାଦକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଡାଇରେକ୍ଟ ପେମେଣ୍ଟ ଶ୍ରେଣୀଭୁକ୍ତ କରିବା ଉପରେ ଗୁରୁତ୍ୱ

ନୟାଗଡ଼ ଅଫିସ,୨୧।୩

ରାଜ୍ୟ ୪୮୮ ବର୍ଗ ମହାବିଦ୍ୟାଳୟର ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତିର ନୟାଗଡ଼ ଜିଲାସ୍ତରୀୟ ସମ୍ମିଳନୀ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସମନ୍ୱୟ ସମିତିର ସଭାପତି ପବିତ୍ର କୁମାର ମହାଲା, ଉପସଭାପତି ପ୍ରଶାନ୍ତ କୁମାର ପାତ୍ର, ସମ୍ପାଦକ ପ୍ରଭାତ କୁମାର ଶତପଥୀ ଏଥିରେ ଯୋଗଦେଇ ସାମ୍ପ୍ରତିକ ଅଧ୍ୟାପକ ଓ କର୍ମଚାରୀମାନଙ୍କ ସମସ୍ୟା, ସରକାରଙ୍କ ୨୦୨୩ ନୂତନ ଅନୁଦାନ ବିଜ୍ଞପ୍ତି ଅନୁଯାୟୀ ନୂତନ ଅନୁଦାନ ପାଉଥିବା ସମସ୍ତ ଅଣଶିକ୍ଷକ ଓ ଅଧ୍ୟାପକଙ୍କୁ ଡାଇରେକ୍ଟ ପେମେଣ୍ଟ(ଡି.ପି) ଶ୍ରେଣୀଭୁକ୍ତ କରିବା ଉପରେ ଅଲୋଚନା କରିଥିଲେ । ସେହିଭଳି ସମସ୍ତଙ୍କୁ ଚାକିରିର ସର୍ତ୍ତାବଳୀ ପ୍ରଦାନ, ଅବସର ଗ୍ରହଣ ପରେ ପ୍ରତ୍ୟେକଙ୍କୁ ପୂର୍ବ ପ୍ରଚଳିତ ଅବିକଳ ପେନ୍‌ସନ ପ୍ରଦାନ କରିବା, ଅବସର ବୟସ ସୀମା ୬୨କୁ ବୃଦ୍ଧି କରିବା ନେଇ ଆଲୋଚନା କରାଯାଇଥିଲା । ପୁଣି ସମସ୍ତ ମହାବିଦ୍ୟାଳୟରେ ସରକାରଙ୍କ ତରଫରୁ ଏସ୍‌ଏସ୍‌ବି ମାଧ୍ୟମରେ ନିଯୁକ୍ତି ପାଇଥିବା କନିଷ୍ଠ ଅଧ୍ୟାପକମାନେ ୨୦୨୪ ବେଳକୁ ସମ୍ପୃକ୍ତ ମହାବିଦ୍ୟାଳୟରେ ଦୀର୍ଘ ୩୦ ରୁ ୩୨ ବର୍ଷ ଧରି ଶିକ୍ଷାଦାନ କରି ଆସୁଥିବା ବରିଷ୍ଠ ଅଧ୍ୟାପକଙ୍କୁ ଉଭୟ ପଦବୀ ଓ ଦରମାରେ ଆଗକୁ ଟପି ଯିବା ବିଷୟ ଆଲୋଡ଼ନ ସୃଷ୍ଟି କରିଥିଲା । ଏଣୁ ବରିଷ୍ଠ ବର୍ଗର ଅଧ୍ୟାପକମାନଙ୍କ ତୁରନ୍ତ ବର୍ଗୀକରଣ(କ୍ୟାଡରାଇଜେଶନ୍) ସହିତ ଏହି ବର୍ଗର ଡେମୋନଷ୍ଟ୍ରେଟର,ପି.ଇ.ଟି, ଲାଇବ୍ରାରିଆନ୍ ଓ ଅନ୍ୟ ଅଣଶିକ୍ଷକ କର୍ମଚାରୀଙ୍କୁ ପୂର୍ବ ପ୍ରଚଳିତ ଏମ୍‌ଏସିପି ଓ ଆର୍‌ଏସିପି ପ୍ରଦାନ କରିବା ନିହାତି ଅପରିହାର୍ଯ୍ୟ ହୋଇପଡିଛି ବୋଲି ମତ ପ୍ରକାଶ ପାଇଥିଲା ।

**ଅଧ୍ୟାପକ,କର୍ମଚାରୀ ସମନ୍ୱୟ ସମିତିର ଜିଲାସ୍ତରୀୟ ସମ୍ମିଳନୀ**




ଜିଲାସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅଧ୍ୟାପକ, କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା ।

ନୟାଗଡ଼ ଜିଲା ସଭାପତି ଶାହାଜାହାନ ମଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ସାଧାରଣ ସମ୍ପାଦକ ବ୍ୟୋମକେଶ ରଥ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ବାନାମ୍ବର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । ସମଗ୍ର ଜିଲାର ୧୨ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରୁ ଆସିଥିବା ପ୍ରାୟ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ପ୍ରତ୍ୟେକ ନିଜର ପ୍ରତିନିଧି ହିସାବରେ ଗୁରୁପ୍ରସାଦ ଦାସ, ଲକ୍ଷ୍ମୀଧର ଶତପଥୀ, ଶେଷଦେବ ରାଉତ, ହୃଷୀକେଶ ମିଶ୍ର, ବଳରାମ ସାହୁ, ଫକୀରମୋହନ ସ୍ୱାଇଁ, ସରୋଜ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ମହାରଣା, ବିଜୟ ବାବୁ, ସୁଶାନ୍ତ କୁମାର ପାତ୍ର, ରମେଶ ଚନ୍ଦ୍ର ମହାପାତ୍ର, ରାଧାମୋହନ ନାୟକ, ନାରାୟଣ ପ୍ରଧାନ, ଦିଲୀପ କୁମାର ଦାସ ଓ ଭାରତୀ କୁମାରୀ ମିଶ୍ରଙ୍କୁ ଜିଲା ସମନ୍ୱୟ ସମିତିକୁ ମନୋନୀତ କରିଥିଲେ । ଦାବିଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଜିଲାର ୪୮୮ବର୍ଗର ସମସ୍ତ ମହାବିଦ୍ୟାଳୟ ତରଫରୁ ରାଜ୍ୟ ଶୀର୍ଷ ନେତୃବର୍ଗଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ସମନ୍ୱୟ ସମିତିର ନିଷ୍ପତ୍ତି କ୍ରମେ ଜିଲା ତରଫରୁ ଆଗାମୀ ଦିନରେ ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ମଙ୍ଗଳବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୪୬ (୪୪୫.୭୩) ପଏଣ୍ଟ ବୃଦ୍ଧି ଘଟି ୫୮,୦୭୪ (୫୮,୦୭୪.୦୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୯(୧୧୯.୧୦) ପଏଣ୍ଟ ବଢ଼ି ୧୭,୧୦୭ (୧୭,୧୦୭.୫୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ‘ମନ୍ଥର ହେବ ନାହିଁ ଭାରତୀୟ ଅର୍ଥନୀତି’

ନୂଆଦିଲ୍ଲୀ,୨୧।୩





ବର୍ତ୍ତମାନ ସମୟରେ ଦେଖାଦେଇଥିବା ବିଶ୍ୱ ଭୌଗୋଳିକ ପରିସ୍ଥିତି ସବୁ ରାଷ୍ଟ୍ର ପାଇଁ ଚିନ୍ତାର କାରଣ ପାଲଟିଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ସାରା ବିଶ୍ୱ ଏପରିକି ରାଷ୍ଟ୍ର (ଭାରତ)ରେ ମଧ୍ୟ ବିଭିନ୍ନ ପ୍ରକାର ପ୍ରଭାବ ପରିଲକ୍ଷିତ ହେଉଛି। ବିଶେଷକରି ବିଶ୍ୱ ଅର୍ଥନୀତି ତୁଳନାରେ ଭାରତର ଅର୍ଥନୀତି ବହୁତ ଭଲ ରହିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତ ହାସଲ କରିଥିବା ଅର୍ଥନୀତିସ୍ତରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ସେହିଭଳି ଦେଶରେ ସୃଷ୍ଟି ହୋଇଥିବା ଅର୍ଥନୀତି ବିସ୍ତାରର ଗତି ମନ୍ଥର ହେବ ନାହିଁ। ଏପରିକି ଗତ ଚଳିତ ଆର୍ଥିକ ବର୍ଷର ସ୍ଥିତି ଆସନ୍ତା ଆର୍ଥକ ବର୍ଷରେ ମଧ୍ୟ ଉକ୍ତ ଧାରା ବଜାୟ ରହିବ ବୋଲି ମଙ୍ଗଳବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଏକ ଆର୍ଟିକିଲରେ ଏଭଳି କୁହାଯାଇଛି। ବିଶେଷ କରି ଆର୍‌ବିଆଇ ବୁଲେଟିନ୍‌ର ୨୦୨୩ ମାର୍ଚ୍ଚ ସଂସ୍କରଣରେ ପ୍ରକାଶିତ ଭାରତୀୟ ଅର୍ଥନୀତିର ସ୍ଥିତି ଉପରେ ବିସ୍ତୃତ ଆଲୋକପାତ ଆର୍ଟିକିଲରେ କରାଯାଇଛି। ସେହିପରି ଚଳିତ ଆର୍ଥିକ ଭଳି ଆସନ୍ତା ଆର୍ଥିକ ବର୍ଷରେ ଯେତେ ଅସୁବିଧା ହେଉନା କାହିଁକି ଆମେ ଦେଶର ଅର୍ଥନୀତିକୁ ନେଇ ଯଥେଷ୍ଟ ଆଶାବାଦୀ ରହିଛୁ। ଏପରିକି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସ୍‌ଓ)ର ୨୦୨୩ ଫେବୃୟାରୀ ତଥ୍ୟ ପ୍ରକାଶନ ସୂଚିତ କରେ ଯେ ଭାରତୀୟ ଅର୍ଥବ୍ୟବସ୍ଥା ବିଶ୍ୱର ଅନ୍ୟ ରାଷ୍ଟ୍ର ଅପେକ୍ଷା ଯଥେଷ୍ଟ ଉନ୍ନତ ରହିଛି, ଯାହା ମୁଖ୍ୟତଃ ଏହାର ପ୍ରଦର୍ଶିତ ସ୍ଥିରତା ଏବଂ ଘରୋଇ ବଜାରଗୁଡ଼ିକ ଉପରେ ନିର୍ଭରଶୀଳ ବୋଲି କୁହାଯାଉଛି। ପରିଶେଷରେ ଉକ୍ତ ପ୍ରବନ୍ଧ ଆର୍‌ବିଆଇର ଡେପୁଟି ଗଭର୍ନର ମାଇକେଲ ଦେବବ୍ରତ ପାତ୍ରାଙ୍କ ନେତୃତ୍ୱରେ ଏକ ଟିମ୍ ବିସ୍ତୃତ ଭାବେ ଗବେଷଣାକରି ଲେଖିଛନ୍ତି। ଏପରିକି ଏହାର ଲେଖକମାନେ ଆହୁରି ମଧ୍ୟ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର ପ୍ରକୃତ ଜିଡିପି ଚଳିତ ଆର୍ଥିକ ବର୍ଷରେ ୧୫୯.୭ ଲକ୍ଷ କୋଟିରୁ ୧୭୦.୯ ଲକ୍ଷ କୋଟିକୁ ବୃଦ୍ଧି ହୋଇପାରେ। ବିଶେଷକରି ଏହା ଏକ ସରଳ ଗାଣିତିକ, ଅର୍ଦ୍ଧ ସମୟରେ କୌଣସି ଅଡ୍ ନୁହେଁ। ବିଶ୍ୱ ଅର୍ଥନୀତି ତୁଳନାରେ ଭାରତ ୨୦୨୨-୨୩ ଆର୍ଥିକ ବର୍ଷରେ ହାସଲ କରିଥିବା ବିସ୍ତାରର ଗତି ବଜାୟ ରଖିବ। ଯେତେ ଅସୁବିଧା ହେଉନା କାହିଁକି ଆମେ ଭାରତ ଉପରେ ଆଶାବାଦୀ ରହିଛୁ ବୋଲି ଉକ୍ତ ପ୍ରବନ୍ଧରେ ବିସ୍ତୃତ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧିର ବର୍ତ୍ତମାନ ଉପଲବ୍ଧ ପୂର୍ବାନୁମାନ, ଆର୍‌ବିଆଇ ସହ ୬ରୁ ୬.୫% ମଧ୍ୟରେ ସ୍ଥିର ହୋଇଛି। ଏପରିକି କେନ୍ଦ୍ରୀୟ ବ୍ୟାଙ୍କ କହିଛି, ଉକ୍ତ ପ୍ରବନ୍ଧରେ ଦର୍ଶାଯାଇଥିବା ମତଗୁଡ଼ିକ ଲେଖକଙ୍କ ମତ ଏବଂ ଏହା ଆର୍‌ବିଆଇର ମତକୁ ପ୍ରତିନିଧିତ୍ୱ କରେ ନାହିଁ।

## ଏଏଫ୍‌ଏଲ୍ ସହ ଆକ୍ସିସ୍ ବ୍ୟାଙ୍କର ସହଭାଗିତା

ନୂଆଦିଲ୍ଲୀ,୨୧।୩

ଆକ୍ସିସ୍ ବ୍ୟାଙ୍କ୍ ଏବଂ ଅଟୋଟ୍ରାକ୍ ଫାଇନାନ୍ସ ଲିମିଟେଡ୍ (ଏଏଫ୍‌ଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ହୋଇଥିବା ଜଣାପଡିଛି। ବିଶେଷ ଯୁବି କୋ ଡଟ୍ ଲେଣ୍ଡ୍ ପ୍ଲାଟଫର୍ମ ଜରିଆରେ କୋ-ଲେଣ୍ଡିଂ ମଡେଲ୍ ଅଧିନରେ ଉକ୍ତ ସହଭାଗିତା ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ବ୍ୟାଙ୍କିଙ୍ଗ, ଆକ୍ସିସ୍ ବ୍ୟାଙ୍କର ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଓ ମୁଖ୍ୟ ମୁନିଷ ଶାରଦା କହିଛନ୍ତି, ଦୁର୍ଗମ ଅଞ୍ଚଳରେ ପହଞ୍ଚିବା ଏବଂ ଡିଜିଟାଲ୍ ମାଧ୍ୟମରେ ନିରବଚ୍ଛିନ୍ନ ଭାବେ ଆର୍ଥିକ ସେବା ପ୍ରଦାନ କରିବା ଲାଗି ବ୍ୟାଙ୍କର ରହିଥିବା ମିଶନ ଅନୁସାରେ ଏଏଫ୍‌ଏଲ୍ ସହ ଏହି ସହଯୋଗିତା ସ୍ଥାପନ କରାଯାଇଛି। ଏଏଫଏଲର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି, ଆଇଟିଏଲ୍ ଗ୍ରହଣ କରୁଥିବା ଆମର ସବୁ ପଦକ୍ଷେପ ମୂଳରେ ଚାଷୀ ସର୍ବଦା ରହିଥାଏ।

## ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୧।୩





ସୋନି ଇଣ୍ଡିଆର ନୂତନ ଉତ୍ପାଦ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷ କରି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସୋନିର ନ୍ୟୁ ଆଲଫା ୭ଆର ଭି କ୍ୟାମେରାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଲଫା ମିରରଲେସ୍ ଇରଚେଞ୍ଜିବଲ୍ ଲେନ୍ସ କ୍ୟାମେରାର ପ୍ରଶଂସିତ ଆଲଫା ୭ଆର ଭିକୁ ନୂତନ ଆର ସିରିଜ କ୍ୟାମେରା ଭାବେ ଘୋଷଣା କରାଯାଇଛି। ଏହି ଆଲଫା ୭ଆର ଭି ସୋନିର ସର୍ବୋଚ୍ଚ ରିଜୋଲ୍ୟୁଶନ୍ ଇମେଜ୍ ସେନ୍ସରକୁ ଏକ ନୂତନ ଏଆଇ ପ୍ରୋସେସିଂ ୟୁନିଟ୍ ସହ ସଂଯୋଗ କରେ। ସୋନି ଆଲଫା ୭ଆର କୌଣସି ଆଲଫା କ୍ୟାମେରାରେ ୬୧.୦ଏମ୍‌ପି ସ୍ଥିର ଫଟୋ ସବୁଠାରୁ ପ୍ରଭାବଶାଳୀ ୮ଷ୍ଟେପ୍ ଇମେଜ୍ ସ୍ଥିରତା ପ୍ରଣାଳୀ ପ୍ରଦାନ କରିବା ସହ ସଂଶୋଧିତ ୮କେ ମୁଭି ଆଉଟପୁଟ, ଏକ ନୂତନ ୪ ଆକ୍ସିସ ମଲ୍ଟି-ଆଙ୍ଗଲ ମନିଟର, ହାଇ-ସ୍ପିଡ୍ କମ୍ୟୁନିକେଶନ୍ ଫଙ୍କଶନ୍, ଉଚ୍ଚସ୍ତରୀୟ ଅପରେବିଲିଟି ଏବଂ ସ୍ମୁଥ୍ ୱାର୍କଫ୍ଲୋ ଇଗ୍ରେସନ୍ ପ୍ରଦାନ କରୁଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡିଜିଟାଲ୍ ଇମେଜିଂ ବିଜନେସ୍ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଆମେ ଅତ୍ୟାଧୁନିକ ଆଲଫା ୮ଆର କ୍ୟାମେରାକୁ ଉଚ୍ଚ ରିଜୋଲ୍ୟୁଶନ୍ ଏବଂ ଅତ୍ୟନ୍ତ ଉନ୍ନତ ଏଆଇ ପ୍ରୋସେସିଂ ୟୁନିଟ୍ ସହିତ ଉପସ୍ଥାପନ କରିବାକୁ ଉତ୍ସାହିତ ଅଛୁ, ଯାହା ଶ୍ରେଷ୍ଠ-ଶ୍ରେଣୀ ଅଟୋଫୋକସ୍ ପ୍ରଦର୍ଶନ ପ୍ରଦାନ କରେ। ଆମର ଆଲଫା ୭ ଆର ଲାଇନ୍‌ଅପ୍‌ରେ ଏହି ନୂତନ ସଂଯୋଗ ସର୍ବଶ୍ରେଷ୍ଠ ଇମେଜିଂ ଅଭିଜ୍ଞତା ଏବଂ ବ୍ୟବସାୟୀମାନଙ୍କୁ ସ୍ୱାଧୀନତା ପ୍ରଦାନ କରିବାର ଏକ ପ୍ରୟାସ ବୋଲି ଶ୍ରୀବାସ୍ତବ ମତପ୍ରକାଶ କରିଛନ୍ତି।

## ରାୟଗଡ଼ା, ବ୍ୟାସନଗରରେ ଟ୍ରୁ-୫ଜି

ଭୁବନେଶ୍ୱର,୨୧।୩





ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ଓଡ଼ିଶାର ରାୟଗଡ଼ା ଓ ବ୍ୟାସନଗରଠାରେ ମଙ୍ଗଳବାର ଟ୍ରୁ-୫ଜିର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଦେଶର ୧୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୧ଟି ନୂଆ ସହରରେ ଟ୍ରୁ-୫ଜି ସେବାର ଶୁଭାରମ୍ଭ କରାଯାଇଛି, ଯେଉଁଥିରେ ଓଡ଼ିଶାର ଦୁଇଟି ସହର ରାୟଗଡ଼ା ଓ ବ୍ୟାସନଗର ଅନ୍ତର୍ଭୁକ୍ତ ରହିଛି। ପୂର୍ବରୁ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର, ବାରିପଦା, ଭଦ୍ରକ, ଝାରସୁଗୁଡ଼ା, ପୁରୀ, ବଲାଙ୍ଗୀର, ନାଲ୍‌କୋ-ଅନୁଗୋଳ, ତାଳଚେର, ସୁନ୍ଦରଗଡ଼, ଭବାନୀପାଟଣା, ଜଟଣୀ ଓ ଖୋର୍ଦ୍ଧା ଭଳି ସହରରେ ଜିଓ ଟ୍ରୁ ୫ଜି ସେବାର ଶୁଭାରମ୍ଭ କରାଯାଇସାରିଛି। ଏପରିକି ଉପରୋକ୍ତ ସହରଗୁଡ଼ିକ ମଧ୍ୟରୁ ଅଧିକାଂଶ ସହରରେ ଜିଓ ପ୍ରଥମ ଟେଲିକମ୍ ଅପରେଟର ଭାବେ ଭବିଷ୍ୟତଧର୍ମୀ ଓ ଅତ୍ୟାଧୁନିକ ଟ୍ରୁ-୫ଜି ସେବାକୁ ପହଞ୍ଚାଇଛି। ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ନିୟୁତାଧିକ ଗ୍ରାହକଙ୍କ ଦ୍ୱାରା ଜିଓ ଟ୍ରୁ-୫ଜି ଗ୍ରହଣୀୟ ହେଉଥିବା ଜାଣି ଆମେ ଅତ୍ୟନ୍ତ ଉତ୍ସାହିତ ଏବଂ ଆମର ବିଶ୍ୱାସ ରହିଛି ଯେ କମ୍ପାନୀ ନେଟ୍‌ୱର୍କର ରୂପାନ୍ତରଣ ସୃଷ୍ଟିକାରୀ ଶକ୍ତି ବିବିଧ ଡିଜିଟାଲ ଟଚ୍ ପଏଣ୍ଟ ଜରିଆରେ ସେମାନଙ୍କ ଜୀବନରେ ଉନ୍ନତି ଆଣିବ। ଆମେ ଚାହୁଁଛୁ ୨୦୨୩ ରେ ପ୍ରତିଟି ଭାରତୀୟ ଜିଓ ଟ୍ରୁ-୫ଜି ପ୍ରଯୁକ୍ତିର ରୂପାନ୍ତରିତ ଲାଭକୁ ଉପଭୋଗ କରନ୍ତୁ। ନିଜ ଅଞ୍ଚଳକୁ ଡିଜିଟାଇଜ୍ କରିବାରେ ସମର୍ଥନ ପ୍ରଦାନ କରିଥିବାରୁ ସମସ୍ତ ରାଜ୍ୟ ସରକାର ଏବଂ ପ୍ରଶାସନ ନିକଟରେ ଆମେ କୃତଜ୍ଞ ହୋଇରହିବୁ। ବିନା କୌଣସି ଅତିରିକ୍ତ ମୂଲ୍ୟରେ ୧ଜିବିପିଏସ୍‌ରୁ ଅଧିକ ସ୍ପିଡ୍‌ର ଅସୀମିତ ଡାଟାର ଅନୁଭୂତି ହାସଲ କରିବା ଲାଗି ୨୦୨୩ ମାର୍ଚ୍ଚ ୨୧ଠାରୁ ଉପରୋକ୍ତ ୪୧ଟି ସହରରେ ଜିଓ ବ୍ୟବହରକାରୀମାନଙ୍କୁ ଜିଓ ୱେଲକମ୍ ଅଫରରେ ଆମନ୍ତ୍ରଣ କରାଯିବ।

## ‘କ୍ୟାନ୍‌ସର ସର୍ଜରି ଏକ ଜଟିଳ ପ୍ରଣାଳୀ’

**କ୍ୟାନ୍‌ସର ସର୍ଜରି କର୍ମଶାଳା**

କଟକ,୨୧।୩



ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା କଟକ ତେଲଙ୍ଗାପେଣ୍ଠସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ ନିକଟରେ ଏକ କ୍ୟାନ୍‌ସର ସର୍ଜରି କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶେଷକରି ଲାପାରୋସ୍କୋପିକ୍ କଲୋରେକ୍ଟାଲ୍ କର୍କଟ ଶଲ୍ୟ ଚିକିତ୍ସା ପ୍ରଣାଳୀ ଉପରେ ଏକ ଲାଇଭ କର୍ମଶାଳାର ଆୟୋଜନ କରାଯାଇଥିଲା। ଏପରିକି କଲୋରେକ୍ଟାଲ୍ କ୍ୟାନ୍‌ସରର ବହୁମୁଖୀ ପରିଚାଳନା ସହ ସର୍ଜନମାନଙ୍କୁ ନବୀକରଣ କରିବାକୁ ପଡ଼ିବ ବୋଲି କର୍ମଶାଳାର ମୂଳ ଲକ୍ଷ୍ୟ ରହିଥିଲା। ଉକ୍ତ କର୍ମଶାଳାରେ ଦେଶର ପ୍ରତିଷ୍ଠିତ ମେଡିକାଲର ବରିଷ୍ଠ ସର୍ଜନମାନଙ୍କ ଉପସ୍ଥିତରେ ସର୍ବଭାରତୀୟସ୍ତରର ଶଲ୍ୟ ଚିକିତ୍ସକମାନଙ୍କୁ ଉକ୍ତ ପ୍ରଣାଳୀର ସିଧା ପ୍ରସାରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏମ୍ସ, ଯୋଧପୁରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏମ୍ସ, ଦରଭଙ୍ଗାର ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ନିର୍ଦ୍ଦେଶକ ଏଏଚ୍‌ଆର୍‌ସିସି ଏବଂ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମେଡିକାଲ ଡାଇରେକ୍ଟର କୃପାସିନ୍ଧୁ ପଣ୍ଡା ଉଦ୍‌ଘାଟନ କରିଥିଲେ।

ଏ ସମ୍ପର୍କରେ ଡା. ପଣ୍ଡା କହିଛନ୍ତି, ଲାପାରୋସ୍କୋପିକ୍ କ୍ୟାନ୍‌ସର ସର୍ଜରି ଏକ ଜଟିଳ ପ୍ରଣାଳୀ, ଯାହା ରୋଗୀର ଶରୀରରେ କ୍ଷତକୁ କମ୍ କରିଥାଏ। ଏହି ମିନିମଲ ଇନଭାସିଭ ଅସ୍ତ୍ରୋପଚାର ମଧ୍ୟ ଅପରେଶନ ପରବର୍ତ୍ତୀ ଯନ୍ତ୍ରଣାକୁ ହ୍ରାସ କରିଥାଏ। ଏପରିକି ରୋଗୀକୁ ଶୀଘ୍ର ଉପଶମ ପ୍ରଦାନ କରିଥାଏ। ଅପରପକ୍ଷରେ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲର ମୁଖ୍ୟ ପରିଚାଳନା ଅଧିକାରୀ ଶାନ୍ତନୁ କୁମାର ଦାସ କହିଛନ୍ତି, ଉକ୍ତ କର୍ମଶାଳା ପ୍ରକୃତରେ କଲୋରେକ୍ଟାଲ୍ କର୍କଟ ସର୍ଜରି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। କର୍ମଶାଳାର ୨ୟ ଅଧିବେଶନରେ ଡା. କୃପାସିନ୍ଧୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆସୋସିଏସନ ଅଫ୍ ସର୍ଜିକାଲ ଅଙ୍କୋଲୋଜିର ସଭାପତି ଡା. ପ୍ରଫୁଲ୍ଲ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଯାପନ କରିଥିଲେ।

## ଡିସିବି ଟ୍ରାଭେଲ୍ ସ୍ମାର୍ଟକାର୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ,୨୧।୩

ଡିସିବି ବ୍ୟାଙ୍କ ପକ୍ଷରୁ ନିକଟରେ ‘ଡିସିବି ଟ୍ରାଭେଲ ସ୍ମାର୍ଟକାର୍ଡ’ର ସର୍ବଭାରତୀୟ ଶୁଭାରମ୍ଭ କରାଯାଇଛି। ବିଶେଷ କରି ଆନ୍ତର୍ଜାତିକ ଛୁଟିଦିନ,ବ୍ୟବସାୟ ଟ୍ରିପ୍ ଓ କାର୍ଯ୍ୟ ଛୁଟି ଆଦି ପାଇଁ ଉକ୍ତ କାର୍ଡ ବେଶ୍ ଉପଯୋଗୀ ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଭାରତରେ ବ୍ୟବହାର କରିବା ବେଳେ ଡିସିବି ଟ୍ରାଭେଲ ସ୍ମାର୍ଟ ହେଉଛି ଏକ ଡେବିଟ୍ କାର୍ଡ। ଏହା ସ୍ୱତନ୍ତ୍ର ବିଦେଶୀ ମୁଦ୍ରା କିଣିବା,ବୀମା ଆବଶ୍ୟକତା ବିନା ଚିନ୍ତାମୁକ୍ତ, ଗମନାଗମନ ଏବଂ ଗ୍ରାହକମାନଙ୍କୁ ଡିସିବି ସଞ୍ଚୟ ବ୍ୟାଙ୍କ ଖାତାରେ ଥିବା ଆଲାଉନ୍ସ ଉପରେ ଆକର୍ଷଣୀୟ ସୁଧ ଭଳି ତିନି ପ୍ରକାର ସୁବିଧା ପ୍ରଦାନ କରୁଛି। ଡିସିବି ଟ୍ରାଭେଲ୍ ସ୍ମାର୍ଟ ଆନ୍ତର୍ଜାତକ ଗମନାଗମନ ଉପରେ ଗମନାଗମନ ବୀମା ସହିତ ବ୍ୟାଗ ହଜିବା, ବିମାନ ବିଳମ୍ବ ହେବା, ବ୍ୟକ୍ତିଗତ କାଗଜପତ୍ର ହଜିଯିବା ଉପରେ ବୀମା ସୁରକ୍ଷା ପ୍ରଦାନ କରୁଛି। ଦୁର୍ଘଟଣା (ସଡ଼କ, ରେଳ କିମ୍ବା ବିମାନ) ଜନିତ ମୃତ୍ୟୁ ଉପରେ ଏହା ୧,୦୦,୦୦୦ ଟଙ୍କାର ବୀମା ରାଶି ପ୍ରଦାନ କରୁଛି ଏବଂ ୨,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କାର୍ଡ ହଜିବା ସୁରକ୍ଷା ଦେଉଛି। ଭିସା ପକ୍ଷରୁ ନିୟମିତ ବ୍ୟବଧାନରେ ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ରିହାତି ଓ ଅଫରକୁ କାର୍ଡଧାରୀ ହାସଲ କରିପାରିବେ। ଡିସିବି ବ୍ୟାଙ୍କର ରିଟେଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ପ୍ରବୀଣ କୁଟ୍ଟି କହିଛନ୍ତି, ଯାତ୍ରୀମାନେ ଆନ୍ତର୍ଜାତିକ ଅନୁଭୂତି ବିକଳ୍ପ ଚୟନ କରୁଛନ୍ତି। ଏପରିକି ଲମ୍ବା ଓ ଅଳ୍ପ ଦିନର ଛୁଟି, ଷ୍ଟେକେସନ,ବ୍ୟବସାୟ ଭ୍ରମଣ ଏବଂ ମେଡିକାଲ୍ ସୁବିଧା ପାଇଁ ଭ୍ରମଣ ବଢ଼ିବାରେ ଲାଗିଛି। ଏହା ଏକ ଉପଯୋଗୀ ଆନ୍ତର୍ଜାତିକ କାର୍ଡ ଯାହାର ସୁବିଧାକୁ ଯାତ୍ରୀମାନେ ପସନ୍ଦ କରିବେ। ଯାତ୍ରୀମାନେ କାର୍ଡକୁ ଲୋଡ୍ କରିବା, ବ୍ୟାଙ୍କ ଖାତା ସହ ଯୋଡ଼ିବା ଏବଂ ଚଢ଼ା ବିଦେଶୀ ମୁଦ୍ରା ବିନିମୟ ଫି ଏବଂ ମାର୍କ ଫି ଦେବାର ଚାପ ନେଇଥାନ୍ତି।

**ଫୁରସତ**

# ଗୋଡ଼ରେ ପରୀକ୍ଷା ଦେଇ ଚର୍ଚ୍ଚାରେ



**ରାୟପୁର:** ଛତିଶଗଡ଼ର ସୁରଗିଜା ଜିଲା ଅମ୍ବିକାପୁରର ଜଣେ ପରୀକ୍ଷାର୍ଥୀ ଗୋଡ଼ରେ ଦ୍ୱାଦଶ ପରୀକ୍ଷା ଦେଇ ଚର୍ଚ୍ଚାକୁ ଆସିଛନ୍ତି। ୧୭ ବର୍ଷୀୟ ମହେଶ ସିଂ ଗରିବ ପରିବାରର ହୋଇଥିବାବେଳେ ସେ ଫୋକୋମେଲିଆ ରୋଗରେ ପୀଡ଼ିତ। ଏହି ରୋଗ ପାଇଁ ତାଙ୍କ ହାତ ଓ ଗୋଡ଼ ବିକୃତ ହୋଇଯାଇଛି। ହେଲେ ତାଙ୍କର ପାଠପଢ଼ା ପ୍ରତି ଥିବା ଆଗ୍ରହ ପାଇଁ ସେ ଅନ୍ୟମାନଙ୍କର ପ୍ରେରଣା ପାଲଟିଛନ୍ତି। ସେ ପ୍ରଥମ ଶ୍ରେଣୀରୁ ହିଁ ତାଙ୍କ ବାମ ଗୋଡ଼ରେ ଲେଖିବା ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କୁ ଅନେକେ ଉତ୍ସାହିତ କରିଥିବା ସେ କହିଛନ୍ତି। ସେ ଆଗକୁ ଜଣେ ହିନ୍ଦୀ ସ୍କୁଲ ଶିକ୍ଷକ ହେବେ ବୋଲି ଆଶା ରଖିଛନ୍ତି। ତାଙ୍କୁ ଗୋଡ଼ରେ ଅଧିକ ସମୟ ଲେଖିବାକୁ କଷ୍ଟ ହେଉଥିଲେ ମଧ୍ୟ ସେ ସମସ୍ତ ପ୍ରଶ୍ନର ଉତ୍ତର ଲେଖିବାକୁ ଚେଷ୍ଟା କରିଛନ୍ତି। ସେ କଳା ବିଭାଗର ଛାତ୍ର ହୋଇଥିବାବେଳେ ପରୀକ୍ଷାରେ ତାଙ୍କର ୭୦% ମାର୍କ ରହିବ ବୋଲି କହିଛନ୍ତି। ସେ ଛୋଟ ଥିବାବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ବଡ଼ ଭଉଣୀ ଅଛନ୍ତି। ସେମାନେ ଏବେ ବିବାହ କରିସାରିଲେଣି। ତାଙ୍କ ମା'ଙ୍କୁ ଏବେ ୬୦ ବର୍ଷ ବୟସ। ସେ ପାଠପଢ଼ିବା ସହ ଘର ଚଳାଇବାରେ ମା'ଙ୍କୁ ଚାଷକାର୍ଯ୍ୟରେ ସାହାଯ୍ୟ କରୁଥିବା କହିଛନ୍ତି।

# ଜନ୍ମଦିନରେ ପୁଷ୍ପା-୨ ଟିଜର



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ଶେଷ ଥର ପାଇଁ ଚଳଚ୍ଚିତ୍ର ‘ପୁଷ୍ପା ଦି ରାଇଜିଂ ଷ୍ଟାର୍’ରେ ଦେଖିବାକୁ ମିଳିଥିଲା। ବକ୍ସ ଅଫିସରେ ଏହି ଫିଲ୍ମ ସୁପରହିଟ୍ ହୋଇସାରିଛି। ଫିଲ୍ମ ଶେଷରେ ଜଣାପଡ଼ିଥିଲା ଯେ, ଏହାର ୨ୟ ଭାଗ ଆସିବାକୁ ଯାଉଛି। ତେବେ ଏଥିପାଇଁ ଦର୍ଶକ ଅପେକ୍ଷା କରିଥିଲେ। ଏବେ ତାଙ୍କ ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ଆସନ୍ତା ଏପ୍ରିଲ ୮ରେ ଅଭିନେତା ଅଲ୍ଲୁ ଅର୍ଜୁନଙ୍କ ୪୧ତମ ଜନ୍ମଦିନ ଅବସରରେ ‘ପୁଷ୍ପା ଦି ରୁଲ୍’ର ଟିଜର ରିଲିଜ୍ ହେବାକୁ ଯାଉଛି। ଏନେଇ ନିର୍ଦ୍ଦେଶକ ଏକ ସ୍ୱତନ୍ତ୍ର ପୋଷ୍ଟର ରିଲିଜ୍ କରିବେ। ‘ପୁଷ୍ପା ଦି ରୁଲ୍’ର ଶୁଟିଂ ନିକଟରେ ଆନ୍ଧ୍ରପ୍ରଦେଶରେ କରାଯାଇଥିଲା। ତେବେ ଫିଲ୍ମ ୨୦୨୪ ଜାନୁୟାରୀରେ ମୁକ୍ତିଲାଭ କରିବାକୁ ପ୍ରଥମେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁକୁମାର ଯୋଜନା କରିଥିଲେ। ହେଲେ ଶୁଟିଂରେ ବିଳମ୍ବ ହେତୁ ଏପ୍ରିଲକୁ ରିଲିଜ୍ କରିବାକୁ ଆଶା ରଖିଛନ୍ତି। ପୁଷ୍ପାରେ ଅଭିନେତା ଅଲ୍ଲୁ ପୁଷ୍ପାରାଜ ଭୂମିକାରେ ଅଭିନୟ କରିଥିଲେ। ତାଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ରଶ୍ମିକା ମାନ୍ଦାନା।

## ୨୦ ବର୍ଷ ହେବ ଖାଲି ପାଦରେ ଚାଲୁଛନ୍ତି



**ୱାଶିଂଟନ:** ସାଧାରଣତଃ ଆମେ ଘରେ ବିନା ଚପଲରେ ଚାଲିଥାଉ। ବାହାରକୁ ଯିବା ସମୟରେ ଚପଲର ବ୍ୟବହାର କରିଥାଉ। ହେଲେ ଏପରି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ୨୦ ବର୍ଷ ହେବ ଖାଲି ପାଦରେ ଚାଲୁଛନ୍ତି। ଏବେ ତାଙ୍କୁ ଚପଲର ଆବଶ୍ୟକତା ଆଉ ପଡୁନାହିଁ। ରିପୋର୍ଟ ମୁତାବକ, ଆମେରିକାର ୫୯ ବର୍ଷୀୟ ଜୋସେଫ୍ ଡିରୁଭୋ ନାମକ ବ୍ୟକ୍ତି ଏପରି ବିନା ଚପଲରେ ରହିବା ପଛରେ ଏକ କାରଣ ରହିଛି। ୨୦୦୨ ମସିହାରେ ସେ ଯେତେବେଳେ ଜୋତା ବ୍ୟବହାର କରୁଥିଲେ, ସେତେବେଳେ ତାଙ୍କ ପାଦ ତଳ ସିଝି ଯାଇଥିଲା। ଡାକ୍ତରଙ୍କୁ ସେ ଦେଖାଇବା ପରେ ଡାକ୍ତର ତାଙ୍କୁ ସର୍ଜରି ପାଇଁ କହିଥିଲେ। ହେଲେ ସେ ସେତେବେଳେ ସର୍ଜରି କରି ନ ଥିଲେ। ସେ ସେବେଠାରୁ ଖାଲି ପାଦରେ ଚାଲିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ତାଙ୍କୁ ଏପରି ଖାଲି ପାଦରେ ରାସ୍ତାରେ ଚାଲିବା ବହୁ କଷ୍ଟ ଦେଇଥିଲା, ହେଲେ ପରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲା। ସେବେଠାରୁ ସେ ଘରେ ଏବଂ ବାହାରେ ବିନା ଚପଲରେ ଚାଲୁଛନ୍ତି। ଏବେ ତାଙ୍କ ପାଦ ଆଉ ଆଗ ଭଳି ହେଉନାହିଁ।

## ଗାଈକୁ ଦେଖାକରିବାକୁ ଆସେ ଚିତାବାଘ



**ମୁମ୍ବାଇ:** ସବୁବେଳେ ଶିକାରୀ ତା' ଶିକାର ଅପେକ୍ଷାରେ ରହିଥାଏ। ଯେପରି ଗୋଟେ ହିଂସ୍ର ପ୍ରାଣୀ ତା' ଶିକାରର ପିଛା କରି ଆସି ତାକୁ ଶିକାର କରିଥାଏ। ତେବେ ଏପରି ଏକ ଘଟଣା ଦେଖିବାକୁ ମିଳିଛି, ଯେଉଁଠି ଶିକାରୀ ତା' ଶିକାରର ପ୍ରେମରେ ପଡ଼ିଛି। ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ଖଳାକୁ ପ୍ରତି ରାତିରେ ଏକ ଚିତାବାଘ ଆସୁଥିବା ସେ ଜାଣିବାକୁ ପାଇଥିଲେ। ହେଲେ ଚିତାବାଘ କୌଣସି କ୍ଷତି କରୁ ନ ଥିଲା। ସେ ଡରିକି ପୋଲିସକୁ ଏନେଇ ଖବର ଦେଇଥିଲେ। ହେଲେ ସେ କାହିଁକି ସେଠାକୁ ଆସୁଥିବା ଜାଣିବାକୁ ବ୍ୟକ୍ତି ଜଣଙ୍କ ତାଙ୍କ ଖଳାରେ ଏକ କ୍ୟାମେରା ଲଗାଇଥିଲେ। ପରେ ସେ ଏକ ଅଜବ କଥା ଦେଖିବାକୁ ପାଇଲେ। ରାତିରେ ଚିତାବାଘଟି ତାଙ୍କ ଗାଈ ପାଖକୁ ଆସୁଛି। ଗାଈର କିଛି କ୍ଷତି ନ କରି ତା' ସହ କିଛି ସମୟ ବିତାଉଛି। ଦୁହେଁ ପରସ୍ପର ବେଶ ଖୁସି ଥିବା ନଜରକୁ ଆସୁଛନ୍ତି। ଏଥିରେ ଉଭୟଙ୍କ ମଧ୍ୟରେ ଥିବା ପ୍ରେମ ସ୍ପଷ୍ଟ ଜଣାପଡୁଥିଲା। ତେବେ ଏପରି ନିଆରା ପ୍ରେମ କ୍ୱଚିତ ଦେଖିବାକୁ ମିଳିଥାଏ। ଏହି ଘଟଣା ୨୦୨୦ ମସିହାର ହୋଇଥିବାବେଳେ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

## ଗର୍ଭରେ ବାଇସେପ ଦେଖାଇଲା ଛୁଆ



**ୱାଶିଂଟନ:** ଦୁଇ ଥର ଓସ୍କାର ଜିତିଥିବା ୪୮ ବର୍ଷୀୟା ଆମେରିକାନ୍ ଅଭିନେତ୍ରୀ ହିଲାରି ସ୍ୱାଙ୍କ ବର୍ତ୍ତମାନ ଗର୍ଭବତୀ ଅଛନ୍ତି। ନିକଟରେ ସେ ତାଙ୍କ ଯାଆଁଳା ଛୁଆଙ୍କ ଅଲଟ୍ରାସାଉଣ୍ଡର ଫଟୋ ଶେୟାର କରିଛନ୍ତି। ସେଥିରେ ଗୋଟେ ପିଲା ବାଇସେପ ଦେଖାଉଥିବା ନଜରକୁ ଆସିଛି। ଏହି ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଥିସହ ଅଭିନେତ୍ରୀ ତାଙ୍କ ପିଲାକୁ ‘ଦି ରିୟଲ ମିଲିୟନ ଡଲାର ବେବି’ ବୋଲି ଆଖ୍ୟା ଦେଇଛନ୍ତି। ରିପୋର୍ଟ ମୁତାବକ, ୨୦୦୫ରେ ଫିଲ୍ମ ‘ମିଲିୟନ ଡଲାର ବେବି’ ପାଇଁ ହିଲାରିଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ କରାଯାଇଥିଲା। ହିଲାରି ୨୦୧୮ରେ ବିଜ୍‌ନେସ ମ୍ୟାନ୍ ଫିଲିପ୍ ସେନାଇଡର୍‌ଙ୍କୁ ବିବାହ କରିଥିଲେ।

# ବହୁ ବିରୋଧୀ ମେଣ୍ଟ ୧୯୯୬ ସ୍ଥିତି ସୃଷ୍ଟି କରିବ

**ନୂଆଦିଲ୍ଲୀ, ୨୨।୩**

୨୦୨୪ ଲୋକ ସଭା ନିର୍ବାଚନ ଲାଗି ଅବଗଣନା ଆରମ୍ଭ ହୋଇଥିବାବେଳେ ଆଞ୍ଚଳିକ ଦଳଗୁଡ଼ିକ ସମେତ ସମସ୍ତ ବୃହତ୍ ବିରୋଧୀ ଦଳ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ବଡ଼ ଧରଣର ରାଜନୈତିକ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ବହୁ ବିରୋଧୀ ଦଳ ମେଣ୍ଟ ୧୯୯୬ ଭଳି ସ୍ଥିତି ସୃଷ୍ଟି କରିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକେ ମତ ଦେଇଛନ୍ତି। ପ୍ରାୟ ଦୁଇବର୍ଷ ହେଲା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବିରୋଧୀ ଦଳଗୁଡ଼ିକ ଏକାଠି ହେଉଛନ୍ତି। ଭାଜପା ଓ ଏହାର ସହଯୋଗୀଙ୍କ ବିରୋଧରେ ଏକାଠି ଲଢ଼ିବା ପାଇଁ ପ୍ରତିଥର ଆଶା ପ୍ରକାଶ ପାଉଛି ଓ ପରେ ତାହା ଫିକା ପଡ଼ିଯାଉଛି। ନିକଟରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କୁ ଭେଟିଥିଲେ। ସେମାନେ ଭାଜପା ଓ କଂଗ୍ରେସଠାରୁ ସମଦୂରତ୍ୱ ରକ୍ଷା କରିବା ଲାଗି ସହମତ ହୋଇଥିଲେ। ଏଥିରେ ବିଜୁ ଜନତା ଦଳ ଅଧ୍ୟକ୍ଷ ତଥା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଭାରତ ରାଷ୍ଟ୍ର ସମିତି ଅଧ୍ୟକ୍ଷ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଓ ଅନ୍ୟ ନେତାମାନଙ୍କୁ ସାମିଲ କରିବା ଲାଗି ମମତା ଯୋଜନା କରିଛନ୍ତି। ମହାରାଷ୍ଟ୍ରର କଂଗ୍ରେସ, ଏନ୍‌ସିପି, ଶିବସେନା-ୟୁବିଟି ମେଣ୍ଟ (ମହାବିକାଶ ଅଘାଡ଼ି) ସ୍ଥିତି ଉପରେ ନଜର ରଖିଛି। ସେହିପରି ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, କର୍ଣ୍ଣାଟକର ବିଭିନ୍ନ ଦଳ, ବିହାରର ଜେଡିୟୁ ଏବଂ ଆର୍‌ଜେଡି, ଆମ୍ ଆଦ୍‌ମୀ ପାର୍ଟି ଓ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ସମ୍ଭାବ୍ୟ ମେଣ୍ଟକୁ ନେଇ ଅନୁଧ୍ୟାନ ଚଳାଇଛନ୍ତି, ଯାହା ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରିଛି। କଂଗ୍ରେସ ବିନା ବିରୋଧୀ ମେଣ୍ଟ ସମ୍ଭବ ନୁହେଁ ବୋଲି ଏହି ଦଳ ସମେତ ଏନ୍‌ସିପି ଏବଂ ଶିବସେନା-ୟୁବିଟି ପକ୍ଷରୁ କୁହାଯାଇଛି। ଦେଶରେ ଏପର୍ଯ୍ୟନ୍ତ ଭାଜପା ବିରେଧୀ ହାୱା ଆସି ନ ଥିବା ସେନା-ୟୁବିଟି ନେତା ସ୍ୱୀକାର କରିଥିବାବେଳେ ଖୁବ୍‌ଶୀଘ୍ର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବ ବୋଲି କହିଛନ୍ତି।




ଆଦାନୀ ମାମଲାରେ ଜେପିସି ତଦନ୍ତ ଦାବିରେ ନୂଆଦିଲ୍ଲୀର ବିଜୟଚୌକଠାରେ ତୃଣମୂଳ କଂଗ୍ରେସ ଏମ୍‌ପିମାନଙ୍କ ବିକ୍ଷୋଭ।



ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିବା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଛନ୍ତି। ନିକଟରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଏବଂ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର ଉପସ୍ଥିତ ଅଛନ୍ତି।

# ପଛୁଆବର୍ଗଙ୍କୁ ଠକିବା ପାଇଁ ପ୍ରୟାସ କରାଯାଉଛି: ଶ୍ରୀକାନ୍ତ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**

ରାଜ୍ୟ ସରକାର ପଛୁଆବର୍ଗଙ୍କ ସର୍ଭେ କରିବାକୁ ଯାଉଛନ୍ତି। ମାତ୍ର ଏହା ସେହି ବର୍ଗ ପାଇଁ ଉପହାସ ସଦୃଶ । ୨୩ ବର୍ଷ ଏହି ବର୍ଗକୁ ଠକିବା ପରେ ପୁଣି ଠକିବା ପାଇଁ ପ୍ରୟାସ କରାଯାଉଛି ବୋଲି ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି।

ଏକ ଖବରଦାତା ସମ୍ମିଳନୀ ଜରିଆରେ ମଙ୍ଗଳବାର ଶ୍ରୀକାନ୍ତ କହିଛନ୍ତି, ରାଜ୍ୟ ସରକାରଙ୍କ ସର୍ଭେ କ'ଣ ଜାତିଭିତ୍ତିକ ଜନଗଣନା। ଏହାକୁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ । ପଛୁଆ ବର୍ଗଙ୍କ ସର୍ଭେ ନାଁରେ ରାଜ୍ୟ ସରକାର ସେହି ବର୍ଗ (ରାଜ୍ୟର ୫୪% ଲୋକଙ୍କୁ) ଠକୁଛନ୍ତି । ଜାତିଭିତ୍ତିକ ଜନଗଣନା ନ କରି ସର୍ଭେ ନାଁରେ ରାଜ୍ୟ ସରକାର ଓଡ଼ିଶାର ୫୪% ପଛୁଆ ବର୍ଗଙ୍କୁ ଠକିବାକୁ ଯାଉଛନ୍ତି। ରାଜ୍ୟରେ ୨୫ ବର୍ଷର ଶାସନ କାଳରେ ପଛୁଆବର୍ଗଙ୍କ ସାମ୍ବିଧାନିକ ଅଧିକାର (ଶିକ୍ଷା ଓ ଚାକିରି) କ୍ଷେତ୍ରରୁ ବଞ୍ଚିତ ହୋଇଛନ୍ତି। ଏହାଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ପଛୁଆବର୍ଗର ଯୁବତୀଯୁବକମାନେ ଚାକିରି ଓ ଶିକ୍ଷାର ସୁଯୋଗ ହରାଉଛନ୍ତି । ରାଜ୍ୟରେ ମାତ୍ର ୬% ଲୋକଙ୍କ ହାତରେ ରାଜନୈତିକ କ୍ଷମତା, ପ୍ରଶାସନିକ କ୍ଷମତା ଠୁଳ ହୋଇଛି । ରାଜ୍ୟର ପ୍ରାୟ ୩୮.୫% ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗରୁ ବୈଷୟିକ ଶିକ୍ଷା ଓ ମେଡିକାଲ ଶିକ୍ଷାର ସଂଖ୍ୟା ଅନୁପାତରେ ସଂରକ୍ଷଣ ଦିଆଯାଉନାହିଁ । ଲୋକଙ୍କୁ ଭୁଆଁ ବୁଲେଇ ଏହି ବର୍ଗ ପ୍ରତି ଦରଦ ଅଛି ବୋଲି କହି ୨୦୨୪ ପୂର୍ବରୁ ଭୋଟ୍ ନେବାକୁ ଆଉ ଏକ ଉଦ୍ୟମ କରାଯାଉଛି। ଏହି ବର୍ଗର ସାମ୍ବିଧାନିକ ହକ୍ ହାସଲ ପାଇଁ 'ଅଧିକାର ଯାତ୍ରା' ଆରମ୍ଭ କରାଯିବ । ରାଜ୍ୟର ସମସ୍ତ ସମଭାବାପନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନକୁ ଏହି ଅଭିଯାନରେ ସାମିଲହେବା ପାଇଁ ନିବେଦନ କରୁଛୁ ବୋଲି ଶ୍ରୀକାନ୍ତ କହିଛନ୍ତି।

# ଏନ୍‌ସିପିର ଜାତୀୟ ମାନ୍ୟତା ସମୀକ୍ଷା କରିବେ ଇସି

**ନୂଆଦିଲ୍ଲୀ, ୨୧।୩**

ଶରଦ ପାୱାରଙ୍କ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଜାତୀୟ ଦଳ ମାନ୍ୟତାକୁ ନିର୍ବାଚନ କମିଶନ (ଇସି) ସମୀକ୍ଷା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଜାତୀୟ ଦଳ ମାନ୍ୟତା ନିଷ୍ପତ୍ତିର ସମୀକ୍ଷା ଲାଗି ଦଳ ପକ୍ଷରୁ ଆବେଦନ କରାଯାଇଥିଲା। ଜାତୀୟ ଦଳ ମାନ୍ୟତା ପାଇଁ ଆବଶ୍ୟକତାରେ ଦଳ ସନ୍ତୁଷ୍ଟ ନୁହେଁ ବୋଲି ଏକ ସୂତ୍ରରୁ କୁହାଯାଇଛି। ଗୋଟିଏ ଦଳ ୪ କିମ୍ବା ଅଧିକ ରାଜ୍ୟରେ ଲୋକ ସଭା କିମ୍ବା ବିଧାନସଭା ନିର୍ବାଚନରେ ଅନ୍ୟୂନ ୬ ପ୍ରତିଶତ ଭୋଟ ହାସଲ କଲେ ଏହାକୁ ଜାତୀୟ ଦଳର ମାନ୍ୟତା ମିଳିଥାଏ। ଏହା ବ୍ୟତୀତ ଲୋକ ସଭା ନିର୍ବାଚନରେ ଏହି ଦଳ ମୋଟ ଆସନର ୨ ପ୍ରତିଶତ ବା ୧୧ଟି ଆସନ ଜିତିବା ଆବଶ୍ୟକ। କୌଣସି ଦଳକୁ ଜାତୀୟ ଦଳ ମାନ୍ୟତା ମିଳିଲେ କେତେକ ସୁବିଧା ମିଳିଥାଏ। ସେମାନେ ସବୁ ରାଜ୍ୟ ପାଇଁ ଗୋଟିଏ ନିର୍ବାଚନୀ ଚିହ୍ନ ପାଇବା ସହ ନୂଆଦିଲ୍ଲୀରେ ପାର୍ଟି ଅଫିସ ଖୋଲିବା ଲାଗି ଜାଗା ପାଇଥାନ୍ତି।

# ମହଙ୍ଗା ପଡ଼ିଲା ଦଳ ବିରୋଧୀ ମନ୍ତବ୍ୟ

## ବିଜେଡିରୁ ୩ ବହିଷ୍କୃତ

**ବନ୍ତ, ୨୧।୩(ଡି.ଏନ୍.ଏ.)**

ଦଳ ବିରୋଧୀ ମନ୍ତବ୍ୟ ମହଙ୍ଗା ପଡ଼ିଲା। ଦଳରୁ ବିଦା ହେଲେ ବିଜେଡିର ୩ ବରିଷ୍ଠ ନେତା। ଭଦ୍ରକ ଜିଲା ବନ୍ତ ବ୍ଲକ ବିଜେଡିର ବରିଷ୍ଠ ନେତା ପ୍ରାଧ୍ୟାପକ ଡ. ସୁଧାଂଶୁ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ ଓ ପୂର୍ବତନ ବ୍ଲକ ବିଜେଡି ସଭାପତି କମଳାକାନ୍ତ ସାହୁଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଦଳରୁ ବହିଷ୍କାର କରିଛନ୍ତି। ସୋମବାର ଜିଲା ବିଜେଡି କାର୍ଯ୍ୟାଳୟ ଚିଠି ନଂ-୧୪/୨୦୨୩ ଅନୁଯାୟୀ ଜିଲା ସଭାପତି ସ୍ୱାଇଁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ରବିବାର ବନ୍ତଠାରେ 'ଶଙ୍ଖ ମୋର ଗର୍ବ' ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀରେ ଏହି ୩ ଜଣଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ସୁଧାଂଶୁ ସିଧାସଳଖ ଭଣ୍ଡାରିପୋଖରୀ ବିଧାୟକ ଓ ବିଧାୟକ ପ୍ରତିନିଧିଙ୍କୁ ଟାର୍ଗେଟ କରି ନାନାଦି ମନ୍ତବ୍ୟ ଦେଇଥିଲେ। ଏହାର ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଫଳସ୍ୱରୂପ ଦିନକ ପରେ ଜିଲା ସଭାପତି ତାଙ୍କୁ ଦଳରୁ ବିଦା କରିଥିବା ଜଣାଯାଇଛି।

# ଭାଜପାରୁ ୩ ନେତା ନିଲମ୍ବିତ

**କେନ୍ଦୁଝର, ୨୧।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ କେନ୍ଦୁଝର ଜିଲାର ୩ ନେତାଙ୍କୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଦଳର ପ୍ରାଥମିକ ସଦସ୍ୟପଦରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ ତ୍ରିପାଠୀ, ଗ୍ରାମୀଣ ସମ୍ପାଦକ ଜର୍ମାନ ମହାନ୍ତ ଓ ବାମେବାରୀ ମଣ୍ଡଳ ସଭାପତି ଗଣେଶ୍ୱର ମହାନ୍ତ। ଏହାବ୍ୟତୀତ ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିନେଇ ୭ ଦିନ ମଧ୍ୟରେ ଜଣାଇବା ପାଇଁ ରାଜ୍ୟ ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ କେତେକ କାର୍ଯ୍ୟକର୍ତ୍ତାଙ୍କୁ ନିଜ ସପକ୍ଷରେ ନେବା ଓ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ଯୋଗୁ ରାଜ୍ୟ କାର୍ଯ୍ୟାଳୟର ଚିଠି ନମ୍ବର ଏଲ୍‌ଡି୪୪/୨୩ ଅନୁଯାୟୀ ସେମାନଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ସଭାପତି ସମୀରଙ୍କୁ ପଚାରିବାରୁ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ସେମାନଙ୍କୁ ନିଲମ୍ବିତ କରାଯାଇଥିବା ସେ କହିଛନ୍ତି।

OMC | ODISHA NEW OPPORTUNITIES
Mining Happiness

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**National e-auction Notice (dt.28.03.2023,9th e-auction) (Bauxite)**

**No.CAD-5239:** The Odisha Mining Corporation Ltd. intends to sell Gibbsitic Bauxite having basis 40% $Al_2O_3$ produced at Kodingamali mines situated in Rayagada & Koraput Districts of Odisha State through National e-auction on "as is where is, whatever there is and no complaint basis" which will be conducted by MSTC Ltd. The e-auction shall be held on dt. 28.03.2023 from 11.00 AM to 2.00 PM.

For details, please visit the website of MSTC i.e **www.mstcecommerce.com**

OIPR-30005/11/0235/2223 **General Manager (S&M)**

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**

No. A-1297 GOVERNMENT OF ODISHA

**"e" - PROCUREMENT NOTICE**

**BID IDENTIFICATION No. 13 MID (JSP/2022-23)**

1. Name of the Inviting Officer: Superintending Engineer, Minor Irrigation Division, Jashipur
2. Name of the Work: Construction of Check Dams in different Blocks of Mayurbhanj District.
3. No. of Works: 4 (Four) Nos.
4. Tender Amount Varies From: 31.37 lakh to 49.72 lakh
5. Date and time of availability of BID document in the portal for online bidding from: 10.00 hrs. Dt.23.03.2023 to 17.00 hrs. Dt.03.04.2023
6. Last date and time of receipt of Bids in the portal: 17.00 hrs. Dt.03.04.2023.
7. Last date and time for clarification upto: 17.00 hrs. Dt.31.03.2023
8. Date of Opening of Bid: 11.00 hrs. onwards Dt.04.04.2023

The detail tender call notice can also be seen in the DOWR website: **http://dowrorissa.gov.in**.

Name & Address of the OIT : Superintending Engineer, M.I. Division, Jashipur, At/P.O.: Khairi, Dist.: Mayurbhanj, PIN - 757091, E-Mail: **eemijashipur@yahoo.com**

Further details can be seen from the e-Procurement market place : **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/cancel any or all tenders without assigning any reason thereof.

**Sd./- 18.03.2023**
**Superintending Engineer**
**M.I. Division, Jashipur**

OIPR-32282/11/0014/2223

**GOVERNMENT OF ODISHA**
**COMMERCE & TRANSPORT (TRANSPORT) DEPARTMENT**
**REQUEST FOR PROPOSAL (RFP)**

**APPOINTMENT OF AN AGENCY AS POLICY IMPLEMENTATION UNIT (PIU) FOR ODISHA CIVIL AVIATION POLICY 2022**

RFP No. 3423

No.J-21:- Government of Odisha, Commerce & Transport (Transport) Department desires to appoint an Agency as Policy Implementation Unit (PIU) for Odisha Civil Aviation Policy-2022 for a period of **2 Years**.

Eligible and interested agencies/bidders may download the Request For Proposal (RFP) document which contains the details of the requirement from the following website of Government of Odisha and submit their offer,

**https://tendersodisha.gov.in/nicgep/app & https://ct.odisha.gov.in/tenders**

Proposals complete in all respect should reach the undersigned latest by **03:00 PM on 21.04.2023.** Bids received after the above deadline shall be summarily rejected. The authority reserves the right to reject any or all the proposals without assigning any reason thereof.

Sd./- **Additional Secretary to Govt. & Director of Aviation, Commerce & Transport (Transport) Department**

OIPR-38001/11/0038/2223 **Government of Odisha**

**GOVERNMENT OF ODISHA**

**"e" - PROCUREMENT NOTICE**

**OFFICE OF THE BLOCK DEVELOPMENT OFFICER, ODAGAON**
**P.R. & D.W. DEPARTMENT**
E-mail: ori-odagaon@nic.in

**TENDER CALL NOTICE**
Tender Call Notice No. Online 02/2022-23

Letter No. 1009 Dated: 20.03.2023

Bid Identification No. B.D.O., Odagaon - Online 02/2022-23

No. i-518: The Block Development Officer, Odagaon on behalf of Governor of Odisha inviting percentage rate bid in Double Cover System in ONLINE MODE from eligible contractors for construction of Building work as detailed in the table below.

1. Nature of Work : Building Works
2. No. of Work : 3 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.24.03.2023 11.00 A.M. to Dt.07.04.2023 upto 5.00 P.M.
6. Date of Opening of Bid : Dt.10.04.2023 at 11.00 A.M.
7. The have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any Addendum/ Corrigendum/Cancellation of tender can also be seen in the said website.

OIPR-19307/11/0003/2223 **Sd./- Block Development Officer, Odagaon**

**OFFICE OF THE CHIEF CONSTRUCTION ENGINEER, RAYAGADA (R&B) CIRCLE, RAYAGADA**
e-mail ID: sepwd_rgda@yahoo.com, Phone/Fax No.: 06856-223049

No. B-1367 **e-Procurement Notice**

Bid Identification No. C.C.E. (RANDB) RGDA - 09/2022-23 (Online)

No. 430 **INVITATION FOR BIDS** Date: 15.03.2023

| | | | |
|---|---|---|---|
| 1. | The Chief Construction Engineer, Rayagada (R&B) Circle, Rayagada on behalf of Governor of Odisha invites percentage rate bids in double cover mode to be received in Online mode only for the construction of works as detailed in the table below. | | |
| 2. | Nature of work | : | Road & Building works |
| 3. | No. of works | : | 04 (Four) Nos. of works |
| 4. | Estimated Cost (Approximately) | : | Rs.131.01 lakh, Rs.146.36 lakhs, Rs.171.82 lakh and Rs.250.78 lakhs |
| 5. | Bid Cost (Online) | : | Rs.10,000/- (each) |
| 6. | EMD/Bid Security Amount (Online) | : | One Percentage of the Estimated Cost |
| 7. | Class of Contractor | : | "B" Class & "A" Class as per Financial Eligibility |
| 8. | Availability of Bid documents in the website | : | 11.00 hrs. of Dt.23.03.2023 to 17.30 hrs. of Dt.05.04.2023 |
| 9. | Date of Opening of Bid | : | 11.00 hrs. of Dt.06.04.2023 |
| 10. | The bidders have to participate in ONLINE bidding only. Further details can be seen from the website: **https://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Chief Construction Engineer**
**Rayagada (R&B) Circle, Rayagada**

OIPR-34154/11/0011/2223

**OFFICE OF THE KONARK N.A.C.**
email: nackonark@gmail.com; Phone No.:- 06758-236826
Letter No. 665/Date: 20.03.2023

**QUOTATION/TENDER CALL NOTICE**

**No. C-2710:-** Sealed Tenders are invited from interested reputed / registered Transport agencies / Suppliers / Service Providers / firms for supply of 5 Nos. of Light Commercail Vehicle (TATA ACE / MAHINDRA MAXIMO / ASHOK LEYLAND DOST / PIAGGIO PORTER 700) including driver to this N.A.C for door to door collection of garbage from households inside Konark N.A.C area, which shall conform to the Terms and Conditions ( Annexure-I) for official use in solid waste management. The DTCN with detail Term and Conditions can be obtained from the office of the undersigned on payment of Rs. 2360.00( Rupees Two thousand three hundred sixty) in shape of cash or B.C. in favour of Executive Officer, Konark NAC non refundable (For those download the form from official website) from Dt.21.03.23 to 29.03.23 except on Sundays and holidays. Bids with all relevant documents shall be received in the Konark NAC office on or before Dt. 29.03.23 by 12.00 P.M and same will be opened on same day at 3 P.M. Quotation received after due date and time shall not be entertained and the authority shall not be responsible for any delay or missing of the tender during postal/ courier transit. Further details and necessary documents can be seen / downloaded from the N.A.C website www.nackonark.in.

The Authority reserves the right to accept or reject any or all quotations and to make necessary relaxation of term and condition without assigning any reason thereof.

**Sd./- Executive Officer, KONARK NAC**

OIPR-13174/11/0015/2223

idco Your power to grow | ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**
No. CAD-5225

Tender Call Notice No. BBSR/ELECT/E-4351/2022-23/482 Dt.14.03.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Construction of 11KV line with 100KVA, 11/0.4KV Sub-Station towards power supply to intake well on Taladanda canal at Dochhako, Paradeep.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, Electrical Division, 8th Floor, IDCO Tower, Janpath, Bhubaneswar | Bid ID No. BBSR/ ELECT/e-23/22-23 | 23.03.2023 at 17.00 Hrs. | 30.03.2023 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in the e-Procurement portal as well as in IDCO website.

OIPR-14003/11/0336/2223 **Sd./- Divisional Head (Elect.), IDCO, Bhubaneswar**

**Government of Odisha**
**Department of Social Security & Empowerment of Persons with Disabilities**
**No.2284/SSEPD, Dt.20.03.2023**
**SSEPD-DA-6-SCH-0004-2018**

**NOTICE INVITING TENDER**

**No.gg-38:** SSEPD Deptt. invites sealed tenders under two part bidding system from the Original Equipment Manufacturer (OEM) / OEM authorized vendors for supply of PORTABLE HAND HELD LASER SCANNER FOR MEASUREMENT OF PROSTHESIS/ORTHOSIS to be used for fabrication through existing BIOSCULPTOR CAD CAM system under two bid systems (Technical & Financial) as per the following schedule. The detailed scope of work is annexed at Exhibit-A.

| Particulars | Date |
|---|---|
| Notice inviting Tender to be uploaded on website | Tender document can be downloaded from the website www. tendersodisha.gov. in from 21.03.2023 (11.00 AM) |
| Last date & time of closing & receipt of tender | 11.04.2023 (5.00 PM) |
| Date, Time and Place of Opening the Tender (Technical Bid) | 12.04.2023-11.30 AM at Conference Hall of SIDR, Capital Hospital Campus, Unit-6, Bhubaneswar. |
| Validity of Tender | The validity of the tender must be for a period of 360 days from the due date of opening of tender. |
| Period of contract | 02 Years |
| Cost of Tender Paper | Rs. 6,000/- through online payment mode |
| Earnest Money Deposit (EMD) | Rs. 20,000/-(twenty thousand only) (online) as per the instruction available in the e-Procurement portal (www.tendersodisha.gov.in) at the time of bidding. The registered MSME bidder agency is exempted from EMD as per FDOM No. 21926 dated 12.08.2015. |
| Performance Security Deposit | 3% of contract value |
| Expected date of commencement of Assignment | May 2023 |

Complete set of bidding documents are available in e-tender website http:/www. tendersodisha.gov.in from 21.03.2023 (11.00 AM) up-to 11.04.2023 (05.00 PM). The last date of submission bid is 11.04.2023 (05.00 PM). Interested Agencies/Firms may visit above website for detail specification. All subsequent addendums/ corrigendum to the tender shall be hosted in the Government of Odisha e-tender portal www.tendersodisha.gov.in

**Sd./- Director**
**SSEPD Deptt., Govt. of Odisha**

OIPR-46001/11/0051/2223

**ଯାଜପୁର ପୌର ପରିଷଦ କାର୍ଯ୍ୟାଳୟ, ଯାଜପୁର**
**OFFICE OF THE MUNICIPAL COUNCIL, JAJPUR**
**ସ୍ଥାନ- ଯାଜପୁର, ୭୫୫୦୦୧**
At/PO/Dist- Jajpur (Odisha), Pin-755001
E-mail: jajpur.m.1869@gmail.com, Phone No. 06728-222073
No. 1177 /Date: 18.03.2023

**QUOTATION CALL NOTICE**

No.C-2709:- Sealed quotation(s) are invited from the intending registers firm/ advertisement agency towards fixing of hording/kiosk boards/illuminated advertisement boards/ Non-illuminated advertisement boards and other advertising boards on street light poles on road dividers for the following places **(1) Jodikua Chhak to Badabazar Chhak, (2) Bada Bazaar Chhak to Gandhi Chhak, (3) Gandhi Chhak to Gariapur Chhak, (4) Medical Chhak to Budha Ghat, (5) Bada Bazar Chhak to Ballavi Ghat, (6) Jodikua Chhak to Jaunli Bandha, (7) Jaunli Bandha to Ballavi Ghat, (8) Educational Institution.** The quotation(s) must reach before the undersigned on or before 27.03.2023 upto 11.30 A.M through Regd. Post/Courier service/by hand and the same will be opened on dt.28.03.2023 at 12.30 P.M in the presence of quotationers or their authorized agent if any. The total highest rate of the bidder shall be accepted & eligible for this job. Each quotation should accompany with (1) Paper cost of Rs.2000/- (Non-Refundable) should be deposit by the bidder in shape of cash or demand draft in favour of Executive Officer,Jajpur Municipality, (2) EMD of Rs. 5000/- (Five Thousand) in shape of cash or demand draft in favour of Executive Officer, Jajpur Municipality, (3) Valid copy of GST clearance certificate (4) Copy of PAN.

The undersigned reserves the right to reject any or all the quotations without assigning any reason therof.

**Sd./- Executive Officer, Jajpur Municipality**

OIPR-13171/11/0029/2223

**OFFICE OF THE PROJECT DIRECTOR, WATERSHEDS, NAYAGARH**
**Directorate of Soil Conservation & Watershed Development, Odisha, Bhubaneswar**
**Department of Agriculture & Farmer's Empowerment, Government of Odisha, Nayagarh-752069**
**Email ID:pdws.nayagarh@gmail.com**

**No.L-173:** Request for Proposal (RFP) towards Hiring of Consultancy Agencies for District Level Support Agency for capacity building and policy development under Rejuvenating Watersheds for Agricultural Resilience through Innovative Development (REWARD) programme, Govt. of Odisha. Project Director, Watersheds, Nayagarh seeks invite proposal from consultancy agencies for District Level Support Agency for capacity building and policy development assignments under Rejuvenating Watersheds for Agricultural Resilience through Innovative Development (REWARD) programme, Govt. of Odisha.

The bidder can access & download the complete RFP documents with other details from website- https://www.soilodisha.nic.in. The RFP, complete in all respects must reach the undersigned through Registered post/Speed post/courier post only latest by 27.03.2023, 5.30 PM in a sealed envelope with Technical Proposal and Financial Proposal separately clearly mentioning on the top of it "District Level Support Agency for capacity building and policy development for Rejuvenating' Watersheds for Agricultural Resilience through Innovative Development (REWARD) programme, Govt. of Odisha".

**To the Project Director, Watersheds, Nayagarh**
**Office of the Project Director, Watersheds, Nayagarh, Odisha-752069**

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

**Sd/- Project Director, Watersheds, Nayagarh**

OIPR-01417/11/0001/2223

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆହାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୩ ସ୍ଥାନରେ ୨୬୦୦୦ କ୍ଷମତା ବିଶିଷ୍ଟ ଶ୍ରମିକ ହଷ୍ଟେଲ ହେବ: ମନ୍ତ୍ରୀ

**ଭୁବନେଶ୍ୱର, ୨୧।୩(ବ୍ୟୁରୋ)**


ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ

ରାଜ୍ୟରେ ବିଶ୍ୱସ୍ତରୀୟ ଲ୍ୟାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା, ଶିଳ୍ପ ଏବଂ ସମର୍ଥିତ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ଶିଳ୍ପ ବିଭାଗକୁ ୭୧୦.୨୦ କୋଟି ଟଙ୍କାର ବଜେଟ ଦିଆଯାଇଛି। ଶିଳ୍ପ ପ୍ରସ୍ତୁତି ଭିତ୍ତିଭୂମିର ଉନ୍ନତି ଲାଗି ୫୫୬ କୋଟି ଟଙ୍କାର ଅଧିକ ବ୍ୟୟବରାଦ କରାଯାଇଛି। ଏହା ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ତୁଳନାରେ ୨୫ ପ୍ରତିଶତ ଅଧିକ ବୋଲି ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି।

ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବ କହିଛନ୍ତି, ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ଉନ୍ନୟନ ଓ ଶିଳ୍ପ ପ୍ରତିଷ୍ଠା ସରକାରଙ୍କ ଏକ ମୁଖ୍ୟ କାର୍ଯ୍ୟସୂଚୀ, ଯେଉଁଥିରେ ଇଡ୍‌କୋ ବିଭିନ୍ନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ଇଣ୍ଡଷ୍ଟ୍ରିଆଲ ପାର୍କ ଯେପରିକି, ପାରାଦୀପରେ ପ୍ଲାଷ୍ଟିକ୍ ପାର୍କ, ଅନୁଗୋଳରେ ଆଲୁମିନିୟମ ପାର୍କ, ଡେରାଶରେ ସାମୁଦ୍ରିକ ଖାଦ୍ୟ ପାର୍କ ଏବଂ ଭୁବନେଶ୍ୱରରେ ଇଲେକ୍ଟ୍ରୋନିକ୍ସ ପାର୍କର ଭିତ୍ତିଭୂମି ପ୍ରତିଷ୍ଠା କରିସାରିଛି। ରାଜ୍ୟର ଭିତ୍ତିଭୂମି ବିକାଶର କଳା ଏବଂ ଆକର୍ଷଣୀୟ ଜମି ମୂଲ୍ୟ ସହିତ ଏହି ପ୍ରକଳ୍ପଗୁଡିକ ନିବେଶକଙ୍କୁ ରାଜ୍ୟରେ ନିବେଶ କରିବାକୁ ଆକର୍ଷିତ କରୁଛି। ସାମୁଦ୍ରିକ ଖାଦ୍ୟ ପାର୍କ ଏବଂ ପ୍ଲାଷ୍ଟିକ୍ ପାର୍କରେ ୫୦ ପ୍ରତିଶତରୁ ଅଧିକ ଜମି ଲିଜ୍ ସୂତ୍ରରେ ପ୍ରକଳ୍ପଗୁଡିକ ପାଇଁ ଆବଣ୍ଟିତ ହୋଇସାରିଛି। ଇଲେକ୍ଟ୍ରୋନିକ୍ସ ମାନୁଫାକଚରିଂ କ୍ଲଷ୍ଟର (ଇଏମ୍‌ସି) ପାର୍କରେ ଭାରତୀୟ ରିଜର୍ଭ ବ୍ୟାଙ୍କ ହାଇପର ଡାଟା ସେଣ୍ଟର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ପ୍ଲଗ୍ ଆଣ୍ଡ ପ୍ଲେ ଇନ୍‌ଫ୍ରାଷ୍ଟ୍ରକଚର ପାଇଁ ଇଡ୍‌କୋ ଆଧୁନିକ ଆଇଟି ଇନକ୍ୟୁବେସନ ସେଣ୍ଟର ଓ-ହବ୍‌କୁ ୩.୫୭ ଏକର ଜମିରେ ବିସ୍ତାର କରିଛି ଏବଂ ସମୁଦାୟ ନିର୍ମାଣ କ୍ଷେତ୍ର ୪ ଲକ୍ଷ ବର୍ଗଫୁଟ ରହିଛି। ସେହିଭଳି ଇଡ୍‌କୋ ଜାତୀୟ ରାଜପଥ ୫୫ ସନ୍ନିକଟ ଢେଙ୍କାନାଳର କୌଶଳଭିତ୍ତିକ ସ୍ଥାନରେ ୧.୫ ଲକ୍ଷ ବର୍ଗଫୁଟ ଓ ରାଜ୍ୟ ରାଜପଥ ୧୦ ବିଜୁ ଏକ୍ସପ୍ରେସ୍ ୱେ ସନ୍ନିକଟ କୌଶଳଭିତ୍ତିକ ସ୍ଥାନରେ ୨.୫ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ବାଣିଜ୍ୟିକ ସ୍ଥାନ ନିର୍ମାଣ କରିଛି। ଆଗାମୀ ବର୍ଷଗୁଡିକରେ ଶିଳ୍ପ ବିଭାଗ ୧୩ଟି ବିଭିନ୍ନ ସ୍ଥାନରେ ୨୬୦୦୦ କ୍ଷମତା ବିଶିଷ୍ଟ ଶ୍ରମିକ ହଷ୍ଟେଲ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛି। ସରକାର ଲ୍ୟାଣ୍ଡବ୍ୟାଙ୍କ ପାଇଁ ପ୍ରାୟ ୨୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହାକି ସରକାରୀ ଜମି ଓ ଘରୋଇ ଜମି କ୍ରୟ ପାଇଁ ଖର୍ଚ୍ଚ ହେବ ଏବଂ ଏହା ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ପ୍ରସ୍ତୁତ ହେବ। ସରକାର ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ରାଉରକେଲା (ସୁନ୍ଦରଗଡ)ଠାରୁ ଆରମ୍ଭକରି ମୋଟ (ମାଲକାନଗିରି) ପର୍ଯ୍ୟନ୍ତ ୧୦ ଜିଲାରେ ୨୫ରୁ ଅଧିକ ଶିଳ୍ପପୁଞ୍ଜର ବିକାଶ ପାଇଁ ୫୦୦୦ ଏକରରୁ ଅଧିକ ଜମି ଚିହ୍ନଟ କରିଛନ୍ତି। ବିଜ୍ଞପିତ ଶିଳ୍ପାଞ୍ଚଳରେ ବିଜୁ ଏକ୍ସପ୍ରେସ ୱେ ପାର୍ଶ୍ୱରେ ଶିଳ୍ପ ପ୍ରତିଷ୍ଠା ନିମିତ୍ତ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ପ୍ରଦାନ କରିଥିବା ମନ୍ତ୍ରୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ।

**ସୀମାନ୍ତରେ ଗୁଳି ବିନିମୟ**

# ମହିଳା ମାଓବାଦୀ ନିହତ

**ମାଲକାନଗିରି, ୨୧।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଛତିଶଗଡ଼ର ବିଜାପୁର ଜିଲାରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରୁ ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଖବରରୁ ଜଣାପଡ଼ିଛି, ବିଜାପୁରର ଜିଲାର ଗଙ୍ଗାଲୁର ଥାନା ଅଞ୍ଚଳରେ ମାଓବାଦୀଙ୍କ କମ୍ପାନୀ ନମ୍ବର ୨ କମାଣ୍ଡର ଭେଲା ଏବଂ ଗାଙ୍ଗାଲୁର ଏରିଆ କମିଟି ଏସିଏମ୍ ଦୀନେଶଙ୍କ ସହ ଅନ୍ୟ ମାଓବାଦୀମାନେ ଏକାଠି ହୋଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ଡିଆର୍‌ଜି ଏବଂ ଏସ୍‌ଟିଏଫ୍‌ର ମିଳିତ ଟିମ୍ ଘଟଣାସ୍ଥଳକୁ ଯାଇଥିଲା। ସୁରକ୍ଷା ବାହିନୀର ଟିମ୍ କରଚୋଲି ଏବଂ ଟୋଡାକା ଜଙ୍ଗଲରେ ପହଞ୍ଚିବା ମାତ୍ରେ ଲୁଚି ରହିଥିବା ମାଓବାଦୀମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ପୋଲିସକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ତଲାସୀ କରିବା ସମୟରେ ପୋଲିସ ଗୁଳିରେ ନିହତ ହୋଇଥିବା ଜଣେ ମହିଳା ମାଓବାଦୀଙ୍କ ମୃତଦେହ ଠାବ କରିଥିଲେ। ଏଥିସହ ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।

# ପୋଲରେ ପିଟିହେଲା ଆମ୍ବୁଲାନ୍ସ, ଚାଲିଗଲା ରୋଗୀଙ୍କ ଜୀବନ


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

- **ଅର୍ଥାଭାବରୁ ସୁସ୍ଥ ନ ହୋଇ ଫେରୁଥିଲେ**
- **ଚାଳକଙ୍କ ସମେତ ୩ ଆହତ**

**ବୋଡେନ, ୨୧।୩(ଡି.ଏନ.ଏ.)**

ରୋଗୀଙ୍କୁ ନେଇ ଆସୁଥିବା ଏକ ଆମ୍ବୁଲାନ ସୋମବାର ରାତିରେ ନୂଆପଡ଼ା ଜିଲା ବୋଡେନ ଥାନା ବିରେଶକେଲା ଗ୍ରାମ ନିକଟ ବିଜୁ ଏକ୍ସପ୍ରେସ୍ ୱେର ଏକ ପୋଲରେ ପିଟି ହେବାରୁ ସମ୍ପୃକ୍ତ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭରଙ୍କ ସମେତ ୩ଜଣ ଆହତ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ବୋଡେନ ଥାନା ଧରଣିମାଲ ଗ୍ରାମର ଜନକ ମନହୀରା (୬୫)। ସୂଚନା ଅନୁସାରେ, ବୋଡେନ ବ୍ଲକ ଧରଣୀମାଲ ଗ୍ରାମର ଜନକଙ୍କ ମୂତ୍ରାଶୟ ଜନିତ ସମସ୍ୟା (ଷ୍ଟୋନ୍) ଥିଲା। ଚିକିତ୍ସା ପାଇଁ ଗତ ଫେବୃୟାରୀ ୨୮ ତାରିଖରେ ଛତିଶଗଡ଼ର ରାୟପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପୂର୍ବରୁ ଅର୍ଥାଭାବ ଯୋଗୁ ଜନକଙ୍କୁ ଏକ ଘରୋଇ ଆମ୍ବୁଲାନ୍ସ (ନଂ.ସିଜି ୧୩ଏଲ୍-୪୧୦୭)ଯୋଗେ ସମ୍ପର୍କୀୟମାନେ ଘରକୁ ଆଣୁଥିଲେ। ରାତି ପ୍ରାୟ ଗୋଟାଏ ବେଳେ ବିରେଶକେଲା ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ୍ ୱେର ଓଭରବ୍ରିଜ୍‌ର ସାଇଡ୍ ୱାଲ୍‌ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଜନକଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକଙ୍କ ସହ ଆମ୍ବୁଲାନ୍ସରେ ଥିବା ଜନକଙ୍କ ପୁତୁରା ଶୋଭା ମନହୀରା (୩୦), ଜ୍ୱାଇଁ ଲକ୍ଷ୍ମଣ ଠେଲା (୪୫) ଓ ତାଙ୍କ ସମ୍ପର୍କୀୟ ଚରଣ ବାଗ (୪୨) ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାରକରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ବୋଡେନ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

# ବିପୁଳ ପରିମାଣର ବିସ୍ଫୋରକ ଜବତ

**ସୀମାନ୍ତରେ ସର୍ଚ୍ଚ ଅପରେଶନ**

**ମାଲକାନଗିରି, ୨୧।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର କୁସୁମପୁଟ ଅଞ୍ଚଳରେ ସୋମବାର ସର୍ଚ୍ଚ ଅପରେଶନ ବେଳେ ଓଡ଼ିଶା ପୋଲିସକୁ ସଫଳତା ମିଳିଛି। ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଓ ବିସ୍ଫୋରକ ଜବତ ହୋଇଥିବା ମାଲକାନଗିରି ଏସ୍‌ପି ସୂଚନା ଦେଇଛନ୍ତି। ସେଥିମଧ୍ୟରେ ଟିଫିନ ବୋମା ରହିଛି। ମାଲକାନଗିରି ପୋଲିସ ପକ୍ଷରୁ ଅନେକ ସମୟରେ ସୀମାନ୍ତ ଆନ୍ଧ୍ର ଓ ଛତିଶଗଡ଼ରେ ମାଓବାଦୀ ଦମନ ନେଇ ସର୍ଚ୍ଚ ଅପରେଶନ କରାଯାଇଥାଏ। ଆନ୍ଧ୍ରର କୁସୁମପୁଟ ଅଞ୍ଚଳରେ ବିପୁଳ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ଲୁଚାଇ ରଖାଯାଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ଏହାକୁ ଭିତ୍ତିକରି ମାଲକାନଗିରି ପୋଲିସ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଏହି ସମୟରେ ମାଓବାଦୀଙ୍କ ଦ୍ୱାରା ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବିସ୍ଫୋରକ ଓ ମାଓବାଦୀ ସାମଗ୍ରୀ ମିଳିଥିଲା। ସେଠାରୁ ଏକ ଗାତ ମଧ୍ୟରୁ କର୍ଡେକ୍ସ ତାର, ବିସ୍ଫୋରକ ସହିତ ୬ଟି ଟିଫିନ୍, ୱାକିଟକି, ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିବା ମାଲକାନଗିରି ଏସ୍‌ପି ନୀତେଶ ୱାଧୱାନୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସର୍ଚ୍ଚ ଅପରେଶନ ଜାରି ଥିବା ସେ ପ୍ରକାଶ କରିଛନ୍ତି।


ଜବତ ହୋଇଥିବା ଟିଫିନ ବୋମା।

# ୨୫ ବର୍ଷ ପରେ ରାୟ: ୭ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଆସିକା, ୨୧।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗ୍ରାମରେ ୧୯୯୮ ମାର୍ଚ୍ଚ ୨୫ରେ ଘଟିଥିବା ଧୋବା ସାହୁ ହତ୍ୟା ଘଟଣାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଦୀର୍ଘ ୨୫ବର୍ଷ ପରେ ଏହି ମାମଲାର ବିଚାର କରି ଆସିକା ଅତିରିକ୍ତ ଜିଲା ଦୌରା ଜଜ୍ ପ୍ରବୀର କୁମାର ଚୌଧୁରୀ ୭ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମନା ଅର୍ଥ ଅନାଦାୟ ଅତିରିକ୍ତ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ହୋଇଥିବା ଅଭିଯୁକ୍ତମାନେ ହେଲେ ସେହି ଗ୍ରାମର ଆକୁଳ ସ୍ୱାଇଁ, ଭାସ୍କର ବିଷୋୟୀ, ମିଲୁ ସ୍ୱାଇଁ, ଭଜରାମ ସାହୁ, କଙ୍ଗୁରୁ ସ୍ୱାଇଁ, ରମେଶ ସ୍ୱାଇଁ ଓ ସୁରେନ୍ଦ୍ର ଗୌଡ। ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଦାଲତ ଏହି ମାମଲାର ଅନ୍ୟ ୬ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଖଲାସ ହୋଇଥିବା ବ୍ୟକ୍ତିମାନେ ହେଲେ ମୁରିଲଧର ମୁନି, କାଳୁ ନାୟକ, ବିଦ୍ୟାଧର ପ୍ରଧାନ, କାମରାଜୁ ସ୍ୱାଇଁ, ଉଦୟନାଥ ସ୍ୱାଇଁ ଓ ଶ୍ୟାମ ନାୟକ। ମୃତକଙ୍କ ପରିବାରର ସଦସ୍ୟଙ୍କ ସମେତ ସମୁଦାୟ ୨୦ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ।

ଘଟଣାରୁ ପ୍ରକାଶ, ମୃତ ଧୋବା ସାହୁ ସେହି ଗ୍ରାମର କେତେକ ମନ୍ଦିର ଜମିକୁ କିଛି ବର୍ଷ ଧରି ଚାଷ କରି ଆସୁଥିଲେ। ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ବିବାଦ ହେବା ପରେ ଏହି ମନ୍ଦିର ଜମିର ଧାନକୁ କେନ୍ଦ୍ର କରି ଧୋବାଙ୍କ ସହ ଅନ୍ୟ ଗୋଷ୍ଠୀର ମତାନ୍ତର ହୋଇଥିଲା। ୧୯୯୮ ମାର୍ଚ୍ଚ ୨୫ ସକାଳ ୮ଟା ସମୟରେ ସଂଘବଦ୍ଧ ଭାବେ କିଛି ଲୋକ ଧୋବାଙ୍କ ଘରକୁ ଆସି ତାଙ୍କୁ ଟାଣିନେଇ ଗାଁ ଦାଣ୍ଡରେ ଖଣ୍ଡା, କାତି, ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ଧୋବାଙ୍କର ମୃତ୍ୟୁ ଘଟିଥିଲା। ଧୋବାଙ୍କ ସମର୍ଥକ ରାଜେନ୍ଦ୍ର ସାହୁ, ମହାଦେବ ପ୍ରଧାନ, ରବି ମୁନି, ଶତ୍ରୁଘ୍ନ ସ୍ୱାଇଁ ପ୍ରମୁଖ ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଗାଙ୍ଗପୁର ଥାନାରେ ମୃତ ଧୋବାଙ୍କ ବାପା ଭଗବାନ ସାହୁ ଅଭିଯୋଗ କରିଥିଲେ। ପୋଲିସ ନଂ ୩୬/୯୮ରେ ମାମଲା ରୁଜୁ କରିଥିଲା। ତଦନ୍ତ ଅଧିକାରୀ କେ.ସି. ବୁରୁଦା ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଅଦାଲତରେ ଦାଖଲ କରିଥିଲେ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା ଓ ସହଯୋଗୀ ସୂର୍ଯ୍ୟପ୍ରକାଶ ରାଓ ମାମଲା ପରିଚାଳନା କରୁଥିଲେ।


# Classified Everyday
**0674-2580101, 2549949**

# ମନେ ପଡ଼ନ୍ତି




**BRIDE WANTED**

Finance Sector Job (Hyderabad), ବାପା ମାଁଙ୍କ ଗୋଟିଏ ସନ୍ତାନ, age-29, unmarried କରଣ ପୁଅଙ୍କୁ anycaste ଝିଅ ଦରକାର। 7381366103. D-3021

**GROOM WANTED**

59 ବୟସ୍କା Bengali, State Government ଚାକିରିଆ, ନିଃସନ୍ତାନ widowଙ୍କୁ ବିବାହିତ/ ଅବିବାହିତ ପୁଅ ଦରକାର। 6371586968. D-3050

ଏକୁଟିଆ ରହୁଥିବା, Government ଚାକିରିଆ 31 ବୟସ୍କା ଖଣ୍ଡାୟତ divorcee ଝିଅଙ୍କୁ ଘରଜ୍ୱାଇଁ ଦରକାର। 7749076723. D-3048

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**SALE**

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

Urgent sale, new 2 BHK flat (910sqft.), Nandan Vihar, 150Mtrs. from Nandankanan Road, no Broker. Contact-7016920388. D-3046

**Immediate ଘରକରି ରହିବା ପାଇଁ ବାଳକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74660

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74526

ଭୁବନେଶ୍ୱର-ପୁରୀ **Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 9937450545.** D-74830

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662

ପିପିଲି ଟାଉନ୍‌କୁ ଲାଗି immediate ଘର କଲାଭଳି plot boundary, electricity, road, plantation with ପଟ୍ଟା ଓ ସମସ୍ତ ଖର୍ଚ୍ଚ ସହିତ sqft.-950/-ରେ ମିଳୁଛି। 7749800648. D-3047

**Residential gharabari plot at Brahmanjharilo, Cuttack with boundarywall, electripole inside Temple on Bank loan facilities near English Medium High School, 6 K.M. from Phulnakhara, 11 K.M. from Bhubaneswar. 7809525452.** D-74665

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

**1 Acre 71 Decimal Gharabadi Commercial plot sale at Puri near Giral Chhak. 4 Crore per Acre. Negotiable. Only Buyer Contact: 9438109040/ 8144658008.** D-3051

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998




Open space for tolet at Gangotri Nagar Lane-2, 7000sqft. with two Ajbest room suitable for Godown. Contact: 9348491124. D-74662

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଜନ୍ମଦିନ ଶୁଭେଚ୍ଛା**



ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଆହାନ୍। ମା' ବୁଢ଼ୀ ଠାକୁରାଣୀ ଓ ଈଶ୍ୱର କରନ୍ତୁ ତୋର ଚଲାପଥ ହସ ଖୁସିରେ ଭରିଉଠୁ।
"ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ"
ଧ-୩୦୫୩




"Only Professional body massage, Steam-Bath & Body Scrubbing. 9861550765". D-2985

All types hair cutting, body massage by smart lady Cone hour 700/-, room services available. Contact: 8917595202. D-71367

Newly open full body massage ladies and gents. 8327740003, 9861883292. D-74659

All types body massage with hiprofile smart lady, room services available. 9937833100. D-71366

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74664

All types of Professional body massage by professional therapy. Contact: 9556924059 / 7077933109. D-2996

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ଏକାଦଶାହ ଉପଲକ୍ଷେ**



**୰ସରସ୍ୱତୀ ବେହେରା**
ହାଇସ୍କୁଲ ଲେନ୍, ମାନସିଂହ ପାଟଣା, କଟକ-୮
ମା' ତୁମର ଆକଟ, ଆଶୀର୍ବାଦ, ଅଭିମାନ ଆମ ପାଇଁ ପ୍ରେରଣା। ଶ୍ରୀଜଗନ୍ନାଥ ତୁମ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି କାମନା।
ଶୋକସନ୍ତପ୍ତ: ପୁଅ, ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୩୦୫୪

**ଦ୍ୱାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନଟବର ଶତପଥି**
ଆବିର୍ଭାବ : ୦୩.୦୭.୧୯୨୯
ତିରୋଧାନ : ୧୧.୦୩.୨୦୨୩
ଶୋକସନ୍ତପ୍ତ :
ଝିଅ : ଡଲି, ଲିଲି, ଜୁଲି ଓ ବେବି
ଜ୍ୱାଇଁ : ସନ୍ତୋଷ, ବିଭୁତି, ଚୁଲିଆ ଓ ସୁଶାନ୍ତ
ନାତି : ପପି, ହିକି, ଜିକୁ ଏବଂ କାହ୍ନା
ନାତୁଣି : ରାକ୍ଷୀ ଓ ଖୁସି
ନାତୁଣି ବୋହୂ : ସ୍ୱେତା ଓ ଦିପାଳୀ
ଅଣ ନାତୁଣି : ଆନ୍ବି
ସ୍ତ୍ରୀ : ନଳିନୀ ଶତପଥି
ଧ-୩୦୫୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ସୂର୍ଯ୍ୟକାନ୍ତ ମହାନ୍ତି (ବାବୁଲା)**
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, N.H. Colony, ପୁରୀ-୨
ଆବିର୍ଭାବ: ୨୦।୦୨।୧୯୫୮
ତିରୋଧାନ: ୦୧।୦୪।୨୦୨୨
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କର ଭଉଣୀ, ଭିଣୋଇ, ଭାଇ, ଭାଇବୋହୂମାନେ, ଭଣଜା, ଭାଣିଜୀ, ପୁତୁରା ଏବଂ ପରିବାରବର୍ଗ।
ଧ-୬୯୮୦

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**୰ସବିତା ମହାନ୍ତି (ନିଲୁ)**
**ସ୍ୱାମୀ: ସୁକାନ୍ତ ମହାନ୍ତି**
ଠିକଣା: ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର
ଜନ୍ମ: ୨୪, ଜୁଲାଇ
ତିରୋଧାନ: ୨୫ ମାର୍ଚ୍ଚ ୨୦୨୦
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଏବେବି ଲାଗୁଛି ତୁ ଆମ ପାଖରେ ଅଛୁ। ବିଶ୍ୱାସ ହେଉନି ଏମିତି ଛାଡ଼ିକି ଚାଲି ଯାଇଛୁ।
ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର,: ବଦ୍ରି, ଜ୍ୱାଇଁ: ଅଭିଳାଷ, ଜ୍ୱାଇଁ: ପ୍ରଭାତ, ଝିଅ: ରିମା, ସୀମା, କ୍ରିତି, ଇତି।
ଧ-୩୦୪୯



ଓଡ଼ିଶା ଲୋକକଳାର ସର୍ବାଙ୍ଗୀନ ବିକାଶ ସମେତ ୧୭ ଦଫା ଦାବିରେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ରାଜ୍ୟ ପ୍ରାଚୀନ କଳା ଓ ସଂସ୍କୃତି ପୁନରୁଦ୍ଧାର ପରିଷଦ ପକ୍ଷରୁ ଲୋକନୃତ୍ୟ ପ୍ରଦର୍ଶନ କରାଯାଉଛି ।

# ଆଇନଶୃଙ୍ଖଳା ନ ଥିଲେ ପୁଞ୍ଜିନିବେଶକାରୀ ଆସନ୍ତେନି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

ବିରୋଧୀ ଅଭିଯୋଗ ଆଣୁଛନ୍ତି ଯେ ଓଡ଼ିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ଆଇନବିହୀନ ହୋଇଯାଇଛି। ଯଦି ରାଜ୍ୟରେ ଆଇନଶୃଙ୍ଖଳା ଠିକ୍ ନ ଥାଆନ୍ତା ତେବେ ରାଜ୍ୟକୁ ପୁଞ୍ଜିନିବେଶ ଆସନ୍ତା ନାହିଁ। ସମଗ୍ର ଦେଶରେ ଓଡ଼ିଶା ଏକ ବୃହତ୍ ପୁଞ୍ଜିନିବେଶକାରୀ ରାଜ୍ୟରେ ପରିଣତ ହୋଇଛି। ଯଦି ଆଇନଶୃଙ୍ଖଳା ଠିକ୍ ନ ଥାଆନ୍ତା, ତେବେ ରାଜ୍ୟରେ ଶିଳ୍ପ ବିକାଶ ସହ କୃଷି କ୍ଷେତ୍ରରେ ରେକର୍ଡ ପରିମାଣ ଉତ୍ପାଦନ ହୋଇପାରି ନ ଥାଆନ୍ତା। ରାଜ୍ୟରେ ଉତ୍ତମ ପରିବହନ ବ୍ୟବସ୍ଥା ରହିଛି। ଯେଉଁଥିପାଇଁ ଭାରତୀୟ ରେଳ ଓଡ଼ିଶାରୁ ଦେଶର ସର୍ବାଧିକ ରାଜସ୍ୱ ଆଦାୟ କରୁଛି। ରାଜ୍ୟରେ ହକି ବିଶ୍ୱକପ୍, ରଥଯାତ୍ରା, ନିର୍ବାଚନ କିମ୍ବା ପରୀକ୍ଷା ଇତ୍ୟାଦି ସୁରୁଖୁରୁରେ ସମ୍ପନ୍ନ କରାଯାଉଛି। ବିଧାନସଭାରେ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀଙ୍କୁ ଏଭଳି ଢଙ୍ଗରେ ଜବାବ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ଠିକ୍ ସମୟରେ ଓ ସରଳଭାବେ ସରକାରୀ ସେବା ଯୋଗାଇ ଦେବାକୁ '୫-ଟି' ଏବଂ 'ମୋ ସରକାର' ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ମାଓବାଦୀ ସମସ୍ୟା, ଶ୍ରମିକ ସମସ୍ୟା ଆଦିକୁ ମୁକାବିଲା କରିବାରେ ଓଡ଼ିଶା ସଫଳ ହୋଇଛି। ଅଭିବୃଦ୍ଧି ଓ ରାଜସ୍ୱ ଆଦାୟ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନିର୍ଭର କରେ। ବର୍ଷ ବର୍ଷ ଧରି ରାଜ୍ୟର ଅଭିବୃଦ୍ଧି ହେବା ସହ ରାଜସ୍ୱ ଆଦାୟ ବଢ଼ି ଚାଲିଛି। ଜନସାଧାରଣ ହେଉଛନ୍ତି ଗଣତନ୍ତ୍ରର ଆତ୍ମା। ସେମାନଙ୍କର ମଙ୍ଗଳ ହେଉଛି ରାଜନୀତିର ମୂଳ ଲକ୍ଷ୍ୟ । ଓଡ଼ିଶାବାସୀଙ୍କ ସେବା ଓ ମଙ୍ଗଳ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ସେମାନଙ୍କର ଆଶା ଆକାଂକ୍ଷା ପୂରଣ ପାଇଁ ଆମେ ନିଷ୍ଠାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ'ରେ ଯୋଗଦେବାକୁ ସେ ବହୁଆଡ଼େ ଯାଇଛନ୍ତି । ସବୁ ନିବେଶକଙ୍କ ଗୋଟିଏ ସ୍ୱର, ଓଡ଼ିଶା ହେଉଛି ଶାନ୍ତିପ୍ରିୟ ରାଜ୍ୟ, ଯେଉଁଥିପାଇଁ ସେମାନେ ଏଠାରେ ନିବେଶ କରିବାକୁ ଆଗେଇ ଆସୁଛନ୍ତି। ଯଦି ରାଜ୍ୟରେ ଆଇନର ଶାସନ ନ ଥାଆନ୍ତା ତେବେ କୌଣସି ନିବେଶକାରୀ ନିଜର କଷ୍ଟଅର୍ଜିତ ଧନକୁ ଓଡ଼ିଶାରେ ବିନିଯୋଗ କରିବାକୁ ଆସି ନ ଥାନ୍ତେ ବୋଲି ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରି ଏଭଳି କହିଛନ୍ତି। ହକି ବିଶ୍ୱକପ୍ ଆୟୋଜନ ବେଳେ ରାଜ୍ୟରେ ଆଇନଶୃଙ୍ଖଳା ଓ ଶାନ୍ତିପ୍ରିୟ ଲୋକମାନଙ୍କୁ ପ୍ରଶଂସା କରାଯାଇଛି। ଯେକୌଣସି ବ୍ୟକ୍ତି ଓଡ଼ିଶା ଆସୁଛନ୍ତି ଓ ଓଡ଼ିଶା ବିଷୟରେ ଶୁଣୁଛନ୍ତି ସେମାନଙ୍କର ପ୍ରଥମ ଅନୁଭୂତି ହେଉଛି ଓଡ଼ିଶା ଏକ ଶାନ୍ତିପ୍ରିୟ ଓ ସୁନ୍ଦର ରାଜ୍ୟ। ସେଥିପାଇଁ ଓଡ଼ିଶା ଆଜି ବିକାଶର ରାସ୍ତାରେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣା ନେଇ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ମାମଲାରେ ତଦନ୍ତ ନିରପେକ୍ଷ ଭାବେ ଚାଲୁରହିଛି । ବିରୋଧୀ କେମିତି ଜାଣିଲେ ଯେ, ସରକାର ହତ୍ୟା ଅଭିଯୁକ୍ତଙ୍କୁ ଜଣେ ପାଗଳ ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି? ସରକାରଙ୍କୁ ଦୋଷ ଦେଇ ବିରୋଧୀ ରାଜନୀତିର ରୁଟି ସେକିବାକୁ ଚାହୁଁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ ସରକାର ସର୍ବଦା ନ୍ୟାୟ ସପକ୍ଷରେ ଛିଡ଼ା ହୋଇଛି। ଏହି ସ୍ପର୍ଶକାତର ଘଟଣାରେ ସତ୍ୟ ପଦାକୁ ଆସିବ। ଯେଉଁମାନେ ଏଥିରେ ସମ୍ପୃକ୍ତ ସେମାନଙ୍କୁ ନିଶ୍ଚିତ ଦଣ୍ଡ ମିଳିବ। ହାଇକୋର୍ଟର ଜଣେ ପୂର୍ବତନ ବିଚାରପତି ତଦନ୍ତର ତଦାରଖ କରୁଛନ୍ତି । ଏହାସତ୍ତ୍ୱେ ସରକାର କିଛି ଲୁଚାଉଛନ୍ତି ବୋଲି ବିରୋଧୀ ଯଦି ଅଭିଯୋଗ କରୁଛନ୍ତି, ତେବେ ଏହା କେବଳ ସଂକୀର୍ଣ୍ଣ ରାଜନୀତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଥାନାଗୁଡ଼ିକରୁ ସାଧାରଣ ଲୋକ ଯେପରି ନ୍ୟାୟ ପାଇବେ ସରକାର ତାହାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଆସ୍କା ଥାନା ଦେଶର ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ ହୋଇଛି, ଯାହା ଆମ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଓଡ଼ିଶା ପୋଲିସରେ

**■ ନବ ଦାସ ହତ୍ୟା ଅଭିଯୁକ୍ତଙ୍କୁ ନିଶ୍ଚିତ ଦଣ୍ଡ ମିଳିବ**

**■ ବିରୋଧୀ ସଂକୀର୍ଣ୍ଣ ରାଜନୀତି କରୁଛନ୍ତି**



ନବୀନ ପଟ୍ଟନାୟକ

ସ୍ୱଚ୍ଛତା ଓ ଲୋକଙ୍କୁ ଗୁଣାତ୍ମକ ସେବା ପାଇଁ ମୋ ସରକାରକୁ କାର୍ଯ୍ୟକାରୀ କରାଯାଇଛି। ଜନସାଧାରଣ ପୋଲିସର କାର୍ଯ୍ୟକୁ ନେଇ ସନ୍ତୋଷ ବ୍ୟକ୍ତ କରୁଛନ୍ତି। ପୋଲିସ ବିଭାଗ ଅଧିକ ଶୃଙ୍ଖଳିତ ହୋଇଥିଲା ବେଳେ ଆଧୁନିକୀକରଣ ସହ ବିଭିନ୍ନ ଖାଲି ପଦବୀ ପୂରଣକୁ ସରକାର ଅଗ୍ରାଧିକାର ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଲୋକମାନଙ୍କ ଆଶା ପୂରଣ ହିଁ ଏକ ଶାସନ ବ୍ୟବସ୍ଥାର ମାପଦଣ୍ଡ। ଲୋକମାନଙ୍କୁ ହାତ ପାହାନ୍ତାରେ ସରକାରୀ ସେବା ଯୋଗାଇ ଦେଉଛୁ। ଏଯାଏ ୫୬୬ ସରକାରୀ ସେବା ଅନ୍‌ଲାଇନରେ ଉପଲବ୍ଧ ହେଉଛି । ରାଜ୍ୟରେ ଅଧିକରୁ ଅଧିକ ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ଯୋଗାଇବାକୁ ଚଳିତ ଆର୍ଥିକ ବର୍ଷରେ ସରକାର ଅଗ୍ରାଧିକାର ଦେଇଛନ୍ତି। ୮ ହଜାରରୁ ଅଧିକ ଯୋଗ୍ୟ ପିଲାଙ୍କୁ ନିଯୁକ୍ତି ପାଇଁ ବିଭିନ୍ନ ନିଯୁକ୍ତି ସଂସ୍ଥା ସୁପାରିସ କରିଛନ୍ତି।

ସରକାର ଓଡ଼ିଆ ଭାଷା ଓ ଓଡ଼ିଆ ମାଧ୍ୟମ ଛାତ୍ରୀଛାତ୍ରଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ବହୁ ପଦକ୍ଷେପ ନେଇଛନ୍ତି। ସରକାରୀ ଚାକିରି ପାଇଁ ଲିଖିତ ପରୀକ୍ଷା ସହ ମୌଖିକ ପରୀକ୍ଷାରେ ଇଂରାଜୀ ସହ ଓଡ଼ିଆକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଦୁର୍ନୀତି ହଟାଇବାକୁ ଭିଜିଲାନ୍ସ ସବୁବେଳେ ତତ୍ପର ରହିବା ସହ ଅଭିଯାନକୁ ଜୋରଦାର କରୁଛି। ୨୦୨୨ରେ ଦୁର୍ନୀତିରେ ଜଡ଼ିତ ଥିବା ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ୨୮୭ଟି ଆପରାଧିକ ମାମଲା ରୁଜୁ କରାଯାଇଛି । ୫୫୭ ଜଣ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଛି । ରାଜ୍ୟର ସାମଗ୍ରିକ ବିକାଶ ସହ ଏକ ସ୍ୱଚ୍ଛ ଓ ଲୋକପ୍ରିୟ ଶାସନ ଦେବାକୁ ସରକାର ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି ।

# ପୋଲିସକୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି: ବିରୋଧୀ

**ଗୃହ, ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ଆଲୋଚନା**

**ପାର୍ଲାମେଣ୍ଟରେ ବିରୋଧୀଙ୍କ ମାଇକ୍ ବନ୍ଦକରି ଦିଆଯାଉଛି : ଶାସକ**

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

ରାଜ୍ୟରେ ଆଇନର ଶାସନ ନାହିଁ। ପୋଲିସ ନିରପେକ୍ଷ ଭାବେ କାର୍ଯ୍ୟ କରିପାରୁ ନାହିଁ। ଓଡ଼ିଶାରେ ପୋଲିସରାଜ୍ ଚାଲିଛି। ହତ୍ୟା, ଲୁଣ୍ଠନ, ଚୋରି, ଡକାୟତି, ବଳାତ୍କାର ବଢ଼ିଚାଲିଛି। ଜନସଂଖ୍ୟା ତୁଳନାରେ ପୋଲିସ କର୍ମଚାରୀଙ୍କ ସଂଖ୍ୟା କମ୍ ରହିଛି। ପୋଲିସ ଆଧୁନିକୀକରଣ ପାଇଁ ସରକାର ଟଙ୍କାଟିଏ ଖର୍ଚ୍ଚ କରୁନାହାନ୍ତି। ପୋଲିସ ବିଭାଗରେ କେହି କାହାକଥା ଶୁଣିବାକୁ ପ୍ରସ୍ତୁତ ନାହାନ୍ତି। ଭିଜିଲାନ୍ସ ବିଭାଗରେ ଚାର୍ଜଶିଟ୍ ଦାଖଲ କରିବା ହାର କମୁଛି। ବିରୋଧୀ ଏଭଳି ଅଭିଯୋଗ ଆଣି ମଙ୍ଗଳବାର ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ଆଲୋଚନା ବେଳେ ସରକାରଙ୍କୁ ଶାଣିତ ଢଙ୍ଗରେ ଆକ୍ରମଣ କରିଛନ୍ତି।

ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର କହିଛନ୍ତି, ଧନଜୀବନ ରକ୍ଷା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ଗୃହ ବିଭାଗ ପାଇଁ ଯେତିକି ବ୍ୟୟବରାଦ ହେବା କଥା ତାହା ହେଉନାହିଁ। ଜାତୀୟସ୍ତରରେ ବ୍ୟୟବରାଦ ବଜେଟର ୪.୩ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୨.୧ ପ୍ରତିଶତ କରାଯାଇଛି। ୧ ଲକ୍ଷ ଜନସଂଖ୍ୟାରେ ରାଜ୍ୟରେ ମାତ୍ର ୧୩୦ ଜଣ ପୋଲିସ କର୍ମଚାରୀ ଥିବାବେଳେ ଜାତୀୟ ସ୍ତରରେ ୧୫୬ ଅଛନ୍ତି। ଛତିଶଗଡ଼ରେ ୨୨୧ ଜଣ, ଦିଲ୍ଲୀରେ ୪୧୦ ଜଣ ଏବଂ ନାଗାଲାଣ୍ଡରେ ୧,୩୦୦ ପୋଲିସ କର୍ମଚାରୀ ଅଛନ୍ତି। ରାଜ୍ୟ ପୋଲିସରେ ୧୪,୦୮୨ ପଦବୀ ଖାଲିପଡ଼ିଛି। ରାଜ୍ୟରେ ଗତ ବର୍ଷ ୧,୩୭୯ ହତ୍ୟାକାଣ୍ଡ ହୋଇଥିବା ବେଳେ ୩,୧୮୪ ବଳାତ୍କାର ହୋଇଛି। ତେବେ ରାଜ୍ୟରେ ପୋଲିସ ଏନ୍‌କାଉଣ୍ଟରରେ କେତେ ଜଣଙ୍କୁ ହତ୍ୟା କରାଯାଇଛି, ସେ ନେଇ କୌଣସି ସୂଚନା ଶ୍ୱେତପତ୍ରରେ ଦିଆଯାଇନାହିଁ। ପୋଲିସ ଆଧୁନିକୀକରଣ ପାଇଁ ବଜେଟରେ ଯାହା ଅର୍ଥ ବରାଦ ହେଉଛି ତାହା ଖର୍ଚ୍ଚ ହେଉନାହିଁ। ଆଧୁନିକୀକରଣ ପାଇଁ ବ୍ୟୟବରାଦ ହେଉଥିବା ସବୁ ପଇସା କେନ୍ଦ୍ର ସରକାରଙ୍କର। ରାଜ୍ୟ ସରକାର ଟଙ୍କାଟିଏ ବି ଖର୍ଚ୍ଚ କରୁନାହାନ୍ତି। ପୋଲିସରେ ଅରାଜକତା ଦେଖାଦେଇଛି। କେହି କାହା କଥା ଶୁଣୁନାହାନ୍ତି। ଚାକିରି ବେଳେ ଥରେ ଟ୍ରେନିଂ ସରିବା ପରେ ପୋଲିସଙ୍କୁ ଆଉ ଟ୍ରେନିଂ ଦିଆଯାଉନାହିଁ। ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ୪୫ଦିନରୁ ଅଧିକ ହେଲାଣି। ହତ୍ୟାର କାରଣ ଓ ଏହା ପଛରେ କେଉଁମାନେ ଅଛନ୍ତି ସେ ନେଇ କ୍ରାଇମ୍‌ବ୍ରାଞ୍ଚ ଏ ପର୍ଯ୍ୟନ୍ତ କିଛି ଘୋଷଣା କରିନାହିଁ। ଗୁଳି ଆଜିଯାଏ ମିଳିଲା ନାହିଁ। କେତେଦିନ ଭିତରେ ଏହାର ସମାଧାନ ହେବ। ମମିତା ମେହେର ହତ୍ୟାକାଣ୍ଡ, ମାହାଙ୍ଗା ଡବଲ ମର୍ଡର ଘଟଣା ଚାପିହୋଇ ରହିଗଲା। ତିର୍ତ୍ତୋଲ ବିଧାୟକଙ୍କ ନାମରେ ଏତଲା ଦିଆଗଲେ ମଧ୍ୟ ତାହାକୁ ପୋଲିସ ରଖୁନାହିଁ। ରାଜନୈତିକ ଉଦ୍ଦେଶ୍ୟରେ ପୋଲିସକୁ ବ୍ୟବହାର କରାଯାଉଛି। ଯେଉଁ ଅଧିକାରୀ ଗୋଟିଏ ବିଭାଗରେ ୩ବର୍ଷରୁ ଅଧିକ ରହିଲେଣି ସେମାନଙ୍କୁ ବଦଳି କରାଯାଉ ବୋଲି ଜୟନାରାୟଣ କହିଛନ୍ତି।

ଅଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ରାଜ୍ୟରେ ଜଙ୍ଗଲୀ ଶାସନ ଚାଲିଛି। ଓଡ଼ିଶାରେ ପୋଲିସରାଜ୍ ଚାଲିଛି। ଜଣେ ମନ୍ତ୍ରୀ ସରକାରୀ କାର୍ଯ୍ୟରେ ଥିବାବେଳେ ପୋଲିସ ଗୁଳିକରି ହତ୍ୟା କରୁଛି। ନବ ଦାସ ହତ୍ୟାକାଣ୍ଡକୁ ୫୦ ଦିନ ବିତିଲାଣି, ଏ ପର୍ଯ୍ୟନ୍ତ କିଛି ଜଣାପଡୁ ନାହିଁ। ଅନୁସନ୍ଧାନର ଦିଗ କୁଆଡ଼େ ଯାଉଛି। ମୁଦାଲାକୁ ପାଗଳ କରିବାକୁ ସରକାର ପାଗଳ ହୋଇ ଯାଇଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ବ୍ୟବସାୟୀ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଉଦ୍ଦେଶ୍ୟ ରହିଛି, ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିଲା ନାହିଁ। ରାଜ୍ୟର ସବୁ ବ୍ଲକରେ ପିସି କାରବାର ହେଉଛି। ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ହୋଇଛି ବୋଲି ନରସିଂହ କହିଛନ୍ତି।

ଶାସକ ଦଳ ସଭ୍ୟ ଦେବୀ ପ୍ରସାଦ ମିଶ୍ର ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି କହିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ପୋଲିସ ଭଲ କାର୍ଯ୍ୟ କରୁଛି। ୨୧ଟି ମାଓବାଦୀପ୍ରବଣ ଜିଲାରୁ ଏବେ ୮ଟିରେ ପହଞ୍ଚିଛି। ରାଜ୍ୟ ସରକାର ମାଓବାଦୀ ଦମନ କରିବାରେ ୯୦% ସଫଳ ହୋଇଛନ୍ତି। ୩,୨୦୦ ମାଓବାଦୀ ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଭାଜପା ସଦସ୍ୟ ମୋହନ ଚରଣ ମାଝି କହିଛନ୍ତି, ନବ ଦାସ ହତ୍ୟାକାଣ୍ଡ ଘଟଣାକୁ ୫୫ ଦିନ ବିତିଗଲାଣି । ଏ ପର୍ଯ୍ୟନ୍ତ ହତ୍ୟା ପଛର କାରଣ ରାଜ୍ୟ ସରକାର ଜଣାଇବାରେ ବିଫଳ ହୋଇଛନ୍ତି। ଆମେ ସିବିଆଇ ତଦନ୍ତ ପାଇଁ ଦାବି କରୁଛୁ, ହେଲେ ରାଜ୍ୟ ସରକାର ଏଫ୍‌ବିଆଇ ଉପରେ ଭରସା କରୁଛନ୍ତି। ୬ ବର୍ଷ ହେଲା କେନ୍ଦୁଝରର ଏସ୍‌ପି ଏବଂ ଜିଲାପାଳ ବଦଳୁ ନାହାନ୍ତି। କେବଳ ଖଣି ବେପାର ଏବଂ ପରିବହନ ବ୍ୟବସାୟ କଥା ବୁଝିବା ପାଇଁ ସେମାନେ ଅଛନ୍ତି। ଯେଉଁ ସ୍ଥାନରେ ଖଣି ରହିଛି ସେଠାରେ ଅଫିସରମାନଙ୍କୁ ବ୍ୟବସାୟ କରିବା ଲାଗି ଗୋଟିଏ ଜାଗାରେ ବର୍ଷ ବର୍ଷ ଧରି ରଖାଯାଇଛି। ମୁଖ୍ୟମନ୍ତ୍ରୀ ଜିରୋ ଟଲରାନ୍ସ କଥା କହୁଛନ୍ତି, ହେଲେ ତାହା ଏବେ ବଦଳିଗଲାଣି। ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ କହିଛନ୍ତି, ଯଦି ରାଜ୍ୟରେ କେଉଁ ବିଭାଗର କର୍ମଚାରୀ ସବୁବେଳେ କାମ କରୁଛନ୍ତି ତାହା ହେଉଛି ପୋଲିସ ବିଭାଗ। ନବ ଦାସ ହତ୍ୟା ଘଟଣାକୁ ଯେଉଁଭଳି ବର୍ଣ୍ଣନା କରାଯାଉଛି ତାହା ଠିକ୍‌ନୁହେଁ। ଜଣେ ଏଏସ୍‌ଆଇ ତାଙ୍କୁ ହତ୍ୟା କଲେ, ହେଲେ ବିରୋଧୀ ସଦସ୍ୟମାନେ ସବୁ ପୋଲିସଙ୍କୁ ନିନ୍ଦିତ କରୁଛନ୍ତି। ମହାମାରୀ, ପ୍ରାକୃତିକ ଦୁର୍ବିପାକ ସମୟରେ ପୋଲିସ ହିଁ ଆମ ପାଖରେ ଠିଆହେଉଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଗୃହ ହେଉଛି ସବୁଠାରୁ ବଡ଼ ବିଭାଗ। ହେଲେ ଏହି ବିଭାଗରେ ୨୩ ବର୍ଷର ସରକାର ଥିବାବେଳେ ୧୪,୦୦୦ ପଦବୀ ଖାଲିପଡ଼ିଛି। ରାଜ୍ୟରେ ପୋଲିସ ଆଧୁନିକୀକରଣ କରିବା ଲାଗି କେନ୍ଦ୍ରରେ ଉପା ସରକାର ଥିବାବେଳେ ୧୦୦ କୋଟି ଟଙ୍କା ପ୍ରଦାନ କରୁଥିଲା। ରାଜ୍ୟରେ ୬ଟି ନୂଆ ବାଟାଲିୟନ କରାଯାଇଥିଲା। ହେଲେ ଏବେ ୨ଟି ବାଟାଲିୟନ ସେଥିରୁ ବନ୍ଦ ହୋଇଗଲାଣି। ପ୍ରତ୍ୟେକ ଦିନ ରାଜ୍ୟରେ ୯ ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି। ହତ୍ୟା, ଚୋରି, ଡକାୟତି, ନାରୀ ନିର୍ଯାତନା ସବୁ ବଢ଼ିଚାଲିଛି। ବିଜେଡି ସଦସ୍ୟ ବ୍ୟୋମକେଶ ରାୟ କହିଛନ୍ତି, ରାଜ୍ୟରେ ରାଜନୈତିକ ବିଶୃଙ୍ଖଳାକୁ ସମ୍ପୂର୍ଣ୍ଣ ମୂଳପୋଛ କରାଯାଇଛି। କଂଗ୍ରେସ ସରକାର ସମୟରେ ରାଜ୍ୟରେ ଲୋକମାନେ ଥାନାକୁ ଯିବାକୁ ଚାହିଁଲେ ମଧ୍ୟ ଯାଇପାରୁ ନ ଥିଲେ। ଅଞ୍ଜନା ଭଳି ଅନେକ ମାମଲା ରାଜ୍ୟରେ ଚାଲିଲା। ଅନ୍ଧାର ହେଲେ ମହିଳାମାନେ ରାସ୍ତାରେ ଯିବାକୁ ଡରୁଥିଲେ କହି ସେ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ।

କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ୍ କହିଛନ୍ତି, ସାଇବର କ୍ରାଇମ୍‌ରେ ଜାତୀୟ ହାର ୩.୫ ପ୍ରତିଶତ ଥିବାବେଳେ ଓଡ଼ିଶାରେ ତାହା ୧୩.୫%। ଗୋଟିଏ ଅଞ୍ଜନା ଘଟଣାରେ ଜାନକୀ ପଟ୍ଟନାୟକ ଇସ୍ତଫା ଦେଇଥିବା ବେଳେ କେତେ ଅଞ୍ଜନା, ବେବିନା, ମମିତା ଗଲେଣି ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେବେ ଶାସକ ଦଳ ସଦସ୍ୟ ଅରୁଣ ସାହୁ କହିଛନ୍ତି, ବିରୋଧୀ ଗୋଟିଏ କଥା ବାରମ୍ବାର ଆଲୋଚନା କରିବାର କାରଣ ସେମାନେ ଗୋଟିଏ ମିଛକୁ ବାରମ୍ବାର କହି ସତ ବୋଲି ପ୍ରମାଣ କରିବାକୁ ଚାହୁଁଛନ୍ତି । ପାର୍ଲାମେଣ୍ଟରେ ବିରୋଧୀଙ୍କ ମାଇକ୍ ବନ୍ଦ କରି ଦିଆଯାଉଥିବା ବେଳେ ଏଠି ବିରୋଧୀଙ୍କୁ କହିବାକୁ ପର୍ଯ୍ୟାପ୍ତ ଏବଂ ଅପର୍ଯ୍ୟାପ୍ତ ସୁଯୋଗ ଦିଆଯାଉଛି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ୨୦୨୧-୨୨ ବର୍ଷରେ ରାଜ୍ୟରେ ୧୪.୬୫ ପ୍ରତିଶତ ଅପରାଧ ବୃଦ୍ଧି ଘଟିଛି। ନବ ଦାସ ହତ୍ୟା ଘଟଣାର ୫୫ ଦିନ ପରେ ମଧ୍ୟ ହତ୍ୟାର କାରଣ ପଦାକୁ ଆସିଲାନି। ମମିତା ମେହେର ଆମ ଜିଲାର ଝିଅ, ତାକୁ ହତ୍ୟା କରାଗଲା। ତାଙ୍କୁ ଯିଏ ମାରିଥିଲା ଗୋବିନ୍ଦ ସାହୁଙ୍କ ଜେଲ୍‌ରେ ମୃତ୍ୟୁ ଘଟିଲା, ସେକଥା ଏପର୍ଯ୍ୟନ୍ତ ଜଣାପଡ଼ିଲା ନାହିଁ। ସେହିପରି ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଶଙ୍କର ଓରାମ, ଗଣେଶ ରାମ ସିଂ ଖୁଣ୍ଟିଆ, ଲତିକା ପ୍ରଧାନ, କୁସୁମ ଟେଟେ, ରମେଶ ଚନ୍ଦ୍ର ବେହେରା, ସନାତନ ବିଜୁଳି, ମୀନାକ୍ଷୀ ମହନ୍ତ, ନବ ଚରଣ ମାଝି, ସୂର୍ଯ୍ୟବଂଶୀ ସୂରଜ, ରାଜକିଶୋର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଗୃହ, ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ପାରିତ

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

ବିଧାନସଭାରେ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି। ଏହି ୨ ବିଭାଗ ଖର୍ଚ୍ଚଦାବି ଉପରେ ଦିନତମାମ ଆଲୋଚନା ହେବା ପରେ ମଙ୍ଗଳବାର ଅପରାହ୍ନରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଗୃହ ବିଭାଗର ୭,୧୦୩ କୋଟି ୧୪ ଲକ୍ଷ ୪୧, ୦୦୦ ଟଙ୍କା ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୫୦ କୋଟି ୭୮ ଲକ୍ଷ ୧୧, ୪୦୦ ଟଙ୍କାର ଖର୍ଚ୍ଚଦାବି ପ୍ରସ୍ତାବ ବିଧାନସଭାର ଅନୁମୋଦନ ଲାଭ କରିଛି।

# ଜଳିଯାଉଛି ଜଙ୍ଗଲ

**୫ ବର୍ଷରେ ୬୦,୦୬୮ରୁ ଊର୍ଦ୍ଧ୍ୱ ହେକ୍ଟର ଜଙ୍ଗଲ ଜମି ପୋଡ଼ିଛି**

**ଭୁବନେଶ୍ୱର,୨୧।୩(ବ୍ୟୁରୋ)**

ରାଜ୍ୟରେ ନିଆଁ ଲାଗିବା ଯୋଗୁ ବହୁ ହେକ୍ଟର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଉଛି। ପ୍ରତ୍ୟେକ ବର୍ଷ ଏଭଳି ଘଟଣା ବଢ଼ିଚାଲିଛି। ଗତ ୫ ବର୍ଷରେ ରାଜ୍ୟରେ ୧ ଲକ୍ଷ ୪୯ ହଜାର ୯୩ଟି ଅଗ୍ନିକାଣ୍ଡ ଘଟିଛି। ଏଥିଯୋଗୁ ୬୦,୦୬୮.୮୩୨୫ ହେକ୍ଟର ଜଙ୍ଗଲ ଜମି ଧ୍ୱଂସ ହୋଇଛି। ୨୦୧୮ରେ ରାଜ୍ୟରେ ୩୧, ୬୮୦ ଅଗ୍ନିକାଣ୍ଡ ହୋଇଥିବା ବେଳେ ୨୦୧୯ରେ ୧୯, ୭୮୭, ୨୦୨୦ରେ ୧୧,୦୮୮, ୨୦୨୧ରେ ୫୭, ୩୩୯ ଏବଂ ୨୦୨୨ରେ ୨୯,୧୯୯ ଅଗ୍ନିକାଣ୍ଡ ଘଟିଛି। କଂଗ୍ରେସ ସଭ୍ୟ ନରସିଂହ ମିଶ୍ରଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର



ଅମାତ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେହିପରି ଭାଜପା ସଭ୍ୟ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅନ୍ୟ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ନିଆଁ ଲାଗିବା ଯୋଗୁ ୨୦୨୨ରେ ୮,୪୫୦ ହେକ୍ଟର ଜଙ୍ଗଲ ଜମି କ୍ଷତିଗ୍ରସ୍ତ ହୋଇଛି। ସେହିପରି ଚଳିତ ବର୍ଷ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ନିଆଁ ଲାଗିବା ଯୋଗୁ ୭,୦୭୦ ହେକ୍ଟର ଜଙ୍ଗଲ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ବର୍ଦ୍ଧିତ ସବୁଜ ବଳୟ ମିଶନ, ସବୁଜ ମହାନଦୀ ମିଶନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, କାମ୍ପା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ ସିଏସ୍‌ଆର ପାଣ୍ଠି ଓ ଜାତୀୟ ବାଉଁଶ ଯୋଜନା ମାଧ୍ୟମରେ ରାଜ୍ୟରେ ୯,୦୩୨ ହେକ୍ଟର ଘନ ଜଙ୍ଗଲ, ୭୬,୦୮୧ ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର ଏବଂ ୪,୦୦୭ କିଲୋମିଟର ରାସ୍ତାପାର୍ଶ୍ୱ ବନୀକରଣ କରାଯାଇଛି। ଏହାଛଡ଼ା ୧୯୪.୯୮ ଲକ୍ଷ ଚାରା ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ତେବେ ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ମୁତାବକ ମାର୍ଚ୍ଚ ୧୭ ସୁଦ୍ଧା ରାଜ୍ୟର ବିଭିନ୍ନ ବନଖଣ୍ଡରେ ୨୩, ୯୭୯ ବନାଗ୍ନି ସଙ୍ଗଠିତ ହୋଇଛି। ଏହାକୁ ନିୟନ୍ତ୍ରଣ ଓ ପ୍ରତିହତ କରିବା ପାଇଁ ୭୦୫ଟି ଫାୟାର ବ୍ଲୋୟର ନିୟୋଜିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ମାର୍ଚ୍ଚ, ୨୦୨୩



## ଡାଲିଜାତୀୟ ଫସଲ ଅମଳ ପୂର୍ବରୁ..

**ଡା**ଲିଜାତୀୟ ଫସଲରେ ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇଦେବା ଭଲ। ଏହା ମାଟିକୁ ଉର୍ବରକରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡ଼ା ୧୦ଭାଗରୁ କମ୍ ଜଳୀୟ ଅଂଶ ରହିବା ଦରକାର। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ନଳିତା ବୁଣିବା ସମୟରେ...

**ଯେଉଁ** ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ଏବେଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇପାରିବ । ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ୧ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଦରକାର। ମଧୁର ନଳିତା କିସମଗୁଡ଼ିକ ହେଲା- ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।



## ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଦମନ

**ଡା**ଲୁଅ ଧାନ ଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ରହିଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# କୁକୁଡ଼ା ରୋଗର ପ୍ରତିକାର



ଡା. ବୀରକିଶୋର ପରିଡ଼ା

**କୁ**କୁଡ଼ା ଫାର୍ମ ମଧ୍ୟରେ ଗୋଟିଏ ରୋଗୀ କୁକୁଡ଼ାଠାରୁ ଅନ୍ୟ ଏକ ସୁସ୍ଥ କୁକୁଡ଼ାକୁ କିମ୍ବା ଅନ୍ୟ ଫାର୍ମରୁ ଆଉ ଏକ ଫାର୍ମକୁ କୁକୁଡ଼ା ରୋଗ ସଂକ୍ରମିତ ହୋଇଥାଏ । ଅସ୍ୱାସ୍ଥ୍ୟକର ପରିବେଶ, ଦୂଷିତ ଜଳ, ଖାଦ୍ୟ, ବାୟୁ ଆଦି ମାଧ୍ୟମରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୁକୁଡ଼ାଙ୍କଠାରେ ରୋଗ ସୃଷ୍ଟି ହୋଇଥାଏ। ଏହି ରୋଗ ସାଧାରଣତଃ ନିମ୍ନଲିଖିତ ମାଧ୍ୟମ ଦେଇ ସୁସ୍ଥ କୁକୁଡ଼ା ଶରୀରକୁ ପ୍ରବେଶ କରିଥାଏ ।

**ଜଳ :** ସାଧାରଣତଃ ଦୂଷିତ ଜଳ ବ୍ୟବହାର କଲେ ରୋଗ ବ୍ୟାପିଥାଏ । ଅପରିଷ୍କାର ଜଳ କୁକୁଡ଼ାଙ୍କୁ ପିଇବାକୁ ଦେଲେ ସୁସ୍ଥ କୁକୁଡ଼ାଙ୍କ ଦେହରେ ରୋଗ ଦେଖାଦେଇଥାଏ ।

**ଖାଦ୍ୟ :** କୁକୁଡ଼ା ଖାଦ୍ୟ ବେଶି ଦିନ ରହିଯାଇ ଦୁର୍ଗନ୍ଧ ହେଲେ କିମ୍ବା ଖାଦ୍ୟରେ କୌଣସି ପଦାର୍ଥ ମିଶିଗଲେ ଏହା କୁକୁଡ଼ା ଦେହରେ ରୋଗ ସୃଷ୍ଟି କରିଥାଏ । କୁକୁଡ଼ା ଖାଦ୍ୟ ଯଦି ସମ୍ପୂର୍ଣ୍ଣ ଭାବେ ସନ୍ତୁଳିତ ନ ହୁଏ ତା'ହେଲେ ଏହା ଖାଦ୍ୟସାର ଅଭାବଜନିତ ରୋଗ ସୃଷ୍ଟି କରିଥାଏ ।

**ବାୟୁ :** ଭୂତାଣୁଜନିତ ରୋଗ ସାଧାରଣତଃ ବାୟୁ ଦ୍ୱାରା ସଂକ୍ରମିତ ହୋଇଥାଏ। ଶୀତଦିନେ ବାୟୁମଣ୍ଡଳରେ ଥିବା ଧୂଳିକଣାଗୁଡ଼ିକ ହାଲୁକା ହୋଇ ଉପରକୁ ଉଠିବା ଫଳରେ କୁକୁଡ଼ାଙ୍କଠାରେ ଭୂତାଣୁଜନିତ ଶ୍ୱାସରୋଗ ସୃଷ୍ଟି କରିଥାଏ ।

**ସଂସର୍ଗ :** କୁକୁଡ଼ାଙ୍କ ଦେହର ଉକୁଣି, ଟିଙ୍କ ଇତ୍ୟାଦି ସଂସର୍ଗ ମାଧ୍ୟମରେ ରୋଗଗ୍ରସ୍ତ କୁକୁଡ଼ା ଦେହରୁ ସୁସ୍ଥ କୁକୁଡ଼ା ଦେହକୁ ସଂକ୍ରମିତ ହୋଇଥାନ୍ତି ।

**ଲିଟର :** କୁକୁଡ଼ା ଘରର ଲିଟର ଓଦା ବା ସନ୍ତସନ୍ତିଆ ହେଲେ ରୋଗ ଜୀବାଣୁ, କୃମି ଓ କକ୍‌ସିଡିଓସିସ୍ ରୋଗର ଜୀବାଣୁ ସୃଷ୍ଟି ହୁଅନ୍ତି । କୁକୁଡ଼ାମାନେ ଥଣ୍ଟରେ ଲିଟର ଖୁମ୍ପିଲେ ଏହା କୁକୁଡ଼ା ଶରୀରକୁ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ ।

**କୁକୁଡ଼ାଘରେ କାମ କରିବା ଲୋକ ଓ ଗୃହ ଉପକରଣ ମାଧ୍ୟମରେ :** କେତେକ ସମୟରେ ରୁଗ୍‌ଣ କୁକୁଡ଼ାଘରେ କାମ କରୁଥିବା ଶ୍ରମିକମାନେ କାମ କରି ସାରିଲା ପରେ ପରିଷ୍କାର ପରିଚ୍ଛନ୍ନ ନ ହୋଇ ଭଲ କୁକୁଡ଼ା ଘରକୁ ପ୍ରବେଶ କଲେ ସେମାନଙ୍କ ଲୁଗା, ଜୋତା ଇତ୍ୟାଦି ମାଧ୍ୟମରେ ରୋଗ ବ୍ୟାପିଥାଏ ।

**ସ୍ଥାନାନ୍ତରୀକରଣ :** କୁକୁଡ଼ାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କଲେ କିମ୍ବା ପ୍ରଦର୍ଶନୀ ପ୍ରଭୃତିକୁ କୁକୁଡ଼ାଙ୍କୁ ନେଇ ପୁଣି ଆଣି ଫାର୍ମ ମଧ୍ୟରେ ରଖିଲେ କୁକୁଡ଼ା ରୋଗ ବ୍ୟାପିଥାଏ ।

**କୁକୁଡ଼ାଙ୍କ ଯୋଗୁ :** ଅନେକ ସମୟରେ ରୋଗଗ୍ରସ୍ତ କୁକୁଡ଼ା ଭଲ ହୋଇଗଲେ ମଧ୍ୟ ସେମାନେ ରୋଗ ଜୀବାଣୁକୁ ତାଙ୍କ ଶରୀରରେ ଧରି ରଖିଥାଆନ୍ତି ଓ ସୁସ୍ଥ କୁକୁଡ଼ା ଏମାନଙ୍କ ସଂସ୍ପର୍ଶରେ ଆସିଲେ ରୋଗ ଜୀବାଣୁ ସୁସ୍ଥ କୁକୁଡ଼ାଙ୍କ ଦେହରେ ପ୍ରବେଶକରି ରୋଗ ସୃଷ୍ଟି କରିଥାଏ ।

**କୀଟପତଙ୍ଗ ଦ୍ୱାରା :** ଅନେକ ସମୟରେ କୀଟ ପତଙ୍ଗ, ମଶା ଓ ମାଛିମାନେ ରୋଗର ବାହକଭାବେ କାର୍ଯ୍ୟ କରିଥାଆନ୍ତି ଓ ରୋଗୀ କୁକୁଡ଼ା ଦେହରୁ ସୁସ୍ଥ କୁକୁଡ଼ା ଦେହକୁ ରୋଗ ସଂକ୍ରମିତ କରିବାରେ ସାହାଯ୍ୟ କରିଥାଆନ୍ତି ।



**ପଶୁପକ୍ଷୀମାନଙ୍କ ଦ୍ୱାରା :** ପଶୁପକ୍ଷୀମାନେ ମଲା କୁକୁଡ଼ାର ଦେହାବଶେଷ ପର ଇତ୍ୟାଦିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହି ନେଇ ରୋଗ ସଂକ୍ରମିତ କରିଥାଆନ୍ତି ।

**ଜୀବାଣୁଜନିତ ରୋଗ**

**ପୁଲୋରମ :** ଏହା ମୁଖ୍ୟତଃ ଛୋଟ ଛୁଆମାନଙ୍କ ରୋଗ । ବଡ଼ କୁକୁଡ଼ା ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି । ଏହି ରୋଗ ସାଲମୋନେଲା ପୁଲୋରମ ନାମକ ଜୀବାଣୁ ଦ୍ୱାରା ହୋଇଥାଏ । ଏହି ରୋଗର ଅନ୍ୟ ନାମ ହେଲା ବାସିଲାରି ହ୍ୱାଇଟ୍ ଡାଇରିଆ ବା ବି.ଡବ୍ଲ୍ୟୁ.ଡି । ଏହି ରୋଗର ଜୀବାଣୁ କୁକୁଡ଼ା ରକ୍ତରେ ଦେଖାଯାଏ ।

**ଲକ୍ଷଣ :** ଆକ୍ରାନ୍ତ ଛୁଆମାନେ ଏକାଠି ହୋଇ ଘୁମାନ୍ତି । ଧଳା ଚୂନ ଭଳି ଝାଡ଼ା ହୋଇ ପଛପଟେ ଲାଗେ। ନିଃଶ୍ୱାସ ନେବା ସମୟରେ ଘୁଡୁଘୁଡୁ ଶବ୍ଦ କରନ୍ତି । ଖାଦ୍ୟ ଖାଇବା ବନ୍ଦ କରି ଦିଅନ୍ତି । ସାଧାରଣତଃ ଛୁଆ ଫୁଟିବାର ୫-୧୦ ଦିନ ମଧ୍ୟରେ ମୃତ୍ୟୁହାର ଅଧିକ ହୋଇଥାଏ । ବଡ଼ କୁକୁଡ଼ାମାନେ ଆକ୍ରାନ୍ତ ହେଲେ ଶାଗୁଆଝାଡ଼ା ହୋଇଥାଏ । ଚୂଳ ଶୁଖିଯାଏ, ଦୁର୍ବଳ ହୋଇ ଅଣ୍ଡା ଉତ୍ପାଦନ କମିଯାଏ, ମୃତ୍ୟୁହାର କମ୍ ହୁଏ । ମାତ୍ର ଏମାନେ ସାଧାରଣତଃ ରୋଗର ବାହକ ହୋଇ ରୁହନ୍ତି ଓ ଏମାନଙ୍କ ଅଣ୍ଡାରୁ ଛୁଆ ଫୁଟିଲେ ଛୁଆମାନେ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୁଅନ୍ତି ।

**ଚିକିତ୍ସା :** ବିଭିନ୍ନ ଆଣ୍ଟିବାଓଟିକ୍ସ ମାତ୍ରା ଅନୁସାରେ ପାଣିରେ ୫ ରୁ ୭ ଦିନ ପର୍ଯ୍ୟନ୍ତ ଖାଇବାକୁ ଦେଲେ ଭଲ ଫଳ ମିଳିଥାଏ ।

**କୁକୁଡ଼ା ହଇଜା :** ଏହା ଏକ ଜୀବାଣୁ ଜନିତ ରୋଗ। ଏହି ରୋଗରେ ହଠାତ୍ ମୃତ୍ୟୁ ହୁଏ । ମୃତ୍ୟୁ ପୂର୍ବରୁ କୁକୁଡ଼ାଙ୍କ ଶରୀରର ଉତ୍ତାପ ବୃଦ୍ଧି ପାଏ । ପର ଟାଆଁସା ଦେଖାଯାଏ । ମୁହଁରୁ ଓ ନାକରୁ ଲାଳ ବାହାରେ । ଖାଦ୍ୟ ଖାଇବା କମିଯାଏ । ଚୂଳ ନେଳିଆ ପଡ଼ିଯାଏ। ଶାଗୁଆ କିମ୍ବା ହଳଦିଆ ପାଣି ଝାଡ଼ା ହୁଏ ଏବଂ ମଳଦ୍ୱାରରେ ଲାଗିଯାଏ ।

**ଚିକିତ୍ସା :** ଏହି ରୋଗର ସଲ୍‌ଫୋନାମାଇଡ୍, ଟେଟ୍ରାସାଇକ୍ଲିନ୍, ଅକ୍‌ସି ଟେଟ୍ରାସାଇକ୍ଲିନ୍, ଏନ୍‌ରୋଫ୍ଲକ୍ସାସିନ୍ ଆଦି ଔଷଧ ଭଲକାମ କରିଥାଏ । ଏହି ଔଷଧକୁ ମାତ୍ରାନୁଯାୟୀ ପାଣିରେ ୫-୧୦ ଦିନ ପର୍ଯ୍ୟନ୍ତ ଦିଆଯାଇପାରେ ।

**କୁକୁଡ଼ା ଟାଇଫଏଡ୍ :** ଏହା ଏକ ଜୀବାଣୁଜନିତ ରୋଗ । ସାଲମୋନେଲା ଗାଲିନେରମ୍ ନାମକ ଜୀବାଣୁ ଏହି ରୋଗର କାରଣ । ଏହି ଜୀବାଣୁ କୁକୁଡ଼ାର ରକ୍ତରେ ଦେଖା ଯାଇଥାଏ। ଏହି ରୋଗ ହେଲେ ଶାଗୁଆ ରଙ୍ଗର ପାଣି ଝାଡ଼ା ହୁଏ, ଚୂଳ ଶୁଖିଯାଏ । ଡେଣା ତଳକୁ ଝୁଲିପଡ଼େ। କୁକୁଡ଼ା ନିସ୍ତେଜ ହୋଇ ବେକକୁ ଦୁଇଗୋଡ଼ ମଝିରେ ରଖେ । ଆକ୍ରାନ୍ତ କୁକୁଡ଼ା ୨ ରୁ ୩ ଦିନ ମଧ୍ୟରେ ମରିଯାଏ ।

**ଚିକିତ୍ସା :** ବିଭିନ୍ନ ଆଣ୍ଟିବାଓଟିକ୍ସ ଔଷଧ ମାତ୍ରା ଅନୁସାରେ ପାଣିରେ ମିଶାଇ ୫ ରୁ ୭ ଦିନ ପର୍ଯ୍ୟନ୍ତ ଦିଆଯାଇପାରେ।

**ଭୂତାଣୁ ଜନିତ ରୋଗ**
**-କୁକୁଡ଼ା ବସନ୍ତ**

**ଲକ୍ଷଣ :** ଏହି ରୋଗରେ କୁକୁଡ଼ାର ଚୂଳ ଓ ଫୁଲରେ ଛୋଟ ଛୋଟ କାଛୁ ଭଳି ଫୁଲା ଦେଖାଯାଏ । କିଛିଦିନ ପରେ ଏହି ଫୁଲା ଶୁଖିଯାଇ ଚୋପା ଛାଡ଼େ ଓ ଘା' ଦେଖାଯାଏ । ଏହି ରୋଗରେ କୁକୁଡ଼ା ନିସ୍ତେଜ ରୁହେ । ଦାନା ଖାଏ ନାହିଁ । ଓଜନ କମିଯାଏ । ଅଣ୍ଡା ଦେବା ଶକ୍ତି କମିଯାଏ। ଅନେକ କ୍ଷେତ୍ରରେ କୁକୁଡ଼ାଙ୍କ ଆଖି ନଷ୍ଟ ହୋଇଯାଏ । କୁକୁଡ଼ାମାନେ ଅନ୍ଧ ହୋଇଯାଆନ୍ତି । ଶ୍ୱାସନଳୀରେ ବସନ୍ତ ହେଲେ କୁକୁଡ଼ା ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରେ । ଏହି ରୋଗରେ ସାଧାରଣତଃ କୁକୁଡ଼ାମାନେ ଖାଦ୍ୟ ନ ଖାଇ ଶୁଖି ଶୁଖି ମୃତ୍ୟୁବରଣ କରନ୍ତି।

**ଚିକିତ୍ସା :** ଏହି ରୋଗ ଭୂତାଣୁଜନିତ ହୋଇଥିବାରୁ ଏହାର କୌଣସି ଫଳପ୍ରଦ ଚିକିତ୍ସା ନାହିଁ । କେବଳ ଆନୁଷଙ୍ଗିକ ରୋଗରୁ ରକ୍ଷା ପାଇବା ପାଇଁ ପାଣିରେ ମାତ୍ରାନୁସାରେ ଟେଟ୍ରାସାଇକ୍ଲିନ୍, ଅକ୍‌ସିଟେଟ୍ରାସାଇକ୍ଲିନ କିମ୍ବା କ୍ଲୋରୋଟେଟ୍ରାସାଇକ୍ଲିନ ଜାତୀୟ ଔଷଧ ଦିଆଯାଇପାରେ । ଏହି ରୋଗର ନିରାକରଣ ପାଇଁ ପ୍ରତିଷେଧକ ଟିକା ଦେବାକୁ ପଡ଼ିଥାଏ । ନାକ, ଆଖି ଆଦି ଉପର ଘା'କୁ ଖାଇବା ସୋଡ଼ା ଉଷୁମ ପାଣି କିମ୍ବା ପୋଟାସିୟମ ପରମାଙ୍ଗାନେଟ ପାଣିରେ ଧୋଇ ଫୁରାସିନ୍, ନିଓସ୍ପୋରିନ୍, ବିଟାଡିନ୍ ମଲମ ଆଦି ଲଗାଇଲେ ଘା' ଶୀଘ୍ର ଶୁଖିଯାଏ । (କ୍ରମଶଃ...)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ଜାଣି ରଖନ୍ତୁ...



**ଖ**ରାଦିନିଆ ବର୍ଷାର ସଦୁପଯୋଗକରି ମାଟି ବତର ଥିବା ଅବସ୍ଥାରେ ଜମିକୁ ୨-୩ ଓଡ଼ ଖରାଟିଆ ଚାଷ କରନ୍ତୁ । ଏହାଦ୍ୱାରା ଅନିଷ୍ଟକାରୀ କୀଟର ଶୁକ ଓ ଅଣ୍ଡା ନଷ୍ଟ ହୋଇଯାଏ ଏବଂ ମାଟିର ଜଳଧାରଣ ଶକ୍ତି ବୃଦ୍ଧି ପାଏ । ଜମିରେ ଫସଲ ନ ଥିବା ଅବସ୍ଥାରେ ନମୁନା ମାଟି ସଂଗ୍ରହକରି ପରୀକ୍ଷାଗାରକୁ ପଠାଇ ଦିଅନ୍ତୁ । ମାଟି ପରୀକ୍ଷାକରି ଅନୁମୋଦିତ ଖତ ଓ ସାର ବ୍ୟବହାର କରନ୍ତୁ। ଗୁଆଧାନ ଫସଲ ପାଇଁ ସବୁଜ ସାର ଉଦ୍ଦେଶ୍ୟରେ ମେ' ଦ୍ୱିତୀୟ ପକ୍ଷରେ ହେକ୍ଟର ପିଛା ୨୫ କି.ଗ୍ରା. ହିସାବରେ ଧଣିଚା ବିହନ ବୁଣନ୍ତୁ ।

## ଖରାଦିନିଆ ପନିପରିବା ଚାଷ

**ଖ**ରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା : ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ୧ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳବିନ୍ଧା ପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ ।



# ମାଈ ଘୁଷୁରି ପ୍ରଜନନ

(ଦ୍ୱିତୀୟ ଭାଗ)

➤ଋତୁଚକ୍ରର ୧୫/୧୬ଦିନରେ ଗରମ ଲକ୍ଷଣ ଦେଖା ଯିବାର ଏକ ଦିନ ଆଗରୁ ୫୦୦ ଆୟୁଏସ୍‌ସିଜି ଟିକା ଦେବା ଦ୍ୱାରା ମଧ୍ୟ ଡିମ୍ବ ନିର୍ଗତ ହେବା ମାତ୍ରା ବୃଦ୍ଧି ପାଇଥାଏ।

➤ଗରମ ହେବାର ମୁଖ୍ୟ ଲକ୍ଷଣଗୁଡ଼ିକ ହେଲା-ଯୋନି ଦ୍ୱାର ଫୁଲି ରହିବା ଏବଂ ନାଲି ପଡ଼ିବା। ଚଳଚଞ୍ଚଳ ହେବା, ଅନ୍ୟ ଘୁଷୁରିଙ୍କ ଉପରେ ଚଢ଼ିଯିବା, ଘୁଷୁରିର ପଛ ଭାଗରେ ଚାପ ପ୍ରଦାନ କରିଲେ ବିନା କୌଣସି ଅସୁବିଧାରେ ଛିଡ଼ା ହୋଇ ରହିବା, କିଛି ଘୁଷୁରିଙ୍କର ମଧ୍ୟ ଯୋନି ଦ୍ୱାରରୁ ଲାଳ ନିର୍ଗତ ହୋଇଥାଏ।

➤ଗରମ ଆସିବାର ଲକ୍ଷଣ ଜାଣିବା ନିହାତି ଆବଶ୍ୟକ । ଏହାଦ୍ୱାରା ଘୁଷୁରିମାନଙ୍କର କୃତ୍ରିମ ପ୍ରଜନନ କରାଯାଇପାରିବ।

➤ସାଧାରଣତଃ ଘୁଷୁରିମାନେ ଗୋଠରେ ରହିବାକୁ ପସନ୍ଦ କରନ୍ତି। ଏହି କାରଣ ଅନୁଯାୟୀ ମାଈ ଘୁଷୁରିଙ୍କର ଏକକାଳୀନ ଗରମ ଲକ୍ଷଣ ଦେଖାଦେଲେ ଠିକ୍ ସମୟରେ ହିଁ ପ୍ରଜନନ କରାଇନେବା ଦରକାର। ଜନ୍ମହେବାର ୩-୫ ସପ୍ତାହ ମଧ୍ୟରେ ଘୁଷୁରି ଶାବକଙ୍କର ଥନ ଛାଡ଼ିବା(weaning) କରାଯାଇଥାଏ। ଏହାଦ୍ୱାରା ଦୁଗ୍ଧପାନ ଅବସ୍ଥାରେ ମାଈ ଘୁଷୁରିମାନେ ଶୀଘ୍ର ଗରମକୁ ଆସିଥାଆନ୍ତି। ଶାବକମାନଙ୍କର ଥନ ଛାଡ଼ିବା ପ୍ରକ୍ରିୟା ୪-୫ ରାତି କରିବା ପରେ ଘୁଷୁରିମାନେ ୪-୯ ଦିନ ମଧ୍ୟରେ ଗରମକୁ ଆସିଥାଆନ୍ତି।

**ମାଈ ଘୁଷୁରିମାନଙ୍କର କୃତ୍ରିମ ପ୍ରଜନନ**

ଅନ୍ୟ ଗୃହପାଳିତ ପ୍ରାଣୀମାନଙ୍କ ଭଳି ମାଈ ଘୁଷୁରିମାନଙ୍କ କୃତ୍ରିମ ପ୍ରଜନନ କରିବା ଦ୍ୱାରା ଲାଭ ମିଳିପାରିଥାଏ। ଏହାଦ୍ୱାରା ପ୍ରଜନନ କାର୍ଯ୍ୟକ୍ରମର ମୁଖ୍ୟ ଦୁଇଟି ବିଷୟ ହେଲା-

➤ମାଈ ଘୁଷୁରି ଗରମ ଆସିବାର ଲକ୍ଷଣ ଚିହ୍ନଟ କରିବା।

➤ଠିକ୍ ସମୟରେ, ଠିକ୍ ପଦ୍ଧତି ଏବଂ ଠିକ୍ କୌଶଳ ବ୍ୟକ୍ତି ଦ୍ୱାରା କୃତ୍ରିମ ପ୍ରଜନନ କରିବା।



ପ୍ରାକୃତିକ ପ୍ରଣାଳୀରେ ପ୍ରଜନନରେ ଅଣ୍ଡିରା ଘୁଷୁରି ୨୫୦-୩୦୦ ମି.ଲି. ଶୁକ୍ରାଣୁ ନିର୍ଗତ କରିଥାଏ, ଯାହାକି ଅତି ଅଧିକ ସମୟ ରଖାଯାଇପାରିବ ନାହିଁ। ମୁଖ୍ୟତଃ ଠିକ୍ ନିୟନ୍ତ୍ରଣରେ ଏହା ୧-୨ଦିନ ପର୍ଯ୍ୟନ୍ତ ରଖାଯାଇପାରିବ। ଏହି ସମୟ ମଧ୍ୟରେ ଏହାର ଠିକ୍ ମାତ୍ରାର ସଦୁପଯୋଗ କରାଯିବା ଆବଶ୍ୟକ।

**କୃତ୍ରିମ ପ୍ରଜନନ ସମୟ :** ମାଈ ଘୁଷୁରିଙ୍କର ଗର୍ଭଧାରଣ କ୍ଷମତା ବଢ଼ାଇବା ସହ ଅଧିକ ପିଲା ଜନ୍ମ କରାଇବା ପାଇଁ ଗରମ ଲକ୍ଷଣକୁ ଚିହ୍ନଟ କରିବା ନିତାନ୍ତ ଆବଶ୍ୟକ। ମାଈ ଘୁଷୁରି ଶାବକମାନଙ୍କୁ ଗରମ ଲକ୍ଷଣ ଜାଣିବାର ୧୨ ଘଣ୍ଟା ପରେ ପ୍ରଥମ ଥର ଏବଂ ପ୍ରଥମ କୃତ୍ରିମ ପ୍ରଜନନର ୧୨ ଘଣ୍ଟା ପରେ ଦ୍ୱିତୀୟ କୃତ୍ରିମ ପ୍ରଜନନ କରାଇବା ଜରୁରୀ। ମାଈ ଘୁଷୁରିଙ୍କୁ ଗରମ ଲକ୍ଷଣ ଜାଣିବାର ୧୮-୨୪ ଘଣ୍ଟା ପରେ ପ୍ରଥମ ଥର ଏବଂ ପ୍ରଥମ କୃତ୍ରିମ ପ୍ରଜନନର ୧୨ ଘଣ୍ଟା ପରେ ଦ୍ୱିତୀୟ କୃତ୍ରିମ ପ୍ରଜନନ କରାଇବା ଆବଶ୍ୟକ। ୮୦ରୁ ୧୦୦ ମି.ଲି. ପରିମାଣ ବୀର୍ଯ୍ୟରେ ଗୋଟିଏ ମାଈ ଘୁଷୁରିର କୃତ୍ରିମ ପ୍ରଜନନ କରାଯାଇଥାଏ। ଏହି ବୀର୍ଯ୍ୟରେ ୨୫୦୦-୪୦୦୦ ମିଲିୟନ ଶୁକ୍ରାଣୁ ରହିଥାଆନ୍ତି।

**କୃତ୍ରିମ ପ୍ରଜନନ ପ୍ରଣାଳୀ :** ପ୍ରଥମେ ମାଈ ଘୁଷୁରିର ଯୌନ ଦ୍ୱାରକୁ ଭଲ ଭାବରେ ବିଶୁଦ୍ଧ ପାଣିରେ ଧୋଇ ସଫା କରିବା ଆବଶ୍ୟକ। ତା'ପରେ ଯୌନ ଦ୍ୱାର ଦ୍ୱାରା ପୂରାଯିବା ପାଇଁ ବ୍ୟବହୃତ ହେବାକୁ ଥିବା ନଳୀକୁ ଭଲ ଭାବରେ ସଫାକରି ବୀର୍ଯ୍ୟ ନଷ୍ଟ ନ କରୁଥିବା ଜେଲି ଉପର ପାର୍ଶ୍ୱରେ ଲଗାଇବା ଦରକାର। ଏହି ନଳୀକୁ ଯୌନଦ୍ୱାର ଭିତରକୁ ପୂରାଇ ବାମ ପାର୍ଶ୍ୱକୁ ବୁଲାଇବା ଦ୍ୱାରା ନଳୀ ଗ୍ରୀବା ଭିତରକୁ ପଶିଥାଏ। ନଳୀର ବିପରୀତ ପାର୍ଶ୍ୱରେ ବୀର୍ଯ୍ୟ ସଂରକ୍ଷିତ ଥିବା ଶିଶି ବା ବୋତଲକୁ ଲଗାଇବା ପ୍ରୟୋଜନ। ଗର୍ଭାଶୟର ସଙ୍କୋଚନ ଦ୍ୱାରା ଏବଂ ଶିଶିକୁ ଚାପଦେବା ଫଳରେ ବୀର୍ଯ୍ୟ ଗର୍ଭାଶୟ ମଧ୍ୟକୁ ପ୍ରବେଶକରି ଚାଲିଯାଇଥାଏ। ଏହି ପ୍ରଣାଳୀ ଶେଷ ହେବା ପାଇଁ ୩ ମିନିଟ୍ ଲାଗିଥାଏ। ମାଈ ଘୁଷୁରି ତୁଳନାରେ ମାଈ ଘୁଷୁରି ଶାବକମାନେ ଅଧିକ ସମୟ ନେଇଥାଆନ୍ତି। ଏହି ପ୍ରଣାଳୀ ଧୀରେ ଏବଂ ଠିକ୍ ଭାବରେ ହେବା ଦରକାର। ଅଥବା ବୀର୍ଯ୍ୟଗୁଡ଼ିକ ବାହାରକୁ ବାହାରି ଆସିବାର ଆଶଙ୍କା ମଧ୍ୟ ରହିଥାଏ। ପରିଶେଷରେ ନଳୀକୁ ଡାହାଣ ପାର୍ଶ୍ୱକୁ ବୁଲାଇ ବାହାରକୁ ବାହାର କରାଯାଇଥାଏ।

**ଗର୍ଭଧାରଣ :** ଶୁକାଣୁ ଏବଂ ଡିମ୍ବାଣୁର ମିଳନ ହେବା ଦ୍ୱାରା ଗର୍ଭଧାରଣ ହୋଇଥାଏ। ସ୍ୱାଭାବିକ ଭାବରେ ଗୋଟିଏ ଶୁକ୍ରାଣୁ ଗୋଟିଏ ଡିମ୍ବ ସହ ମିଶିଥାଏ। ବେଳେବେଳେ ଏକରୁ ଅଧିକ ଶୁକ୍ରାଣୁ ଗୋଟିଏ ଡିମ୍ବ ସହ ମିଳନ ହେବାର ଉଦାହରଣ ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି। ସଙ୍ଗମ ହେବାର ୬-୧୦ ଘଣ୍ଟା ମଧ୍ୟରେ ଗର୍ଭଧାରଣ ହୋଇଥାଏ ଏବଂ ୧୪ ଘଣ୍ଟା ମଧ୍ୟରେ ସମସ୍ତ ନିର୍ଗତ ହୋଇଥିବା ଡିମ୍ବ ଶୁକ୍ରାଣୁ ସହ ମିଶି ଯାଇଥାଆନ୍ତି। ସଫଳ ଗର୍ଭଧାରଣ ପାଇଁ ଉଭୟ ଶୁକ୍ରାଣୁ ଏବଂ ଡିମ୍ବାଣୁ ସତେଜତା ନିର୍ଭର କରିଥାଏ। (କ୍ରମଶଃ..)

**-ଡା. ହିମାଂଶୁ ବେହେରା**
ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ
ଏବଂ ପ୍ରସୂତି ବିଭାଗ,
ଓୟୁଏଟି, ଭୁବନେଶ୍ୱର

# ରାଣୀ ରାମପାଲ୍‌ଙ୍କ ନାମରେ ଷ୍ଟାଡିୟମ

**ନୂଆଦିଲ୍ଲୀ,୨୧।୩(ପି.ଟି.):** ଭାରତୀୟ ମହିଳା ହକି ଦଳର ଷ୍ଟାର ଖେଳାଳି ରାଣୀ ରାମ୍‌ପାଲଙ୍କ ନାମରେ ଏକ ହକି ଷ୍ଟାଡିୟମକୁ ନାମିତ କରାଯାଇଛି। ପ୍ରଥମ ମହିଳା ହକି ଖେଳାଳି ଭାବରେ ରାଣୀ ଏଭଳି କୃତିତ୍ୱ ହାସଲ କରିଛନ୍ତି। ଏମ୍‌ସିଏଫ୍ ରାଏବରେଲିକୁ ପୁନଃନାମିତ କରାଯିବା ସହିତ ରାଣୀସ ଗାର୍ଲସ ହକି ଟର୍ଫ ଭାବରେ ନାମିତ କରାଯାଇଛି। ନିଜ ନାମରେ ନାମିତ ଷ୍ଟାଡିୟମରେ କିଛି ମହିଳା ଖେଳାଳିଙ୍କ ସହିତ କଥା ହେଉଥିବାର ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ରାଣୀ ଶେୟାର କରିବା ସହିତ ଧନ୍ୟବାଦ ଜଣାଇଛନ୍ତି। ହକି ପ୍ରତି ମୋର ଅବଦାନ ପାଇଁ ଏମ୍‌ସିଏଫ୍ ରାଏବରେଲୀକୁ ପୁନଃନାମିତ କରାଯାଇଥିବା ବେଳେ ଏଥିରୁ ମିଳିଥିବା ଖୁସିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ ବୋଲି ସେ ନିଜ ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି। ପ୍ରଥମ ମହିଳା ହକି ଖେଳାଳି ଭାବରେ ଏଭଳି ସମ୍ମାନ ମିଳିଥିବାରୁ ମୁଁ ସଭିଙ୍କ ନିକଟରେ କୃତଜ୍ଞ। ଭାରତୀୟ ମହିଳା ହକି ଦଳ ଉଦ୍ଦେଶ୍ୟରେ ମୁଁ ଏହି ସମ୍ମାନ ଉତ୍ସର୍ଗ କରିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ରାଣୀଙ୍କ ନେତୃତ୍ୱରେ ଭାରତ ଚତୁର୍ଥ ସ୍ଥାନ ହାସଲ କରିଥିଲା।

# ଆର୍‌ସିବିକୁ ହରାଇଲା ମୁମ୍ବାଇ

**ମୁମ୍ବାଇ,୨୧।୩(ପି.ଟି.)**

ଆମେଲିଆ କେର୍‌ଙ୍କ ଘାତକ ବୋଲିଂ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ହରାଇ ଗ୍ରୁପ୍ ପର୍ଯ୍ୟାୟ ଶେଷ କରିଛି ମୁମ୍ବାଇ ଇଣ୍ଡିଆନ୍ସ। ଡି ୱାଇ ପାଟିଲ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚକୁ ଜିତି ୮ମ୍ୟାଚରୁ ୬ ବିଜୟ ସହିତ ୧୨ ପଏଣ୍ଟ ହାସଲ କରିଛି ମୁମ୍ବାଇ। ଆମେଲିଆ କେରଙ୍କ ଅଲରାଉଣ୍ଡ ପ୍ରଦର୍ଶନ(୩/୨୨ ଓ ୩୧ *ରନ୍) ବଳରେ ମୁମ୍ବାଇ ୪ ଉଇକେଟରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୬.୩ ଓଭରରେ ଆବଶ୍ୟକ ରନ୍ କରି ନେଇଥିଲା ମୁମ୍ବାଇ। ଆରସିବି ପକ୍ଷରୁ ଏଲିସ୍ ପେରୀ ଓ ରିଚା ଘୋଷ ପ୍ରତ୍ୟେକ ୨୯ ରନ୍ ଲେଖାଏ ସଂଗ୍ରହ କରିଥିଲେ। ଅଧିନାୟିକା ସ୍ମୃତି ମନ୍ଧାନା ୨୪ ରନ୍ କରିଥିଲେ। ଆମେଲିଆ କେର୍ ୩ ଉଇକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। ସ୍ମୃତି ମାନ୍ଧନା(୨୪), ହିଥର ନାଇଟ୍(୧୨) ଓ କନିକା ଆହୁଜା(୧୨)ଙ୍କୁ ଆଉଟ କରିଥିବା ବେଳେ ସୋଫି ଡିଭାଇନଙ୍କୁ ରନ୍ ଆଉଟ କରିଥିଲେ କେର୍। ନାଟାଲି ସ୍କିଭର ଓ ଇସି ଓଙ୍ଗ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୧୨୬ ରନ୍ ଲକ୍ଷ୍ୟର ପିଛା କରୁଥିବା ମୁମ୍ବାଇ ପକ୍ଷରୁ ଦୁଇ ଓପନର ୟାସ୍ତିକା ଭାଟିଆ (୩୦) ଓ ହିଲି ମାଥ୍ୟୁସ୍(୨୪) ପ୍ରଥମ ଉଇକେଟରେ ୫୩ ରନ୍ ଯୋଡିଥିଲେ। ପରବର୍ତ୍ତୀ ୨୦ ରନ୍ ମଧ୍ୟରେ ଦଳ ୪ ଉଇକେଟ ହରାଇ ସଙ୍କଟରେ ପଡିଥିବା ବେଳେ ଅପରାଜିତ ୩୧ ରନ୍‌ର ଇନିଂସ ଖେଳିଥିଲେ ଆମେଲିଆ। ଆରସିବି ପକ୍ଷରୁ କନିକା ଆହୁଜା ୨ ଉଇକେଟ ନେଇଥିବା ବେଳେ ମେଗାନ୍ ଶୁଟ୍, ଶ୍ରେୟାଙ୍କା ପାଟିଲ, ଏଲିସ୍ ପେରୀ ଓ ଆଶା ଶୋଭନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆମେଲିଆ କେରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

### ଡବ୍ଲ୍ୟୁପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୬ | ୨ | ୧୨ | ୧.୭୧୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | ୧.୯୭୮ |
| ୟୁପି ୱାରିୟର୍ଜ | ୭ | ୪ | ୩ | ୮ | -୦.୦୬୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୨ | ୬ | ୪ | -୧.୧୩୭ |
| ଗୁଜରାଟ ଜାଏଣ୍ଟସ | ୮ | ୨ | ୬ | ୪ | -୨.୨୨୦ |



ପ୍ଲେୟର ଅଫ୍ ଦି ମ୍ୟାଚ ଆମେଲିଆ କେର୍।

**ସଂକ୍ଷିପ୍ତ ସ୍କୋର**

ଆରସିବି ୨୦ ଓଭରରେ ୧୨୫/୯(ଏଲିସ ପେରୀ-୨୯, ରିଚା ଘୋଷ-୨୯, ସ୍ମୃତି ମନ୍ଧାନା-୨୪, ଆମେଲିଆ କେର୍-୩/୨୨, ନାଟାଲି ସ୍କିଭର ବ୍ରଣ୍ଟ-୨/୨୪, ଇସି ଓଙ୍ଗ-୨/୨୬)। ମୁମ୍ବାଇ ଇଣ୍ଡିଆନ୍ସ ୧୬.୩ ଓଭରରେ ୧୨୯/୬ (ଆମେଲିଆ କେର୍-୩୧*, ୟାସ୍ତିକା ଭାଟିଆ-୩୦, ହିଲି ମାଥ୍ୟୁସ୍-୨୪, କନିକା ଆହୁଜା-୨/୫, ମେଗାନ୍ ଶୁଟ୍-୧/୧୯, ଶ୍ରେୟଙ୍କା ପାଟିଲ୍-୧/୨୬)।

# ଓଡ଼ିଶାର ସୌନ୍ଦର୍ଯ୍ୟ ତୃତୀୟ

**ଭୁବନେଶ୍ୱର, ୨୧।୩ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ଫର୍ ଦି ବ୍ଲାଇଣ୍ଡ (ଏଆଇସିଏଫବି) ଆନୁକୂଲ୍ୟରେ ୧୬ତମ ଜାତୀୟ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତା ଚଳିତମାସ ୧୩ରୁ ୧୮ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଥାନେଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର

**ଜାତୀୟ ଦୃଷ୍ଟିହୀନ ଚେସ୍**

ପ୍ରତିଷ୍ଠିତ ଚେସ୍ ତାରକା ତଥା ଗତଥରର ଜାତୀୟ ଚାମ୍ପିୟନ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଏହି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସେ ୯ ରାଉଣ୍ଡ ଖେଳରୁ ୭ ପଏଣ୍ଟ ହାସଲ କରିଥିଲେ। ଏଥିସହ ସେ ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଏସିଆନ ପାରା ଗେମ୍ସ ଏବଂ ଆଇବିସିଏ ବିଶ୍ୱ ଚାମ୍ପିଅନଶିପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅନ୍ୟ ଦୁଇ ଓଡ଼ିଶା ଖେଳାଳି ପ୍ରାଚୁର୍ଯ୍ୟ କୁମାର ପ୍ରଧାନ (୫.୫) ଓ ଶୁଭେନ୍ଦୁ କୁମାର ପାତ୍ର (୫) ଯଥାକ୍ରମେ ୧୪ ଓ ୧୭ତମ ସ୍ଥାନରେ ରହିଥିଲେ। ସୌନ୍ଦର୍ଯ୍ୟଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ସଭାପତି ଜି. ସି. ମହାପାତ୍ର ଓ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି।




ପୁରସ୍କାର ସହ ସୌନ୍ଦର୍ଯ୍ୟ ପ୍ରଧାନ (ତଳ-ବାମ)।

# ନିଖତ,ନୀତୁ, ମନୀଷା କ୍ୱାର୍ଟରଫାଇନାଲରେ

**ନୂଆଦିଲ୍ଲୀ, ୨୧।୩ (ପି.ଟି.):** ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ର ମଙ୍ଗଳବାର ପ୍ରଥମ ସେସନରେ ଭାରତୀୟ ବକ୍ସରମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ନୀତୁ ଘନ୍‌ଘାସ୍ (୪୮ କେଜି), ମନୀଷା ମୋନ୍(୫୭ କେଜି) ଓ ନିଖତ ଜରିନ୍ (୫୨କେଜି) ସେମାନଙ୍କ ମୁକାବିଲାରେ ବିଜୟ ଲାଭ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ନୀତୁ ତାଜିକିସ୍ତାନର ସୁମାୟା କୋସିମୋଭାଙ୍କ ବିପକ୍ଷ ତାଙ୍କ ପ୍ରି-କ୍ୱାର୍ଟର ମ୍ୟାଚ ପ୍ରଥମ ରାଉଣ୍ଡରେ ଜିତିନେଇଥିଲେ। ନୀତୁଙ୍କର ଟୁର୍ନାମେଣ୍ଟରେ ଏହାଥିଲା ଦ୍ୱିତୀୟ ଆରଏସ୍‌ସି (ରେଫରି ଷ୍ଟପ୍ସ କଣ୍ଟେଷ୍ଟ)। ଅନ୍ୟପକ୍ଷରେ ଗତବର୍ଷର ବ୍ରୋଞ୍ଜ ବିଜେତା ମନୀଷା ତୃତୀୟ ରାଉଣ୍ଡରେ ତୁର୍କୀର ନୁର୍ ଏଲିଫ୍ ତୁରହାନଙ୍କୁ ପରାସ୍ତ କରିଥିଲେ। ଜାପାନର ମାଇ କିଟୋଙ୍କଠାରୁ ୦-୪ରେ ପରାଜିତ ହୋଇ ଶଶି ଚୋପ୍ରା (୬୩ କେଜି) ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ନିଖତ ମେକ୍ସିକୋର ପାଟ୍ରିସିଆ ଆଲଭାରେଜଙ୍କୁ ୫-୦ରେ ପରାସ୍ତ କରିଛନ୍ତି।

# ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ୍‌ରେ ଲକ୍ଷ୍ୟ ସେନ୍‌ଙ୍କ ଅବନତି

**ନୂଆଦିଲ୍ଲୀ, ୨୧।୩ (ପି.ଟି.)**

ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହାସଂଘ (ବିଡ୍‌ବ୍ଲ୍ୟୁଏଫ୍) ତରଫରୁ ମଙ୍ଗଳବାର ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ କରାଯାଇଛି। ଏଥିରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ଲକ୍ଷ୍ୟ ସେନ୍ ପୁରୁଷ ର୍‍ୟାଙ୍କିଙ୍ଗରେ ୬ସ୍ଥାନ ତଳକୁ ଖସି ଟପ୍ ୨୦ରୁ ବାହାର ହୋଇଯାଇଛନ୍ତି। ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେବା ପରେ ସେ ୨୫ତମ ସ୍ଥାନକୁ ଖସି ଆସିଛନ୍ତି। ୨୧ବର୍ଷୀୟ ସେନ୍ ଗତବର୍ଷ ନଭେମ୍ବରରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ସେ ଭଲ ଫର୍ମରେ ନାହାନ୍ତି। ମାଲେସିଆ ଓପନ, ଇଣ୍ଡିଆ ଓପନ ଓ ଜର୍ମାନ ଓପନରେ ସେ ପ୍ରଥମ ପର୍ଯ୍ୟାୟରୁ ବିଦା ନେଇଥିଲେ। ଗତବର୍ଷ କିନ୍ତୁ ୟୁରୋପିଆନ ସର୍କିଟରେ ସେନ୍‌ଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ସେ ଇଣ୍ଡିଆନ ଓପନ ଜିତିବା ସହ ଜର୍ମାନୀ ଓ ଅଲ୍ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରିପାରିଥିଲେ। ଏଚ୍. ଏସ୍. ପ୍ରଣୟ ପୂର୍ବଭଳି ୯ମ ସ୍ଥାନରେ ରହିଥିବା ବେଳେ କିଡାମ୍ବି ଶ୍ରୀକାନ୍ତ ଦୁଇ ସ୍ଥାନ ପଦୋନ୍ନତି ସହ ତାଙ୍କ ଟପ୍ ୨୦ ସ୍ଥାନକୁ ସେ ବଜାୟ ରଖିଛନ୍ତି। ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ପୂର୍ବଭଳି ୯ମ ସ୍ଥାନରେ ଅଛନ୍ତି। ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରୁ ଓହରିଯାଇଥିବା ସାଇନା ନେହ୍ୱାଲ୍ ୫ ସ୍ଥାନ ତଳକୁ ଖସି ୩୨ତମ ସ୍ଥାନରେ ରହିଛନ୍ତି। ପୁରୁଷ ଯୋଡ଼ି ସାତ୍ତ୍ୱିକ ସାଇରାଜ ଓ ଚିରାଗ ଶେଟ୍ଟି ର୍‍ୟାଙ୍କିଙ୍ଗ ୬ଷ୍ଠ ସ୍ଥାନ ବଜାୟ ରଖିଛନ୍ତି। ଗତ ସପ୍ତାହରେ ସେମିଫାଇନାଲ ଫିନିଶ ସତ୍ତ୍ୱେ ମହିଳା ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଗୋଟିଏ ସ୍ଥାନ ତଳକୁ ଖସି ୧୮ତମ ସ୍ଥାନରେ ଅଛନ୍ତି।

# ବିଚାରକମଣ୍ଡଳୀରେ ଗୋପୀଚାନ୍ଦ, ବିନ୍ଦ୍ରା,ସର୍ଦ୍ଦାର

**ମୁମ୍ବାଇ, ୨୧।୩ (ପି.ଟି.):** ଭାରତୀୟ କ୍ରୀଡ଼ା ସମ୍ମାନ (ଆଇଏସ୍‌ଏଚ୍)ର ଚତୁର୍ଥ ସଂସ୍କରଣ ଏଠାରେ ଗୁରୁବାର ଅନୁଷ୍ଠିତ ହେବ। ୨୦୨୧ ଜାନୁୟାରୀ ଏବଂ ୨୦୨୩ ଫେବୃୟାରୀ ୨୮ ମଧ୍ୟରେ ବିଭିନ୍ନ କ୍ରୀଡ଼ାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ଜୁରି ପ୍ୟାନେଲରେ ପୂର୍ବତନ ଅଲ୍ ଇଂଲଣ୍ଡ ଚାମ୍ପିୟନ ପୁଲେଲା ଗୋପୀଚାନ୍ଦ, ଅଲିମ୍ପିକ ଚାମ୍ପିୟନ ଶୁଟର ଅଭିନବ ବିନ୍ଦ୍ରା ଏବଂ ପୂର୍ବତନ ଭାରତୀୟ ହକି ଅଧିନାୟକ ସର୍ଦ୍ଦାର ସିଂ ପ୍ରମୁଖ ସଦସ୍ୟ ରହିଛନ୍ତି।

# ଭାରତୀୟ ବିଚ୍ ଭଲିବଲ ଦଳରେ ଶିବାନୀ, ମାମାଲି

**ସ୍ପେଶାଲ ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ**

**ଭୁବନେଶ୍ୱର, ୨୧।୩ (କ୍ରୀଡ଼ା ପ୍ରତିନିଧି)**

ଜର୍ମାନୀର ବର୍ଲିନଠାରେ ଆସନ୍ତା ଜୁନ୍ ୧୨ରୁ ୨୬ ପର୍ଯ୍ୟନ୍ତ ସ୍ପେଶାଲି ଅଲିମ୍ପିକ୍ ୱାର୍ଲ୍ଡ ସମର ଗେମ୍ସ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ୟୁନିଫାଏଡ୍ ବିଚ୍ ଭଲିବଲ ଦଳରେ କିଟ୍‌ର ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍ ମନୋନୀତ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଭର୍ଚୁଆଲ ମୋଡ୍‌ରେ ହୋଇଥିବା ଚୟନ ଟ୍ରାଏଲ୍‌ରେ ଉଭୟ ଖେଳାଳି ଚୟନ ହୋଇଥିଲେ। ପ୍ରତିଯୋଗିତାକୁ ଯିବା ପୂର୍ବରୁ ଭାରତୀୟ ଖେଳାଳିଙ୍କର କୋଚିଂ କ୍ୟାମ୍ପ ଦିଲ୍ଲୀଠାରେ ଏପ୍ରିଲ ୨୪ରୁ ଆରମ୍ଭ ହେବ। ଶିବାନୀ (ଏମ୍‌ଏ-ସମାଜତତ୍ତ୍ୱ) ଓ ମାମାଲି (ବିଏ-ସମାଜତତ୍ତ୍ୱ) ସ୍ପୋର୍ଟ୍ସ କୋଟାରେ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ମାମାଲି ପୂର୍ବରୁ କାଜାଖସ୍ତାନର ନୁର-ସୁଲତାନରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଏସିଆନ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ। ତେବେ ଓଡ଼ିଶା ଭଲିବଲ ଇତିହାସରେ ପ୍ରଥମଥରପାଇଁ ଦୁଇ ଖେଳାଳି ସ୍ପେଶାଲି ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ପାଇଁ ମନୋନୀତ ହୋଇଛନ୍ତି। ଗତବର୍ଷ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଓଡ଼ିଶା ୬ ଜଣ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ସୃଷ୍ଟି କରିଥିଲା। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବେ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ଅଛନ୍ତି। ଏହାର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓଡ଼ିଶା ଭଲିବଲ ଆସୋସିଏଶନର ସମ୍ପାଦକ ଦାୟିତ୍ୱ ନେବାପରେ ଓଡ଼ିଶାରେ ଏହି କ୍ରୀଡ଼ାର ବିକାଶ ତ୍ୱରାନ୍ୱିତ ହୋଇଛି।



ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍।




ଉତ୍କଳ କରାଟେ ସ୍କୁଲ ପରିସରରେ ଆତ୍ମରକ୍ଷା କୌଶଳର ମାଷ୍ଟର ଟ୍ରେନର ତାଲିମ ଶିବିରରେ ଭାଗ ନେଇଥିବା ଶିବିରାର୍ଥୀମାନେ ଅତିଥିଙ୍କ ଗହଣରେ।

# ଆତ୍ମରକ୍ଷା ମାଷ୍ଟର ଟ୍ରେନର ତାଲିମ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଦ୍ୱାରା ଆତ୍ମରକ୍ଷା କୌଶଳର ମାଷ୍ଟର ଟ୍ରେନର ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୯ ଜିଲାର ୮୦ଜଣ +୨ ପ୍ରଥମ ବର୍ଷ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ ରଘୁରାମ ଆୟାର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଶୁଭଶ୍ରୀ ନନ୍ଦ, ଆତ୍ମରକ୍ଷା ପ୍ରଶିକ୍ଷଣ ଉପଦେଷ୍ଟା ପ୍ରଫେସର ନିବେଦିତା ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ମାନପତ୍ର ଓ ରିଆକ୍ଟ ପୁସ୍ତକ ପ୍ରଦାନ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉତ୍କଳ କରାଟେ ସ୍କୁଲ ଟ୍ରେନର ସୁସ୍ମିନ ପଲ୍‌ଟା ସିଂ, କୃଷ୍ଣଚନ୍ଦ୍ର ମହାରଣା, ଭଗବାନ ରେଡ୍ଡୀ, ଜ୍ୟୋତ୍ସ୍ନାରାଣୀ ପଲ୍‌ଟା ସିଂ, ସୋନାଲି ସାହୁ, ମହେଶ ଡୋରା ପ୍ରମୁଖ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ।

# ଶୋଭନଦେବ, ସତ୍ୟଜିତଙ୍କୁ ୫ ଉଇକେଟ

**ଭୁବନେଶ୍ୱର, ୨୧।୩ (ସ୍ପୋର୍ଟ୍ସ ବ୍ୟୁରୋ):** କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ବୌଦ୍ଧ ଓ ବଲାଙ୍ଗୀର ବିଜୟୀ ହୋଇଛନ୍ତି। ବର୍ଷା କାରଣରୁ ସମ୍ବଲପୁର-ନବରଙ୍ଗପୁର, ଅନୁଗୁଳ-ବରଗଡ, ଦେବଗଡ-ସୋନପୁର ଓ କୋରାପୁଟ-କଳାହାଣ୍ଡି ମ୍ୟାଚ୍ ବାତିଲ ହୋଇ ଯାଇଥିଲା। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବୌଦ୍ଧ ଦଳ କିଟ୍‌କୁ ୪ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ଦଳ ମାତ୍ର ୯୬ ରନରେ ଅଲଆଉଟ ହୋଇଥିଲା। ଶୋଭନଦେବ ବେହେରା ୧୩ ରନ୍‌ରେ ୫ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ୬ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା। ଅନ୍ୟ ଏକ ମ୍ୟାଚରେ ଡର୍କୱର୍ଥ ଲୁଇସ୍ ମେଥଡରେ ବଲାଙ୍ଗୀର ୬ ଉଇକେଟରେ ରାୟଗଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାୟଗଡା ୨୧.୧ ଓଭରରେ ୮୫ ରନ୍‌ରେ ଅଲଆଉଟ ହୋଇଥିଲା। ସତ୍ୟଜିତ ସିଂ ଦେଓ ୫ ଓ ବିକି ନାଗ ୪ ଉଇକେଟ ନେଇଥିଲେ। ବଲାଙ୍ଗୀର ୪ ଉଇକେଟରେ ୮୨ ରନ୍ କରିଥିବା ବେଳେ ବର୍ଷା ହୋଇଥିଲା। ଡର୍କୱର୍ଥ ଲୁଇସ ନିୟମ ଅନୁସାରେ ବଲାଙ୍ଗୀରକୁ ବିଜୟୀ ଘୋଷଣା କରାଯାଇଥିଲା।

# 'ଓଡ଼ିଶାରେ କ୍ରୀଡ଼ାର ସର୍ବବିଧ ଉନ୍ନତି ପାଇଁ କାର୍ଯ୍ୟ ହେଉଛି'

**ଭୁବନେଶ୍ୱର, ୨୧।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାରେ କ୍ରୀଡ଼ାର ସର୍ବବିଧ ଉନ୍ନତି ପାଇଁ କାର୍ଯ୍ୟ ହେଉଛି। ଏଥିସହ ଖେଳ ଓ ଖେଳାଳିଙ୍କ ବିକାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେଉଛି। ୨୦୩୬ ଅଲିମ୍ପିକ୍ସ ଭାରତରେ ଆୟୋଜନ ହେବା ସମ୍ଭାବନା ରହିଛି। ଦେଶରେ ଯଦି ଏହି କ୍ରୀଡ଼ା ମହାକୁମ୍ଭ ସମ୍ଭବ ହୁଏ ତେବେ ସେଥିରେ ଓଡ଼ିଆ ଖେଳାଳିମାନେ ବ୍ୟକ୍ତିଗତ ପଦକ ଜିତନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ରହିଛି। ସେହି ଲକ୍ଷ୍ୟ ସାଧନ ନିମିତ୍ତ କାର୍ଯ୍ୟ କରାଯାଉଛି ବୋଲି ମଙ୍ଗଳବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟିସ୍ ଆସୋସିଏଶନ (ଓସ୍‌ଜା)ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ ସ୍ତରରେ ଓଡ଼ିଶା ଖେଳାଳି ଅଲିମ୍ପିକରେ ମେଡାଲ ଜିତିବାର ସୁଯୋଗ ପ୍ରଥମେ ଭାରୋତ୍ତୋଳନରୁ ଆସିପାରେ ବୋଲି ସେ ଆଶା ପ୍ରକାଶ କରିଥିଲେ। ରାଜ୍ୟର ଗୌରବମୟ ଭାରୋତ୍ତୋଳନ ପରମ୍ପରାକୁ ଦେଖି ୫୦ଟି ସ୍ଥାନରେ ହାଇପରଫର୍ମାନ୍ସ ସେଣ୍ଟର ଏବଂ ରାଜ୍ୟସାରା ୧୦୦ଟି ଭାରୋତ୍ତୋଳନ ପ୍ଲାଟଫର୍ମ ସ୍ଥାପନ କରାଯାଉଛି। ଦେଶରେ କ୍ରୀଡ଼ାର ଶ୍ରେଷ୍ଠ ଭିତ୍ତିଭୂମିର ବିକାଶ ଓଡ଼ିଶାରେ ହେଉଛି। କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି ସକାଶେ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତାମାନ ଆୟୋଜନ କରାଯାଉଛି। ଖେଲୋ ଇଣ୍ଡିଆ କ୍ରୀଡ଼ାରେ ଓଡ଼ିଶା ଏବେ ୯ମ ସ୍ଥାନକୁ ଆସିଗଲାଣି। ଆମ ଲକ୍ଷ୍ୟ ଟପ୍ ୫ ଭିତରକୁ ଆସିବ ବୋଲି କ୍ରୀଡ଼ା କମିଶନର କହିଥିଲେ। କଳିଙ୍ଗ ଷ୍ଟାଡିୟମକୁ କ୍ରୀଡ଼ା ଭିତ୍ତିଭୂମିର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯାଉଛି। ଜିମ୍ନାଷ୍ଟିକ୍ସ, ଟେନିସ, ବ୍ୟାଡ୍‌ମିଣ୍ଟନ ଏବଂ ଜଳକ୍ରୀଡ଼ା ସକାଶେ ଅନ୍ତର୍ଜାତୀୟମାନର ଭିତ୍ତିଭୂମି କଳିଙ୍ଗରେ ଲୋକାର୍ପିତ ହେବାକୁ ପ୍ରସ୍ତୁତ ହୋଇଗଲାଣି। କ୍ରୀଡ଼ାର ବିକାଶରେ ଖେଳ ଖବରଦାତାଙ୍କ ଅନେକ ଭୂମିକା ରହିଛି। ଖେଳ ଜୀବନ ରିସ୍କରେ ପରିପୂର୍ଣ୍ଣ। ତେଣୁ ମାତାପିତା ଖେଳାଳିଟିଏ କରିବାକୁ ପିଲାମାନଙ୍କୁ ଚାହୁଁନାହାଁନ୍ତି। ଯଦି କ୍ରୀଡ଼ା ଖବରଦାତାମାନେ ଯୁବ ବୟସର ଖେଳାଳିମାନଙ୍କ ସଫଳତା ବିଷୟ ପ୍ରକାଶ କରିବେ ତା'ହେଲେ ମାତାପିତାଙ୍କ ମନୋଭାବରେ ଖେଳ ପ୍ରତି ସକାରାତ୍ମକ ଭାବ ପ୍ରକାଶ ପାଇବ ବୋଲି କ୍ରୀଡ଼ା ସଚିବ କହିଥିଲେ। ଓସ୍‌ଜାର ସମସ୍ତ ଭବିଷ୍ୟତ କାର୍ଯ୍ୟଧାରାରେ ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**ସ୍ୱସ୍ତି, ପିଟରଙ୍କୁ ଓସ୍‌ଜା ପୁରସ୍କାର**

ଓସିଏର ସମ୍ମିଳନୀ କକ୍ଷରେ ଓସ୍‌ଜାର କାର୍ଯ୍ୟକାରୀ ସଭାପତି କେ. ରବିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ହକି ଲିଜେଣ୍ଡ ପିଟର ତିର୍କୀଙ୍କୁ ଜୀବନବ୍ୟାପୀ ସେବା ସକାଶେ ଏବଂ ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂଙ୍କୁ ୨୦୨୨ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ଓସ୍‌ଜା ପକ୍ଷରୁ ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ପୁଷ୍ପଗୁଚ୍ଛ, ପ୍ରଶସ୍ତିପତ୍ର, ଟ୍ରଫି ଏବଂ ୨୫ହଜାର ଟଙ୍କାର ପୁରସ୍କାର ରାଶି ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ଫୁଟବଲ ଲିଜେଣ୍ଡ ବିଜୟ ଦାସ ଓ ବିଶିଷ୍ଟ ପେସ ବୋଲର ବସନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଖେଳାଳିଙ୍କ ଜୀବନରେ କ୍ରୀଡ଼ା ଖବରଦାତାଙ୍କ ବଡ଼ ଯୋଗଦାନ ଥିବା ପ୍ରକାଶ କରିଥିଲେ। ସସ୍ମିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓସ୍‌ଜା ସମ୍ପାଦକ ଦେବୀ ପ୍ରସନ୍ନ ମହାନ୍ତି ଓ ଯୁଗ୍ମ ସମ୍ପାଦକ ସୁରେଶ ସ୍ୱାଇଁ ସଂଘର କାର୍ଯ୍ୟାବଳୀ ବାବଦରେ ସୂଚନା ଦେଇଥିଲେ। ଦୀପ୍ତି ରଞ୍ଜନ ସାମଲଧନ୍ୟବାଦଅର୍ପଣକରିଥିଲେ।




ପୁରସ୍କୃତ କ୍ରୀଡ଼ାବିତ୍ ଓ ଅତିଥିଙ୍କ ଗହଣରେ ଓସ୍‌ଜା କର୍ମକର୍ତ୍ତା।

**ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଉଦ୍‌ଯାପିତ**

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନରଅପ୍



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ରନରଅପ୍ ଓଡ଼ିଶା ଦଳ।

**ଭୁବନେଶ୍ୱର, ୨୧।୩ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ପ୍ରଧାନ ମହାଲେଖାକାର ଅଡିଟ କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଭାରତୀୟ ଅଡିଟ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ହକି ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଉଦଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଦଳ ଚାମ୍ପିୟନ ଏବଂ ଓଡ଼ିଶା ରନରଅପ୍ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗ ୩-୧ ଗୋଲରେ ଓଡ଼ିଶା ଦଳକୁ ପରାସ୍ତ କରିଥିଲା। ଉଦଯାପନୀ ଉତ୍ସବରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ମୁଖ୍ୟ ଅତିଥି ଓ ପ୍ରଧାନ ମହାଲେଖାକାର ରାଜ କୁମାର ସମ୍ମାନୀୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ମନାଲିକା ବୋର୍ଗହାଇନି, ତାନ୍ୟା ଅମ୍ବାସ୍ତା, କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା, ପ୍ରଦୀପ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନରଅପ୍ ଦଳ ଆସନ୍ତା ୨୬ ତାରିଖରେ ସର୍ବଭାରତୀୟ ଅଡିଟ ଓ ଏକାଉଣ୍ଟସ ଟୁର୍ନାମେଣ୍ଟରେ ଭାଗ ନେବେ। ଶ୍ରୀ କମଲ କିରଣ ଉଦଯାପନୀ ସମାରୋହକୁ ପରିଚାଳନା କରିଥିଲେ।

# ମିଚେଲ୍ ଚ୍ୟାଲେଞ୍ଜର ସାମ୍ନା କରିବ ଭାରତ

ଚେନ୍ନାଇ,୨୧।୩(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜର ନିର୍ଣ୍ଣାୟକ ମ୍ୟାଚ୍ ବୁଧବାର ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଖେଳାଯିବ। ଘରୋଇ ପରିବେଶରେ ଖେଳୁଥିବା ଭାରତ ଏହି ମ୍ୟାଚ୍ ଜିତିବା ସହିତ ସିରିଜ ବିଜୟୀ ହେବାକୁ ପ୍ରୟାସ କରିବ। ପୂର୍ବରୁ ମୁମ୍ବାଇରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଭାରତ ଜିତିଥିବା ବେଳେ ବିଶାଖାପାଟଣାରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟୀ ହୋଇଥିଲା। ଅନ୍ତିମ ମ୍ୟାଚରେ ଭାରତକୁ ମିଚେଲ୍ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିବ। ବୋଲିଂରେ ମିଚେଲ୍ ଷ୍ଟାର୍କ ଓ ବ୍ୟାଟିଂରେ ମିଚେଲ୍ ମାର୍ଶ ଭାରତକୁ ଅସୁବିଧାରେ ପକାଇଛନ୍ତି। ପ୍ରଥମ ଦୁଇ ମ୍ୟାଚରେ ଷ୍ଟାର୍କ ୧୧ ଉଇକେଟ ନେଇଥିବା ବେଳେ ମାର୍ଶ ମାରିଛନ୍ତି ୧୧ ଛକା। ଭାରତକୁ ସିରିଜ୍ ବିଜୟୀ ହେବାକୁ ହେଲେ ରୋହିତ ଶର୍ମା, ବିରାଟ କୋହଲି, ଲୋକେଶ ରାହୁଲ ଓ ଶୁବମାନ ଗିଲ୍ଙ୍କ ପରି ଖେଳାଳିଙ୍କୁ ନିଜ ଶ୍ରେଷ୍ଠ ଫର୍ମର ଖେଳ ପ୍ରଦର୍ଶନ କରିବାକୁ ପଡିବ। ଷ୍ଟାର୍କଙ୍କ ବୋଲିଂ ସାଧାରଣ ରହିଥିବା ବେଳେ ଭାରତୀୟ ବ୍ୟାଟରମାନେ ଧୈର୍ଯ୍ୟ ଦେଖାଉ ନାହାନ୍ତି। ବାମହାତୀ ପେସର ଷ୍ଟାର୍କଙ୍କ ବଲ୍ ସାଧାରଣତଃ ଇନ ସୁଇଙ୍ଗର ରହିଥାଏ। ମାତ୍ର ଭାରତୀୟ ଖେଳାଳି ନିଜ ଡିଫେନ୍ସ ଉପରେ ଭରସା ନ ଦେଖାଇବା ବଡ ସମସ୍ୟା ପାଲଟିଛି। ଭାରତୀୟ ଖେଳାଳିଙ୍କ ଡିଫେନ୍ସରେ କିଛି ସମସ୍ୟା ନ ଥିବା ବେଳେ ସେମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ ରହିବାକୁ ପଡିବ। ଭାରତୀୟ ପିଚ୍ଗୁଡିକ ସାଧାରଣତଃ ଫ୍ଲାଟ ରହିଥାଏ। ଚେପକ୍ର ପିଚ୍ ସାଧାରଣତଃ ଧିମା ରହିଥାଏ ଓ ମିଡିଲ ଓଭରରେ ରନ୍ ସ୍କୋର କରିବା କଷ୍ଟ ହୋଇଥାଏ। ମାତ୍ର ଚଳିତ ବର୍ଷ ଚେପକ୍ରେ ପିଚ୍ ଆଉ ଥରେ ତିଆରି କରାଯାଇଥିବା ବେଳେ ଏହା ବ୍ୟାଟିଂ ସହାୟକ ହେବା ନେଇ ଆଶା କରାଯାଉଛି। ତେବେ ପ୍ରାରମ୍ଭିକ ଓଭରରେ ବୋଲରଙ୍କୁ ସାମାନ୍ୟ ସହାୟତା ମିଳିବାର ସମ୍ଭାବନା ରହିଛି। ଭାରତୀୟ ଦଳର ଟପ୍ ଅର୍ଡର ପ୍ରଥମ ଦୁଇ ମ୍ୟାଚରେ ବିଫଳ ହୋଇଛନ୍ତି। ଶୁବମାନ୍ ଗିଲ୍, ବିରାଟ କୋହଲି ଏକ ବଡ ସ୍କୋରର ଅପେକ୍ଷାରେ ରହିଥିବା ବେଳେ ଲଗାତର ଦୁଇଟି ମ୍ୟାଚରେ ଗୋଲ୍ଡେନ୍ ଡକ୍ରେ ଆଉଟ ହୋଇଛନ୍ତି ସୂର୍ଯ୍ୟକୁମାର ଯାଦବ। ଟି୨୦ରେ ବିଶ୍ୱର ଏକ ନମ୍ବର ବ୍ୟାଟର ସୂର୍ଯ୍ୟକୁମାର ଯାଦବ ପ୍ରଥମ ଦୁଇ ଦିନିକିଆରେ ମାତ୍ର ଦୁଇଟି ବଲ ଖେଳିବାରେ ସମର୍ଥ ହୋଇଛନ୍ତି। ଟି୨୦ରେ ସୂର୍ଯ୍ୟକୁମାର ବଲ୍କୁ ଅପେକ୍ଷା କରି ଖେଳୁଥିବା ବେଳେ ଦିନିକିଆରେ ଜଲ୍ଦି ଖେଳିବା ପ୍ରୟାସରେ ନିଜର ଉଇକେଟ ଫୋପାଡୁଛନ୍ତି। ଶ୍ରେୟସ୍ ଆୟରଙ୍କ ଅନୁପସ୍ଥିତିରେ ତାଙ୍କୁ ଆଉ କିଛି ସୁଯୋଗ ମିଳିବା ନିଶ୍ଚିତ। ଏହା ମଧ୍ୟରେ ସେ ଭାରତୀୟ ମଧ୍ୟକ୍ରମରେ ନିଜ ସ୍ଥାନ ସୁରକ୍ଷିତ କରିବା ଉଚିତ। ତେବେ ସୂର୍ଯ୍ୟକୁମାରଙ୍କ ଫର୍ମକୁ ଦେଖିଲେ ଭାରତ ଅନ୍ତିମ ଦିନିକିଆରେ ତାଙ୍କୁ ଦଳରୁ ବାହାରେ ରଖିପାରେ। ସ୍ଥାନୀୟ ଖେଳାଳି ୱାଶିଂଟନ୍ ସୁନ୍ଦରଙ୍କୁ ଟପ୍ ଅର୍ଡରରେ ଏକ ସୁଯୋଗ ମିଳିପାରେ। ତାମିଲନାଡୁ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ୱାଶିଂଟନ୍ ୪ ନମ୍ବରରେ ବ୍ୟାଟିଂ କରିବା ସହିତ ଉପଯୋଗୀ ବୋଲର ଦାୟିତ୍ୱ ମଧ୍ୟ ବହନ କରିପାରିବେ। ସେହିପରି ଆସନ୍ତା ଜୁନ-ଜୁଲାଇ ପର୍ଯ୍ୟନ୍ତ ଭାରତ ଆଉ ଦିନିକିଆ ମ୍ୟାଚ୍ ଖେଳୁ ନ ଥିବା କାରଣରୁ ଏହା ସୂର୍ଯ୍ୟକୁମାରଙ୍କ ପାଇଁ ଶେଷ ସୁଯୋଗ ବୋଲି ବିବେଚନା କରାଯାଇପାରେ। ଏହା ସହିତ ଭାରତ ନିଜର ବୋଲିଂ ଲାଇନ୍ ଅପ୍ ବା ଦଳ ଚୟନକୁ ନେଇ ଚିନ୍ତାରେ ରହିଛି। ଦୁଇଟି ଯାକ ମ୍ୟାଚରେ ଭାରତୀୟ ବୋଲର ମାତ୍ର ୪୭ ଓଭର ବୋଲିଂ କରିଛନ୍ତି। ଯଦି ଭାରତ ଟସ୍ ଜିତେ ତେବେ ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କ ଠାରୁ ଭଲ ପ୍ରଦର୍ଶନର ଆଶା ରହିବ। ଅନ୍ୟ ପକ୍ଷରେ ତୃତୀୟ ପେସ୍ ବୋଲର ଭାବରେ ଭାରତ ଶାର୍ଦ୍ଦୂଳ ଠାକୁର ବା ଜୟଦେବ ଉନାଡକଟଙ୍କୁ ଖେଳାଇପାରେ। ସେହିପରି ସ୍ପିନର ଭାବରେ ରବୀନ୍ଦ୍ର ଜାଡେଜା ପ୍ରଥମ ପସନ୍ଦ ରହିଥିବା ବେଳେ ଦ୍ୱିତୀୟ ସ୍ପିନର ଭାବରେ କୁଲଦୀପ ଯାଦବ -ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣଙ୍କୁ ଅଥବା ଉଭୟଙ୍କୁ ଦଳରେ ସାମିଲ କରାଯାଇପାରେ।


ନେଟ୍ସ ସେସନ ଅବସରରେ ଅଧିନାୟକ ରୋହିତ ଶର୍ମା ଓ ମହମ୍ମଦ ସିରାଜ।

**ଆଜି ଅନ୍ତିମ ଦିନିକିଆ**

ମ୍ୟାଚ୍ ସ୍ଥାନ- ଚେପକ୍ ଷ୍ଟାଡିୟମ, ଚେନ୍ନାଇ
ମ୍ୟାଚ୍ ସମୟ: ଅପରାହ୍ଣ ୧.୩୦
ପ୍ରସାରଣ-ଷ୍ଟାର ସ୍ପୋର୍ଟ୍ସ

## କିର୍ଗିଜସ୍ତାନରେ ବଜରଙ୍ଗ, ପୋଲାଣ୍ଡରେ ଭିନେଶଙ୍କ ଟ୍ରେନିଂ

**ନୂଆଦିଲ୍ଲୀ, ୨୧।୩ (ପି.ଟି.):** ଷ୍ଟାର ରେସଲର ବଜରଙ୍ଗ ପୁନିଆ ଓ ଭିନେଶ ଫୋଗତ ଯଥାକ୍ରମେ କିରଗିଜସ୍ତାନ ଓ ପୋଲାଣ୍ଡରେ ଟ୍ରେନିଂ ପାଇଁ କରିଥିବା ଅନୁରୋଧ କ୍ରୀଡ଼ା ମନ୍ତ୍ରଣାଳୟର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଦ୍ୱାରା ଅନୁମୋଦନ ଲାଭ କରିଛି। କିର୍ଗିଜସ୍ତାନର ଚୋଲପନ ଆଟାଠାରେ ୧୬ ଦିନ ଟ୍ରେନିଂ ପାଇଁ ବଜରଙ୍ଗ ଅନୁରୋଧ କରିଥିବା ବେଳେ ଭିନେଶ ୧୧ଦିନ ପାଇଁ ପୋଲାଣ୍ଡସ୍ଥିତ ଏକ ଅଲିମ୍ପିକ ପ୍ରସ୍ତୁତି କେନ୍ଦ୍ରରେ ତାଲିମ ନେବାକୁ ଚାହିଁଥିଲେ। ଆର୍ଥିକ ସହାୟତା ଆଥଲେଟ୍ସଙ୍କ ବିମାନ ଟିକେଟ, ତାଲିମ, ବୋର୍ଡିଂ ଓ ରହଣି ଖର୍ଚ୍ଚ ସହ ବିଭିନ୍ନ ଖର୍ଚ୍ଚ ଯଥା ବିମାନଗସ୍ତ, ବୀମା, ଆଭ୍ୟନ୍ତରୀଣ ଭ୍ରମଣ ବାବଦରେ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ। ଏହାଛଡ଼ା ଅନ୍ୟାନ୍ୟ ଖର୍ଚ୍ଚ ସହ ପକେଟ ଭତ୍ତା ରହିବ। ଟପ୍ସ ଆହୁରି ମଧ୍ୟ ଭିନେଶଙ୍କ ସ୍ପେୟାରିଂ ପାର୍ଟନର ସଙ୍ଗୀତା ଫୋଗତ ଓ ଫିଜିଓ ଥେରାପିଷ୍ଟ ଅଶ୍ୱିନ ଜୀବନ ପାଟିଲ ଏବଂ ଭଜରଙ୍ଗଙ୍କ କୋଚ୍ ସୁଜିତ୍ ମାନ୍, ଫିଜିଓଥେରାପିଷ୍ଟ ଆନନ୍ଦ କୁମାର ଓ ଷ୍ଟ୍ରେନ୍ଥ୍ ଓ କଣ୍ଡିଶନିଂ ବିଶେଷଜ୍ଞ କାଜି କିରନ ମୁସ୍ତାଫା ହସନଙ୍କ ବାବଦରେ ସହାୟତା ଅର୍ଥକୁ ବ୍ୟୟ କରାଯାଇପାରିବ। ଅନ୍ୟପକ୍ଷରେ ରେସ୍ଲିଂ ପାଇଁ ନିରୀକ୍ଷଣ କମିଟି ଦ୍ୱାରା ପରିଚାଳିତ ଏକ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହେବ। ଆସନ୍ତା ସିନିୟର ଏସିଆନ ଚାମ୍ପିୟନଶିପ୍ ୨୦୨୩ରେ ଅଂଶଗ୍ରହଣ ଲାଗି ଭାରତୀୟ ଦଳର ଏକ ଜାତୀୟ କୋଚିଂ କ୍ୟାମ୍ପ ହେବ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ